# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, September 19/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 296 | ମୂଲ୍ୟ ₹୭/-




## ସ୍ୱୟମଜିତଙ୍କୁ ସ୍ୱର୍ଣ୍ଣ

ଫିଜିରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୬୭ କେଜି ୟୁଥ୍ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ୱୟମଜିତ ପ୍ରସାଦ ସାହୁ।

୧୬

୦୮

## ଗୁଜବକୁ ଖଣ୍ଡନକଲେ ଅନନ୍ୟା

ଅନନ୍ତ ଅମ୍ବାନୀଙ୍କ ବିବାହରେ ଟଙ୍କା ଦେଇ ତାରକାଙ୍କୁ ନିମନ୍ତ୍ରଣ କରାଯାଇଛି ବୋଲି ସୋସିଆଲ ମିଡିଆରେ ହେଉଥିବା ଗୁଜବକୁ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଖଣ୍ଡନ କରିଛନ୍ତି।





ଆକାଶ ମାର୍ଗରୁ ବୁଧବାର ବାଲେଶ୍ୱର ଜିଲାର ବନ୍ୟା ଘେରରେ ଥିବା ସ୍ଥାନକୁ ନିରୀକ୍ଷଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଏକକାଳୀନ ନିର୍ବାଚନକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୯

ଦେଶରେ ଏକକାଳୀନ ନିର୍ବାଚନ କରାଇବା ପାଇଁ ଉଦ୍ଦିଷ୍ଟ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଏ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟିର ରିପୋର୍ଟକୁ କ୍ୟାବିନେଟ ବୈଠକରେ ଉପସ୍ଥାପନ କରାଯିବା ପରେ ଏହାର ସୁପାରିସଗୁଡ଼ିକୁ କ୍ୟାବିନେଟ ଗ୍ରହଣ କରିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ଏହାକୁ ଅନେକ ବାସ୍ତବ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଭାଜପାର ଉଦ୍ୟମ ବୋଲି ସମାଲୋଚନା କରିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ରାମନାଥ କୋବିନ୍ଦ ଅଧ୍ୟକ୍ଷତା କରୁଥିବା ପ୍ୟାନେଲ ଏକକାଳୀନ ନିର୍ବାଚନ ପାଇଁ ଗତ ମାର୍ଚ୍ଚରେ ରିପୋର୍ଟ ଦାଖଲ କରିଥିଲା। ମୋଦି ୩.୦ ସରକାରଙ୍କ ୧୦୦ ଦିନ ପୂରଣ ☞ପୃଷ୍ଠା–୪

### ସପକ୍ଷ/ବିପକ୍ଷରେ କିଏ

ବିଚାରବିମର୍ଶ ବେଳେ ୪୭ଟି ରାଜନୈତିକ ଦଳ ନିଜ ମତ ଓ ପ୍ରସ୍ତାବ ରଖିଥିଲେ। ସେଥିରୁ ୩୨ ଦଳ ଏକକାଳୀନ ନିର୍ବାଚନକୁ ସମର୍ଥନ କରିଥିଲେ। କଂଗ୍ରେସ, ଟିଏମ୍‌ସି, ଆପ୍, ସମାଜବାଦୀ ପାର୍ଟି ଏବଂ ଡିଏମ୍‌କେ ସମେତ ୧୫ ଦଳ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ବିରୋଧ କରିଥିଲେ। ସାରା ଦେଶରୁ ୨୧,୫୫୮ ନାଗରିକ ମଧ୍ୟ ମତାମତ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୦% ଏକକାଳୀନ ନିର୍ବାଚନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ସେହିପରି ୪ ଜଣ ପୂର୍ବତନ ସିଜେଆଇ (ଭାରତର ପ୍ରଧାନ ବିଚାରପତି) ଜଷ୍ଟିସ୍ ଦୀପକ ମିଶ୍ର, ରଞ୍ଜନ ଗୋଗୋଇ, ଶରଦ ଅରବିନ୍ଦ ବୋବ୍‌ଡେ ଏବଂ ୟୁ.ୟୁ. ଲଳିତ, ୧୨ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି, ଦେଶର ୪ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର, ୮ ରାଜ୍ୟ ନିର୍ବାଚନ କମିଶନର, ଭାରତର ଲ' କମିଶନ ମୁଖ୍ୟଙ୍କ ମତାମତ ଲୋଡ଼ାଯାଇଥିଲା। ଭାରତର ନିର୍ବାଚନ କମିଶନଙ୍କ ମତ ମଧ୍ୟ ନିଆଯାଇଥିଲା। ୯ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏକକାଳୀନ ନିର୍ବାଚନ ☞ପୃଷ୍ଠା–୪

# ରତ୍ନଭଣ୍ଡାରର ଲେଜର ସ୍କାନିଂ

■ ସୁଡ଼ଙ୍ଗ ନେଇ କୌଣସି ସଂକେତ ମିଳିଲାନି

ପୁରୀ,୧୮।୯(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ତଥା ଶ୍ରୀମନ୍ଦିର ପ୍ରଶାସନର ସହଯୋଗରେ ବୁଧବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ କରାଯାଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ଭର୍ଟିକାଲ୍ ଓ ହରାଇଜେଣ୍ଟାଲ ଲେଜର୍ ସ୍କାନିଂ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କରାଯାଇଥିଲା। ଫିଜିକାଲ ଅନୁଧ୍ୟାନରୁ ସୁଡ଼ଙ୍ଗ ନେଇ କୌଣସି ସଂକେତ ମିଳି ନ ଥିବା ବେଳେ ଜିପିଆର୍‌ଏସ୍ ☞ପୃଷ୍ଠା–୪






# ୫ ପୋଲିସ ନିଲମ୍ବିତ

## ଅଙ୍କିତାଙ୍କୁ ଜାମିନ

ଭୁବନେଶ୍ୱର/କଟକ, ୧୮।୯ (ସୁନିତ୍ ମିଶ୍ର/କାର୍ତ୍ତିକ ସାହୁ)

ଭରତପୁର ଥାନାରେ ଆର୍ମି ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କ ଉପରେ ହୋଇଥିବା ଅକଥନୀୟ ନିର୍ଯାତନା ଘଟଣାରେ ଅନ୍ୟାୟର ପ୍ରମାଣ ଧୀରେ ଧୀରେ ସାମ୍ନାକୁ ଆସୁଛି। ସାମାଜିକ ଗଣମାଧ୍ୟମରେ ଲୋକମାନେ ଏହି ଘଟଣାକୁ ନିନ୍ଦା କରିବା ସହ ପୋଲିସର କାର୍ଯ୍ୟଶୈଳୀରେ ପରିବର୍ତ୍ତନର ଆବଶ୍ୟକତା ଥିବା ମତ ପ୍ରକାଶ କରିବାରେ ଲାଗିଛନ୍ତି। ପୋଲିସର ଅତ୍ୟାଚାରର ପ୍ରମାଣ ମିଳିବା ପରେ ମଙ୍ଗଳବାର ପ୍ରଥମେ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ସମେତ ୩ ଜଣଙ୍କୁ ପ୍ରଥମେ କମିଶନରେଟ ପୋଲିସ ପକ୍ଷରୁ ବଦଳି କରାଯାଇଥିଲା। ପରେ ବୁଧବାର ସକାଳୁ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଭରତପୁର ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ଦୀନକୃଷ୍ଣ ମିଶ୍ର, ସବ୍ ଇନ୍ସପେକ୍ଟର ବୈଶାଳିନୀ ପଣ୍ଡା, ଡବ୍ଲ୍ୟୁଏଏସ୍ଆଇ ସାଗରିକା ରଥ, ଡବ୍ଲ୍ୟୁଏଏସ୍ଆଇ ☞ପୃଷ୍ଠା–୪

### ଭରତପୁର ଥାନା: ଏଠି ନ୍ୟାୟ ନୁହେଁ, ଘୋର ଅନ୍ୟାୟ

ତଳକୋର୍ଟ ମାଜିଷ୍ଟ୍ରେଟ ଏକ ମେଶିନ ଭଳି କାର୍ଯ୍ୟ କରିଛନ୍ତି: ହାଇକୋର୍ଟ

# ସୁଭଦ୍ରା ଆବେଦନର ଶତ ପ୍ରତିଶତ ଯାଞ୍ଚ ସରିଛି

## ୨ ହଜାର ଖାରଜ

ଭୁବନେଶ୍ୱର,୧୮।୯(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୧୭ ତାରିଖରେ ବହୁ ଆକାଂକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ତେବେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରାଯାଇଥିବା ୨ ହଜାର ଆବେଦନ ଖାରଜ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। କେବଳ ଆକାଉଣ୍ଟ ନମ୍ବର ଭୁଲ୍‌ଭଟକା ଯୋଗୁ ୨ ହଜାର ଆବେଦନ ଖାରଜ ହୋଇଥାଇପାରେ ବୋଲି ସେ କହିଛନ୍ତି। ମଙ୍ଗଳବାର ରାତି ସୁଦ୍ଧା ୯୭ ହଜାର ହିତାଧିକାରୀଙ୍କ ଆବେଦନ ପେଣ୍ଡିଂ ଥିଲା। ବୁଧବାର ଆବେଦନର ଶତପ୍ରତିଶତ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯେଉଁ ଯୋଗ୍ୟ ହିତାଧିକାରୀ ଆବେଦନ କରିବେ ସମସ୍ତେ ଟଙ୍କା ପାଇବେ ବୋଲି ପ୍ରଭାତୀ କହିଛନ୍ତି। ଏ ପର୍ଯ୍ୟନ୍ତ ୭୪ ଲକ୍ଷ ମହିଳା ☞ପୃଷ୍ଠା–୪


ଆଜିର ସମ୍ପାଦକୀୟ

ଧର୍ମଶାସ୍ତ୍ର ଓ ମନୁସ୍ମୃତି



DSPL-112

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ



ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୨୩।୦୯।୨୦୨୪ରିଖ (ସୋମବାର)** ଦିବା ୧୧ ଘଟିକା ସମୟରୁ ୟୁନିଟ-୫, ଭୁବନେଶ୍ୱର ସ୍ଥିତ ସରକାରୀ ବାସଗୃହ ନମ୍ବର VIIIMR-4 ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ **ତା୧୯।୦୯।୨୦୨୪ରିଖ** ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ, ଯେଉଁମାନେ କି ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ**ରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/13/0023/2425



DSPL - 113

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫

ଆପଣଙ୍କ ଘରକୁ ବୁଥ୍ ସ୍ତରୀୟ ଅଧିକାରୀ ଭୋଟର ତାଲିକାର ବିବରଣୀ ଯାଞ୍ଚ ପାଇଁ ଆସିଲେଣି କି?

ଯଦି ଆସିନାହାନ୍ତି, ତେବେ ନିକଟସ୍ଥ ବୁଥ୍ ସହ ଯୋଗାଯୋଗ କରନ୍ତୁ।

ମୁଖ୍ୟ ନିର୍ବାଚନ ଅଧିକାରୀ,ଓଡ଼ିଶା

Chief Electoral Officer, Odisha

OIPR-12113/13/0009/2425

Follow us on : CEO Odisha | Ceoodisha | odishaceo | Chief Electoral Officer Odisha



DADLS-33

ଓଡ଼ିଶା ସରକାର





ପ୍ରଗତିର ନୂତନ ସୂର୍ଯ୍ୟୋଦୟ

୨୦୩୬ ସୁଦ୍ଧା ହେବ ବିକଶିତ ଓଡ଼ିଶାର ଅଭ୍ୟୁଦୟ

ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନନୀୟ ଅତିଥି

ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂଦେଓ, ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଏବଂ

ମନ୍ତ୍ରୀମଣ୍ଡଳର ସଦସ୍ୟ, ସାଂସଦ ଓ ବିଧାୟକ ଗଣ

ସ୍ଥାନ - ଶରଧାବାଲି, ପୁରୀ

ତାରିଖ: ୧୯.୦୯.୨୦୨୪ ପୂର୍ବାହ୍ନ - ଘ.୧୧. ୩୦ ମିନିଟ୍

ନୀଳାଚଳ ଅର୍ବାନ ହାଟରେ ବିକାଶ ମେଳାର ଉଦ୍‌ଘାଟନ

ସମାବେଶ ସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ଅନୁରୋଧ।

ନିର୍ଦ୍ଦେଶକ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0180/2425

# ୧୦୦ ଦିନରେ ଲୋକଙ୍କ ସରକାର



## ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଲା

ଚଳିତ ନିର୍ବାଚନରେ ଭାଜପା ପୂର୍ଣ୍ଣ ବହୁମତ ପାଇ ରାଜ୍ୟରେ ସରକାର ଗଠନ କରିବାର ୧୨ଘଣ୍ଟା ଭିତରେ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ୨୦୨୦ କୋଭିଡ୍ ସମୟରୁ ଭକ୍ତମାନଙ୍କ ନିମନ୍ତେ ବନ୍ଦ ରହିଥିବା ଶ୍ରୀମନ୍ଦିର ଚାରିଦ୍ୱାରକୁ ଖୋଲିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ନୂତନ ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଙ୍କ ସହ ଭାଜପାର ବିଧାୟକ, ଏମ୍‌ପିଙ୍କ ଉପସ୍ଥିତିରେ ଶ୍ରୀମନ୍ଦିରର ୪ଦ୍ୱାର ଖୋଲିଥିଲା। ଦୀର୍ଘଦିନ ଧରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକ ହଟିଥିଲା। ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଅଶେଷ ଆନନ୍ଦ ଲାଭ କରିଥିଲେ। ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ସରକାର ଗଠନ କରିଛି। ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଶପଥ ନେଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତି ପରିଡ଼ା ଦାୟିତ୍ୱ ନେଇଛନ୍ତି। ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଲୋକଙ୍କ ସରକାର ବୋଲି ଘୋଷଣା କରିଥିଲେ। ଇତିମଧ୍ୟରେ ମୋହନ ସରକାରଙ୍କୁ ୧୦୦ ଦିନ ପୁରିଛି। ସରକାର ଆସିବା ପରେ ପରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାଠାରୁ ଆରମ୍ଭ କରି ରତ୍ନଭଣ୍ଡାର ଖୋଲିବା, ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସାମିଲ କରି ପ୍ରଥମ କିସ୍ତିରେ ୫ହଜାର ଟଙ୍କା ପ୍ରଦାନ କରିବା ଆଦି ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ରାଜ୍ୟକୁ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ସରକାର ଗ୍ରାମାଞ୍ଚଳ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଲୋକଙ୍କ ବିଶ୍ୱାସ ଏବଂ ଭରସାକୁ ପାଥେୟ କରି ଏକ ସୁନ୍ଦର ସୁଶାସନ ଯୋଗାଇଦେବାକୁ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ...

## ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ



ଭାଜପା ସରକାର ଗଠନ ହେବା ପରେ ଦୀର୍ଘ ମାସ ଧରି ବନ୍ଦ ପଡିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ୨୦୨୪ ଜୁଲାଇ ପହିଲା ପ୍ରଥମ ସୋମବାରରେ ଭୁବନେଶ୍ୱର ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ରାସ୍ତା ଖୋଲିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ସୋମବାର ଲୋକଙ୍କ ଅଭିଯୋଗ ଶୁଣାଣି କରିବା ସହ ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେଉଛନ୍ତି। ପ୍ରାୟ ୧ ହଜାରରୁ ଅଧିକ ଲୋକ ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ସେମାନଙ୍କ ସମସ୍ୟା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବ ସରକାରଙ୍କ ସମୟରେ ଜନତା ଓ ସରକାରଙ୍କ ମଧ୍ୟରେ ଏକ ଲୌହ ପ୍ରାଚୀର ଥିଲା। ସେ ପ୍ରାଚୀର ଦୂର ହୋଇଛି। ଲୋକ ଓ ସରକାରଙ୍କ ମଧ୍ୟରେ ସିଧା ସଳଖ ସମ୍ପର୍କ ପ୍ରତିଷ୍ଠା ପାଉଛି।




ମହିଳାମାନଙ୍କୁ ସଶକ୍ତୀକରଣ କରିବାକୁ ଭାଜପା ସରକାର ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବେ। ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ମହିଳାଙ୍କୁ ପ୍ରତ୍ୟେକ ବର୍ଷ ୨ କିସ୍ତିରେ ୧୦ ହଜାର ଟଙ୍କା କରି ୫ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ। ଭାଜପା ନିର୍ବାଚନ ପୂର୍ବରୁ ସଙ୍କଳ୍ପପତ୍ରରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲା। ପ୍ରତିଶ୍ରୁତି ମୁତାବକ ସରକାର ଗଠନ ହେବାର ପ୍ରଥମ ଦିବସରେ ଏହାକୁ କ୍ୟାବିନେଟ୍‌ରେ ମଞ୍ଜୁର କରାଯାଇଥିଲା। ୧୦୦ ଦିନ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସୁଭଦ୍ରା ଯୋଜନାର ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ହିତାଧିକାରୀଙ୍କ ଆକାଉଣ୍ଟକୁ ୧୨୫୦ କୋଟି ୫୫ ହଜାର ଟଙ୍କା ପ୍ରଦାନ ଯାଇଛି। ଏ ଯୋଜନାର ଲାଭ ଓଡ଼ିଶାର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଖୋଲିଲା ରତ୍ନ ଭଣ୍ଡାର

ଶ୍ରୀଜଗନ୍ନାଥ ପ୍ରେମୀଙ୍କ ବହୁ ପ୍ରତୀକ୍ଷିତ ରତ୍ନ ଭଣ୍ଡାର ଖୋଲିବା ଆଶାକୁ ରାଜ୍ୟ ଭାଜପା ସରକାର ପ୍ରତିଶ୍ରୁତି ମୁତାବକ ପୂରଣ କରିଛନ୍ତି। ଜୁଲାଇ ୧୪ରେ ରତ୍ନ ଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇ ରତ୍ନ ଭଣ୍ଡାର ଯାଞ୍ଚ ପ୍ରକ୍ରିୟା ଚାଲିଛି। ରତ୍ନ ଭଣ୍ଡାର ମରାମତି ପରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି କରିବାକୁ ସରକାର ପଦକ୍ଷେପ ନେଇଛନ୍ତି।



## ଶ୍ରୀମନ୍ଦିର କର୍ପସ ପାଣ୍ଠିକୁ ୫୦୦ କୋଟି

ଶ୍ରୀଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟରେ ଭାଜପା ସରକାର ଗଠନ ହେବାର ପ୍ରଥମ ଦିନ ଅର୍ଥାତ୍ ଗତ ଜୁନ୍ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଛି। ୨୦୨୪-୨୫ ବଜେଟରେ ଏଥିପାଇଁ ବ୍ୟୟବରାଦ କରାଯାଇଛି। ଶ୍ରୀମନ୍ଦିର ପାଇଁ ଅଚାନକ କୌଣସି ସମସ୍ୟା ଦେଖାଦେଲେ ଏହି ପାଣ୍ଠିରୁ ତୁରନ୍ତ ଅର୍ଥ ଖର୍ଚ୍ଚ ହେବ।

## ୨୫ ଲକ୍ଷ 'ଲକ୍ଷପତି ଦିଦି': ୧୧୬୨ କୋଟି



ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ଶିଳ୍ପପୁଞ୍ଜିର ପ୍ରତିଷ୍ଠା, ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିପଣନ ଏବଂ ପ୍ରଚାରପ୍ରସାର ନିମନ୍ତେ ୨୦୨୭ ମସିହା ସୁଦ୍ଧା ରାଜ୍ୟ ସରକାର ଓଡ଼ିଶାରେ ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଜେଟରେ ୧୧୬୨ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି। ଏହାଦ୍ୱାରା ମହିଳାମାନେ ଅଧିକ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭର ହୋଇପାରିବେ।

## ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା

ନିର୍ବାଚନ ପୂର୍ବରୁ ଭାଜପା ଧାନ ସଂଗ୍ରହ ନୀତିରେ ପରିବର୍ତ୍ତନ ଆଣି କୃଷକମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ଇସ୍ତାହାରରେ ଘୋଷଣା କରିଥିଲା। ସରକାର ଗଠନ ହେବାର ପ୍ରଥମ କ୍ୟାବିନେଟ ବୈଠକରେ ଉକ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ସରକାର ଏଥିପାଇଁ 'ସମୃଦ୍ଧ କୃଷକ ନୀତି' କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଧାନ ଏମ୍‌ଏସ୍‌ପି ୨୩୦୦ଟଙ୍କା କରିଥିବାବେଳେ ରାଜ୍ୟ ସରକାର ୮୦୦ ଟଙ୍କା ବୋନସ୍ ଆକାରରେ ପ୍ରଦାନ କରିବେ।

## ମାଧେ ସିଂ ହାତ ଖର୍ଚ୍ଚ ଯୋଜନା

ରାଜ୍ୟ ସରକାର 'ମାଧେ ସିଂ ହାତ ଖର୍ଚ୍ଚ' ନାଁରେ ନୂଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ୨୦୨୪-୨୫ ବଜେଟରେ ୧୫୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହି ଯୋଜନାରେ ଅନୁସୂଚିତ ଜନଜାତି ବର୍ଗର ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ଓ ନବମ ଓ ଏକାଦଶରେ ନାମ ଲେଖାଉଥିବା ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଏହାଦ୍ୱାରା ଗରିବ ଆଦିବାସୀ ପିଲାମାନେ ଅଧାରୁ ପାଠ ନ ଛାଡି ଉଚ୍ଚଶିକ୍ଷା ଗ୍ରହଣ କରିବେ।

## ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ହେଲା ୬ ଲକ୍ଷ

ଭାଜପା ସରକାର କ୍ଷମତାକୁ ଆସିବାର ୧୦୦ ଦିନ ଭିତରେ ନିର୍ମାଣ ଶ୍ରମିକମାନଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପୂର୍ବରୁ ମିଳୁଥିବା ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେପ୍ଟେମ୍ବର ୧୧ ତାରିଖରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏହି ସହାୟତା ରାଶି ଶ୍ରମିକମାନଙ୍କର ସାମାଜିକ ନିରାପତ୍ତାକୁ ଆହୁରି ସୁଦୃଢ଼ କରିବ ବୋଲି ସରକାର ଆଶା ରଖିଛନ୍ତି।

## ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶାକୁ ଗୁରୁତ୍ୱ

ରାଜ୍ୟରେ ଭାଜପା ଶାସିତ ନୂଆ ସରକାର ତାଙ୍କ ପ୍ରଥମ ବଜେଟରେ ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶା ନାମରେ ନୂତନ ଯୋଜନା ଆଣିଛନ୍ତି। ରାଜ୍ୟର ସାମଗ୍ରିକ ପ୍ରଗତିରେ ଗ୍ରାମୀଣ ଓ ନଗର ଉନ୍ନୟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିକଶିତ ଓଡ଼ିଶାର ମାନ୍ୟତା ହାସଲ କରିବା ନିମନ୍ତେ ମୌଳିକ ସୁବିଧା ଓ ଅର୍ଥନୈତିକ ସୁଯୋଗର ସମାନ ଉପଲବ୍ଧତା ସହିତ ସାମଗ୍ରିକ ସନ୍ତୁଳିତ ବିକାଶ ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଲାଗି ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ ବୋଲି ସରକାର କହିଛନ୍ତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଲାଗି ବଜେଟରେ ହଜାରେ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

## ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟିର କର୍ପସ ଫଣ୍ଡ୍

ରାଜ୍ୟ ସରକାର ଓଡ଼ିଆଅସ୍ମିତା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପାଣ୍ଠି (କର୍ପସ ଫଣ୍ଡ) ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପାଣ୍ଠିରେ ଓଡ଼ିଆ ଅସ୍ମିତା ଭବନ ଗଠନ ହେବ। ଏଥିସହିତ ଓଡ଼ିଆ ଅନୁବାଦ ଏକାଡେମୀ ଓ ବିଶ୍ୱସ୍ତରୀୟ ତାଳପତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ପାଇକ ବିଦ୍ରୋହ ସ୍ମାରକୀର ଉନ୍ନତୀକରଣ ହେବା ସହିତ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ କରାଯିବ। ଏଥିରେ ଓଡ଼ିଆ କଳାକାରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରଶିକ୍ଷଣ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ସହ ଜାତୀୟ ବିଶ୍ୱବିଦ୍ୟାଳୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା, ଜଳାସ୍ତରରେ ଇ-ଗ୍ରନ୍ଥାଳୟ ସ୍ଥାପନ ଏବଂ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଆଗାମୀ ଦିନରେ ଏହି ପାଣ୍ଠିର ପରିମାଣ ଆହୁରି ବୃଦ୍ଧି ହେବ। ଏହା ଦ୍ୱାରା ଓଡ଼ିଆ ଅସ୍ମିତା ଉଜ୍ଜୀବିତ ହେବା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରୋତ୍ସାହନ ମିଳିପାରିବ।

## ଶ୍ରୀକ୍ଷେତ୍ରରେ ସରକାର ପାଳିବେ ୧୦୦ ଦିନ

**ପୁରୀ,୧୮।୯ (ଅଜିତ୍ କୁମାର ମହାନ୍ତି)**



ରାଜ୍ୟରେ ଗଠନ ହୋଇଥିବା ଭାଜପା ସରକାରକୁ ଗୁରୁବାର ୧୦୦ ଦିନ ପୂରଣ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ୧୦୦ ଦିନ ମଧ୍ୟରେ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ସହ ଯେଉଁ ଜନହିତକର କାର୍ଯ୍ୟ କରିଛନ୍ତି ତାହାର ହିସାବ ଦେବ ରାଜ୍ୟ ଭାଜପା। ଏସବୁ ମଧ୍ୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା, ରତ୍ନଭଣ୍ଡାର ଖୋଲି ଯାଞ୍ଚ କରାଯିବା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯିବା ଆଦି ଅନେକ କାର୍ଯ୍ୟ ରହିଛି। ଏ ନେଇ ୧୯ ତାରିଖରେ ରାଜ୍ୟର ସମସ୍ତ ଜିଲାରେ ଭାଜପା ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପୁରୀ ଶରଧାବାଲିଠାରେ ରାଜ୍ୟ ଭାଜପା ପକ୍ଷରୁ ଏକ ବିଶାଳ ସଭାର ଆୟୋଜନ କରାଯାଇଛି। ଏହି ସଭାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ଭାଜପା ନେତା ଓ କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଶରଧାବାଲିଠାରେ ପ୍ରସ୍ତୁତି ସରିଛି। ମଙ୍ଗଳବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଆସି ସଭାସ୍ଥଳ ବୁଲି ପ୍ରସ୍ତୁତିର ସମୀକ୍ଷା କରିଥିବାବେଳେ ବୁଧବାର ଭାଜପାର ବରିଷ୍ଠ କର୍ମକର୍ତ୍ତାମାନେ ମଧ୍ୟ ଶେଷ ପର୍ଯ୍ୟାୟର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ସେପ୍ଟେମ୍ବର ୧୯ ତାରିଖରେ ରାଜ୍ୟ ଭାଜପା ସରକାରଙ୍କ ୧୦୦ ଦିନ ପୂରଣ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଭାଜପା ରାଜ୍ୟରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି। ସରକାର ଗଠନ ହେବାର ପ୍ରଥମ ଦିନ ନବନିର୍ବାଚିତ ନେତା ଓ ମନ୍ତ୍ରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ୧୦୦ ଦିନ ପୂର୍ତ୍ତି ଅବସରରେ ପୁରୀ ଶରଧାବାଲିଠାରେ ପ୍ରଥମ କାର୍ଯ୍ୟକ୍ରମ ତଥା ବିଶାଳ ସଭା ଅନୁଷ୍ଠିତ ହେବ। ପରେ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟକ୍ରମ ହେବ। ସଭାରେ ସରକାରଙ୍କ ସଫଳତାକୁ ପ୍ରଦର୍ଶନ କରାଯିବ। ସମୀକ୍ଷା ପରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସୁଭଦ୍ରା ଯୋଜନା ସଫଳ ହୋଇଥିବାରୁ ସେ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯେଉଁମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ ସେମାନଙ୍କର ପେଣ୍ଡିଂ ରହିଛି। ସମସ୍ତେ ଯେପରି 'ସୁଭଦ୍ରା' ଟଙ୍କା ପାଇବେ ତାହା ତାଙ୍କ ସରକାରର ଲକ୍ଷ୍ୟ ବୋଲି ପରିଡ଼ା କହିଛନ୍ତି।




# ଜଙ୍ଗଲ ଜମିରେ ଓଏମ୍‌ସିର ଖଣି ଖନନ

## ସିଏଜି ରିପୋର୍ଟ

- ଦାୟୀ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ନୈରାଶ୍ୟଜନକ
- ୪୭.୧୨ କୋଟି ଟଙ୍କାର ଜରିମାନା ପୈଠ

ଯାଜପୁର,୧୮।୯(ହର୍ଷବର୍ଦ୍ଧନ ବେହେରା)

ବିନା ଅନୁମତିରେ ଜଙ୍ଗଲ ଜମିର ବ୍ୟବହାର କାରଣରୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଅଡୁଆରେ ପଡିଛି। ଏଥିଯୋଗୁ ଓଏମ୍‌ସିକୁ ୪୭.୧୨ କୋଟି ଟଙ୍କା ଜରିମାନା ଦେବାକୁ ପଡିଛି। ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଚିହ୍ନଟ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଏମ୍‌ସିକୁ ନିର୍ଦ୍ଦେଶ ହୋଇଛି। ତେବେ ଏଯାଏ ଏହି ନିର୍ଦ୍ଦେଶ ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସୂଚନା ମିଳିଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ(ସିଏଜି) ରିପୋର୍ଟ-୨୦୨୪ରେ ଏହା ଦର୍ଶାଯାଇଛି।

ସିଏଜି ରିପୋର୍ଟ ଅନୁଯାୟୀ, ୩୪୫.୧୮୯ ହେକ୍ଟର ଜଙ୍ଗଲ ଜମିରେ କେନ୍ଦୁଝର ଜିଲା ଖଣ୍ଡାବନ୍ଧ ଲୁହା ଖଣି ପାଇଁ ନଭେମ୍ବର ୧୯୬୩ରୁ ନଭେମ୍ବର ୧୯୯୩ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ସହିତ ଓଏମ୍‌ସି ୩୦ ବର୍ଷିଆ ଖଣି ପଟ୍ଟା କରିଥିଲା। ପରବର୍ତ୍ତୀ ସମୟରେ ଓଏମ୍‌ସିର ଆବେଦନ ଉପରେ ଜୁନ୍ ୨୦୧୮ରେ ଖଣି ପଟ୍ଟାର ଅବଧି ନଭେମ୍ବର ୨୦୩୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଓଏମ୍‌ସି ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଧାରା-୨(୨)ର ଉଲ୍ଲଂଘନ କରିଛି। ଅକ୍ଟୋବର ୧୯୯୫ରେ ଖଣ୍ଡାବନ୍ଧ ଖଣି ପାଇଁ ଜଙ୍ଗଲ କିସମ ପରିବର୍ତ୍ତନ କରିବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲା। ଏହାର ବିଚାର ଚାଲିଥିବାବେଳେ ବନ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରି ବିନା ଅନୁମତିରେ ଓଏମ୍‌ସି ୧୫.୩୪୯ ହେକ୍ଟର ଜଙ୍ଗଲ ଜମିକୁ ଖଣି ଖନନ ପାଇଁ ବ୍ୟବହାର କରିସାରିଥିଲା। ଏଥିପାଇଁ ବନ ସଂରକ୍ଷଣ ବିଭାଗ ପକ୍ଷରୁ ୧୯୯୭ରେ ଓଏମ୍‌ସିକୁ ସ୍ପଷ୍ଟୀକରଣ ମଗାଯାଇଥିଲା। ଏହାସହ ଅସ୍ଥାୟୀ ଅନୁମତି ଅବଧିରେ କୌଣସି ନୂତନ ଜଙ୍ଗଲ ଅଞ୍ଚଳକୁ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଓଏମ୍‌ସି ଅତିରିକ୍ତ ୧୧୩.୭୪୬ ହେକ୍ଟର ଜଙ୍ଗଲ ଜମିରେ ଖଣି ଖନନ କରିଥିଲା। ଏହି କ୍ରମରେ ଜଙ୍ଗଲ ସଂରକ୍ଷଣ ନିୟମ ଅନୁସାରେ ଭାରତ ସରକାରଙ୍କ ବିନା ଅନୁମତିରେ ଅବ୍ୟବହୃତ ଓ ବ୍ୟବହୃତ ଜଙ୍ଗଲରେ ଖଣି ଖାଦାନକୁ ବନ୍ଦ କରିବା ପାଇଁ କେନ୍ଦୁଝର ବନଖଣ୍ଡ ଅଧିକାରୀ ୨୦୦୯ ଡିସେମ୍ବରରେ ନୋଟିସ ଜାରି କରିଥିଲେ। ଏହାପରେ ଜାନୁଆରୀ ୨୦୧୦ରୁ ଖଣି କାର୍ଯ୍ୟ ବନ୍ଦ ହୋଇଥିଲା। କିନ୍ତୁ ୩୪୫.୧୮୯ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ୨୦୧୯ ଜାନୁଆରୀରେ ଭାରତ ସରକାର ଇନ୍-ପ୍ରିନ୍ସିପାଲ(ପ୍ରଥମ ପର୍ଯ୍ୟାୟ) ଅନୁମୋଦନ କରିବା ବେଳେ ଜରିମାନା ସଂଗ୍ରହ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ୧୯୯୪ରୁ ୨୦୦୯ ମଧ୍ୟରେ ୧୨୯.୦୯୫ ହେକ୍ଟର ଜଙ୍ଗଲ ଜମିକୁ ବେଆଇନ ଭାବେ ଖଣି ଖନନ କରିଥିବାରୁ ଓଡ଼ିଶା ସରକାର ୪୭.୧୨ କୋଟି ଟଙ୍କାର ଜରିମାନା ଦାବି କରିଥିଲେ। ୨୦୧୯ ସେପ୍ଟେମ୍ବରରେ ଓଏମ୍‌ସି ତାହା ପୈଠ କରିଥିଲା। ଯଦିଓ ଓଏମ୍‌ସି ବେଆଇନ ଖଣି ଖନନ ବିଷୟରେ ଭଲ ଭାବେ ଅବଗତ ଥିଲା, ତଥାପି ଏଭଳି ପରିଣାମର ପୂର୍ବାନୁମାନ କରି ନ ଥିଲେ। ତେଣୁ ସିଏଜି ସମୀକ୍ଷାର ମତ ଅନୁସାରେ ଓଏମ୍‌ସିର ବେଆଇନ ଖନନ ଉଦ୍ଦେଶ୍ୟମୂଳକ ଥିଲା। ଭାରତ ସରକାରଙ୍କ ନିର୍ଦ୍ଦେଶକୁ ଓଏମ୍‌ସି ଅନୁପାଳନ କରି ନ ଥିଲା। ଏଭଳି ଆଇନ ଉଲ୍ଲଂଘନ ପାଇଁ କୌଣସି ଅଧିକାରୀଙ୍କୁ ଉତ୍ତରଦାୟିତ୍ୱ ନିର୍ଦ୍ଧାରିତ କରାଯାଇନାହିଁ। ତେଣୁ ଭବିଷ୍ୟତରେ ବେଆଇନ ଖଣି ଖନନର ଏହିପରି ପୁନରାବୃତ୍ତି ଯେପରି ନ ହେବ,ସେଥିପାଇଁ ନିଶ୍ଚିତ କରିବାକୁ ଓଏମ୍‌ସିକୁ ସିଏଜି ପକ୍ଷରୁ ଚେତାବନୀ ଦିଆଯାଇଛି।

ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ କହିବା ଅନୁଯାୟୀ, ଏହି ସମୟରେ କାମ କରୁଥିବା ସମସ୍ତ ଖଣି ପ୍ରବନ୍ଧକ ଏବଂ ଆଞ୍ଚଳିକ ପ୍ରବନ୍ଧକମାନେ ଚାକିରିରୁ ଅବସର ନେଇ ସାରିଛନ୍ତି। ତେଣୁ ସବିଶେଷ ଭାବେ ଅନୁସନ୍ଧାନ କରିବା ସହିତ ଏହି ଘଟଣାର ପୁନର୍ବିଚାର କରିବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି।

# ଡିଜିପି ଖୁରାନିଆଙ୍କ କାର୍ଯ୍ୟକାଳ ବଢ଼ିଲା

ଭୁବନେଶ୍ୱର, ୧୮।୯(ଅନିଲଦାସ)

୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର (ୱାଇ.ବି.) ଖୁରାନିଆଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ୨୦୨୬ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଡିଜିପି ଦାୟିତ୍ୱରେ ରହିବେ। ଖୁରାନିଆ ୨୦୨୬ ମାର୍ଚ୍ଚରେ ୬୦ବର୍ଷରେ ସରକାରୀ ଚାକିରିରୁ ଅବସର ନେଇଥାନ୍ତେ। ରାଜ୍ୟ ସରକାର ପୋଲିସ ଡିଜି ପଦବୀରେ ତାଙ୍କୁ ସର୍ବନିମ୍ନ ୨ବର୍ଷ ପାଇଁ ନିଯୁକ୍ତି ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଅଗଷ୍ଟ ୧୬ରେ ନୂଆ ଡିଜିପି ନିଯୁକ୍ତି ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିଦିନ ଖୁରାନିଆ ୨୦୨୩ ଡିସେମ୍ବର ୩୧ ତାରିଖରୁ କାର୍ଯ୍ୟକାରୀ ଡିଜିପି ଥିବା ଅରୁଣ ଷଡ଼ଙ୍ଗୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ହରିୟାଣାରେ ଜନ୍ମିତ ଖୁରାନିଆ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ। ସେ ନୟାଗଡ଼, ଯାଜପୁର, ଗଞ୍ଜାମ, ମୟୂରଭଞ୍ଜ, ରାଉରକେଲା ଭଳି ୫ଟି ପୋଲିସ ଜିଲାର ଏସ୍‌ପି ଭାବେ ବେଶ୍ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ବ୍ରହ୍ମପୁର ଓ ସମ୍ବଲପୁରରେ ଡିଆଇଜି ପରେ ସେହି ସମ୍ବଲପୁର ଏବଂ ଏସ୍‌ଏପିର ଆଇଜି ଭାବେ କାର୍ଯ୍ୟ ତୁଲାଇଥିଲେ। ଏଥିସହିତ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର କମିଶନର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ସେ ଆଇଜି ଅପରେଶନ୍, ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଏବଂ ଭିଜିଲାନ୍ସର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୮ରୁ ଖୁରାନିଆ କେନ୍ଦ୍ରୀୟ ଡେପୁଟେଶନରେ ଯାଇ ବିଏସ୍‌ଏଫ୍ ସ୍ପେଶାଲ ଡିଜି ଦାୟିତ୍ୱ ତୁଲାଇଛନ୍ତି।

# ଆସିଷ୍ଟାଣ୍ଟ ପ୍ରଫେସର ନିଲମ୍ବିତ

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଅସଦାଚରଣ ଘଟଣା

- କୁଳପତିଙ୍କ ବିନା ଅନୁମତିରେ ହେଡ୍‌କ୍ୱାର୍ଟର୍ସ ଛାଡ଼ିବା ମନା
- ତୁରନ୍ତ ରିପୋର୍ଟ ଦେବାକୁ କୁଳାଧିପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି ଅର୍ଥନୀତି ବିଭାଗର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାର ମାସକ ପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ପୃକ୍ତ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସୁପାରିସ ଆଧାରରେ କୁଳପତି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିସହ କୁଳପତିଙ୍କ ବିନା ଅନୁମତିରେ ହେଡ୍‌କ୍ୱାର୍ଟର୍ସ ନ ଛାଡିବାକୁ କୁହାଯାଇଛି। ସେପଟେ କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ ମଧ୍ୟ ଘଟଣା ସମ୍ପର୍କିତ ତଥ୍ୟ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ଏହା ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଘଟଣାକୁ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାରକୁ ନେବାକୁ କୁଳାଧିପତିଙ୍କ ଓଏସ୍‌ଡି ଲେଖିଥିବା ଚିଠିରେ ଉଲ୍ଲେଖ କରାଯାଇଛି।

ଅଗଷ୍ଟ ୧୬ ତାରିଖ ଅପରାହ୍ନରେ ପିଜି ବିଭାଗର ଛାତ୍ରୀ ପ୍ରଫେସରଙ୍କ କ୍ୟାବିନକୁ ବହି ଆଣିବାକୁ ଯାଇଥିଲେ। ସେଠାରେ ପ୍ରଫେସର ତାଙ୍କୁ ଅସଦାଚରଣ କରିଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ମଧ୍ୟ ଧମକ ଦେଇଥିଲେ। ଏ ନେଇ ପୀଡ଼ିତା ଛାତ୍ରୀ ୧୮ ତାରିଖରେ ବିଶ୍ୱବିଦ୍ୟାଳୟ ସେକ୍ସୁଆଲ ହାରାସ୍‌ମେଣ୍ଟ ସେଲ୍‌ରେ ଅଭିଯୋଗ କରିବା ସହ କୁଳପତିଙ୍କୁ ଚିଠି ଲେଖି ଜଣାଇଥିଲେ। ଘଟଣାର ମାସେ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା, ଯାହାକୁ ନେଇ ଅସନ୍ତୋଷ ବଢିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ମାନବାଧିକାର କର୍ମୀଙ୍କ ହସ୍ତକ୍ଷେପ ପରେ ବିଶ୍ୱବିଦ୍ୟାଳୟରେ ବାରମ୍ବାର ବୈଠକ ବସି ଘଟଣାର ଅନୁସନ୍ଧାନ କରାଯାଇଥିଲା। ପରେ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତନାଘନା ଆରମ୍ଭ କରିଥିଲା। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ। ପୀଡିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ତାଙ୍କ ପିଟିଶନରେ କମିଶନଙ୍କୁ ନିବେଦନ କରିଥିଲେ। ଏଥିସହ ରାଜ୍ୟପାଳଙ୍କୁ ଭେଟି ମଧ୍ୟ ଘଟଣା ସମ୍ପର୍କରେ ଜଣାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି ମାମଲା ଚପାଇଥିବା ଆବେଦନରେ ସେ ଉଲ୍ଲେଖ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରଫେସରଙ୍କ ଚ୍ୟାମ୍ବରରେ ସିସିଟିଭି ଲଗାଇବାକୁ ମଧ୍ୟ ଆବେଦନ କରିଥିଲେ। ଏ ସମ୍ପର୍କରେ କୁଳପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଗୁରୁଚରଣ ଦାସ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର,୧୮।୯ (ଅନିଲ ଦାସ)

ଓଡ଼ିଶା ଜଳ ନିଗମ(ୱାଟ୍‌କୋ)ର ପରିଚାଳନା ନିର୍ଦ୍ଦେଶକ ଭାବେ ଇଞ୍ଜିନିୟର ଗୁରୁଚରଣ ଦାସଙ୍କୁ ନିଯୁକ୍ତି ମିଳିଛି। ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ଏବେ ୱାଟ୍‌କୋରେ ଭୁବନେଶ୍ୱର ଡିଭିଜନ-୨ର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଅବସର ପରେ କାର୍ଯ୍ୟରତ ୱାଟ୍‌କୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ କାର୍ଯ୍ୟକାଳ ବୃଦ୍ଧି କରା ନ ଯିବାରୁ ଏହି ପଦବୀ ଖାଲି ପଡ଼ିଥିଲା।






**ଆଜିର ମନ୍ତବ୍ୟ**

"ବେଦ ହେଉଛି ଜ୍ଞାନର ଗନ୍ତାଘର, ଯହିଁରେ ଭୌତିକ ଓ ଆଧାତ୍ମିକ ଜୀବନରେ ସମାଜ ପାଇଁ ଅନେକ ଶିକ୍ଷା ରହିଛି। ସନାତନ ଧର୍ମ ପ୍ରତି ବିଶ୍ୱର ଦୃଷ୍ଟିକୋଣ ବଦଳୁଥିବାବେଳେ ଲୋକେ ଏହାକୁ ଆପଣାଇବା ସମୟ ଆସିଛି।
–ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୯୧ତମ ମହାବିଶ୍ରାମ ଦିବସ, ସ୍ଥାନ: ରାଜ ଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଗୁଣ୍ଡି ସ୍ୱାକ୍ଷର କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ କ୍ୟାମ୍ପସ, ଶିଶୁଭବନ ଛକ ସମୟ: ସକାଳ ୯ଟା ୩୦।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆରାଧନା ପାଢୀ ରିଡିଙ୍ଗ କର୍ନର ଓ ଡିଜିଟାଲ ଲାଇବ୍ରେରୀ ଉଦ୍‌ଘାଟନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ବାର୍ଷିକ ସମାବର୍ତ୍ତନ ଉତ୍ସବ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍– ୯, ସମୟ: ଅପରାହ୍ନ ୫ଟା।
- ଆଲୋଚନା ଚକ୍ର, ସ୍ଥାନ: ଶିକ୍ଷାସନ୍ଧାନ, ଏନ୍‌ଡି–୭, ଆଇଆର୍‌ସି ଭିଲେଜ୍, ସମୟ: ଅପରାହ୍ନ ୫ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ 'ଦେବଦାସୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଜିଲାସ୍ତରୀୟ ଖୋ–ଖୋ, କବାଡ଼ି, ଭଲିବଲ୍, ବିଚ୍ ଭଲିବଲ ଏବଂ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍କୁଲ ଭୂ–ସମ୍ପତି ସୁରକ୍ଷା ନିମନ୍ତେ ପରିବର୍ଦ୍ଧିତ ବୈଠକ, ସ୍ଥାନ: ଉଠାଜଳସେଚନ କର୍ମଚାରୀ ଭବନ, ପଞ୍ଚୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୨ୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ସେବା ସପ୍ତାହ ପାଳନ ଉପଲକ୍ଷେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମତୋ, ଚାନ୍ଦବାଲି, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ, ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ହରିବଂଶ ପାଠ ଏବଂ ପୂଜା, ସ୍ଥାନ : ଶାଳନିଆଁ, ହାଟଡ଼ିହୀ, ସମୟ :ସକାଳ ୮ ଟା।
- ମା' ଦୁର୍ଗାଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ସିକ୍ୟୁରିଟି ଗାର୍ଡ ନିଯୁକ୍ତି ନିମନ୍ତେ ବ୍ଲକସ୍ତରୀୟ କ୍ୟାମ୍ପ, ସ୍ଥାନ: ମୋରଡ଼ା ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା ସମୟ: ପୂର୍ବାହ୍ନ ୧୦ଟା୩୦ରୁ ଅପରାହ୍ନ୧ଟା୩୦।
- ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କୁ ସହାୟକ ଯନ୍ତ୍ର ପ୍ରଦାନ ଚିହ୍ନଟ ଶିବିର, ସ୍ଥାନ: ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଇଲୋଟ୍ରୋନିକ୍ସ ସାଇନ୍ସବିଭାଗ ପକ୍ଷରୁ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିଉ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲାସ୍ତରୀୟ କବାଡ଼ି, ଯୋଗାସନ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ସାନଖେମୁଣ୍ଡି ବ୍ଲକ ପାଟପୁର ବାଳକ ହାଇସ୍କୁଲ ଖେଳପଡିଆ ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସାଇକେଲ ରାଲି, ସ୍ଥାନ: ଜଗନ୍ନାଥ ମନ୍ଦିର ମଧୁବନ, ପାରାଦୀପ,ସମୟ: ସକାଳ ୭ ଟା।
- ଜଗନ୍ନାଥ ଟ୍ରକ ମାଲିକ ସଂଘ ବିଶ୍ୱକର୍ମା ପୂଜା ମଣ୍ଡପ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ଆ, ପାରାଦୀପ, ସମୟ ସନ୍ଧ୍ୟା ୮ଟା।

## କେନ୍ଦ୍ରାପଡ଼ା

- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଖଡ଼ିଅଣ୍ଡା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ପୋଷଣ ମାହା–୨୦୨୪, ସ୍ଥାନ: ଯାଜପୁର ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ରୋଡ଼–ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟିବା କାର୍ଯ୍ୟକ୍ରମ, ସ୍ଥାନ: ପୂର୍ବତଟ ରେଳପଥ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ବିନୋଦ ପ୍ୟାଲେସ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ଜିଲାସ୍ତରୀୟ ଖୋକୋ ଓ କବାଡି କ୍ରୀଡାବିତ୍ ଚୟନ ପ୍ରତିଯୋଗିତା, ସ୍ଥାନ: କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ରୁ ଆରମ୍ଭ।
- ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: ପୁଙ୍ଗାର, ସେମିଳିଗୁଡ଼ା, ସମୟ: ସକାଳ ୮ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ଜିଲା ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସୁଇଟ ଆୟୋଜିତ ୧୫ତମ ଓରିଏଣ୍ଟେଶନ ପ୍ରୋଗ୍ରାମ, ସ୍ଥାନ: ଜ୍ୟୋତି ବିହାରସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ:ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।
- ନକ୍‌ଆଉଟ୍ ଫୁଟବଲ ମ୍ୟାଚ, ସ୍ଥାନ: ଖୁଜେପାଲି ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ତରଭା ଏନ୍‌ଏସିର ଅନ୍ତର୍ଗତ ଭାଗବତ ଜନ୍ମ ପାଳନ ଅବସରରେ ନଗର କୀର୍ତ୍ତନ୍ୟ ଗ୍ରାମ ପରିକ୍ରମା, ସ୍ଥାନ: ଅନ୍ତର୍ଡା ଭାଗବତ ମନ୍ଦିର, ସମୟ: ସକାଳ ୯ଟା।
- ଗାଡି ଚାଳକ ସଂଘର ବିଶ୍ୱକର୍ମା ଭସାଣି, ସ୍ଥାନ: ,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗୁଦଗୁଦା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ତରଭା କୋସଲ ସାହିତ୍ୟ ଏକାଡେମୀ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବ୍ଲକସ୍ତରୀୟ ସୁଭଦ୍ରା ଆର୍ଟ ପ୍ରତିଯୋଗିତା, ସ୍ଥାନ: ଯମୁନାକନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଗାୟତ୍ରୀ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଆଗାମୀ ଦୁର୍ଗା ପୂଜା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ବିସର୍ଜନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ଇପିଏସ୍ ପ୍ରସଙ୍ଗକୁ ନେଇ ବିକ୍ଷୋଭ, ସ୍ଥାନ: ସିଭିଲ ଟାଉନଶିପ୍, ସମୟ: ସକାଳ ୯ଟା।
- କେନ୍ଦ୍ରିୟ ପୂଜା କମିଟି ନିର୍ବାଚନ ପାଇଁ ବୈଠକ, ସ୍ଥାନ: ସେକ୍ଟର–୧, ସମୟ: ସନ୍ଧ୍ୟା ୬ଟା।
- ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ବୈଠକ, ସ୍ଥାନ: ଛେଣ୍ଡ ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ଆଦର୍ଶ ପାଠାଗାରାର ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର–୫, ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋପପୁର, ବାରକୋଟ, ଦେବଗଡ, ସମୟ: ସକାଳ ୯ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ପୂର୍ବାହ୍ନ ୧୦ଟା। ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପନ, ସମୟ: ଅପରାହ୍ନ ୩ଟା ୩୦।
- ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ୨୦୨୪–୨୫, ସ୍ଥାନ: ତିଳେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ ପେଟିକା, ସ୍ଥାନ: ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- କୌଶଳ ଅସ୍ମିତା ରଥ ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଧର୍ମଗଡ଼ ସବ୍‌ଡିଭିଜନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ପୋଷଣ ମାସ ଆରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱାଦଶ ଚନ୍ଦ୍ର କାରଣରୁ ସ୍ୱାସ୍ଥ୍ୟସମସ୍ୟା, କରଜଦାତାଙ୍କ ଚାପ, ଦୂରଯାତ୍ରା କରିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ବନ୍ଧୁଙ୍କ ସାହାଯ୍ୟରେ ନିର୍ମାଣାଧୀନ କାମରେ ଥିବା ପ୍ରତିବନ୍ଧକ ଦୂର ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ନିର୍ବାହ କରିବେ।

**ବୃଷ** – ଲାଭଭାବରେ ଚନ୍ଦ୍ର କାର୍ଯ୍ୟସାଧନ ପାଇଁ ଅନୁକୂଳ ରହିବା ସାଙ୍ଗକୁ ଆଲୋଚନାରେ ଆପଣଙ୍କ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ। ସେବା ଓ ପରୋପକାର ଦ୍ୱାରା ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବନାହିଁ। ପରିବାରରେ ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ** – ଧନାଧିପ କର୍ମସ୍ଥ ଯୋଗୁ ଯାହା ଆଶା କରୁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରି କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଢ଼ି ବଡ଼ଆକାର ଧାରଣ କରିବାର ଆଶଙ୍କା ରହିଛି।

**କର୍କଟ** – ଭାଗ୍ୟଭାବସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଖଳଲୋକଙ୍କ କଥାକୁ ଗ୍ରହଣ କରିବା ଦ୍ୱାରା ପାରିବାରିକ କଳହ ସୃଷ୍ଟି ହୋଇପାରେ।

**ସିଂହ** – ଆଜି ଅଷ୍ଟମ ଚନ୍ଦ୍ରଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ କିନ୍ତୁ ଆର୍ଥିକ ଦିଗରୁ ଉପକୃତ ହେବେ। ଚେଷ୍ଟା କରୁଥିବା କାମରେ ଅଗ୍ରଗତି ସାଙ୍ଗକୁ ପାରିବାରିକ ଦିଗକୁ ନିୟନ୍ତ୍ରଣରେ ରଖିପାରିବେ। ପରିସ୍ଥିତିବଶତଃ ଅଧିକ ଖର୍ଚ୍ଚ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** – ଲାଭାଧିପ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ବ୍ୟବସାୟିକ ସଫଳତା ହାସଲ କରିପାରିବେ। ଦୂରଦର୍ଶିତା ଅଭାବରୁ ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** – ଶୁଭଚନ୍ଦ୍ରଜନିତ ସୁଖଶାନ୍ତି ଫେରାଇ ଆଣିବାରେ ପ୍ରଯତ୍ନ କଲେ ଉପକୃତ ହେବେ। ଉଦ୍ୟମ ଅବ୍ୟାହତ ରଖିପାରିଲେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ସୁଯୋଗ ହରାଇ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ବିଛା** – ଯେଉଁ ବିଷୟରେ ଚିନ୍ତା କରୁଛନ୍ତି ସେଥିରେ ପରିବର୍ତ୍ତନର ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନକରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ** – ଅଷ୍ଟମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ସମସ୍ୟା ଆସିଲେ ମଧ୍ୟ ଗୁରୁକ୍ଷେତ୍ର ପ୍ରଭାବରେ ସମାଧାନ କରିପାରିବେ। ରପ୍ତାନି ବାଣିଜ୍ୟରେ, ପରିବହନ କ୍ଷେତ୍ରରେ, ଆଲୋଚନାରେ ସଫଳତା ମିଳିବ। ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଓ ସାହାଯ୍ୟ କରିବେ।

**ମକର** – ଯେତେ ଚେଷ୍ଟାକଲେ ମଧ୍ୟ ସବୁ କାମ ବିଳମ୍ବରେ ସମ୍ପନ୍ନ ହେବ। ଶ୍ରବଣା ନକ୍ଷତ୍ର ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିରକରି ସଫଳତା ପାଇପାରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରୁ ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ। ରୋଗ, ଋଣ ଓ ପୂର୍ବ ଶତ୍ରୁତାର କୁପ୍ରଭାବ କେତେକାଂଶରେ ଲାଘବ ହୋଇପାରିବ।

**କୁମ୍ଭ** – ଆଜି କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମକରି ସଫଳତା ହାସଲ କରିବେ। ଅଫିସ୍‌ରୁ ଫେରିବା ବାଟରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ବିଭିନ୍ନ ସମସ୍ୟା ସମାଧାନ, କଚେରି ମାମଲା ଓ ଜମିଜମା ବିବାଦରେ ଆପଣ ବିଜୟୀ ହୋଇପାରନ୍ତି।

**ମୀନ** – ଆଜିର ଅନୁକୂଳ ଗ୍ରହସ୍ଥିତି ସ୍ୱରାଶିସ୍ଥ ଚନ୍ଦ୍ରଜନିତ ସମସ୍ୟାର ସାମ୍ନାକରି କାର୍ଯ୍ୟସିଦ୍ଧି ଘଟାଇବେ। ଆରୋଗ୍ୟଲାଭ ସାଙ୍ଗକୁ କର୍ମାରମ୍ଭ ଲାଗି ଯୋଜନା ତିଆରି କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇବାର ଆଶଙ୍କା ରହିଛି।

ଆଜି ସେପ୍ଟେମ୍ବର ୧୯ ତାରିଖ, ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଦିବା ଘ.୦୮।୦୪ମି. ଗତେ ରେବତୀ ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ(ମହାଳୟାବିଧିରେ କରାଯିବ), ସକାଳ ଘ.୦୫।୩୮ମି. ଗତେ ଘ.୦୭।୧୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୦ମି. ଗତେ ଘ.୦୨।୪୧ମି. ମଧ୍ୟେ ରାହୁକାଳ।

## ଏକକାଳୀନ ନିର୍ବାଚନକୁ...

ପ୍ରଥମ ପୃଷ୍ଠାରୁ...

ଅବସରରେ ଆଇନ ମନ୍ତ୍ରଣାଳୟ ଏହାକୁ କ୍ୟାବିନେଟ ସମ୍ମୁଖରେ ଉପସ୍ଥାପନ କରିଥିଲା। ତଦନୁସାରେ ଲୋକ ସଭା ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ଏକସଙ୍ଗେ କରାଇବା ପାଇଁ ପ୍ରସ୍ତାବ ରହିଛି। ଏହାର ୧୦୦ ଦିନ ଭିତରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ କମିଟିର ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଏକ 'ଇମ୍ପ୍ଲିମେଣ୍ଟେଶନ୍ ଗ୍ରୁପ୍' ପ୍ରତିଷ୍ଠା କରାଯିବ। ସେହିପରି ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ବିଚାରବିମର୍ଶ କରି ଏକ ସାଧାରଣ ଭୋଟର ତାଲିକା ଏବଂ ଭୋଟର ପରିଚୟପତ୍ର ପ୍ରସ୍ତୁତ କରିବେ ବୋଲି ମଧ୍ୟ ରିପୋର୍ଟରେ ସୁପାରିସ କରାଯାଇଛି।

ବର୍ତ୍ତମାନ ଲୋକ ସଭା ଓ ବିଧାନସଭା ନିର୍ବାଚନ ଦାୟିତ୍ୱ ଇସିଆଇଙ୍କ ହାତରେ ଥିବାବେଳେ ପୌର ଓ ପଞ୍ଚାୟତ ଭଳି ସ୍ଥାନୀୟ ସଂସ୍ଥାର ଭୋଟ ପରିଚାଳନା ରାଜ୍ୟ ନିର୍ବାଚନ କମିଶନ କରାଉଛନ୍ତି। ଏକକାଳୀନ ନିର୍ବାଚନ କରାଇବା ପାଇଁ ୧୮ଟି ସାମ୍ବିଧାନିକ ସଂଶୋଧନ ଆବଶ୍ୟକ। ଅଧିକାଂଶ ସଂଶୋଧନ ଲାଗି ରାଜ୍ୟ ବିଧାନସଭାଗୁଡ଼ିକର ସହ ସମର୍ଥନ ଜରୁରୀ। ତେବେ ଏଥିପାଇଁ ସଂସଦରେ କେତେକ ନିର୍ଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଲ୍ ଆଣି ଗୃହୀତ କରାଇବାକୁ ପଡ଼ିବ। ଏକକ ଭୋଟର ତାଲିକା ଓ ଏକକ ଭୋଟର ଆଇଡି ପ୍ରସ୍ତାବକୁ ଅନ୍ୟୂନ ଅଧା ରାଜ୍ୟର ସମର୍ଥନ ଆବଶ୍ୟକ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ସମର୍ଥିତ ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ଆଇନ କମିଶନ ମଧ୍ୟ ଖୁବ୍‌ଶୀଘ୍ର ନିଜସ୍ୱ ରିପୋର୍ଟ ପ୍ରକାଶ କରିପାରନ୍ତି। ତେବେ ଲ' କମିଶନ ୨୦୨୯ରୁ ଲୋକ ସଭା, ବିଧାନସଭା ସହ ମ୍ୟୁନିସିପାଲିଟି ଓ ପଞ୍ଚାୟତ ନିର୍ବାଚନ ଏକସଙ୍ଗେ କରାଇବା ଏବଂ ଝୁଲା ପରିସ୍ଥିତିରେ ମିଳିତ ସରକାର ଗଠନ ଭଳି ପ୍ରସ୍ତାବ ଦେଇପାରନ୍ତି ବୋଲି କୁହାଯାଉଛି।

ପ୍ରକାଶ ଯେ, କେନ୍ଦ୍ରରେ କ୍ଷମତାସୀନ ଭାଜପା ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନ ବେଳେ ଏହାର ଇସ୍ତାହାରରେ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ସ୍ଥାନୀତ କରିଥିଲା। କିନ୍ତୁ ଏହାକୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିଲେ। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ କାର୍ଯ୍ୟକାଳ ମଧ୍ୟରେ ହିଁ ଏକକାଳୀନ ନିର୍ବାଚନ କରାଯିବ ବୋଲି ନିକଟରେ କେନ୍ଦ୍ର ସରକାର ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅଭିଭାଷଣ ବେଳେ ଏକକାଳୀନ ନିର୍ବାଚନ ପ୍ରତିଶ୍ରୁତି ପାଳନ କରାଯିବ ବୋଲି ସ୍ପଷ୍ଟ କରିଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବର୍ତ୍ତମାନ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସଂଖ୍ୟାଗରିଷ୍ଠ ରହିଛି। କିନ୍ତୁ ସମ୍ବିଧାନ ସଂଶୋଧନ ସକାଶେ ଦୁଇ–ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇଁ ରାଜ୍ୟ ସଭାରେ ଆଉ ୫୨ ଓ ଲୋକ ସଭାରେ ୭୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ।

ଏନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିବାବେଳେ ସେଥିରୁ ଧ୍ୟାନ ହଟାଇବା ପାଇଁ ଭାଜପା ଏକକାଳୀନ ନିର୍ବାଚନ ଭଳି ଅବାସ୍ତବ ପ୍ରସଙ୍ଗ ଆଣିଛି। ନିର୍ବାଚନ ଆସିଲେ ଭାଜପା କିଛି ପ୍ରସଙ୍ଗ ନ ପାଇଲେ ଏଭଳି କଥା କହିଥାଏ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ୍ ଓ'ବ୍ରାଏନ୍ ଏକକାଳୀନ ନିର୍ବାଚନକୁ ଭାଜପାର 'ଶସ୍ତା ଷ୍ଟଣ୍ଟ' ଆଖ୍ୟା ଦେବା ସହ ହରିୟାଣା ଓ ଜମ୍ମୁ–କଶ୍ମୀର ସହ ମହାରାଷ୍ଟ୍ର ନିର୍ବାଚନ କାହିଁକି କରାଇଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ ଏହାକୁ ମୋଦି–ଶାହାଙ୍କ କ୍ଲାସିକ ଜୁମ୍‌ଲା ଆଖ୍ୟା ଦେଇଛନ୍ତି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସିଙ୍କ ମତରେ ଏକକାଳୀନ ନିର୍ବାଚନ ସଂଘୀୟ ଢାଞ୍ଚାକୁ ଧ୍ୱଂସ କରିବା ସହ ଗଣତନ୍ତ୍ର ସହ ସାଲିସ କରିଥାଏ। ଅନ୍ୟପକ୍ଷେ ବିଭିନ୍ନ ସମୟରେ ନିର୍ବାଚନ କରାଯିବା ଦ୍ୱାରା ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଥାଏ ବୋଲି ଓୱାଇସି ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) କେନ୍ଦ୍ର କ୍ୟାବିନେଟର ଏହି ପଦକ୍ଷେପକୁ ସ୍ୱାଗତ କରିଛି। ଜେଡିୟୁ ମୁଖପାତ୍ର ରାଜୀବ ରଞ୍ଜନ କହିଛନ୍ତି, ଏକସଙ୍ଗେ ନିର୍ବାଚନ କରାଗଲେ ଏହାର ଦୀର୍ଘମିଆଦୀ ସୁଫଳ ସାରା ଦେଶକୁ ମିଳିବ। ଏହାଦ୍ୱାରା ମତଦାନ ହାର ମଧ୍ୟ ବଢ଼ିବ।

### କମିଟିରେ କେଉଁମାନେ ଅଛନ୍ତି

ନିର୍ବାଚନୀ ଖର୍ଚ୍ଚ ଓ ପ୍ରଶାସନିକ ବୋଝ ହ୍ରାସ ସକାଶେ ସାରା ଦେଶରେ ଏକସଙ୍ଗେ ନିର୍ବାଚନ କରାଇବା ପାଇଁ ୨୦୨୩ ସେପ୍ଟେମ୍ବର ୨ରେ କେନ୍ଦ୍ର ସରକାର ଏକ କମିଟି ଗଠନ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ବିଭିନ୍ନ ପକ୍ଷ, ବିଶେଷଜ୍ଞ ଓ ଗବେଷକଙ୍କ ସହ ୧୯୧ ଦିନ ଧରି ବିଚାରବିମର୍ଶ କରିଥିଲା। ଏହି ପ୍ୟାନେଲ ୨୦୨୪ ମାର୍ଚ୍ଚ ୧୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ୧୮,୬୨୬ ପୃଷ୍ଠା ସମ୍ବଳିତ ରିପୋର୍ଟ ପ୍ରଦାନ କରିଥିଲା। ଏହି କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରାଜ୍ୟ ସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, ପଞ୍ଚଦଶ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ଏନ୍.କେ. ସିଂ, ଲୋକ ସଭାର ପ୍ରାକ୍ତନ ସେକ୍ରେଟାରି ଜେନେରାଲ ଡ. ସୁଭାଷ ସି. କାଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ପୂର୍ବତନ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରି, ଆଇନମନ୍ତ୍ରୀ ଅର୍ଜ୍ଜୁନରାମ ମେଘୱାଲ ସଦସ୍ୟ ଥିବାବେଳେ ଏଚ୍‌ଏଲ୍‌ସି ସେକ୍ରେଟାରି ଡ. ନୀତେନ ଚନ୍ଦ୍ରଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରଖାଯାଇଥିଲା।

## ସପକ୍ଷ/ବିପକ୍ଷରେ...

ପ୍ରସ୍ତାବକୁ ସମର୍ଥନ କରିଥିଲେ। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅଜିତ୍ ପ୍ରକାଶ ଶାହା ଏହାଦ୍ୱାରା ଗଣତାନ୍ତ୍ରିକ ଅଭିବ୍ୟକ୍ତି ସଙ୍କୁଚିତ ହେବା ଦର୍ଶାଇ ପ୍ରସ୍ତାବକୁ ବିରୋଧ କରିଥିଲେ। କାଲକାଟା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗିରୀଶ ଚନ୍ଦ୍ର ଗୁପ୍ତା ଏହାକୁ ଗଣତାନ୍ତ୍ରିକ ସିଦ୍ଧାନ୍ତର ପରିପନ୍ଥୀ କହି ବିରୋଧ କରିଥିଲେ। ମାଡ୍ରାସ୍ ହାଇକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୀବ ବାନାର୍ଜୀ ଏହାଦ୍ୱାରା ଦେଶର ସଂଘୀୟ ଢାଞ୍ଚା ଦୁର୍ବଳ ହେବ ବୋଲି ଦର୍ଶାଇଥିଲେ। ତେବେ ୪ ଜଣଯାକ ପୂର୍ବତନ ସିଇସି ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ବର୍ତ୍ତମାନ ଓ ପୂର୍ବତନ ରାଜ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରୁ ୭ ଜଣ ଏହାକୁ ସମର୍ଥନ କରିଥିବାବେଳେ ତାମିଲନାଡୁ ନିର୍ବାଚନ କମିଶନର ଭି. ପାଲାନିକୁମାର ଏହା ଉପରେ ଚିନ୍ତାବ୍ୟକ୍ତ କରିଥିଲେ।

## ରତ୍ନଭଣ୍ଡାରର ଲେଜର...

ସର୍ଭେ ପରେ ଚିତ୍ର ସ୍ପଷ୍ଟ ହେବ ସୂଚନା ଦିଆଯାଇଛି। ହାଇଦ୍ରାବାଦର ନ୍ୟାଶନାଲ ଜିଓଫିଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଜିଆର୍‌ଆଇ) ଟିମ୍ ଖୁବଶୀଘ୍ର ଜିପିଆର୍‌ଏସ୍ ସର୍ଭେ କରିବ ବୋଲି ଯାଞ୍ଚ ଟିମ୍ ପକ୍ଷରୁ କୁହାଯାଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ବାହାର ଓ ଭିତର ରତ୍ନଭଣ୍ଡାରର ଚାବି ଖୋଲାଯିବା ସହ ସମସ୍ତ ରତ୍ନଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଖାଲି ହୋଇଥିବା ସିନ୍ଧୁକ ଓ ଆଲମିରା ସ୍ଥାନାନ୍ତରଣ ହୋଇଥିଲା। ତେବେ ଚତୁର୍ଥ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରର ପ୍ରାରମ୍ଭିକ ନୀରିକ୍ଷଣ ଓ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଛି। ଯାଞ୍ଚ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହାପରେ ଅପରାହ୍ନ ୧ଟାରେ ଏଏସ୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜ୍ ଶର୍ମାଙ୍କ ନେତୃତ୍ୱରେ ୧୨ଜଣିଆ ଏବଂ ଶ୍ରୀମନ୍ଦିର ପ୍ରଶାସନର ୧୪ ଜଣିଆ ସଦସ୍ୟଙ୍କୁ ମିଶାଇ ମୋଟ ୨୬ ଜଣିଆ ଟିମ୍ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ବାହାର ଓ ଭିତର ରତ୍ନଭଣ୍ଡାରର ଚାବି ଖୋଲାଯିବା ପରେ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାର ଖୋଲାଯିବା ପୂର୍ବରୁ ଓଡ୍ରାଫ, ଅଗ୍ନିନିର୍ବାପକ କର୍ମଚାରୀ ଓ ସ୍ନେକ୍ ହେଲ୍ପ ଲାଇନ୍‌ର ସଦସ୍ୟ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ଯାଞ୍ଚ ସମୟରେ ଜିପିଆର୍ ସର୍ଭେ ହୋଇ ନ ଥିବା ଜଣାପଡ଼ିଛି। ଭିତର ରତ୍ନଭଣ୍ଡାରର ଭର୍ଟିକାଲ୍ ଓ ହରାଇଜୋଣ୍ଟାଲ ଯାଞ୍ଚ ପରେ କେଉଁ ଧରଣର ଓ କେତେ ଓଜନ ବିଶିଷ୍ଟ ମେସିନ୍ ବ୍ୟବହାର କରାଯିବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ମହାପ୍ରଭୁଙ୍କ ସେବାପୂଜା, ରୀତିନୀତି ଓ ଧର୍ମୀୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ଯାଞ୍ଚ କରାଯାଇଥିବା କମିଟି କହିଛି। ଯାଞ୍ଚର ଡକ୍ୟୁମେଣ୍ଟେଶନ ହୋଇଛି। ଏନ୍‌ଜିଆର୍ ଟିମ୍ ଖୁବଶୀଘ୍ର ଜିପିଆର ସର୍ଭେ କରିବ। ଏଥିଲାଗି ଜିପିଆର୍‌ଏସ୍ ସର୍ଭେ ମେଶିନ୍ ଆସିବ। ସେହିପରି ଭିତର ରତ୍ନଭଣ୍ଡାର ସ୍ଥିତି ଜାଣିବା ପାଇଁ ଷ୍ଟ୍ରକଚରାଲ୍ ଯାଞ୍ଚ ଆରମ୍ଭ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟାରେ ଏଏସ୍‌ଆଇର ଏଡିଜି ଜାନଭିଜ୍ ଶର୍ମାଙ୍କ ସମେତ ଡାଇରେକ୍ଟର ଅଫ୍ କନଷ୍ଟ୍ରକଶନ, ଡାଇରେକ୍ଟର ଅଫ କେମିକାଲ ସାଇନ୍ସ, ଇଷ୍ଟର୍ଣ୍ଣ ରିଜିଓନ୍ ରିଜିଓନାଲ ଡାଇରେକ୍ଟର ଆଦି ରହିଛନ୍ତି। ଏଥିସହ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,ଏସ୍‌ପି ପିନାକ ମିଶ୍ର ମଧ୍ୟ ସାମିଲ ଥିଲେ। ଏଏସ୍‌ଆଇ ପକ୍ଷରୁ ଭୂତତ୍ତ୍ୱ ସର୍ଭେ ପାଇଁ କେନ୍ଦ୍ର ସରକାରଙ୍କ ଆଇସିଏସ୍‌ଆର୍‌ର ଲ୍ୟାବ୍ ଏକ୍ସପର୍ଟ ୟୁନିଟ, ଏନ୍‌ଜିଆର୍‌ଆଇର ଟିମ୍ ସାମିଲ ଥିଲେ। ଷ୍ଟ୍ରକଚର ତଳେ କିଛି ରହିଛି କି ନାହିଁ, ସୁଡ଼ଙ୍ଗ ଓ ଗୁପ୍ତ କୋଠରୀ ଆଦିକୁ ନେଇ ରହିଥିବା ଚର୍ଚ୍ଚାର ଅବସାନ ଘଟାଇବା ପାଇଁ ଏହି ପ୍ରାରମ୍ଭିକ ଯାଞ୍ଚ କରାଯାଇଛି। ଭିତର ରତ୍ନଭଣ୍ଡାରର ଭରଟିକାଲ୍ ଓ ହରାଇଜୋଣ୍ଟାଲ ସ୍ଥିତି ଅନୁଧ୍ୟାନ ପରେ ସେଥିପାଇଁ କେଉଁ ଧରଣର ମେଶିନ୍ ଆବଶ୍ୟକ ହେବ ସେନେଇ ନିଷ୍ପତ୍ତି ନିଆଯିବ।

ନିରୀକ୍ଷଣ ଶେଷ ହେବା ପରେ ମୁଖ୍ୟ ପ୍ରଶାସକ ପାଢୀ କହିଛନ୍ତି, ଏଏସ୍‌ଆଇ ପକ୍ଷରୁ ବୈଷୟିକ ନିରୀକ୍ଷଣ ସହ ବୈଜ୍ଞାନିକ ସର୍ଭେ କରାଯାଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ଫିଜିକାଲ୍ ଇନସ୍ପେକସନ୍ ଠିକଣା ଭାବେ ସମ୍ପାଦିତ ହୋଇଛି। ତେବେ ଆଉ ଅଧିକ ଜାଣିବା ଲାଗି ରାଡାର୍ ସର୍ଭେ କରିବାକୁ ଏଏସ୍‌ଆଇ ପକ୍ଷରୁ ମତାମତ ଆସିଛି। ତେଣୁ ଯଥାଶୀଘ୍ର ରାଡାର୍ ସର୍ଭେ କରି ରିପୋର୍ଟ ପ୍ରସ୍ତୁତି ପାଇଁ ଏଏସ୍‌ଆଇକୁ କୁହାଯାଇଛି। ଏହି ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ଦିଆଯିବ। ଏନେଇ ଆବଶ୍ୟକ ବୈଷୟିକ ବିଚାରବିମର୍ଶ ପରେ ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ଏଏସ୍‌ଆଇ ପକ୍ଷରୁ ସଂରକ୍ଷଣ କାର୍ଯ୍ୟ କରାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ସେହିପରି ଏଏସ୍‌ଆଇର ଏଡିଜି ଶର୍ମା କହିଛନ୍ତି, ଡକ୍ୟୁମେଣ୍ଟେଶନ ଓ ଲେଜର ସର୍ଭେ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯାହା କରାଯାଇଛି। ଖୁବଶୀଘ୍ର ଏନ୍‌ଜିଆରଆଇ ଆସି ଜିପିଆର୍‌ସ୍ପ୍ ସର୍ଭେ କରିବେ। ଏହା ସଂରକ୍ଷଣ କାର୍ଯ୍ୟ ପାଇଁ ସହାୟକ ହେବ। ଲେଜର ସ୍କାନିଂର ରିପୋର୍ଟ ଶୀଘ୍ର ପ୍ରକାଶ ପାଇବ। ଜିପିଆର୍‌ଏସ୍ ସର୍ଭେ ପରେ ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରୀ ସମ୍ପର୍କରେ ଜଣାପଡ଼ିବ। ସେହିପରି ଜଷ୍ଟିସ୍ ରଥ କହିଛନ୍ତି, ବୁଧବାରର ଅନୁସନ୍ଧାନ ପୂର୍ଣ୍ଣାଙ୍ଗ ବା ନିର୍ଣ୍ଣୟ ହୋଇନାହିଁ। ଜିପିଆରଏସ୍ ସର୍ଭେ ପରେ ପୂର୍ଣ୍ଣାଙ୍ଗ ନିର୍ଣ୍ଣୟ କରାଯାଇପାରିବ। ଲେଜର ସ୍କାନିଂ ସହ ଭିଡିଓ ରେକର୍ଡିଂ କରାଯାଇଛି। ସମସ୍ତ ତଥ୍ୟକୁ ନେଇ ଅନୁସନ୍ଧାନ କରାଯିବ। ଆଗକୁ ଷୋଳପୂଜା ଓ କାର୍ତ୍ତିକ ମାସ ରହିଥିବାରୁ ୨୫ ତାରିଖ ସୁଦ୍ଧା କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ସର୍ଭେ ସକାଶେ ବିଶେଷ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା। ଅପରାହ୍ନ ୧ଟାରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସର୍ଭେରେ ସହଯୋଗ ପାଇଁ ସମସ୍ତଙ୍କୁ ମୁଖ୍ୟ ପ୍ରଶାସକ ଧନ୍ୟବାଦ ଜଣାଇଛନ୍ତି।

## ୫ ପୋଲିସ...

ସଲିଳମୟୀ ସାହୁ ଏବଂ କନ୍‌ଷ୍ଟେବଲ ବଳରାମ ହାଁସଦାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଓଡ଼ିଶା ପୋଲିସ ମୁଖ୍ୟାଳୟରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଶନିବାର ବିଳମ୍ବିତ ରାତିରେ ଭରତପୁର ଥାନାର ଅଧିକାରୀ ଓ କର୍ମଚାରୀମାନେ କିଭଳି ଜଣେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କ ପ୍ରତି ଅନ୍ୟାୟ ଏବଂ ଅତ୍ୟାଚାର କରିଥିଲେ ଏହି ସସ୍‌ପେଣ୍ଡ ଅର୍ଡର ହିଁ ଏହାର ଉଦାହରଣ। ପୋଲିସ ଡିଜି ୱାଇ.ବି. ଖୁରାନିଆ ମଙ୍ଗଳବାର ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ବୁଧବାର ଥାନାର ସମସ୍ତ କର୍ମଚାରୀଙ୍କ ବିରୋଧରେ ଏଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ହିଁ ପୋଲିସ କରିଥିବା ଜଘନ୍ୟକାଣ୍ଡ ଉପରୁ ପରଦା ଉଠାଇ ଦେଇଛି।

ଅପରପକ୍ଷରେ ଅଙ୍କିତାଙ୍କୁ ହାଇକୋର୍ଟରୁ ବୁଧବାର ଜାମିନ ମିଳିଛି। ୩୦ ହଜାର ଟଙ୍କା ବେଲବଣ୍ଡ ଓ ଦୁଇ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ଜାମିନ ପ୍ରଦାନ କରିଛନ୍ତି। ଏଥିସହ ପୂର୍ବରୁ ଅଙ୍କିତାଙ୍କ ଜାମିନ ଖାରଜ କରିଥିବା ମାଜିଷ୍ଟ୍ରେଟ୍‌ଙ୍କ ଉପରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ମାଜିଷ୍ଟ୍ରେଟ ଏକ ମେଶିନ ଭଳି କାର୍ଯ୍ୟ କରିଛନ୍ତି ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଭଳି କ୍ଷେତ୍ରରେ ନିର୍ଦ୍ଦେଶନାମା ଫର୍ମାଟ୍‌ରୁ ଦୂରେଇ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବାକୁ ହାଇକୋର୍ଟ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି କୌଣସି ଜାମିନ ଆବେଦନ ଖାରଜ କରିବା ଅଥବା ଜାମିନ ପ୍ରଦାନ କରିବାର ଯଥାର୍ଥ କାରଣ ଦର୍ଶାଇବା ଜରୁରୀ, ଯାହା ଏହି ମାମଲାରେ ନିମ୍ନ ଅଦାଲତ ଗ୍ରହଣ କରି ନାହାନ୍ତି । ଏହି ଜାମିନ ଆବେଦନ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ହାଇକୋର୍ଟ ଖୋର୍ଦ୍ଧା ଜିଲା ଜଜ୍‌ଙ୍କୁ ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ବେଳେ ହାଇକୋର୍ଟ ଦର୍ଶାଇଛନ୍ତି, ଆବେଦନକାରୀଙ୍କୁ ଗିରଫ ଘଟଣାରେ ତଦନ୍ତକାରୀ ଅଧିକାରୀ ଜଣକ ଭାରତୀୟ ନ୍ୟାୟ ସଂହିତାର ନିୟମକୁ ଉଲ୍ଲଂଘନ କରିଛନ୍ତି। ଏପରି କ୍ଷେତ୍ରରେ ରାଜ୍ୟ ସରକାର ତଥା ପୋଲିସ କର୍ତ୍ତୃପକ୍ଷ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ହାଜର ହୋଇ ଏହି ଘଟଣାରେ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଅଦାଲତଙ୍କୁ ଅବଗତ କରିଛନ୍ତି। ଉଚ୍ଚସ୍ତରୀୟ ପୋଲିସ ଅଧିକାରୀଙ୍କ ଦ୍ୱାରା ମାମଲାର ତଦନ୍ତ କରାଯାଉଛି। ଏହି ଘଟଣାରେ ବିଶୃଙ୍ଖଳିତ ଆଚରଣ କରିଥିବା ପୋଲିସ୍ ଅଫିସରଙ୍କ ବିରୋଧରେ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି।

## ସୁଭଦ୍ରା ଆବେଦନର...

ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ପଞ୍ଜୀକରଣ କରିଥିବା ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି। ଏଥିପାଇଁ ୧୨୫୦ କୋଟି ୫୫ ହଜାର ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଇଛି। ଏ ଯୋଜନାର ଲାଭ ଓଡ଼ିଶାର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପୂର୍ବରୁ ପରୀକ୍ଷଣ ଅଧାରରେ ଯେଉଁ ହିତାଧିକାରୀଙ୍କ ଆକାଉଣ୍ଟକୁ ୧ ଟଙ୍କା ଯାଇଥିଲା ସେମାନଙ୍କୁ ୪୯୯୯ ଟଙ୍କା ଦିଆଯାଇଛି। ଏହି ଯୋଜନାକୁ ନେଇ ରାଜ୍ୟବ୍ୟାପୀ ମହିଳାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଭାଜପା ସରକାର ଏହି ଯୋଜନାରେ ବର୍ଷକୁ ୨ଟି କିସ୍ତିରେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ଟଙ୍କାର ଭାଉଚର ଦେବେ।


ପୂଜା ମାନେ ବଙ୍ଗଳା ମନ
Paragon®
ଜିଦ୍, ଚାଲି ରହିବା ର।
Turmeriq-Paragon-Orr-01
Shop now
www.paragonfootwear.com
ଅଗ୍ରଣୀ ମଲ୍ଟି-ବ୍ରାଣ୍ଡ ଫୁଟ୍‌ୱେର ଆଉଟଲେଟ୍ ଗୁଡ଼ିକରେ ଉପଲବ୍ଧ।
Follow us on /paragonfootwear
Model No. 9636
Model No. 8842
Model No. 6909
Model No. 7076
Model No. 7077

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। – ଶ୍ରୀଅରବିନ୍ଦ



# ଧର୍ମଶାସ୍ତ୍ର ଓ ମନୁସ୍ମୃତି



ଦେବଦତ୍ତ ପଟ୍ଟନାୟକ

ସମସ୍ତେ ଏବେ ମନୁସ୍ମୃତି ବିଷୟରେ ଆଲୋଚନା କରୁଛନ୍ତି ଏବଂ ଜାତି ପ୍ରଥା ସହ ଏହାର ସମ୍ପର୍କ ରହିଛି ବୋଲି କହନ୍ତି। କିନ୍ତୁ ଏହା ପଛରେ ଥିବା ସତ୍ୟତା ଜାଣିବା ପାଇଁ ଆମକୁ ଭାରତୀୟ ଇତିହାସର କିଛି ଭାଗ ବୁଝିବାକୁ ପଡ଼ିବ। ଭାରତରେ ପ୍ରଥମେ ମୌର୍ଯ୍ୟ ସାମ୍ରାଜ୍ୟ ଥିଲା। ପାଟଳିପୁତ୍ରରୁ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମରେ ଭାରତର ବିଭିନ୍ନ ଅଞ୍ଚଳ ସହ ବାଣିଜ୍ୟିକ ମାର୍ଗ ମାଧ୍ୟମରେ ଏହା ନିଜର ଶକ୍ତି ପ୍ରତିଷ୍ଠା କରିଥିଲା ବୋଲି ଅଶୋକଙ୍କ ରାଜକୀୟ ଆଦେଶ ବା ଅନୁଶାସନରେ ସୂଚିତ କରାଯାଇଛି।

ଯେତେବେଳେ ଜଣେ ଅଶୋକଙ୍କ ରାଜକୀୟ ଆଦେଶଗୁଡ଼ିକୁ ପଢ଼ିବ ସେତେବେଳେ ଜାଣିବାକୁ ପାଇବ ଯେ, ଦୁଇଟି ଗୋଷ୍ଠୀର ବିଚାରଧାରା ଏହି ଭୂମିରେ ପ୍ରାଧାନ୍ୟ ବିସ୍ତାର କରିଥିଲ। ପ୍ରଥମଟି ଶ୍ରମଣ କିମ୍ବା ଆଶ୍ରମ ବ୍ୟବସ୍ଥା ଯଥା ବୌଦ୍ଧ ଏବଂ ଜୈନ। ଅନ୍ୟଟି ବ୍ରାହ୍ମଣ, ଯାହା ବୈଦିକ ବିଚାରଧାରାକୁ ଗୁରୁତ୍ୱ ଦେଇଥିଲା। ସମସ୍ତ ରାଜକୀୟ ଆଦେଶରେ ପ୍ରକୃତରେ ଅନ୍ୟ କୌଣସି ପ୍ରମୁଖ ଧର୍ମ ବିଷୟରେ ଲେଖା ନାହିଁ। ଏହା କେବଳ ବୌଦ୍ଧଧର୍ମ ପ୍ରତି ଢଳି ରହିଥିବା ବେଳେ ଅନ୍ୟ ଧର୍ମକୁ ଏହା ପସନ୍ଦ କରି ନ ଥିବା ଜଣାପଡ଼େ। ସେହି ସମୟରେ ସାମ୍ରାଜ୍ୟ ଏବଂ ରାଜତନ୍ତ୍ରର ଧାରଣା ଅତ୍ୟନ୍ତ ଶକ୍ତିଶାଳୀ ହେଲା ଏବଂ ସମଗ୍ର ଭାରତରେ ସାମ୍ରାଜ୍ୟର ଧାରଣା ଶକ୍ତିଶାଳୀ ଥିଲା ଓ ଭାରତର ବିଭିନ୍ନ ଅଞ୍ଚଳରେ ରାଜଶାସନ ପ୍ରତିଷ୍ଠା ହୋଇଥିଲା। ଏହା ହେଉଛି ସେହି ସମୟ ଯେତେବେଳେ ପୁରୁଣା ବୈଦିକ ବ୍ୟବସ୍ଥାର ପ୍ରାସଙ୍ଗିକତା ଥିଲାପରି ମନେହୁଏ। ପୁରାତନ ବୈଦିକ ବ୍ୟବସ୍ଥା ପଶୁପାଳକ ଏବଂ କୃଷି ସମ୍ପ୍ରଦାୟ ସହ ଜଡ଼ିତ ଥିବା ବୈଦିକ ସ୍ତୋତ୍ରରେ ପ୍ରମାଣ ରହିଛି ଓ ବୈଦିକ ମନ୍ତ୍ର ବ୍ରାହ୍ମଣ ନାମରେ ଜଣାଶୁଣା। ତେବେ ବୈଦିକ ସମୟର ପରିସମାପ୍ତି ଘଟି ବାଣିଜ୍ୟିକବାଦ ସିଦ୍ଧାନ୍ତ ଆଧାରିତ ଏକ ନୂତନ ବିଶ୍ୱ ସୃଷ୍ଟି ହେଲା। ଏଥିରେ ରାଜପଥ ମାଧ୍ୟମରେ ଉତ୍ତର ଭାରତରୁ ମଧ୍ୟଏସିଆ ପର୍ଯ୍ୟନ୍ତ ଏବଂ ଏପରିକି ବିନ୍ଧ୍ୟ ପର୍ବତଠାରୁ ନର୍ମଦାର ଦକ୍ଷିଣରେ ଥିବା ଅଞ୍ଚଳ ଏବଂ ଭାରତର ପୂର୍ବ ଓ ପଶ୍ଚିମ ଉପକୂଳ ମଧ୍ୟରେ ସଂଯୋଗ ସ୍ଥାପନ ହୋଇଥିଲା। ଏହି ସମୟରେ ବ୍ରାହ୍ମଣମାନେ ବର୍ଣ୍ଣାଶ୍ରମ ବ୍ୟବସ୍ଥା ଆଧାରିତ ଏକ ନୂଆ ତତ୍ତ୍ୱକୁ ପ୍ରଚାର କରିବା ଆରମ୍ଭ କରିଦେଇଥିଲେ।

ଧର୍ମଶାସ୍ତ୍ରଗୁଡ଼ିକ ବ୍ରାହ୍ମଣମାନଙ୍କ ଦ୍ୱାରା ଲେଖାଯାଇଥିଲା। ଲୋକମାନେ କିଭଳି ଜୀବନଧାରଣ କରିବେ ସେ ସମ୍ପର୍କରେ ସେଥିରେ ବ୍ୟାଖ୍ୟା କରାଯାଇଥିଲା। ସେମାନେ ସମାଜକୁ



ଚାରୋଟି ମୁଖ୍ୟ ବର୍ଗରେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକୁ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କଲେ। ସେମାନେ କହିଥିଲେ, ଆମେ ଯେଉଁ ବର୍ଗରେ ଅନ୍ତର୍ଭୁକ୍ତ ସେହି ଅନୁଯାୟୀ ଆମକୁ ଜୀବନଧାରଣ କରିବାକୁ ହେବ। ଏହାସହ ତୁମକୁ ଯାହା ଉପଯୁକ୍ତ ମନେହେଉଛି ତାହାକୁ ଅନୁସରଣ କରି ବଞ୍ଚିବାକୁ ପଡ଼ିବ। ପ୍ରଥମେ ଆମକୁ ଜଣେ ଛାତ୍ର ଭାବରେ, ପରେ ଜଣେ ଗୃହସ୍ଥ ଭାବେ ଜିଇବାକୁ ପଡ଼ିବ। ତା'ପରେ ସଂସାର ତ୍ୟାଗୀ ଏବଂ ଶେଷରେ ଜଣେ ସନ୍ନ୍ୟାସୀ ଭାବରେ ବଞ୍ଚିବାକୁ ହେବ। ଅନ୍ୟ ଅର୍ଥରେ, ଉଭୟ ପରିବାରର ବୃତ୍ତି ଏବଂ ବିବାହକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ବୌଦ୍ଧଧର୍ମ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିପରୀତ ଥିଲା। ବୌଦ୍ଧ ଧର୍ମରେ ବିବାହ ନ କରିବା, ପାରିବାରିକ ବୃତ୍ତି ତ୍ୟାଗ କରିବା ଏବଂ ସନ୍ନ୍ୟାସୀ ହେବାର ବ୍ୟବସ୍ଥା ଥିଲା। ତେବେ ସେହି ସମୟରେ ପ୍ରାରମ୍ଭିକ ଧର୍ମଶାସ୍ତ୍ର ଲେଖା ଆରମ୍ଭ ହେଲା। ପ୍ରଥମେ ଲେଖାଯାଇଥିବା ଧର୍ମଶାସ୍ତ୍ର ଧର୍ମସୂତ୍ର ଭାବରେ ଜଣାଶୁଣା। କାରଣ ସେଗୁଡ଼ିକ ହେଉଛି ସଂକ୍ଷିପ୍ତ ମନ୍ତ୍ର ବା ସୂକ୍ତି କିମ୍ବା ସୂତ୍ରରେ ଲେଖାଯାଇଥିଲ। ପ୍ରାୟ ଖ୍ରୀଷ୍ଟପୂର୍ବ ୩୦୦ରେ ଗୌତମ ଏବଂ ବୌଦ୍ଧଯାନ ଏଗୁଡ଼ିକୁ ଲେଖି ଲୋକପ୍ରିୟ ହୋଇପାରିଥିଲେ। ଧର୍ମଶାସ୍ତ୍ର ସହିତ ସେ ସମୟରେ କାମଶାସ୍ତ୍ର ଓ ଅର୍ଥଶାସ୍ତ୍ର ରଚନା କରାଯାଇଥିଲା। ମୋକ୍ଷ ବିଷୟରେ ବିଭିନ୍ନ ବୈଦିକ ଦର୍ଶନକୁ ନେଇ ମୋକ୍ଷଶାସ୍ତ୍ର ମଧ୍ୟ ରଚନା କରାଯାଇଥିଲା। ଏପରିକି ମହାଭାରତର ଶାନ୍ତି ପର୍ବ ଏବଂ ଅନୁଶାସନ ପର୍ବରେ ଆମେ ଏହିସବୁ ଧାରଣା ପାଇଥାଉ।

ପ୍ରାୟ ତୃତୀୟ ଶତାବ୍ଦୀ ବେଳକୁ ଉତ୍ତର ଭାରତରେ ଗୁପ୍ତବଂଶର ରାଜାମାନଙ୍କ ଉତ୍‌ଥାନ ହୋଇଥିଲା। ସେହି ସମୟରେ ମନୁସ୍ମୃତି ରଚନା କରାଯାଇଥିଲା। ମନୁସ୍ମୃତି ପୂର୍ବରୁ ରଚିତ ଧର୍ମ ସୂତ୍ରଠାରୁ ସାମାନ୍ୟ ଭିନ୍ନ ଥିଲା। ଏହା ସୂତ୍ର ଶୈଳୀକୁ ତ୍ୟାଗକରି ଶ୍ଲୋକ ଶୈଳୀକୁ ଅନୁସରଣ କଲା, ଯାହାକି ଥିଲା ଅଧିକ ପଦ୍ୟାତ୍ମକ। ମନୁସ୍ମୃତିର ଅନ୍ୟ ନାମ ମାନବଧର୍ମ ଶାସ୍ତ୍ର। କୁହାଯାଏ ଏହାକୁ ବିଶ୍ୱର ପ୍ରଥମ ମଣିଷ ମନୁ ରଚନା କରିଥିଲେ। ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସେ ଏହାକୁ ଲେଖିଥିଲେ। ଏହା ନିଶ୍ଚିତ ଯେ, ବ୍ରାହ୍ମଣମାନଙ୍କ ଦ୍ୱାରା ଲିଖିତ ଧର୍ମଶାସ୍ତ୍ର ବା ସୂତ୍ର ଆଉ ଧର୍ମନିରପେକ୍ଷ ଗ୍ରନ୍ଥ ହୋଇ ରହିଲା ନାହିଁ। ପ୍ରଥମରୁ ରଚିତ ଧର୍ମଶାସ୍ତ୍ରଗୁଡ଼ିକ କିପରି ଲୋକମାନେ ନିଜ ଜୀବନ ବଞ୍ଚାଇବା ଉଚିତ ତାହା ଉପରେ ଅଧିକ ଗୁରୁତ୍ୱ ଦେଇଥିଲା। ସେଥିରେ ରାଜ୍ୟ ପ୍ରସଙ୍ଗରେ ଅଧିକ କିଛି ଲେଖା ନ ଥିଲା। କିନ୍ତୁ ମନୁସ୍ମୃତି ରାଜ୍ୟ ପ୍ରସଙ୍ଗରେ ବହୁତ ଦର୍ଶାଇଥିଲା, ଯାହା ରାଜାମାନଙ୍କ ମଧ୍ୟରେ ଅତ୍ୟଧିକ ଲୋକପ୍ରିୟ ହୋଇପାରିଥିଲା। ମନୁସ୍ମୃତିରେ ଅନେକ ଟୀକା ଟିପ୍ପଣୀ ତଥା ନିବନ୍ଧ ଉଲ୍ଲେଖ କରାଯାଇଥିଲା ଏବଂ ଏହା ଭାରତର ବିଭିନ୍ନ ରାଜ୍ୟ ସମେତ ଦକ୍ଷିଣ ଏସିଆକୁ ବ୍ୟାପିଥିଲା। ଉଦାହରଣ ସ୍ୱରୂପ, ବର୍ମା ଏବଂ ଥାଇଲାଣ୍ଡର ରାଜାମାନେ ମନୁସ୍ମୃତି ସମ୍ପର୍କରେ ଆଲୋଚନା କଲେ। ତେବେ ଦକ୍ଷିଣ–ପୂର୍ବ ଏସିଆରେ ରାଜାମାନେ ମନୁସ୍ମୃତିର ରାଜକୀୟ ଦିଗ ଉପରେ ଧ୍ୟାନ ଦେଇଥିଲେ, ହେଲେ ଜାତି ଉପରେ ଚିନ୍ତା କରି ନ ଥିଲେ। କିନ୍ତୁ ଭାରତରେ ମନୁସ୍ମୃତିର ରାଜ୍ୟ ଶାସନର ନୀତି ଓ ନିୟମ ଦିଗକୁ ଗୁରୁତ୍ୱ ଦେବା ବଦଳରେ ଏହାର ଜାତି ଅଂଶଟି ଉପରେ ପ୍ରାଧାନ୍ୟ ଦିଆଗଲା।

ଧର୍ମଶାସ୍ତ୍ରଗୁଡ଼ିକ ବିଶ୍ୱାସ କରେ ଯେ, ବିଭିନ୍ନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ବିଭିନ୍ନ ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ନିୟମ ରହିଛି। ସମାଜରେ ସ୍ଥିତିକୁ ଆଧାର କରି ଲୋକମାନଙ୍କ ମଧ୍ୟରେ ଏହି ଭିନ୍ନତା ସମାନତାର ନୀତି ବିରୁଦ୍ଧ। ସେଥିପାଇଁ ଏବେ ପଣ୍ଡିତମାନେ ଏହା ଉପରେ ପ୍ରଶ୍ନ ଉଠାଉଛନ୍ତି। ଲିଙ୍ଗଗତ ବିଚାରରେ ଏହା ମଧ୍ୟ ମହିଳାମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖେ, ପୁରୁଷଙ୍କ ସହ ସେମାନେ ସମାନ ନୁହେଁ ବୋଲି ଦର୍ଶାଏ। ବିଂଶ ଶତାବ୍ଦୀରେ ମହିଳାଙ୍କ ଅଧିକାର ଆନ୍ଦୋଳନର ଉତ୍‌ଥାନ ପର୍ଯ୍ୟନ୍ତ ସବୁ ସମାଜରେ ଏଭଳି ଧାରଣା ସ୍ୱାଭାବିକ ଥିଲା। ସମସ୍ତ ଧର୍ମଶାସ୍ତ୍ର ବିଶ୍ୱାସ କରନ୍ତି ଯେ, ସ୍ଥାନ, ସମୟ ଏବଂ ଲୋକଙ୍କୁ ନେଇ ନିୟମଗୁଡ଼ିକୁ ବଦଳାଇବାକୁ ପଡ଼ିବ ଏବଂ କୌଣସି ନିୟମ ସ୍ଥାୟୀ କିମ୍ବା କଠୋର ନୁହେଁ। ଏଭଳି ବିଶ୍ୱାସ ଧର୍ମଶାସ୍ତ୍ରଗୁଡ଼ିକୁ ବିଶ୍ୱର ଅନ୍ୟ ଭାଗରେ ଥିବା ଧର୍ମୀୟ ଆଦେଶଠାରୁ ବହୁତ ଭିନ୍ନ କରିଛି।

–devduttofficial@gmail.com

## ଏଇ ଭାରତରେ

ମହିଳା ସଶକ୍ତୀକରଣ ଓ ଆତ୍ମନିର୍ଭରଶୀଳର ବାର୍ତ୍ତା ଦେଇଛନ୍ତି ବୀଣା ଟମ୍। କେରଳର ମାରଙ୍ଗାଟ୍ଟୁପାଲିରେ ରହୁଥିବା ଏହି ୫୬ ବର୍ଷୀୟା ମହିଳା ଜଣକ ନିଜ ବଗିଚାରେ ବିଭିନ୍ନ ଫୁଲ ଓ ଫଳ ଚାଷ କରି ସେଥିରୁ ଘରେ ଜାମ୍, ଆଚାର, ସ୍କ୍ୱାଶ୍, ଜୁସ୍, ଚିପ୍ସ ଆଦି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ସେ ମଧ୍ୟ ବଗିଚାରେ ମହୁ ଚାଷ କରି ଲାଭ ପାଉଛନ୍ତି। ଉତ୍ପାଦଗୁଡ଼ିକୁ ବିକ୍ରି କରି ବୀଣା ମାସକୁ ୫୦,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। 'ବିଜ୍ ଅଫ୍ ବୀଣା' ନାମକ କମ୍ପାନୀ ମାଧ୍ୟମରେ ସେ ବିଜ୍‌ନେସ ଚଳାଇଛନ୍ତି ଓ ଏହା ମାଧ୍ୟମରେ ଏବେ ୧୪୦ ପ୍ରକାର ଉତ୍ପାଦ ବିକ୍ରି କରୁଛନ୍ତି। ଅଫ୍‌ଲାଇନ ଓ ଅନ୍‌ଲାଇନରେ ଉତ୍ପାଦଗୁଡ଼ିକୁ ନିଜ ରାଜ୍ୟର ବିଭିନ୍ନ ସହର ସମେତ ବେଙ୍ଗାଲୁରୁ, ଲକ୍ଷ୍ନୌ ଓ ମୁମ୍ବାଇରେ ବିକ୍ରି କରାଯାଉଛି। ବୀଣା ୨୦୧୭ରେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇ ପ୍ରଥମେ ମହୁ ଚାଷ କରିଥିଲେ ଓ ମହୁ ଶପ୍ ପ୍ରସ୍ତୁତ କରିଥିଲେ। ତା'ପରେ ବଗିଚାରେ ବହୁ କିସମର ଫଳ ଓ ଫୁଲ ଚାଷ କରି ଅଧିକରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରିବାକୁ ଲାଗିଲେ। ଏବେ ବଗିଚାରେ ୬୦ଟି ମହୁବାକ୍ସ ଅଛି। ବଡ଼ କଥା ହେଉଛି ସେ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଗଛରେ ରାସାୟନିକ ସାର ବଦଳରେ ବିଭିନ୍ନ ବର୍ଜ୍ୟରୁ ପ୍ରସ୍ତୁତ ଜୈବିକ ଖତ ଓ ଜିଆ ଖତ ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୯ ସେପ୍ଟେମ୍ବର ୧୯୭୫

- ଉତ୍ତର ଓ କେନ୍ଦ୍ର ଗୁଜରାଟରେ ପ୍ରବଳ ବର୍ଷା ଓ ବନ୍ୟା ଫଳରେ ଅନ୍ୟୂନ ୨୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଭାରତୀୟ କୋଲ୍‌ମାଇନ ଅଥରିଟି ଓ ସୋଭିଏତ୍ ରୁଷିଆର ଏକ ରପ୍ତାନୀ ପ୍ରତିଷ୍ଠାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ବେରୁଟରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଦଳମାନଙ୍କ ମଧ୍ୟରେ ସଂଘର୍ଷ ଘଟି ୪୦୦ ବ୍ୟକ୍ତିଙ୍କ ପ୍ରାଣହାନି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 5 | | | | | | |
| 2 | 4 | | 1 | | | 8 | | |
| | 1 | | | | | 3 | | |
| | | | 4 | | 6 | | | 1 |
| 4 | | 9 | | 7 | | | | 3 |
| | | | | | 3 | 7 | | |
| 9 | 3 | 6 | | 5 | | | 8 | |
| | | | | | | | | 4 |
| 7 | | | | | 9 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 4 | 5 | 8 | 7 | 9 | 1 | 6 |
| 9 | 6 | 5 | 3 | 2 | 1 | 4 | 7 | 8 |
| 7 | 8 | 1 | 9 | 6 | 4 | 3 | 5 | 2 |
| 5 | 9 | 2 | 6 | 1 | 3 | 8 | 4 | 7 |
| 6 | 3 | 7 | 4 | 5 | 8 | 2 | 9 | 1 |
| 4 | 1 | 8 | 2 | 7 | 9 | 6 | 3 | 5 |
| 1 | 7 | 3 | 8 | 9 | 2 | 5 | 6 | 4 |
| 2 | 4 | 6 | 7 | 3 | 5 | 1 | 8 | 9 |
| 8 | 5 | 9 | 1 | 4 | 6 | 7 | 2 | 3 |

ଗତକାଲିର ଉତ୍ତର

# ଯୁଦ୍ଧ ଆଉ କେତେ କାଳ



ଡ. ଅଜୟ କୁମାର ପାତ୍ର

ପରମାଣୁ ବୋମାର ଜନକ ବୋଲି କୁହାଯାଉଥିବା ସୁପ୍ରସିଦ୍ଧ ଆମେରିକୀୟ ବିଜ୍ଞାନୀ ଜୁଲିଅସ୍ ରବର୍ଟ ଓପେନ୍ ହେମରଙ୍କ ଜୀବନୀ ଆଧାରିତ ଚଳଚ୍ଚିତ୍ର 'ଓପେନ୍‌ହେମର' ମୁକ୍ତିଲାଭ କରିସାରିଛି। ପରମାଣୁ ବୋମାର ଉଦ୍ଭାବକ ଓପେନ୍ ହେମରଙ୍କୁ ପ୍ରଥମେ ଗୁପ୍ତ ଅସ୍ତ୍ରଶସ୍ତ୍ର ପରୀକ୍ଷାଗାରର ଦାୟିତ୍ୱ ଦିଆଯାଇଥିଲା। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥିଲା ଏବଂ ୧୯୪୧ ଅକ୍ଟୋବରରେ ଆମେରିକା ବିଶ୍ୱଯୁଦ୍ଧରେ ସାମିଲ ହେବାର ଦୁଇମାସ ପୂର୍ବରୁ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜ୍‌ଭେଲ୍‌ଟ ପରମାଣୁ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ମଞ୍ଜୁରୀ ଦେଇଥିଲେ। ୧୯୪୨ ମେ'ରେ ଜାତୀୟ ପ୍ରତିରକ୍ଷା ଗବେଷଣା କମିଟିର ଅଧ୍ୟକ୍ଷ ଜେମ୍‌ସ ବି କୋନାଣ୍ଟ ହାର୍ଭାର୍ଡରେ ତାଙ୍କର ଜଣେ ମେଧାବୀ ଛାତ୍ର ଥିବା ଓପେନ୍ ହେମରଙ୍କୁ ଫାଷ୍ଟ ନ୍ୟୁଟ୍ରନ୍ ଗଣନା ପାଇଁ ଡାକିଲେ। ସେହି ବର୍ଷ ଅଗଷ୍ଟରେ ଆମେରିକା ସେନା ପରମାଣୁ ବୋମା ପ୍ରକଳ୍ପ ପାଇଁ ମାନ୍‌ହଟ୍ଟାନ ଇଞ୍ଜିନିୟର ଡିଷ୍ଟ୍ରିକ୍ଟ ଗଠନ କଲେ। ସେପ୍ଟେମ୍ବରରେ ପ୍ରକଳ୍ପର ନିର୍ଦ୍ଦେଶକ ହେଲେ ଲେସ୍‌ଲି ଗୌଭସ୍ ଏବଂ ପରୀକ୍ଷାଗାର ପରିଚାଳନା ପାଇଁ ସେ ଓପେନ୍ ହେମରଙ୍କୁ ଦାୟିତ୍ୱ ଦେଲେ। ୧୯୪୫ ଜୁଲାଇ ୧୬ରେ ହେମରଙ୍କ ତତ୍ତ୍ୱାବଧାନରେ ଲସ୍ ଆଲାମୋସ୍‌ଠାରୁ ଦକ୍ଷିଣକୁ ୩୪୦ କିଲୋମିଟର ଦୂର ଏକ ସ୍ଥାନରେ ପୃଥିବୀର ପ୍ରଥମ ପରମାଣୁ ବୋମା ପରୀକ୍ଷଣ କରାଯାଇଥିଲା। ଏହା ଟ୍ରିନିଟି ଟେଷ୍ଟ ନାମରେ ପରିଚିତ। ଏକ ବିଶେଷ ସାକ୍ଷାତ୍କାରରେ ସେ କ୍ଷୋଭର ସହ କହିଥିଲେ, ସେତେବେଳେ ତାଙ୍କ ମୁହଁରୁ ବାହାରି ଯାଇଥିଲା, 'ଜୁଲିଅସ୍.... ଅର୍ଥାତ୍ ମୁଁ ମୃତ୍ୟୁ ପାଲଟିଯାଇଛି, ସଂସାରର ବିନାଶକାରୀ ହୋଇଯାଇଛି।'

ଏହି ପରୀକ୍ଷଣ ସଫଳ ହେବାର ମାସେ ବି ହୋଇ ନ ଥିଲା, ଅଗଷ୍ଟ ୬ ଏବଂ ୯ରେ ଜାପାନର ହିରୋଶିମା ଓ ନାଗାସାକି ଉପରେ ହୋଇଥିବା ପରମାଣୁ ବୋମା ଆକ୍ରମଣରେ ଥରିଯାଇଥିଲା ସମଗ୍ର ବିଶ୍ୱ। ଏ ଦୁଃଖଦ ଘଟଣା ଇତିହାସର କଳାପୃଷ୍ଠା ହୋଇ ରହିଥିବା ବେଳେ ଏଯାବତ୍ ପିଢ଼ି ପରେ ପିଢ଼ି ଏହାର କୁପରିଣାମ ଭୋଗିଚାଲିଛନ୍ତି। ଆମେରିକା ପରେ ୧୯୪୯ରେ ସୋଭିଏତ୍ ରୁଷ୍, ୧୯୫୨ରେ ବ୍ରିଟେନ୍, ୧୯୬୦ରେ ଫ୍ରାନ୍ସ, ୧୯୬୪ରେ ଚାଇନା ଏବଂ ୧୯୭୪ରେ ଭାରତ ପ୍ରଥମ ପରମାଣୁ ବୋମା ପରୀକ୍ଷଣରେ ସଫଳ ହୋଇଥିଲା। ଅଧୁନା ପରମାଣୁ ବୋମା ଅଧିକରୁ ଅଧିକତର ଶକ୍ତିଶାଳୀ ଏବଂ ବିନାଶକାରୀ ହୋଇଚାଲିଛି। ଏବେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ସ୍ଥିତିରେ ପରମାଣୁ ବୋମାର ଆତଙ୍କରେ ବିଶ୍ୱ ଭୟଭୀତ। କେବେ ଆଉ କେତେ ଯୁଗ ପରେ ଧ୍ୱଂସକାରୀ ଚେତନାରୁ ମୁକୁଳିବେ ବିଶ୍ୱ ନେତୃବୃନ୍ଦ।

ବିଶ୍ୱରେ ବିଭିନ୍ନ ସ୍ଥଳରେ ଯୁଦ୍ଧ ଥମିବା ଦୂରର କଥା, ଏହା ଭୟାନକ ରୂପ ନେବାରେ ଲାଗିଛି। ବିଶ୍ୱ ନେତାମାନେ ହୃଦୟଙ୍ଗମ କରିବା ଉଚିତ ଯେ ପୃଥିବୀ ଏକ ଓ ନୈସର୍ଗିକ ଭ୍ରାତୃତ୍ୱ ବନ୍ଧନରେ ବନ୍ଧା। ଆମେ ବିଶ୍ୱବାସୀ ଏକ ବୃହତ୍ ପରିବାରର ଅନ୍ତେବାସୀ। ତା'ହେଲେ କାହିଁକି ଏ ହିଂସା ଓ ପ୍ରତିହିଂସା। କ'ଣ ପାଇଁ ଆମେ ବିଶ୍ୱବାସୀ ଶାନ୍ତିକାମୀ ନ ହୋଇ ଯୁଦ୍ଧରୂପକ ଅନଳରେ ଝାସଦେଉଛୁ। କେଉଁ ଅଧିକାରରେ ବିଶ୍ୱର ତୁଙ୍ଗନେତା ପରମାଣୁ ଅସ୍ତ୍ରର ଭୟ ଦେଖାଇ ପୃଥିବୀକୁ ଅସ୍ଥିରତା ଭିତରକୁ ଟାଣିନେଉଛନ୍ତି? ଅତୀତରେ ପରମାଣୁ ଯୁଦ୍ଧରେ ବିଶ୍ୱ ଯେପରି ଥରହର ହେଉଥିଲା ଆଜି ଠିକ୍ ସେହିଭଳି ପରିସ୍ଥିତି ସୃଷ୍ଟିହେବାକୁ ଯାଉଛି।



ଏକବିଂଶ ଶତାବ୍ଦୀର ଆରମ୍ଭବେଳକୁ ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ମାତ୍ର ଦୁଇଶହ ପରମାଣୁ ବୋମା ଥିଲାବେଳେ କେବଳ ରୁଷ୍ ନିକଟରେ ପ୍ରାୟ ଦୁଇହଜାର ଅସ୍ତ୍ର ଗଚ୍ଛିତ ଥିଲା। ମାତ୍ର ଆଜି ତାହାର ସଂଖ୍ୟା ଶତଗୁଣ ଅଧିକ। ସମ୍ପୂର୍ଣ୍ଣ ପୃଥିବୀକୁ ଧ୍ୱଂସ କରିବାକୁ ମାତ୍ର ପାଞ୍ଚଟି ଶକ୍ତିଶାଳୀ ବୋମା ଯଥେଷ୍ଟ। ଏକଦା ରୁଷିଆ ରାଷ୍ଟ୍ରପତି ପୁଟିନ୍ କହିଥିଲେ, 'ଆମ ଉପରେ ଆକ୍ରମଣ ହେଲେ ଆମେ ଶହୀଦ ହୋଇ ସ୍ୱର୍ଗକୁ ଯିବୁ; କିନ୍ତୁ ଯେଉଁମାନେ ଆମକୁ ମାରିବେ ସେମାନେ ଘୋର ଦୁର୍ଦ୍ଦଶା ଭୋଗ କରିବେ, କାରଣ ଅନୁତାପ କରିବାକୁ ବି ସେମାନେ ସମୟ ପାଇବେ ନାହିଁ।' ବାସ୍ତବିକ ଯୁଦ୍ଧ ହିଁ ଧ୍ୱଂସ, ନରସଂହାରର ପରିଚୟ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୋଭିଏତ୍ ରୁଷ୍, ଜର୍ମାନୀ ଓ ଇଂଲଣ୍ଡର ଅନେକ ଲକ୍ଷ ସୈନ୍ୟ ଯୁଦ୍ଧକ୍ଷେତ୍ରରେ ମୃତ୍ୟୁବରଣ କରିଥିଲେ। ଏହି ମହାସମରରେ ପ୍ରାୟ ୩୮ ନିୟୁତ ସାଧାରଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହି ଯୁଦ୍ଧ ସମୟରେ କ୍ରମାଗତ ଭାବେ ୧୫୪ ଦିନ ଧରି ବୋମାବର୍ଷଣ ହେବା ସହ ୬୭୦୦ ଟନ୍ ବିସ୍ଫୋରକ ଭୂପୃଷ୍ଠରେ ନିକ୍ଷେପ କରାଯାଇଥିଲା। ବ୍ରିଟେନ୍, ଫ୍ରାନ୍ସ ଓ ପୋଲାଣ୍ଡରେ ସବୁଠାରୁ ବେଶି ପରିମାଣରେ ବୋମା ନିକ୍ଷେପ କରାଯାଇଥିଲା। ତା'ହେଲେ ଆମେ ଚେତିବା କେବେ। ହେ ରାଷ୍ଟ୍ରନେତା! ଜାଣିରଖ, ବର୍ତ୍ତମାନ ଯୁଦ୍ଧ ନୁହେଁ; ଶାନ୍ତି ଓ ସଦ୍‌ଭାବନାର ସହ ଏକମାତ୍ର ଜୀବଧାରୀ ପୃଥିବୀରେ ବସବାସ କରିବାର ସମୟ।

ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଦୀର୍ଘଦିନ ପରେ ଥମି ନ ଥିବା ବେଳେ ଏଣେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଲାଗିଥିବା ଯୁଦ୍ଧ ବିଶ୍ୱ ପାଇଁ ବିପଦ ସୃଷ୍ଟିକଲାଣି। ବିଜ୍ଞାନ ଦୃଷ୍ଟିରୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପୃଥିବୀପୃଷ୍ଠରେ ବାସ କରୁଥିବା କୌଣସି ଜାତିର ହିଂସ୍ର ଜନ୍ତୁ ନିଜ ପ୍ରଜାତିର ଜୀବଙ୍କୁ ବିନା କାରଣରେ ହଠାତ୍ ଏତେସଂଖ୍ୟାରେ କଷ୍ଟଦେଇ ମାରେନାହିଁ, ଯାହା ସଭ୍ୟ ମଣିଷ ଅତି ସହଜରେ ଓ ନିଶ୍ଚିନ୍ତରେ କରିପାରେ। ଏଭଳି ଘଟଣା ସମଗ୍ର ବିଶ୍ୱବାସୀଙ୍କୁ ଲଜ୍ଜିତ କରିଛି। ଅସୁରକ୍ଷିତ ନିରୀହ ମହିଳା, ଶିଶୁ ଏବଂ ବୟସ୍କମାନେ ଏବେ ଏଠାରେ ବଞ୍ଚିବା ପାଇଁ ଯେଉଁଭଳି ବ୍ୟାକୁଳ ହେଉଛନ୍ତି ଏହାଠାରୁ ଅଧିକ ଦୁଃଖଦ ଘଟଣା ଏକବିଂଶ ଶତାବ୍ଦୀରେ ଆଉ କ'ଣ ବା ହୋଇପାରେ।

କଥାରେ ଅଛି–'ବିଶ୍ୱାସ ମୂଳେ ଏ ଜଗତ' ଅର୍ଥାତ୍ ଏହି ପୃଥିବୀ ବିଶ୍ୱାସ ଉପରେ ଆଧାରିତ। ପୃଥିବୀପୃଷ୍ଠରେ ମନୁଷ୍ୟ ଶ୍ରେଷ୍ଠପ୍ରାଣୀ ରୂପେ ବିବେଚିତ। ମନୁଷ୍ୟ ମଧ୍ୟ ଏକ ସଚେତନ ପ୍ରାଣୀ। ମାତ୍ର ମଣିଷକୃତ ଯୁଦ୍ଧ ଯୋଗୁ ଆଜି ବିଶ୍ୱରେ ଅନେକ ଅଞ୍ଚଳରେ ଖାଦ୍ୟ, ଜଳ ଓ ମୃତ୍ତିକା ସଙ୍କଟ ମଣିଷ ତଥା ସମାଜକୁ ଧ୍ୱଂସାଭିମୁଖୀ ଆଡ଼କୁ ଅଗ୍ରସର କରିନେଉଛି। ଫରାସୀ ନୋବେଲ ବିଜେତା ଆଲେକ୍ସିଷ୍ କ୍ୟାରେଲ ୧୯୦୨ରେ ସତର୍କ କରି ଦେଇଥିଲେ। କହିଥିଲେ– ମାଟି ଅସୁସ୍ଥ, ସୁସ୍ଥ ହେବା କଷ୍ଟସାଧ୍ୟ। କାରଣ ରାସାୟନିକ ସାର, କୀଟନାଶକ ବିଷ ଓ ସର୍ବୋପରି ଯୁଦ୍ଧଜନିତ ବୋମା ଓ ଗୁଳିଗୋଳା ବାରୁଦର ଅବଶେଷ ଦ୍ୱାରା ମାଟି ମା' ରୋଗଗ୍ରସ୍ତ।

ଯୁଦ୍ଧ ଆଉ କେତେ କାଳ? ରୁଷିଆ –ୟୁକ୍ରେନ ଓ ପାଲେଷ୍ଟାଇନ–ଇସ୍ରାଏଲ ଯୁଦ୍ଧ ଆଜି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ବଡ଼ ଆହ୍ୱାନ। ଏକବିଂଶ ଶତାବ୍ଦୀରେ ଯେତେବେଳେ ସମଗ୍ର ବିଶ୍ୱ ଆଡ଼କୁ ଅନେକ ପରିବେଶ ପ୍ରଦୂଷଣଜନିତ ବିପତ୍ତି ମାଡ଼ିଆସୁଛି, ସେଥିରୁ ପୃଥିବୀର ବର୍ଦ୍ଧିତ ଜନତାକୁ ଆମେ ସୁରକ୍ଷିତ ରଖିବା ବିଷୟରେ ଚିନ୍ତା ନ କରି ବିସ୍ତାରବାଦୀ ତଥା ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରାରେ କବଳିତ ନେତା ବିକାଶ ଛାଡ଼ି ସମଗ୍ର ବିଶ୍ୱକୁ ଧ୍ୱଂସ କରିବାରେ ବ୍ରତୀ ହେବାଭଳି ମନେହେଉଛି। ଏବେ ଯୁଦ୍ଧ ନୁହେଁ; ଶାନ୍ତି, ସଦ୍‌ଭାବନା ଓ ଭ୍ରାତୃଭାବନା ସହ ରହିବାର ବେଳ। ଏହାକୁ ଯୁଦ୍ଧଖୋର୍ ରାଷ୍ଟ୍ରର ମୁଖ୍ୟ ହୃଦୟଙ୍ଗମ କରିବା ଉଚିତ।

ପରିବେଶ ବିଜ୍ଞାନୀ
ମୋ:୯୪୩୮୬୨୧୩୯୧

# ଈଶ୍ୱରଙ୍କ ସହ ବସବାସ



ଇଂ.ସଚ୍ଚିଦାନନ୍ଦ ନନ୍ଦ

ସୃଷ୍ଟିର ପ୍ରାରମ୍ଭରୁ ମଣିଷ ଈଶ୍ୱରଙ୍କୁ ଅନ୍ୱେଷଣ କରିବା ଆରମ୍ଭ କରିଆସିଛି। ସେମାନେ ପ୍ରକୃତିକୁ ଦେବତା ରୂପେ ପ୍ରାର୍ଥନାକଲେ। ବାୟୁଦେବ, ଅଗ୍ନିଦେବ, ବରୁଣଦେବ, ଇନ୍ଦ୍ରଦେବ, ସୂର୍ଯ୍ୟଦେବ ଓ ଉଷାଦେବୀଙ୍କୁ ପୂଜା ଉପାସନା ଆରମ୍ଭ କରିଥିଲେ। ତତ୍ପରେ ଉପନିଷଦ ଯୁଗ ଆରମ୍ଭ ହେଲା। ଋଷିମୁନିମାନେ ନିଜ ଅନ୍ତର ଭିତରେ ଈଶ୍ୱରଙ୍କୁ ଆବିଷ୍କାର କରିବାକୁ ଧ୍ୟାନ, ସମାଧି ମାର୍ଗ ଅନୁସରଣ କଲେ। ସେମାନେ ଜାଣିବାକୁ ପାଇଲେ ଚେତନା ହିଁ ଜୀବନ। ଏଥିରୁ ବେଦର ମହାମନ୍ତ୍ର ସୃଷ୍ଟି ହେଲା। ପ୍ରଜ୍ଞାନଂ ବ୍ରହ୍ମ ଏହା 'ଅହଂ ବ୍ରହ୍ମାସ୍ମି' ଓ 'ଅୟମ୍ ଆତ୍ମା ବ୍ରହ୍ମ'। 'ତତ୍ତ୍ୱମସି' ବା 'ସେ ଓ ମୁଁ ଏକ' ଶ୍ରୀଙ୍କର ମତ ଦେଇଛନ୍ତି। 'ଜୀବ ବ୍ରହ୍ମୈବ ନାପରଃ'। ଏହାର ଗୂଢ଼ ଅର୍ଥ ଜୀବ ବ୍ରହ୍ମଠାରୁ ପୃଥକ୍ ନୁହେଁ। ପ୍ରଶ୍ନ ଆସେ ଏହି ଆତ୍ମା ବା ବ୍ରହ୍ମକୁ କ'ଣ ଦେଖିପାରିବା। ଆତ୍ମା ଇନ୍ଦ୍ରିୟାତୀତ। ଏହା ପରୀକ୍ଷଣ ଦ୍ୱାରା ସମ୍ଭବପର ନୁହେଁ ବରଂ ଅନୁଭୂତି ଦ୍ୱାରା ଉପଲବ୍ଧ ହୁଏ। ଏହା ସତ୍ୟ ଉପରେ ପ୍ରତିଷ୍ଠିତ। ଅନ୍ୟ ମୂଲ୍ୟବୋଧ ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ସହ ପରୋକ୍ଷ ଭାବେ ବ୍ରହ୍ମ ବା ଆତ୍ମା ଜଡ଼ିତ। ଗୋଟିଏ ପ୍ରତ୍ୟକ୍ଷ ଘଟଣା ଅନୁଧ୍ୟାନ କରିବା।

ଅଯୋଧ୍ୟାର ରାଣୀ କୈକେୟୀ ଭରତଙ୍କୁ ରାଜା କରିବାର ପ୍ରୟାସ କରିଥିଲେ। ମା' ପକ୍ଷରେ ଏହା ସ୍ୱାଭାବିକ, କିନ୍ତୁ ଅପରପକ୍ଷରେ ଭରତ ଶ୍ରୀରାମଙ୍କ ପଦାଙ୍କ ଅନୁସରଣ କରି ଏହାକୁ ପ୍ରତ୍ୟାଖ୍ୟାନ କଲେ। ସେ ଶ୍ରୀରାମଙ୍କୁ ନିଜର ପ୍ରଭୁ ବୋଲି ଚୟନକଲେ। ସେହିପରି ଭକ୍ତ ପ୍ରହ୍ଲାଦଙ୍କୁ ତାଙ୍କ ପିତା ହିରଣ୍ୟକଶିପୁ ସମସ୍ତ ରାଜ୍ୟ ଏକ ସର୍ତ୍ତରେ ଦେବାକୁ କହିଲେ। ଶ୍ରୀନାରାୟଣଙ୍କ ଅପେକ୍ଷା ତାଙ୍କୁ ଶ୍ରେଷ୍ଠ ବୋଲି ମାନିବା ପାଇଁ ପରାମର୍ଶ ଦେଲେ। ସେ ଏଥିରେ ଅରାଜି ଓ ଅସମ୍ମତ ହେଲେ। ସେ ବହୁ ନିର୍ଯ୍ୟାତନା ସହିଲେ ଓ ଶ୍ରୀନାରାୟଣ ସମସ୍ତ ବିପଦରୁ ତାଙ୍କୁ ରକ୍ଷାକଲେ।

ଧ୍ରୁବ ସଂସାର କାମନା ବାସନା ତ୍ୟାଗକରି କେବଳ ଶ୍ରୀବିଷ୍ଣୁଙ୍କ ଶରଣାଗତ ହେଲେ। ସେହିପରି ଲଙ୍କାର ବିଭୀଷଣ ବଡ଼ଭାଇ ରାବଣର ପକ୍ଷ ନ ନେଇ ଶ୍ରୀରାମଙ୍କ ଶରଣାପନ୍ନ ହେଲେ। ଏସବୁ ପୁରୁଣା କଥା। ଏବେ ମଧ୍ୟ କଳିଯୁଗରେ ମୀରାବାଈ ନିଜ ସ୍ୱାମୀ ରାଣଙ୍କ ବାରଣ ନ ମାନି କାହ୍ନାଙ୍କୁ ଜୀବନର ସର୍ବସ୍ୱ ମାନିଥିଲେ। ଏମାନେ ସମସ୍ତେ ଈଶ୍ୱରଙ୍କ ସହ ଜୀବନ ଅତିବାହିତ କରିବାକୁ ଶ୍ରେୟସ୍କର ମନେକଲେ। ଦ୍ୱାପରରେ ଅର୍ଜୁନ ନାରାୟଣୀ ସେନା ପରିବର୍ତ୍ତେ ଅସ୍ତ୍ରବିହୀନ ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷରେ ଗ୍ରହଣ କଲେ। ପାଣ୍ଡବମାନେ ପ୍ରଥମେ ଈଶ୍ୱର, ଦ୍ୱିତୀୟରେ ରାଜ୍ୟ ପ୍ରଜାଗଣ ଓ ସର୍ବଶେଷରେ ନିଜର ସ୍ୱାର୍ଥ ଉପରେ ଦୃଷ୍ଟିଦେଇଥିଲେ। ଗୋପୀମାନେ ମହର୍ଷି ନାରଦଙ୍କୁ ପାଦ ନ ଥିବା ଶ୍ରୀକୃଷ୍ଣଙ୍କ ଫଟୋଚିତ୍ର ଦେଖାଇଲେ। ଏହାର କାରଣ ପାଦ ଥିଲେ ସେ ହୁଏତ ଅନ୍ୟତ୍ର ଚାଲିଯିବେ ବୋଲି ଗୋପୀମାନେ କହିଲେ। ତେବେ ପ୍ରଭୁଙ୍କ ସହ ରହିବା ପାଇଁ ୩ଗୋଟି ସୋପାନ ଅଛି। ପ୍ରଥମେ 'ମୁଁ ତୁମର'। ଦ୍ୱିତୀୟ ସ୍ତରରେ 'ତୁମେ ମୋର'। ସେହିପରି ତୃତୀୟ ସ୍ତରରେ 'ତୁମେ ଓ ମୁଁ ଏକା'। ଶେଷରେ ଜୀବ ଓ ବ୍ରହ୍ମର ମିଳନ ହୁଏ। ଈଶ୍ୱରଙ୍କ ପ୍ରିୟ ହେବାକୁ ଚେଷ୍ଟା କରିବା ପାଇଁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର କହିଛନ୍ତି, 'ମୁଁ ତୁମକୁ ଚାହେଁ – ଖାଲି ଚାହେଁ ମୁଁ ତୁମକୁ' ଏକଥା ଧ୍ୱନିତ ହେଉ ଅନ୍ତରରେ ମୋର। ଅନ୍ୟ ଲେଖକମାନେ କହନ୍ତି, 'ଆଉ କିଛି ନୁହେଁ, ଈଶ୍ୱରଙ୍କ ଆବଶ୍ୟକତା ଅଛି'। ସେହିପରି ଈଶ୍ୱରଙ୍କୁ ଏକାନ୍ତରେ ପ୍ରେମ କରିବା, ତୃତୀୟରେ କୌଣସି ଜ୍ଞାନ ନୁହେଁ ଈଶ୍ୱରଙ୍କ ଜ୍ଞାନ ଆବଶ୍ୟକ। ଶେଷରେ ଆଉ କିଛି ପ୍ରାପ୍ତି ନୁହେଁ, ଈଶ୍ୱରପ୍ରାପ୍ତି ହିଁ ଏକାନ୍ତ ଆବଶ୍ୟକ। ଏକଦା କେତେଜଣ ଆମେରିକୀୟ ନାଗରିକ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍‌ଙ୍କୁ କହିଲେ, ଈଶ୍ୱର ଆମ ପକ୍ଷରେ ଅଛନ୍ତି। ଆବ୍ରାହମ ଏହାର ଉତ୍ତରରେ କହିଲେ, ''ଆମ୍ଭେମାନେ ଈଶ୍ୱରଙ୍କ ପକ୍ଷରେ ଅଛନ୍ତି ତ? ଭଗବାନଙ୍କ ସହ ବସବାସ ପାଇଁ ଆଜ୍ଞାଧୀନତା ଦରକାର।'' ଏହାକୁ ସତ୍ୟସାଇ ବାବା କହନ୍ତି, ''ମୁନିବର ଆଦେଶ ମାନ।'' ଏହାକୁ ଉପଲବ୍ଧି କରିବା ପାଇଁ ପ୍ରତ୍ୟେକ ମୁହୂର୍ତ୍ତ ଈଶ୍ୱରଙ୍କୁ ସ୍ମରଣ କରାଯାଉ ଓ ପ୍ରତ୍ୟେକ ମିନିଟ୍ ପ୍ରାର୍ଥନା ଚାଲୁରହୁ ଓ ସଦାସର୍ବଦା ତାଙ୍କ ନିକଟରେ ସମର୍ପଣ ଭାବ ଜାଗ୍ରତ ହେଉ। ଏହି ପଥ ହିଁ ଶ୍ରେଷ୍ଠ। ଜୀବନକୁ ଶ୍ରୀଚରଣରେ ଶ୍ରୀରାଧାଙ୍କ ପରି ଅର୍ପଣ କରିଦିଅ। ଈଶ୍ୱରଙ୍କ ମଧ୍ୟରେ ସଚରାଚର ଜଗତ ଓ ନିଜ ଅନ୍ତର ମଧ୍ୟରେ ତାଙ୍କୁ ଦର୍ଶନ କରିବାକୁ ଉପନିଷଦ ଓ ଗୀତା କହିଥାଏ।

ଅଲିଶା ବଜାର, କଟକ
ମୋ: ୯୩୩୭୨୪୨୯୫୫

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ପା କର ଉପହାସ ହେ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ!
–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀ–ଗୋଦାବରୀ ନଦୀ ସଂଯୋଗୀକରଣ ହେଉ

ମହାଶୟ,

ରାଜ୍ୟ ସରକାର ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନାରେ ମହାନଦୀ –ଗୋଦାବରୀ ନଦୀ ସଂଯୋଗୀକରଣ ପାଇଁ ଜଳ ବିକାଶ ସଂସ୍ଥା ଦ୍ୱାରା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ ସମୟରେ ୧୯୮୨ରେ ମହାନଦୀ ଅବବାହିକାରେ ପ୍ରବଳ ବନ୍ୟାହେବା ପରେ ତତ୍କାଳୀନ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ମହାନଦୀ–ଗୋଦାବରୀ ନଦୀ ସଂଯୋଗୀକରଣ ସଂକ୍ରାନ୍ତୀୟ ଅନୁରୂପ ଘୋଷଣା କରିଥିଲେ। ଏହି ଘୋଷଣା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ ବିଭିନ୍ନ ଯୁକ୍ତି ବାଢ଼ି ଉଲ୍ଲେଖ କରିଥିଲେ ଯେ ଭୌଗୋଳିକ, ଅର୍ଥନୈତିକ ଓ ରାଜନୈତିକ କାରଣରୁ ଏହା ଏକ ଅବାସ୍ତବ ଯୋଜନା ଓ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ। ଅନେକ ରାଜନେତା, ପ୍ରଶାସକ ଓ ବିଶେଷଜ୍ଞ ତାଙ୍କ ଯୁକ୍ତିକୁ ଖଣ୍ଡନକରିଥିଲେ। ଏଣୁ ଏପରି ଏକ ମହତ୍ତ୍ୱାକାଂକ୍ଷା ଯୋଜନା ସମ୍ପର୍କରେ ବିଶେଷଜ୍ଞମାନଙ୍କ ପକ୍ଷରୁ ବ୍ୟାପକ ବିଚାରବିମର୍ଶ କରାଯିବା ଉଚିତ। ଏହା ସମ୍ଭବ ହେଲେ ବନ୍ୟା ଆଶଙ୍କା ଦୂର ହେବା ସହ କୃଷିରେ ବ୍ୟାପକ ବିକାଶ ଘଟିବ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅବକାରୀ ବିଭାଗର କ୍ୟୁଆର୍ କୋଡ୍ ଯାଞ୍ଚ ଅଭିଯାନ

## ନକଲି ବିଦେଶୀ ମଦ କାରବାର ରୋକିବା ନିମନ୍ତେ ପଦକ୍ଷେପ

ରାଉରକେଲା,୧୮।୯(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ଅବକାରୀ ବିଭାଗ ସହରରେ ନକଲି ବିଦେଶୀ ମଦ କାରବାର ରୋକିବା ନିମନ୍ତେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସହରରେ ନକଲି ଏବଂ ଭେଜାଲ ବିଦେଶୀ ମଦ ଯୋଗୁ ଯେମିତି କୌଣସି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟହାନୀ ନ ଘଟେ ଏବଂ ସରକାରଙ୍କର ଅବକାରୀ ରାଜସ୍ୱ ହାନୀ ନ ହୁଏ, ସେଥିପାଇଁ ରାଉରକେଲା ଅବକାରୀ ବିଭାଗ ତତ୍ପର ହୋଇପଡ଼ିଛି। ରାଉରକେଲା ଅବକାରୀ ଅଧୀକ୍ଷକ ଶେଖ ଅସରଫ ଅଲ୍ଲୀ ସହରରେ ନକଲି ବିଦେଶୀ ମଦ କାରବାର ବନ୍ଦ କରିବା ପାଇଁ ବିଭାଗକୁ ଦେଇଛନ୍ତି କଡା ନିର୍ଦ୍ଦେଶ। ଅଧୀକ୍ଷକଙ୍କର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଡିଏସ୍ଇ ଅର୍ଚ୍ଚନା ବାରିକ ଏବଂ ତାଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଅବକାରୀ ଟିମ୍ ଏନେଇ ରାଉରକେଲା ସହରର ସମସ୍ତ ବିଦେଶୀ ମଦ ଦୋକାନରେ ଆରମ୍ଭ କରିଛନ୍ତି ବିଦେଶୀ ମଦ ବ୍ରାଣ୍ଡ ବୋତଲରେ ରହିଥିବା କ୍ୟୁଆର କୋଡ୍ ଯାଞ୍ଚ। ବିଦେଶୀ ମଦ ଦୋକାନ ସେଲ ରେଜିଷ୍ଟର ସହିତ ବିକ୍ରି ବିଦେଶୀ ମଦ ବ୍ରାଣ୍ଡ ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯାନ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ସମଗ୍ର ଜିଲାରେ ହେବ। ଅଭିଯାନ ସହରର ୫ଟି ବିଦେଶୀ ମଦ ଦୋକାନରୁ ଆରମ୍ଭ କରି ବିକ୍ରି ଚାଲିଥିବା ବିଦେଶୀ ମଦ ବୋତଲରେ ଲିପିବଦ୍ଧ କ୍ୟୁଆର କୋଡ୍ ଯାଞ୍ଚ କରାଯାଇଛି। ଏହା ସହିତ ଅବକାରୀ ବିଭାଗ ପକ୍ଷରୁ କାଗଜପତ୍ରଗୁଡିକର ତନ୍ନତନ୍ନ କରି ଛାନଭିନ୍ନ କରାଯାଇଛି। ବିଭାଗ ପକ୍ଷରୁ ବିଦେଶୀ ମଦ ଦୋକାନଗୁଡ଼ିକରେ ଉପଲବ୍ଧ ସମସ୍ତ ପ୍ରକାର ବିଦେଶୀ ମଦ ବ୍ରାଣ୍ଡର ମଧ୍ୟ ଯାଞ୍ଚ କରାଯାଇଥିଲା। ବିଭାଗ ପକ୍ଷରୁ ଯୋଜନା ମୁତାବକ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରାଯାଇ ବିଦେଶୀ ମଦ ଦୋକାନରେ କ୍ୟୁଆର କୋଡ୍ ଯାଞ୍ଚ ଅଭିଯାନ ଓ କାଗଜପତ୍ର ଯାଞ୍ଚ କରିବା ଆରମ୍ଭ ହୋଇଛି। ଯାଞ୍ଚ ହୋଇଥିବା ବିଦେଶୀ ମଦ ଦୋକାନ ହେଲା, ରାଉରକେଲା ଗାନ୍ଧୀ ରୋଡ ସ୍ଥିତ ବିଦେଶୀ ମଦ ଦୋକାନ, ବିଶ୍ରା ନଂ.୧ ବିଦେଶୀ ମଦ ଦୋକାନ, ପାନପୋଷ ଛକ ବିଦେଶୀ ମଦ ଦୋକାନ, ଲୁଙ୍ଗେଇ ବିଦେଶୀ ମଦ ଦେକାନ ଓ ସେକ୍ଟର-୧୯ ବିଦେଶୀ ମଦ ଦୋକାନ। ଗଠିତ ସ୍ୱତନ୍ତ୍ର ଟିମ୍ ଡିଏସଇ ଅର୍ଚ୍ଚନା ବାରିକଙ୍କର ଦ୍ୱାରା ପରିଚାଳିତ ହୋଇଥିବା ବେଳେ ରାଉରକେଲା ଅବକାରୀ ଥାନାଧିକାରୀ ମୋହନ ପ୍ରଧାନ ସ୍ୱତନ୍ତ୍ର ଟିମ୍‌ର ନେତୃତ୍ୱ ନେଇଥିଲେ। ଅବକାରୀ ବିଭାଗର ଏହି ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟାରେ ବିଭାଗର ଆକାଶ ସାହୁ, ଇଦନିସ ହୁସେନ, ଲକ୍ଷ୍ମୀ ପଣ୍ଡା, ଜେମାମଣୀ କିଷାନ, ଶ୍ରୀନିବାସ ବିଶୋୟୀ, ଦିଲ୍ଲୀପ କୁମାର ପାତ୍ର, ରେନୁ କିରା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ଅଭିଯାନ ନେଇ ଡିଏସଇ ଅର୍ଚ୍ଚନା ବାରିକ କହିଛନ୍ତି, ନକଲି ବିଦେଶୀ ମଦ ବେପାର ଉପରେ ସମ୍ପୂର୍ଣ୍ଣ ବ୍ରେକ ଲଗାଇବା ପାଇଁ ଏହି ଅଭିଯାନ ଚାଲିଛି। ଭୁବନେଶ୍ୱରର ଅବକାରୀ ବିଭାଗ ଅନୁମୋଦିତ ଏକ ବିଦେଶୀ ମଦ ଦୋକାନରେ ଏଭଳି ଏକ ସଙ୍ଗୀନ ମାମଲା ଘଟିସାରିଛି। ଯେଉଁଠାରେ ନକଲି ବିଦେଶୀ ମଦ କାରବାର ଚାଲିଥିବା ପ୍ରମାଣ ହୋଇଛି। ଏଣୁ କରି ଏହି ଘଟଣା ଯେଭଳି ରାଉରକେଲା ଅବକାରୀ ଜିଲାରେ ନ ଘଟେ ସେଥିପାଇଁ ଏହି ଅଭିଯାନ ଜିଲାର ସମସ୍ତ ବିଦେଶୀ ମଦ ଦୋକାନ ଉପରେ କାର୍ଯ୍ୟକାରୀ ହେବ ବୋଲି କହିଥିଲେ।



ରାଉରକେଲାରେ ଏକ ବିଦେଶୀ ମଦ ଦୋକାନରେ କ୍ୟୁଆର କୋଡ୍ ଯାଞ୍ଚ କରୁଛନ୍ତି ଅବକାରୀ ବିଭାଗର ଅଧିକାରୀ।

# ବିଏମ୍ଏସ୍ ପକ୍ଷରୁ ରାଷ୍ଟ୍ରୀୟ ଶ୍ରମ ଦିବସ




ସେକ୍ଟର-୪ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ।

ରାଉରକେଲା,୧୮।୯(ସଙ୍ଗୀତା ଜେନା)

ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆ।ର୍‌ଆ।ଇକେକେଏସ୍) କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଶ୍ରମ ଦିବସ ମହାସମାରୋହରେ ମଙ୍ଗଳବାର ପାଳିତ ହୋଇଯାଇଛି। ଆରଆଇକେକେଏସ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେନ୍ଦ୍ର କଂସାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଏମ୍ଏସ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେନ୍ଦ୍ରନାଥ ମହାନ୍ତି ଅତିଥି ଭାବେ ଯୋଗଦେଇ କହିଲେ, ପ୍ରତ୍ୟେକ ବର୍ଷ ଭାରତର କୋଣଅନୁକୋଣରେ ସେପ୍ଟେମ୍ବର ୧୭ରେ ବିଶ୍ୱକର୍ମା ଜୟନ୍ତୀ ପାଳନ କରାଯାଇଥାଏ। ସେ ହେଉଛନ୍ତି ତ୍ୟାଗର ପ୍ରତୀକ। ବିଶ୍ୱକର୍ମାଙ୍କ ପୁତ୍ର ବୃତ୍ତାସୁର ଆଚରଣରେ ସମସ୍ତେ ଅତିଷ୍ଠ ହୋଇପଡ଼ିଥିଲେ। ସମସ୍ତ ଦେବତା ବ୍ରହ୍ମାଙ୍କ ଶରଣରେ ପଶିଥିଲେ। ବ୍ରହ୍ମା ଦଧୀଚି ଋଷିଙ୍କ ଅସ୍ଥିରେ ବିଶ୍ୱକର୍ମାଙ୍କୁ ବଜ୍ର ନିର୍ମାଣ କରି ଇନ୍ଦ୍ରଦେବଙ୍କୁ ଅସୁରଙ୍କୁ ମାରିବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱକର୍ମା ପିତାଧର୍ମ ତ୍ୟାଗ କରି ବିଶ୍ୱ ପାଇଁ ଧର୍ମ ନିର୍ବାହ କରିଥିଲେ। ପରେ ବୃତ୍ତାସୁରକୁ ବଧ କରାଯାଇଥିଲା ବୋଲି ମହାନ୍ତି ଅବଲୋକନ କରିଥିଲେ। ସେହିପରି ଆର୍‌ଆଇକେକେଏସ୍ ସାଧାରଣ ସମ୍ପାଦକ ହିମାଂଶୁ ବଳ ଆଦିଶିଳ୍ପୀ ବିଶ୍ୱକର୍ମା ଶ୍ରମିକଙ୍କ ଅଗ୍ରପୂଜ୍ୟ। ବିଏମ୍ଏସ୍ ଏହାର ସ୍ଥାପନା ଦିବସ ବିଶ୍ୱକର୍ମା ଜୟନ୍ତୀକୁ ରାଷ୍ଟ୍ରୀୟ ଶ୍ରମ ଦିବସ ଭାବେ ପାଳନ କରିଆସୁଛି ବୋଲି ବଳ କହିଥିଲେ। ଆଗାମୀ ଦିନରେ ଶ୍ରମିକ ନିର୍ବାଚନ ହେବାକୁ ଯାଉଛି। ଏଥିରେ ଶ୍ରମିକ ସହଯୋଗ ଦରକାର ବୋଲି କୁହାଯାଇଥିଲା। ଆର୍‌ଆଇକେକେଏସ୍ ଉପସଭାପତି ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ପ୍ରତିଷ୍ଠା ହେଲା ବିଦ୍ୟୁତ୍ ଶକ୍ତି ନିୟନ୍ତ୍ରଣ ପଦ୍ଧତି କେନ୍ଦ୍ର

ରାଉରକେଲା,୧୮।୯(ବିପ୍ଳବ ରଞ୍ଜନ ଦାଶ)

## ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ କେନ୍ଦ୍ର ପ୍ରତିଷ୍ଠା

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ରାଉରକେଲା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିରବଛିନ୍ନ ଓ ଦୀର୍ଘସ୍ଥାୟୀ ବିଦ୍ୟୁତ୍ ସେବା ପ୍ରଦାନ କରିବା ନେଇ ରାଉରକେଲା ସହରରେ ପ୍ରଥମ କରି ଏକ ବିଦ୍ୟୁତ୍ ଶକ୍ତି ନିୟନ୍ତ୍ରଣ ପଦ୍ଧତି କେନ୍ଦ୍ର (ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର) ବୁଧବାର ପ୍ରତିଷ୍ଠା ହୋଇଯାଇଛି। ବିଦ୍ୟୁତ୍ ସେବା ଜନିତ ପ୍ରତିବଦ୍ଧତାକୁ ଗ୍ରହଣ କରି ଏହି ପଦକ୍ଷେପକୁ ଗ୍ରହଣ କରିଛି ଟିପିଡବ୍ଲ୍ୟୁଓଡିଏଲ। ରାଉରକେଲାରେ ପ୍ରତିଷ୍ଠିତ ହୋଇଥିବା ଏହି ଜନ ହିତୈଶି କେନ୍ଦ୍ରକୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଓ କମ୍ପାନୀର ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲର ଏହି ଅତ୍ୟାଧୁନିକ ପଦକ୍ଷେପ ଅତ୍ୟାଧୁନିକ ଜ୍ଞାନକୌଶଳାଦିରେ ଡିଜାଇନ ହୋଇଥିବାବେଳେ କମ୍ପାନୀର ବିଦ୍ୟୁତ୍ ପରିଚାଳନା ଦକ୍ଷତାରେ ଅଭିବୃଦ୍ଧି ଆଣିବା ସହିତ ରାଉରକେଲା ସ୍ମାର୍ଟ ସିଟି ତଥା ସୁନ୍ଦରଗଡ଼ ଜିଲାର ପ୍ରାୟ ୪.୫ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପ୍ରଦାନ କରିବାରେ ସହାୟକ ସାବ୍ୟସ୍ତ ହେବ। ଏହି ନୂତନ ପଦ୍ଧତି ବିଦ୍ୟୁତ୍ ଯୋଗାଣ ତଦାରଖ ଓ ପରିଚାଳନା ପାଇଁ ସ୍ନାୟୁ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଯାହାଦ୍ୱାରା ବିଦ୍ୟୁତ୍‌ଜନିତ ବିଭ୍ରାଟ ସ୍ଥାନ ଠିକ ଭାବେ ନିର୍ଦ୍ଧାରଣ ଓ ସକ୍ଷମ କରିବାରେ ସହଯୋଗୀ ହେବ। ଏହି ସିଷ୍ଟମ ରାଉରକେଲା ତଥା ସୁନ୍ଦରଗଡ଼ ଜିଲାରେ ବିଦ୍ୟୁତ୍ ଯୋଗାଣର ତ୍ୱରିତ ପୁନରୁଦ୍ଧାର ପାଇଁ ପଥ ପ୍ରଦର୍ଶକ ସାଜିବ। କେନ୍ଦ୍ରଟି ଅତ୍ୟାଧୁନିକ ସିଷ୍ଟମ ଜିଆଇଏସ ସହିତରେ ଅଟୋମେସନ ପଦ୍ଧତି ଓ ତାଲିମପ୍ରାପ୍ତ କର୍ମଚାରୀଙ୍କ ସହ ସୁସଜ୍ଜିତ ରହିଛି। ଯାହା ରାଉରକେଲା ବିଦ୍ୟୁତ୍ ମଣ୍ଡଳରେ ସମସ୍ତ ୧୧କେଭି ଏବଂ ଏଲ.ଭି ପରିଚାଳନା ଉପରେ ନଜର ରଖିବ ବୋଲି ପ୍ରବୀଣ ବର୍ମା ଉଲ୍ଲେଖ କରିବା ସହିତ ଖୁସିବ୍ୟକ୍ତ କରିଥିଲେ। ତେବେ ଏହି ନୂତନ ସିଷ୍ଟମ ନା କେବଳ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବ ତାହା ନୁହେଁ ବରଂ ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ଅଭିଯୋଗ ତଥା ଆବଶ୍ୟକତାରେ ତୁରନ୍ତ ପ୍ରତିକ୍ରିୟା ପ୍ରଦାନରେ କମ୍ପାନୀଙ୍କୁ ସଶକ୍ତ କରିବ।



ବିଦ୍ୟୁତ୍ ଶକ୍ତି ନିୟନ୍ତ୍ରଣ ପଦ୍ଧତି କେନ୍ଦ୍ରକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଉଦ୍‌ଘାଟନ କରୁଛନ୍ତି।

## ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ରାଉରକେଲା,୧୮।୯(ବିପ୍ଳବ ରଞ୍ଜନ ଦାଶ): ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ତରଫରୁ ମହାବିଦ୍ୟାଳୟ ପରିସରରେ ବୁଧବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂସ୍କାର ଅନୁଷ୍ଠାନ ଓ ନେହେରୁ ଯୁବକେନ୍ଦ୍ର ଆଞ୍ଚଳିକ ସଂଯୋଜକ ଡ. ଅମୂଲ୍ୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋସ୍ନାରାଣୀ ଦାସ ତଥା ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କଲ୍ୟାଣସେବା ଆଶ୍ରମ, ମହାବିଦ୍ୟାଳୟ ଯଜ୍ଞମଣ୍ଡପ ପରିସର ଓ ମୁଖ୍ୟ ଫାଟକ ପାର୍ଶ୍ୱସ୍ଥ ସଫେଇ କରିଥିଲେ। ଏଥିସହ ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସଚେତନତା ଭିତ୍ତିକ ନାରାବାଜୀରେ ସ୍ୱଚ୍ଛ ପରିବେଶ-ସୁସ୍ଥ ପରିବେଶ ବଜାୟ ରଖିବା ନାରା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. କାଳୀକିଙ୍କର ପଣ୍ଡା, ସୁରେଶ ଚନ୍ଦ୍ର ଭୋଇ, ଶ୍ୟାମାମାଳା ଦାସ, ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ସାମିଲ ରହି ବିଶେଷ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ମାସ ୨ତାରିଖ ଯାଏଁ ଜାରି ରହିବ।



# ସେଲ୍ ବୋନସ୍ ବୈଠକ ଅକ୍ଟୋବର ୧ରେ

ରାଉରକେଲା, ୧୮।୯ (ସଙ୍ଗୀତା ଜେନା)

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ଆନୁଆଲ୍ ପରଫରମାନ୍ସ ଲିଙ୍କଡ୍ ଇନେଷ୍ଟେଟିଭ୍ ସ୍କିମ୍ (ଏଏସ୍ପିଏଲଆଇଏସ୍)ର ବୈଠକ ଆସନ୍ତା ଅକ୍ଟୋବର ୧ ତାରିଖ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସେଲ୍‌ର ରାଉରକେଲା ଇସ୍ପାତ କାରଖାନା ସମେତ ବିଭିନ୍ନ ୟୁନିଟ୍‌ରେ ସକ୍ରିୟ ଶ୍ରମିକ ସଙ୍ଗଠନର ନେତୃମଣ୍ଡଳୀ ଯୋଗଦେବେ। ଏ ନେଇ ବୁଧବାର ସେଲ୍‌ର ଦିଲ୍ଲୀ ମୁଖ୍ୟାଳୟରୁ ସୂଚନା ଜାରି ହୋଇଛି।

# ଆର୍‌ଏସ୍‌ପି କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା, ୧୮।୯(ସଙ୍ଗୀତା ଜେନା): ଟାଙ୍ଗରପାଲୀ ଥାନା ଅନ୍ତର୍ଗତ ଦକ୍ଷିଣ ରାଉରକେଲା ଉତ୍କଳନଗରରେ ରହୁଥିବା ଜଣେ ଆର୍‌ଏସ୍‌ପି କର୍ମଚାରୀ ଅଜୟ ମୁଣ୍ଡା (୩୨)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘରୁ ମଙ୍ଗଳବାର ରାତିରେ ଜବତ କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବୁଧବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।


## ODISHA JOINT ENTRANCE EXAMINATION - 2024 (OJEE - 2024)

No.: OJEE/499 — Date: 18.09.2024

NOTICE FOR OJEE COUNSELLING FOR (PG-MD/MS) COURSES OF AYURVEDA & HOMOEOPATHY STREAMS FOR THE ACADEMIC SESSION 2024-2025

No. h-09: The Counselling and Admission Process for all State Quota seats under (PG-MD/MS) Courses of Ayurveda & Homoeopathy streams for the academic session 2024-2025 session of all the Govt. Ayurvedic and Homoeopathic Colleges of Odisha will **start from 20.09.2024** through web-counselling. Candidates interested for admission to (PGMD/MS) courses must have qualified in AIAPGET-2024. Only natives of Odisha are eligible for all State Quota seats.

For more information and other details, please visit OJEE website **(www.ojee.nic.in)**.

Sd./- CHAIRMAN, OJEE
OIPR-44026/11/0009/2425



## झारखण्ड सरकार, ग्रामीण कार्य विभाग
कार्यपालक अभियंता का कार्यालय
कम्बाईण्ड बिल्डिग, प्रथम तल्ला, एल०सी० रोड, धनबाद

ई-अल्पकालीन निविदा आमंत्रण सूचना

ई–निविदा संख्या:- 18/RWD/DHANBAD/24-25 — दिनांक :- 18.09.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| 1 | RWD/DHANBAD/ /12/24-25 | टुण्डी | कुबरीटॉड़ बजरंगबली मंदिर से कारीटॉड़ तक पथ निर्माण कार्य (लम्बाई –2.200 कि0मी0) | 231.149 | दो करोड़ एकतीस लाख चौदह हजार नौ सौ | 12 माह | प्रथम |
| 2 | RWD/DHANBAD/ /13/24-25 | टुण्डी | गोविन्दपुर–गिरिडीह मुख्य पथ से आमबगान विरामपुर होते मोहनाद आर0ई0ओ0 रोड तक पथ निर्माण (लम्बाई –5.40 कि0मी0) | 705.384 | सात करोड़ पाँच लाख अड़तीस हजार चार सौ | 18 माह | प्रथम |
| 3 | RWD/DHN/07/24-25 | निरसा | यशपुर भदड़ तालाब से श्मशान घाट तक पथ निर्माण कार्य (लम्बाई 1.00 कि0मी0) | 75.916 | पचहत्तर लाख एकानवे हजार छह सौ | 06 माह | प्रथम |

2. वेबसाईट में निविदा प्रकाशन की तिथि:– 21.09.2024
3. ई–निविदा प्राप्ति की अंतिम तिथि एवं समय:– 30.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय:– 04.10.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन–826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद

PR 335936 Rural Work Department (24-25)_D



GOVERNMENT OF ODISHA — No.MM-159:
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, BARIPADA FOREST DIVISION-757001
e-mail:dfo.baripada@odisha.gov.in, dfobaripada.od@gmail.com
Bid Identification No.DFO, BPD 02/2024-25 dated 17.09.2024

NOTICE INVITING TENDER

| Sl. No. | Name of the Work | Details |
|---|---|---|
| 1 | Purpose of the Tender | Procurement of various items for newly constructed RCCF Office building at Manchabandha |
| 2 | Estimated Cost | Based on fund allocation |
| 3 | Date and Time of availability of the bid document | 20.09.2024 to 29.09.2024 |
| 4 | Last date/time for receipt of bids in the portal | Upto 5.00 PM of 29.09.2024 |
| 5 | Date and time of bid opening | 11.00 hour on 30.09.2024 |
| 6 | Name and address of the officer inviting bid | Divisional Forest Officer, Baripada Forest Division,Pin-757001 |

Further details can be found in the Detailed Notice Inviting Tenders, available on the website https://mayurbhanj.odisha.gov.in corrigendum if any, shall only be published on the above website.

Sd./- Divisional Forest Officer
Baripada Forest Division
OIPR-08065/11/0002/2425



OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I: CUTTACK
E-mail Id:eepwdcuttack@gmail.com, Tel/Fax.No.(0671)-2304128
GOVERNMENT OF ODISHA
('e' Procurement Notice)
Bid Identification No.S.E. CTC (R&B)-23 of 2024-25

TENDER CALL NOTICE

No.B-297:1.The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Road works as mentioned below.

2. No. of Work : 01 No.
3. Nature of Work : Building Work
4. Class of Contractor : "C" & "B"
5. Tender Paper Cost : Rs.6000/- (Online)
6. Available of bid documents in the website : From 21.09.2024 to 5 PM of 04.10.2024
7. Date of Opening of Bid : 11 AM of 05.10.2024
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. P.K. Majhi)
Superintending Engineer
Cuttack (R&B) Division No.I
OIPR-34091/11/0024/2425



## झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका

अल्पकालीन ई–प्रोक्योरमेंट सूचना
ई–निविदा प्रसंग सं0 :–RCD/FSD /AP/ DUM/11 /2024-25
दिनांक:–18.09.2024

| | | |
|---|---|---|
| 1. | कार्य का नाम | Detailed Project Report for construction of Detailed Project Report for construction of (A) PWD road from Karoun-Dubemanda (Patwar more) PWD road to Govindpur - Tarapur via-Bhatuwadi-Jant-Danarbad through Dumartar more (B) Rohini more to Patardih to Malpur more missing link in Deoghar under road division Deoghar in the State of Jharkhand. |
| 2. | अनुमानित लंबाई (मीटर) | 15.40 कि०मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 20.09.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 04.10.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 07.10.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका

PR 335897 Road(24-25).D



## ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୮ ତାରିଖ: ୧୭।୦୯।୨୦୨୪

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। କ୍ର.ସଂ. ୧, ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୧୮। ନିଲାମ ତାରିଖ: ୦୩।୧୦।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଣ୍ଟିକା। ନିଲାମ ସମାପ୍ତି ସମୟ: ୧୨.୧୦ ଘଣ୍ଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-623) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



OFFICE OF THE DHENKANAL MUNICIPAL COUNCIL, DHENKANAL — No.C-617
E-Procurement Notice
Tender Call Notice No.3800/DKLMPLTY/Date:18.9.2024

1. Name of the Work : Individual Civil Construction Work Published the website.
2. No. of Works put to tender : 11 Nos. individual works
3. Estimated Cost : Rs.2.28 Lakhs to 20.0 Lakhs
4. Period of Completion : 30 days
5. Date and Time of availability of bid document in the portal : From 11.00 hours of Dt.19.09.2024 to 17.30 hrs of Dt.25.09.2024
6. Last date/time for receipt of bids : 17.30 hours of Dt.25.09.2024
7. Date and Time of Opening of Bid : 11.00 hours of Dt.26.09.2024
8. Name and Address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-Procurement portal **https://tenderodisha.gov.in.**

Sd./- Executive Officer
Dhenkanal Municipality
OIPR-13146/11/0014/2425



OFFICE OF THE PROJECT DIRECTOR, WATERSHEDS, GANJAM, BERHAMPUR
QUOTATION CALL NOTICE
No.1734, Dated 16.09.2024

**No.L-62:**As per provisions outlined in the Office Memorandum No. 22924/F., FIN-COD-MV-0004-2018, Dtd. 14.08.2023 of Government of Odisha Finance Department Sealed quotations/tenders are invited from interested reputed Travel Agencies/ Tour Operators/ Private individuals for providing one nos. of AC Petrol/Diesel driven vehicle having sitting capacity not more than 7(seven) including driver, which shall conform to the Terms & Conditions ( Appendix -A) for official use in O/o Project Director, Watersheds, Ganjam, Berhampur on monthly rent basis:

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, Proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. The engagement and employment of Drivers and payment of wages to them as per existing provisions of various labour laws and regulation is the sole responsibility of the Travel Agency and any breach of such laws or regulations shall be deemed to be breach of this contract.
7. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the **Project Director, Watersheds, Ganjam, Berhampur** and submitted along with the tender as security deposit. After completion of tender process, the amount will be refunded to unsuccessful bidders.
8. The monthly rate of hire charge be quoted separately in the general bid information(Excluding fuel and lubricants).
9. The vehicle must achieve a fuel efficiency of 10 K.M per Litre.
10. The details of the make and year of manufacture of the vehicle , registration no., mileage (KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with Quotation/Tender(Annexure-B).
11. In view of pollution is being high, Preference will be given to BS-VI emission compliant vehicles (New)
12. The Quotation completed in all respect should reach the undersigned on or before 26.09.24 by 5.00 P.M and shall be opened on the same day at 27.09.24, 4.00 P.M in presence of the bidders or their authorised representatives.
13. The application form of quotation containing General Bid Information & Terms and conditions for Hiring of Vehicles etc. will be available with ________ of the O/o of the Project Director, Watersheds, Ganjam, Berhampur on payment of Rs.1000/- (Rupees One Hundred) only towards the cost of application along with the application.

Sd./- Project Director, Watersheds
Ganjam, Berhampur
OIPR-08168/11/0007/2425

## ସଂକ୍ଷେପରେ

### ଆମେରିକାରେ ଟ୍ରମ୍ପ୍‌ଙ୍କୁ ଭେଟିବେ ମୋଦି

ୱାଶିଂଟନ, ୧୮।୯

ଆସନ୍ତା ୨୧ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଦିନିଆ ଆମେରିକା ଗସ୍ତ କରିବେ। ଏହି ଅବସରରେ ସେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିବେ। ବୁଧବାର ଟ୍ରମ୍ପ୍ ଏନେଇ ସୂଚନା ଦେଇଛନ୍ତି। ମିଶିଗାନରେ ରିପବ୍ଲିକାନ ପାର୍ଟିର ଏକ ବୈଠକରେ ଯୋଗଦେଇ ଟ୍ରମ୍ପ କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ଜଣେ ଚମତ୍କାର ବ୍ୟକ୍ତି। ଆସନ୍ତା ସପ୍ତାହରେ ମୋଦିଙ୍କ ସହ ତାଙ୍କର ଭେଟ ହେବ। ତେବେ ଏହି ଅବସରରେ ଆମଦାନୀ ଶୁଳ୍କ ପ୍ରସଙ୍ଗକୁ କେନ୍ଦ୍ରକରି ସେ ଭାରତ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେବେ ଟ୍ରମ୍ପ୍‌ଙ୍କର ଏହି ବୟାନକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

### ଘର ଭୁଶୁଡ଼ି ୪ ମୃତ

ନୂଆଦିଲ୍ଲୀ, ୧୮।୯

କେନ୍ଦ୍ରୀୟ ଦିଲ୍ଲୀର ବାପା ନଗର ଅଞ୍ଚଳରେ ବୁଧବାର ଏକ ୫ ମହଲା ବିଶିଷ୍ଟ ଘର ଭୁଶୁଡ଼ି ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୪ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଦିଲ୍ଲୀ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ୮ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିବା ସହ ୧୮ ଜଣଙ୍କୁ ଉଦ୍ଧାର କରିଛି। ବାପା ନଗର ଅଞ୍ଚଳରେ ଗଳିଗୁଡ଼ିକ ଅତି ସଙ୍କୀର୍ଣ୍ଣ ଥିବାରୁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀକୁ ପହଞ୍ଚିବାରେ ବିଳମ୍ବ ଘଟିଥିବା ନେଇ ଦିଲ୍ଲୀ ଅଗ୍ନିଶମ ବାହିନୀ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। ବିଲ୍ଡିଂ ତଳେ ଦୀର୍ଘ ସମୟ ଧରି ଫସି ରହିଥିବାରୁ ୪ ଜଣଙ୍କର ମୃତ୍ୟୁ ଘଟିଛି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଗର୍ଗ କହିଛନ୍ତି।

### ୧୫ ଦିନ ମଧ୍ୟରେ ସରକାରୀ ବଙ୍ଗଳା ଛାଡ଼ିବେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୧୮।୯

ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍‌ରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସମସ୍ତ ସରକାରୀ ସୁବିଧାକୁ ତ୍ୟାଗ କରିବେ। ସେ ୧୫ ଦିନ ମଧ୍ୟରେ ନିଜର ସରକାରୀ ବଙ୍ଗଳାକୁ ଖାଲି କରିବେ ବୋଲି ଆପ୍ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଥିବା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ମିଳିଥାଏ, ଯାହା କେଜ୍‌ରିୱାଲଙ୍କୁ ମଧ୍ୟ ମିଳିଥିଲା। ତେବେ ପଦରୁ ଇସ୍ତଫା ଦେବା ପରେ ଏବେ ସେ ଏହି ସବୁ ସୁବିଧା ତ୍ୟାଗ କରିବେ। ସେହିପରି କେଜ୍‌ରିୱାଲ ତାଙ୍କୁ ମିଳୁଥିବା ସୁରକ୍ଷାକୁ ତ୍ୟାଗ କରି ସାଧାରଣ ଲୋକଙ୍କ ପରି ବସବାସ କରିବେ ବୋଲି ସଞ୍ଜୟ କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ କେଜ୍‌ରିୱାଲ ଓ ତାଙ୍କ ପରିବାରର ସୁରକ୍ଷାକୁ ନେଇ ସେ ଚିନ୍ତା ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, କେଜ୍‌ରିୱାଲ ଦିଲ୍ଲୀର ସିଭିଲ ଲାଇନ୍ସସ୍ଥିତ ସରକାରୀ ବଙ୍ଗଳାରେ ୨୦୧୫ରୁ ରହି ଆସୁଛନ୍ତି।



ଜମ୍ମୁ-କଶ୍ମୀରର ସୋଫିଆନ୍‌ସ୍ଥିତ ଏକ ବୁଥ୍ ବାହାରେ ଭୋଟ ଦେବା ପାଇଁ ଅପେକ୍ଷାରତ ମହିଳାମାନେ।

## ୨୪ ଆସନ: ୫୯% ମତଦାନ

### ୧୦ ବର୍ଷ ପରେ ଭୋଟ ଦେଲେ ଜମ୍ମୁ-କଶ୍ମୀରବାସୀ

ଶ୍ରୀନଗର,୧୮।୯

୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭାର ୨୪ ଆସନରେ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୫୯% ଭୋଟ ଗ୍ରହଣ କରାଯାଇଛି, ଯାହାକି ପୂର୍ବ ୭ଟି ନିର୍ବାଚନ ତୁଳନାରେ ସର୍ବାଧିକ। ଏହି ମତଦାନ ସହ ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଭୋଟ ଯଥାକ୍ରମେ ସେପ୍ଟେମ୍ବର ୨୫ ଏବଂ ଅକ୍ଟୋବର ୧ରେ ଅନୁଷ୍ଠିତ ହେବ।

୨୦୧୪ରେ ଶେଷ ଥର ପାଇଁ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହୋଇଥିଲା। ୨୦୧୯ରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରବାସୀ ପ୍ରଥମ ଥର ପାଇଁ ବିଧାନସଭାକୁ ନିଜ ପ୍ରତିନିଧିଙ୍କୁ ପଠାଇବା ଲାଗି ଭୋଟ ଦେଇଛନ୍ତି। ୭ ଜିଲାର ୨୪ ଆସନରେ ପ୍ରାୟ ୫୯% ଭୋଟ ଗ୍ରହଣ କରାଯାଇଛି। ସେଥିରୁ କିସ୍ତୱାର ଆସନରେ ସର୍ବାଧିକ ୭୭% ମତଦାନ ହୋଇଥିବାବେଳେ ପୁଲୱାମା ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୪୬% ଭୋଟଗ୍ରହଣ କରାଯାଇଥିବା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ ପି.କେ. ପୋଲେ ସୂଚନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୋଲେ କହିଛନ୍ତି, କୌଣସି ସ୍ଥାନରେ ଅପ୍ରୀତିକର ସ୍ଥିତି ଉପୁଜି ନାହିଁ। ଗତ ୪ ଲୋକ ସଭା ଓ ୩ ବିଧାନସଭା ନିର୍ବାଚନରେ ଏଭଳି ମତଦାନ ହୋଇ ନ ଥିଲା।

# ପେଜର ପରେ ୱାକିଟକି ବିସ୍ଫୋରଣ

## ମଧ୍ୟପ୍ରାଚ୍ୟରେ ଘାତକ ଅସ୍ତ୍ର



**ମଙ୍ଗଳବାର ଅପରାହ୍ନ ୩ଟା ୩୦ ପରେ ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ଦ୍ୱାରା ଲେବାନନ୍ ଓ ସିରିୟାରେ ବ୍ୟବହୃତ ଅନେକ ହଜାର ପେଜରରେ ଏକକାଳୀନ ବିସ୍ଫୋରଣ ଘଟିଥିଲା। ତେବେ ଇସ୍ରାଏଲୀ ସର୍ଭିଲାନ୍ସରୁ ବର୍ତ୍ତିବା ପାଇଁ ଗ୍ଲୋବାଲ ପଜିଶନିଂ ସିଷ୍ଟମ୍ (ଜିପିଏସ୍), ମାଇକ୍ରୋଫୋନ୍ ଏବଂ କ୍ୟାମେରା ସଂଯୁକ୍ତ କରାଯାଇ ନ ଥିବା ଏହି ଉପକରଣ ହେଜ୍‌ବୋଲ୍ଲା ପାଇଁ କିପରି ଭାବେ ଘାତକ ଅସ୍ତ୍ର ପାଲଟିଲା ତାହା ହେଉଛି ବଡ଼ ପ୍ରଶ୍ନ। ଏହି ପ୍ରଶ୍ନର ଉତ୍ତର ମିଳି ନ ଥିବାବେଳେ ୱାକି-ଟକି ବିସ୍ଫୋରଣରେ ହେଜ୍‌ବୋଲ୍ଲାର ୯ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ପ୍ରାୟ ୩୦୦ ଜଣ ଆହତ ହୋଇଛନ୍ତି।**

ବିରୁଟ୍,୧୮।୯

ଲେବାନନ୍‌ରେ ଥିବା ହେଜ୍‌ବୋଲ୍ଲାର ଗଡ଼ଗୁଡ଼ିକରେ ବୁଧବାର ୱାକି-ଟକି ବିସ୍ଫୋରଣରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରାଚ୍ୟର ଏହି ଦେଶରେ ପେଜର ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ ଜଣ ଆହତ ହେବାର ଦିନକ ପରେ ଏହା ଦେଖିବାକୁ ମିଳିଛି। ତେବେ ଏଥିରେ କେତୋଟି ୱାକି-ଟକି ବ୍ୟବହାର କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବ ଲେବାନନ୍‌ର କେତେକ ସ୍ଥାନରେ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ବିସ୍ଫୋରଣ ଘଟିଥିବା ନେଇ ମଧ୍ୟ ରିପୋର୍ଟ ଆସିଛି।

ରିପୋର୍ଟ ଅନୁସାରେ, ହାତରେ ଧରାଯାଉଥିବା ୱେୟାରଲେସ୍ ୱାକି-ଟକି ଉପକରଣଗୁଡ଼ିକୁ ପେଜର ସହ ଏକସଙ୍ଗେ କିଣାଯାଇଥିଲା। ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ବୁଧବାର ଇସ୍ରାଏଲୀ ସେନାକୁ ରକେଟ ମାଡ଼ କରିଛି। ଲେବାନନ୍‌ରେ ପେଜର୍ ବିସ୍ଫୋରଣରେ ହେଜ୍‌ବୋଲ୍ଲାର ଅନେକ ହଜାର ସଦସ୍ୟ ଆହତ ହେବା ପରେ ଏହା ହେଉଛି ଶତ୍ରୁପକ୍ଷ ଉପରେ ପ୍ରଥମ ଆକ୍ରମଣ, ଯାହାକୁ ନେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆହୁରି ବିସ୍ତାର ଲାଭ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ବିଦେଶ ମାଟିରେ ଘାତକ ଅପରେଶନ୍ ଚଳାଇବା ନେଇ ଇତିହାସ ରହିଥିବା ଇସ୍ରାଏଲ୍‌ର ସ୍ପାଏ ଏଜେନ୍ସି ମୋସାଦ୍ କିଛି ମାସ ତଳେ ହେଜ୍‌ବୋଲ୍ଲା ଆମଦାନୀ କରିଥିବା ପେଜରଗୁଡ଼ିକରେ ବିସ୍ଫୋରକ ଖଞ୍ଜିଥିଲା। ମଙ୍ଗଳବାର ସେହି ପେଜରଗୁଡ଼ିକର ବିସ୍ଫୋରଣରେ ଜଣେ ନାବାଳିକାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୨୦୦ରୁ ଉର୍ଦ୍ଧ୍ୱଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଲେବାନନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଫିରାସ୍ ଅବିଆଦ୍ ସୂଚନା ଦେଇଛନ୍ତି। ହେଜ୍‌ବୋଲ୍ଲା ଏହାକୁ ସବୁଠୁ ବଡ଼ 'ସୁରକ୍ଷା ତ୍ରୁଟି' ବୋଲି ଅଭିହିତ କରିବା ସହ ଏହା ପଛରେ ଇସ୍ରାଏଲ ସମ୍ପୃକ୍ତି ଥିବା ଦର୍ଶାଇ ପ୍ରତିଶୋଧର ଧମକ ଦେଇଛି।

### ୯ ମୃତ, ୩୦୦ ଆହତ

ଇତିମଧ୍ୟରେ ପେଜର ବିସ୍ଫୋରଣରେ ନିହତ ୩ ଜଣ ହେଜ୍‌ବୋଲ୍ଲା ସଦସ୍ୟଙ୍କ ମୃତଦେହ ସତ୍କାର ବେଳେ ବୁଧବାର ଏକାଧିକ ବିସ୍ଫୋରଣ ଘଟିଛି। ଅନ୍ୟ କେତେକ ସ୍ଥାନରେ ଘଟିଥିବା ବିସ୍ଫୋରଣରେ ଆହୁରି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୩୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଥିରେ ୱାକି-ଟକି ବ୍ୟବହୃତ ହୋଇଥିବା କୁହାଯାଉଛି। ହଙ୍ଗେରି ନିର୍ମିତ ଏଆର୍-୯୨୪ ପେଜରଗୁଡ଼ିକରେ ଏହାର ନିର୍ମାତା ନାମ ବିଏସି କନ୍‌ସଲ୍ଟିଂ କେଏଫ୍‌ଟି ଉଲ୍ଲେଖ ରହିଛି।

୨୦୨୩ ଅକ୍ଟୋବର ୮ରେ ଇସ୍ରାଏଲ୍ ସହ ଯୁଦ୍ଧ ଆରମ୍ଭ ହେବା ପରଠୁ ହମାସ୍‌କୁ ହେଜ୍‌ବୋଲ୍ଲା ସହଯୋଗ କରିଆସୁଛି। ଉଭୟ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ଦ୍ୱାରା ନିଷିଦ୍ଧ ଘୋଷିତ ହେଜ୍‌ବୋଲ୍ଲାର ରାଜନୈତିକ ଏବଂ ସାମରିକ ପ୍ରତିଷ୍ଠାନ ଲେବାନନ୍‌ରେ ରହିଛି, ଯାହାକୁ ଇରାନ୍ ସମର୍ଥନ କରିଆସୁଛି। ସଦ୍ୟ ଆକ୍ରମଣ ନେଇ ଇସ୍ରାଏଲ୍ ଆମେରିକାକୁ ଅବଗତ କରାଇଛି। ପେଜରଗୁଡ଼ିକରେ ସ୍ୱଳ୍ପ ପରିମାଣର ବିସ୍ଫୋରକ ଲୁକ୍କାୟିତ ଭାବେ ରଖାଯାଇଥିବା ଇସ୍ରାଏଲ୍ କହିଛି। ପ୍ରତିରକ୍ଷା ପଦକ୍ଷେପ ସ୍ୱରୂପ ଲେବାନନ୍ ସୀମାକୁ ଇସ୍ରାଏଲ୍ ଅଧିକ ସୈନ୍ୟ ପ୍ରେରଣ କରିଛି।



ଲେବାନନ୍‌ର ବନ୍ଦର ସହର ସିଡୋନ୍‌ସ୍ଥିତ ଏକ ମୋବାଇଲ୍ ଦୋକାନରେ ୱାକିଟକି ବିସ୍ଫୋରଣ ଘଟିବା ପରେ ବାହାରେ ସୈନ୍ୟମାନେ ମୁତୟନ ହୋଇଛନ୍ତି।

## ୨୧ରେ ଆତିଶୀଙ୍କ ଶପଥ

ନୂଆଦିଲ୍ଲୀ, ୧୮।୯

ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଆପ୍‌ର ବିଧାୟକ ଦଳ ନେତା ଆତିଶୀଙ୍କର ଶପଥ ଗ୍ରହଣ ଉତ୍ସବକୁ ଆସନ୍ତା ୨୧ରେ କରିବାକୁ ଉପ ରାଜ୍ୟପାଳ ଭି.କେ. ସକ୍ସେନା ପ୍ରସ୍ତାବ ଦେଇଛନ୍ତି। ଦିଲ୍ଲୀର ରାଜ୍‌ନିୱାସରେ ଶପଥ ଗ୍ରହଣ ଉତ୍ସବ ହେବାର ସମ୍ଭାବନା ରହିଛି। ଆପ୍‌ର ଦଳୀୟ ସୂତ୍ର ଅନୁଯାୟୀ, କେଜ୍‌ରିୱାଲ ସରକାରରେ ମନ୍ତ୍ରୀ ଥିବା ବରିଷ୍ଠ ନେତା ଗୋପାଳ ରାୟ, ସୌରଭ ଭରଦ୍ୱାଜ, ଇମ୍ରାନ ହୁସେନ୍ ଓ କୈଳାସ ଗେହଲୋଟ ଆତିଶୀଙ୍କର ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇବେ। ସେହିପରି ୨ ଜଣ ବିଧାୟକ ଦିଲ୍ଲୀ ସରକାରଙ୍କ ନୂତନ ମନ୍ତ୍ରୀ ଭାବେ ୨୧ରେ ଶପଥ ନେବେ। ଦିଲ୍ଲୀ ବିଧାନସଭାରେ ଆସନ୍ତା ୨୬ ଏବଂ ୨୭ରେ ଆତିଶୀ ତାଙ୍କ ବହୁମତ ସାବ୍ୟସ୍ତ କରିବେ।



## ମିଶନ ଚନ୍ଦ୍ରୟାନ-୪କୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧୮।୯

କେନ୍ଦ୍ର କ୍ୟାବିନେଟ ବୁଧବାର ମହାକାଶ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛି। ବହୁ ପ୍ରତୀକ୍ଷିତ ଚନ୍ଦ୍ରୟାନ-୪ ମିଶନକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିବା ନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଏହି ମିଶନ ଅନୁଯାୟୀ, ଭାରତୀୟ ମହାକାଶଚାରୀଙ୍କୁ ଚନ୍ଦ୍ରରେ ଅବତରଣ କରାଇ ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇଆଣିବ। ସେହିପରି ଏହି ମିଶନରେ ଚନ୍ଦ୍ରରୁ ଚଟାଣ ଓ ମାଟି ପରି ନମୁନା ସଂଗ୍ରହ କରି ଭାରତ ଅଣାଯିବ, ଯାହାକୁ ନେଇ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ପକ୍ଷରୁ ବିଭିନ୍ନ ପରୀକ୍ଷାନିରୀକ୍ଷା ଓ ଗବେଷଣା କରାଯିବ। ୩୬ ମାସର ସମୟସୀମା ସହ ଚନ୍ଦ୍ରୟାନ-୪ ମିଶନ ପାଇଁ ମୋଦି ସରକାର ୨,୧୦୪ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଇସ୍ରୋ ଚନ୍ଦ୍ରୟାନ-୪ର ବିକାଶ ଏବଂ ଉତ୍କ୍ଷେପଣକୁ ପରିଚାଳନା କରିବ। ଅନ୍ୟପକ୍ଷରେ ଭେନସ ଅର୍ବିଟର ମିଶନର ସମ୍ପ୍ରସାରଣକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ (ବିଏଏସ୍)ର ପ୍ରତିଷ୍ଠା ପାଇଁ ମଧ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି।



## ପୁରୁଷ ୨ ଥର ବିବାହ କରୁଛନ୍ତି

### ସନ୍ତାନ ପ୍ରାପ୍ତି ପାଇଁ ଅଜବ ପରମ୍ପରା

ଜୟପୁର

ଭାରତ ହେଉଛି ଏପରି ଏକ ଦେଶ, ଯେଉଁଠାରେ ଲୋକମାନଙ୍କର ଭିନ୍ନ ଭିନ୍ନ ପରମ୍ପରା ଓ ବିଶ୍ୱାସ ରହିଛି। ପାକିସ୍ତାନ ସୀମାବର୍ତ୍ତୀ ରାଜସ୍ଥାନର ଜୈସଲମେର ଜିଲାରେ ଏପରି ଏକ ଗ୍ରାମ ଅଛି, ଯେଉଁଠାରେ ରହୁଥିବା ପ୍ରତ୍ୟେକ ବୟସ୍କ ପୁରୁଷଙ୍କର ୨ ଜଣ ସ୍ତ୍ରୀ ରହିଛନ୍ତି। 'ରାମଦେୟୋ କି ବସ୍ତି' ନାମକ ଏହି ଗ୍ରାମରେ ଥିବା ସମସ୍ତ ବୟସ୍କ ପୁରୁଷ ୨ ଥର ବିବାହ କରିଛନ୍ତି। ଏହାପଛରେ ଏକ ବିଶେଷ କାରଣ ରହିଛି ବୋଲି ସେମାନେ କୁହନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯେତେବେଳେ ଗ୍ରାମର ପୁରୁଷମାନେ ପ୍ରଥମ ବିବାହ କରନ୍ତି ତାଙ୍କର ପିଲାପିଲି ହୋଇ ନ ଥାଏ। ଅତୀତରେ ଏପରି ଅନେକ ଦମ୍ପତି ଦୀର୍ଘ ବର୍ଷ ଧରି ଅପେକ୍ଷା କରି ରହିଥିଲେ ମଧ୍ୟ ସନ୍ତାନ ପ୍ରାପ୍ତି କରି ପାରି ନ ଥିଲେ। ତେଣୁ ଗ୍ରାମର କିଛି ପୁରୁଷ ଦ୍ୱିତୀୟ ବିବାହ କରିଥିଲେ। ଏହାପରେ ସେମାନେ ସନ୍ତାନ ଲାଭ କରିଥିଲେ। ସେବେଠାରୁ ଉକ୍ତ ଗ୍ରାମରେ ସନ୍ତାନ ପ୍ରାପ୍ତି ଆଶାରେ ପୁରୁଷମାନେ ୨ ଥର ବିବାହ କରିବାର ପରମ୍ପରା ରହିଛି। ତେବେ ସାଧାରଣତଃ ସଉତୁଣୀମାନେ ପରସ୍ପରକୁ ପସନ୍ଦ କରୁ ନ ଥିବାର ଦେଖାଯାଇଥାଏ।



## ଫୁର୍‌ସତ୍

### ଶୁକ୍ରବାର ୯୯ ଟଙ୍କାରେ ମୁଭି ଟିକେଟ

ନୂଆଦିଲ୍ଲୀ

ଚଳିତବର୍ଷର ଜାତୀୟ ଚଳଚ୍ଚିତ୍ର ଦିବସ ସେପ୍ଟେମ୍ବର ୨୦ରେ ପାଳନ ହେବ ବୋଲି ମଲ୍ଟିପ୍ଲେକ୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆ(ଏମ୍ଏଆଇ) ବୁଧବାର ସୂଚନା ଦେଇଛି। ଏହି ଅବସରରେ ଦେଶବ୍ୟାପୀ ୪ ହଜାରରୁ ଅଧିକ ସିନେମା ହଲ୍‌ରେ ମାତ୍ର ୯୯ ଟଙ୍କାରେ ଫିଲ୍ମ ଟିକେଟ ଉପଲବ୍ଧ ହେବ। ଏହି ଅଫର୍ କେବଳ ପିଭିଆର୍, ଆଇନକ୍ସ, ସିନେପୋଲିସ୍, କାର୍ନିଭାଲ, ମିରାଜ୍, ଡେଲିଟ୍ ଏବଂ କିଛି ଅନ୍ୟାନ୍ୟ ଫିଲ୍ମ ହଲ୍ ପାଇଁ ଉପଲବ୍ଧ ହେବ। ୯୯ ଟଙ୍କାରେ ମୁଭି ଟିକେଟକୁ ବୁକ୍ କରିବା ପାଇଁ ଚଳଚ୍ଚିତ୍ର ପ୍ରେମୀଙ୍କୁ 'ବୁକ୍ ମାଇଁ ଶୋ', 'ପିଭିଆର୍ ସିନେମାଜ୍', 'ପେଟିଏମ୍', 'ସିନେପୋଲିସ୍', 'କାର୍ନିଭାଲ' ଆଦି ଅନ୍‌ଲାଇନ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିପାରିବେ।

### ଗୁଜବକୁ ଖଣ୍ଡନକଲେ ଅନନ୍ୟା

ମୁମ୍ବାଇ

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ବିବାହକୁ ୨ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହାକୁ ନେଇ ବର୍ତ୍ତମାନ ସୁଦ୍ଧା ଚର୍ଚ୍ଚା ଥମି ନାହିଁ। ଏହି ବିବାହରେ ଦେଶର ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ସହ ନାମୀଦାମୀ କଳାକାର ଯୋଗଦେଇଥିଲେ। ତେବେ ଟଙ୍କା ଦେଇ ତାରକାଙ୍କୁ ଉକ୍ତ ବିବାହରେ ନିମନ୍ତ୍ରଣ କରାଯାଇଥିବାର ଏକ ଗୁଜବ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଯାହାକୁ ନେଇ ଗତ କିଛିଦିନ ଧରି ଆଲୋଚନା ଲାଗି ରହିଛି। ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବୁଧବାର ଏକ ସାକ୍ଷାତ୍‌କାର ସମୟରେ ଏହି ପ୍ରସଙ୍ଗ ଉପରେ ନିଜର ନୀରବତା ଭାଙ୍ଗିଛନ୍ତି। ଏହାସହ ସେ ଅନନ୍ତ ଓ ରାଧିକାଙ୍କର ବିବାହରେ ତାଙ୍କର ରହିଥିବା ଅନୁଭୂତିକୁ ମଧ୍ୟ ଶେୟାର କରିଛନ୍ତି।

'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨' ଫିଲ୍ମରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଅଭିନେତ୍ରୀ ଜଣକ କହିଛନ୍ତି, ଅନନ୍ତ ଏବଂ ରାଧିକା ଉଭୟ ହେଉଛନ୍ତି ତାଙ୍କର ଭଲ ବନ୍ଧୁ। ତେଣୁ ସେ ଏହି ବିବାହରେ ଯୋଗଦେଇଥିଲେ। ତେବେ ଏହି ହାଇପ୍ରୋଫାଇଲ ବିବାହରେ ଯୋଗଦେବା ପାଇଁ ବଲିଉଡ୍ ସେଲିବ୍ରିଟିମାନଙ୍କୁ ଅର୍ଥ ଦିଆଯାଇଥିବା ନେଇ ଚାଲିଥିବା ଗୁଜବକୁ ସେ ଖଣ୍ଡନ କରିଛନ୍ତି। ଏପରି ଗୁଜବ ସୃଷ୍ଟି କରୁଥିବା ଲୋକଙ୍କର ମାନସିକତାକୁ ସେ ସମାଲୋଚନା କରିଛନ୍ତି। ସେହିପରି ଅନନ୍ତଙ୍କ ବିବାହ ଶୋଭାଯାତ୍ରାରେ ଅନନ୍ୟାଙ୍କ ନାଚକୁ ନେଇ ଏହି ସାକ୍ଷାତ୍‌କାରରେ ଅନନ୍ୟାଙ୍କୁ ପ୍ରଶ୍ନ ପଚରାଯାଇଥିଲା। ଉତ୍ତରରେ ସେ କହିଛନ୍ତି, ଅନନ୍ତ ମୋର ବନ୍ଧୁ। ତେଣୁ ତାଙ୍କ ବିବାହରେ ସେ ହୃଦୟର ସହ ନାଚିଥିଲେ। ଏଥିରେ କେତେଜଣ ଲୋକଙ୍କର କ'ଣ ଅସୁବିଧା ହେଉଛି ବୋଲି ଅନନ୍ୟା ପ୍ରଶ୍ନ କରିଛନ୍ତି।



# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ଟାୱାର ତଳୁ ମୃତଦେହ ମିଳିବା ଘଟଣା

**ମଙ୍ଗଳବାର ମଧ୍ୟାହ୍ନରେ ଶୌଚ ପାଇଁ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଗାଁ ଉପକଣ୍ଠରେ ଥିବା ଏକ ଟାୱାର ନିକଟରୁ ନାବାଳିକାଙ୍କ ମୃତଦେହ ମିଳିଲା। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକରି ଫିଙ୍ଗାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ପରିବାର ଲୋକେ ଏବଂ ଗ୍ରାମବାସୀ ବୁଧବାର ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତଙ୍କୁ ୧୫ଦିନ ମଧରେ ଗିରଫ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା ନେଇ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।**


ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ ଓ ଲୋକ ପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୧୮।୯
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତ ସଦର ଗ୍ରାମରେ ଜଣେ ୧୧ବର୍ଷୀୟା ନାବାଳିକା ଶୌଚ ହେବାପାଇଁ ମଙ୍ଗଳବାର ମଧ୍ୟାହ୍ନରେ ଘରୁ ବାହାରିଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ୭ଟାରେ ତାଙ୍କ ମୃତଦେହ ଟାୱାର ତଳୁ ମିଳିଥିଲା। ରାତି ୧୦ଟାରେ ଏ ନେଇ ତେନ୍ତୁଲିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହିତ ବୁଧବାର ଗାଁରେ ଦୋକାନ ବଜାର ଓ ବିଦ୍ୟାଳୟ ବନ୍ଦ ରହିବା ସହ ପଥର ଓ କାଠ ପକାଇ ଗାଁ ଭିତରକୁ ଯିବା ରାସ୍ତା ବନ୍ଦ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଓ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଉଠାଯିବ ନାହିଁ ବୋଲି ଗ୍ରାମବାସୀ ଓ ପରିବାର ଲୋକେ ଜିଦ୍ ଧରିଥିଲେ। ପୋଲିସ, ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତଙ୍କୁ ୧୫ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ମିଶ୍ର ଓ ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ରେଡ୍‌କ୍ରସରୁ ୨୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଅପରାହ୍ଣ ୨ଟା ୩୦ରେ ମୃତଦେହ ଉଠାଯାଇ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୨୨/୨୪) ରୁଜୁ କରିଛି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଏବଂ କୋରାପୁଟ ଏସ୍‌ପି ଅଭିନବ ସୋନକାର କଣ୍ଟାଗାଁରେ ପହଞ୍ଚିସ୍ଥିତିଅନୁଧ୍ୟାନ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଛି। ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଆଇଜି ମୀନା କହିଛନ୍ତି।

ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସକୁ କହିଛନ୍ତି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ନବରଙ୍ଗପୁରର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ରାଜ୍ୟ ସରକାର ଓ ଜିଲା ପୋଲିସ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ। ତୁରନ୍ତ ଅଭିଯୁକ୍ତଙ୍କୁ ଧରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି। ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ପାପଡ଼ାହାଣ୍ଡି ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା, ଡିଆଇବି ଡିଏସ୍‌ପି ମନୋଜ ପୂଜାରୀ, ତେନ୍ତୁଲିଖୁଣ୍ଟି ଥାନାଧିକାରୀ ଗୋପାଳ କୃଷ୍ଣ ଅଗ୍ରପାତ୍ର ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତାଙ୍କ ପରିବାର ଭୂମିହୀନ ହୋଇଥିବାରୁ ସେମାନଙ୍କୁ ଜମି ସହିତ ସରକାର ୨୦ ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ବୋଲି ପ୍ରଶାସନ ନିକଟରେ ମା' ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ଦାବି କରିଛନ୍ତି। ଡିଏଲ୍‌ଏସ୍‌ଏ ପକ୍ଷରୁ କିଭଳି ପୀଡ଼ିତାଙ୍କ ପରିବାରକୁ କିପରି ୧୦ଲକ୍ଷ ଟଙ୍କା ମିଳିବ ସେ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ କହିଥିଲେ। ପରିବାର ଯଦି ଭୂମିହୀନ ତେବେ ବସୁନ୍ଧରା ଯୋଜନା ଅନୁଯାୟୀ ଜମି ଯୋଗାଇ ଦିଆଯିବ। ଡିଏଲ୍‌ଏସ୍‌ଏ କମିଟିରେ ଆଲୋଚନା କରାଯାଇ ଅଧିକରୁ ଅଧିକ ସହାୟତା ପ୍ରଦାନ ପାଇଁ ପ୍ରଶାସନ ଉଦ୍ୟମ କରିବ ବୋଲି ଉପଜିଲାପାଳ ମିଶ୍ର କହିଥିଲେ। ଅଭିଯୁକ୍ତଙ୍କୁ ଧରିବା ନେଇ ଲିଖିତ ପ୍ରତିଶ୍ରୁତି ଓ ରେଡ୍‌କ୍ରସ୍ ପାଣ୍ଠି, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖାଇବା ବେଳେ ସାଥୀ ଯବାନଙ୍କୁ ଗୁଳି, ୨ ମୃତ

ମାଲକାନଗିରି,୧୮।୯
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବଳରାମପୁର ଜିଲା ସମରୀ ଥାନା ଅନ୍ତର୍ଗତ ଭୁଟାହି କ୍ୟାମ୍ପରେ ଜଣେ ଛତିଶଗଡ଼ ଆର୍ମଡ୍ ଫୋର୍ସ (ସିଏଏଫ୍) କନ୍‌ଷ୍ଟେବଲଙ୍କ ଗୁଳିରେ ବୁଧବାର ୨ ସାଥୀ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ରୂପେଶ ପଟେଲ ଓ ସନ୍ଦୀପ ପାଣ୍ଡେ। ଗୁଳି ଚଳାଇଥିବା କନ୍‌ଷ୍ଟେବଲ ଅଜୟ ସିଦ୍ଧରଙ୍କୁ ପୋଲିସ ଗିରଫ କରିଛି। ସଶସ୍ତ୍ର ବାହିନୀ ଯବାନ ଅଜୟ ଖାଉଥିବା ବେଳେ ଲଙ୍କା ମାଗିବାରୁ ତାହା ତାଙ୍କୁ ସାଥୀମାନେ ନ ଦେବାରୁ ସେ ଉତ୍‌କ୍ଷିପ୍ତ ହୋଇ ୪ ଜଣଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ମେଡିକାଲ ନେବା ବାଟରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି, ସମସ୍ତଙ୍କୁ ଡାକ୍ତରଖାନା ନିଆଯାଇଛି। ଘଟଣା ପରେ କ୍ୟାମ୍ପରେ ଉତ୍ତେଜନା ଦେଖାଦେଇଛି। ସୂଚନା ପାଇ ଏସ୍‌ପି ରାଜେଶ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

# ସରକାରୀ କ୍ୱାର୍ଟର୍ସରୁ ମିଳିଲା ଫରେଷ୍ଟରଙ୍କ ମୃତଦେହ

- **ବନଖଣ୍ଡ ଅଧିକାରୀଙ୍କ ନାମରେ ମାନସିକ ନିର୍ଯାତନା ଅଭିଯୋଗ**
- **ଥାନାରେ ଏତଲା ଦେଲେ ମୃତକଙ୍କ ଭାଇ**


ଫରେଷ୍ଟର ସଞ୍ଜୟ ନାୟକ

ଭବାନୀପାଟଣା,୧୮।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ବୁଧବାର ସକାଳେ ଜଣେ ଫରେଷ୍ଟରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ରାୟଗଡ଼ା ଜିଲା ସଦର ମହକୁମା ଶୁଣ୍ଡିସାହିର ସଞ୍ଜୟ ନାୟକ (୩୩)। ଖବର ପାଇ ଭବାନୀପାଟଣା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି।

ଫରେଷ୍ଟର ନାୟକ ଗୁନାଗଡ଼ ବ୍ଲକ ଜାରିଙ୍ଗସ୍ଥିତ ହାଇଟେକ୍ ସିଲଭିକଲଚର ନର୍ସରିରେ କାର୍ଯ୍ୟରତ ଥିଲେ। ଏହାସହ ଭବାନୀପାଟଣା ସିଲଭିକଲଚର ଅଫିସରେ ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ତେବେ କିଛିଦିନ ତଳେ ତାଙ୍କର ବଲାଙ୍ଗୀର ଜିଲାକୁ ବଦଳି ହୋଇଥିଲା। ଏହି ଘଟଣାକୁ ନେଇ ମୃତକଙ୍କ ଭାଇ ରବିନାରାୟଣ ରାୟଗଡ଼ା ବନଖଣ୍ଡ ଅଧିକାରୀ (ରିସର୍ଚ୍ଚ ଉଇଙ୍ଗ) ଦେବେନ୍ଦ୍ର ବେହେରାଙ୍କ ନାମରେ ଟାଉନ ଥାନାରେ ଏତଲା ଦେଇଛନ୍ତି। ବନଖଣ୍ଡ ଅଧିକାରୀ ବେହେରା ସଞ୍ଜୟଙ୍କୁ ମାନସିକ ନିର୍ଯାତନା ଦେବା ସହ ସବୁବେଳେ ପିସି ମାଗୁଥିଲେ। ନଚେତ ନିଲମ୍ବିତ କିମ୍ବା ବହିଷ୍କାର କରିବାକୁ ଧମକ ଦେଉଥିଲେ। ସଞ୍ଜୟଙ୍କ ମୃତଦେହ ନିକଟରୁ ମିଳିଥିବା ସୁସାଇଡ୍ ନୋଟରେ ଏହା ଦର୍ଶାଯାଇଛି ବୋଲି ରବିନାରାୟଣ ଏତଲାରେ ଉଲ୍ଲେଖ କରିଛନ୍ତି। ତେଣୁ ସଞ୍ଜୟଙ୍କ ଆତ୍ମହତ୍ୟା ପାଇଁ ବନଖଣ୍ଡ ଅଧିକାରୀ ବେହେରା ଦାୟୀ ବୋଲି ସେ ଅଭିଯୋଗ ଆଣି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି। ତେବେ ଏହି ଘଟଣାରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଟାଉନ ଥାନା ଅଧିକାରୀଙ୍କୁ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିବା ଜଣାପଡିଛି। ଏ ନେଇ ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲଙ୍କୁ ପଚାରିବାରୁ ମୃତକଙ୍କ ଭାଇଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ବନଖଣ୍ଡ ଅଧିକାରୀ ତଦନ୍ତ ପରିସରଭୁକ୍ତ ହେବେ ବୋଲି କହିଛନ୍ତି।

# ଶାଶୁଙ୍କୁ ଆଜୀବନ ଜେଲ

## ବୋହୂଙ୍କ ହାତଗୋଡ଼ ବାନ୍ଧି ପୋଡ଼ି ହତ୍ୟା ଘଟଣା

କେନ୍ଦୁଝର,୧୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଦୌରାଜଜ୍‌ଙ୍କ କୋର୍ଟରେ ବଧୂହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଅଶୋକ କୁମାର ପଣ୍ଡା ଶୁଣାଣିକରି ସଦର ଥାନା ଦେଉଳଡ଼ିହା ଗ୍ରାମର ଚାନ୍ଦିନୀ ମହାନ୍ତ(୫୨)ଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ ମାସ କାରାଦଣ୍ଡ ଆଦେଶ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ଚାନ୍ଦିନୀ ଓ ଜଗବନ୍ଧୁ ମହାନ୍ତ(୫୮)ଙ୍କ ପୁଅ ସୁନୀଲ ୨୦୧୮ରେ ମାନସୀ ମହାନ୍ତ (୨୧)ଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଏକ ମାମଲାରେ ସୁନୀଲ ଜେଲ ଯାଇଥିଲେ। ପରେ ଶାଶୁ ଓ ଶ୍ୱଶୁର ମିଶି ମାନସୀଙ୍କୁ ନିର୍ଯାତନା ଦେଇ ଘରୁ କାଢ଼ି ଦେଇଥିଲେ। ମାନସୀ କୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ସୁରକ୍ଷାରେ ସେ ପୁଣି ଶ୍ୱଶୁର ଘରକୁ ଫେରିଥିଲେ। ୪ ଫେବୃୟାରୀ ୨୦୨୧ରେ ଶାଶୁ ଓ ଶ୍ୱଶୁର ମିଶି ବୋହୂଙ୍କ ହାତଗୋଡ଼ ବାନ୍ଧି ମୁଣ୍ଡକୁ ଇଟାରେ ଛେଚିବା ସହ କିରୋସିନ ଢାଳି ଜଳାଇଦେଇଥିଲେ। ଏହି ସମୟରେ ମାନସୀ ଶ୍ୱଶୁରଙ୍କ ଗୋଡ଼କୁ ଧରିଦେବାରୁ ସେ ମଧ୍ୟ ପୋଡ଼ିଯାଇଥିଲେ। ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ମାନସୀ ପୋଲିସ ଓ ଦମକଳ ବାହିନୀଙ୍କୁ ସମସ୍ତ ଘଟଣା ଜଣାଇଥିଲେ। କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୧୫ ଜଣ ସାକ୍ଷୀ, ମୃତ୍ୟୁକାଳୀନ ଜମାନବନ୍ଦୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ଉକ୍ତ ରାୟ ଶୁଣାଇଥିବା ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ୍ତ ଦାସ କହିଛନ୍ତି। ଅଭିଯୁକ୍ତ ଶ୍ୱଶୁର ଜଗବନ୍ଧୁ ୨୦୨୧ ମେ ୨୪ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

# ଏବେବି ରହସ୍ୟରେ ଅଢ଼େଇ କେଜି ସୁନା, ୮୦ କେଜି ରୁପା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

## ଟିକସ ଫାଙ୍କିବାକୁ ଗଳାବାଟ

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରୁ ଗତ ଅଗଷ୍ଟ ୨୬ରେ ବିପୁଳ ପରିମାଣର ସୁନା ଓ ରୁପା ଜବତ ହୋଇଥିଲା। ଏହାକୁ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର(ସିଟି ଆଣ୍ଡ ଜିଏସ୍‌ଟି) ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ୨୦ଜଣ ବ୍ୟବସାୟୀ ବୈଧ କାଗଜପତ୍ର ଦେଖାଇ ନିଜ ସୁନା ଏବଂ ରୁପା ନେଇଥିବାବେଳେ ବାକି ଅଢ଼େଇ କେଜି ସୁନା ଓ ୮୦ କେଜି ରୁପାର ଏପର୍ଯ୍ୟନ୍ତ କେହି ଦାବିଦାର ମିଳି ନାହାନ୍ତି। ଫଳରେ ଏହାକୁ ନେଇ ଏବେବି ରହସ୍ୟ ଲାଗିରହିଛି। ଏହି ସୁନା ଏବଂ ରୁପା କିଏ ଆଣୁଥିଲେ ଏବଂ କାହିଁକି ଏହାକୁ ଦାବି କରୁନାହାନ୍ତି ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଉକ୍ତ ଅଣଦାବିଦାର ସୁନା ଏବଂ ରୁପାକୁ ବିଭାଗୀୟ ଅଧିକାରୀ ଟ୍ରେଜେରି ଅଫିସରେ ରଖିଥିବା କହୁଛନ୍ତି।

ଅନ୍ୟପକ୍ଷରେ ଯେଉଁ ନାମରେ ଅଢ଼େଇ କେଜି ସୁନା ଓ ୮୦ କେଜି ରୁପା ଓଡ଼ିଶା ଆସିଥିଲା, ସେଭଳି କୌଣସି ଗହଣା ଦୋକାନ କିମ୍ବା ମାଲିକ ନ ଥିବା ସିଟି ଜିଏସ୍‌ଟି ମଧ ଜାଣିବାକୁ ଅଧିକ ତଦନ୍ତ କରୁଛି। ରାଜ୍ୟ ବାହାରୁ ବେନାମି ନାଁରେ ଏଭଳି ସୁନା ଓ ରୁପା ଚାଲାଣ ହୋଇ ଆସୁଥିବାରୁ ଏହା ପଛରେ ବଡ଼ ସୁନା ଦୋକାନୀଙ୍କ ହାତ ଥିବାବେଳେ ଲଜିଷ୍ଟିକ୍ ସଂସ୍ଥା ମଧ ସହଯୋଗ କରୁଥିବା ଜଣାପଡ଼ିଛି। ଏନେଇ ସିଟି ଜିଏସ୍‌ଟି ଅତିରିକ୍ତ କମିଶନର ମାନସ ସ୍ୱାଇଁଙ୍କ କହିବା ହେଲା, ସୁନା ପଠାଇଥିବା ମୁମ୍ବାଇ ପ୍ରେରକଙ୍କୁ ଆମେ ତଦନ୍ତ ପରିସରକୁ ନେଇପାରିବୁ ନାହିଁ। ସୁନା ଓ ରୁପା ଆଣିଥିବା ଲଜିଷ୍ଟିକ୍ ସଂସ୍ଥାକୁ ତଦନ୍ତ ପରିସରକୁ ନିଆଯାଇ ବିଭାଗୀୟ ପ୍ରକ୍ରିୟା ଜାରି ରହିଛି। ଦୁଇଦିନ ମଧରେ ଉକ୍ତ ଲଜିଷ୍ଟିକ୍ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ମାସେ ମଧରେ ଏହାର ଠିକ୍ କାରଣ ନ ଦର୍ଶାଇପାରିଲେ ବଡ଼ ପରିମାଣର ଜରିମାନା ଲଗାଯିବ ବୋଲି ମାନସ କହିଛନ୍ତି।

ପ୍ରକାଶ ଯେ, ବିମାନବନ୍ଦର ନିକଟରୁ ଜବତ ବେଳେ ଦୁଇଟି ଲଜିଷ୍ଟିକ୍ ଭ୍ୟାନ୍‌ରୁ ପ୍ରଥମେ ୫୦ କେଜି ସୁନା ଓ ୨୦୦ କେଜି ରୁପା ମିଳିଥିବା କୁହାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଭିନ୍ନ ହିସାବ ଦେଖିବାକୁ ମିଳିଛି। ଇ-ୱେ ବିଲ୍‌ରେ ୮୭ କେଜି ସୁନା ଥିବା ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିଲା ପରେ ସେଥିରୁ ୩୦ କେଜି ସୁନା ବାହାରିଥିବା କୁହାଯାଇଥିଲା। ସେହିପରି ରୁପାର ଇ-ୱେ ବିଲ୍‌ରେ ୨କୁଇଣ୍ଟାଲ ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିବା ପରେ ଦେଢ଼ କୁଇଣ୍ଟାଲ ମିଳିଥିଲା। ତେବେ ଇ-ୱେ ବିଲ୍ ଏବଂ ଓଜନର ପାର୍ଥକ୍ୟକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ସୁନା ଓ ରୁପା ଉପରେ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଏହା ଚୋରା ଚାଲାଣ ହେଉଥିବା ସନ୍ଦେହ କରାଯାଉଛି।

# ୨ ବର୍ଷର ପୁଅକୁ ଧରି ନଦୀକୁ ଡେଇଁଲେ ମା'

ପିପିଲି/ବଳଙ୍ଗା,୧୮।୯ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର/କେଦାରେଶ୍ୱର ନନ୍ଦ)

ପିପିଲି ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨ ବର୍ଷର ପୁଅକୁ ଧରି ମା' ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

ପିପିଲି-ନିମାପଡ଼ା ଛକରେ ରହୁଥିବା ମହେଶ୍ୱର ବେହେରାଙ୍କ ଝିଅ ଈପ୍‌ସିତା ବେହେରା ତାଙ୍କ ଭିଣୋଇ ନିମାପଡ଼ା ଥାନା ଅନ୍ତର୍ଗତ ପୋରକଣା ଗ୍ରାମର ରଶ୍ମିରଞ୍ଜନ ବେହେରାଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଏକ ପୁତ୍ର ସନ୍ତାନ ରହିଛି। ବୁଧବାର କୌଣସି କାରଣକୁ ନେଇ ଈପ୍‌ସିତା ବେହେରା ଛୁଆକୁ ଧରି ପିପିଲି-ନିମାପଡ଼ା ମୁଖ୍ୟରାସ୍ତା ପୋଲରୁ ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେହି ସମୟରେ ବ୍ରିଜ୍ ଉପରେ ଥିବା ଲୋକମାନେ ପାଟିତୁଣ୍ଡ କରିଥିଲେ ମଧ୍ୟ ସେ କାହା କଥା ନ ଶୁଣି ନଦୀକୁ ଡେଇଁ ପଡ଼ିଥିଲେ। ଖବରପାଇ ପିପିଲି ପୋଲିସ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ତଦନ୍ତ କରି ସୁନାପଦାଠାରୁ ଶବକୁ ଜବତ କରିଥିଲା। ପିପିଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଷ୍ଟମର୍ଟମ ପାଇଁ ପୁରୀ ମେଡିକାଲକୁ ପଠାଇଛି। ପାରିବାରିକ କଳହରୁ ଈପ୍‌ସିତା ପୁଅକୁ ଧରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ପୂର୍ବତନ ପୋଷ୍ଟ ମାଷ୍ଟରଙ୍କୁ ୪ବର୍ଷ ଜେଲ, ୫୫ ହଜାର ଜରିମାନା

କୁଜଙ୍ଗ,୧୮।୯(ମନୋଜ ପ୍ରଧାନ)

## ସରକାରୀ ଅର୍ଥ ହଡ଼ପ ଅଭିଯୋଗ

ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ସିବିଆଇର ଭୁବନେଶ୍ୱରସ୍ଥିତ ୧ ନମ୍ବର କୋର୍ଟରେ ସ୍ୱତନ୍ତ୍ର ବିଚାରପତି ବୁଧବାର କୁଜଙ୍ଗ ଉପଡାକଘରର ତତ୍କାଳୀନ ପୋଷ୍ଟ ମାଷ୍ଟର (ଗ୍ରେଡ-୧) ସଂଗ୍ରାମ କେଶରୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୪ବର୍ଷ ଜେଲ ଦଣ୍ଡାଦେଶ ସହ ୫୫ହଜାର ଜରିମାନା ଆଦେଶ ଦେଇଛନ୍ତି। ସଂଗ୍ରାମ ୨୦୧୧ ସେପ୍ଟେମ୍ବର ୧୨ରୁ ୨୦୧୩ ଅଗଷ୍ଟ ୨୮ ମଧ୍ୟରେ ୪ ଜଣ ବରିଷ୍ଠ ନାଗରିକଙ୍କ ସଞ୍ଚୟ ଯୋଜନା ଖାତାରୁ ସେମାନଙ୍କ ଅଜ୍ଞାତରେ ଦସ୍ତଖତ ନେଇ ପର୍ଯ୍ୟାୟକ୍ରମେ ୧୯ ଲକ୍ଷ ୮୧ ହଜାର ୩୩୪ ଟଙ୍କା ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ଟଙ୍କା ଉଠାଇ ନେଇ ସଞ୍ଚୟ ଖାତାକୁ ବନ୍ଦ କରିଦେଇଥିଲେ। ଏଭଳି ଜାଲିଆତି ଜଣାପଡ଼ିବା ପରେ ସିବିଆଇ ୨୦୧୩ ସେପ୍ଟେମ୍ବର ୧୭ରେ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

# ମାଓବାଦୀ ନେତା ଆଜାଦ ବାଲିଗୁଡ଼ା ଏଡିଜେ କୋର୍ଟରେ ହାଜର ହେଲେ

ବାଲିଗୁଡା,୧୮।୯
(ସଞ୍ଜୟ କୁମାର ପାଣିଗ୍ରାହୀ)

ଟପ୍ କ୍ୟାଡର ମାଓବାଦୀ ନେତା ଆଜାଦ କନ୍ଧମାଳ ଜିଲା ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ହାଜର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲରୁ ବାଲିଗୁଡାକୁ କଡା ସୁରକ୍ଷାରେ ଅଣାଯାଇଥିଲା। ଅତିରିକ୍ତ ଜିଲା ଜଜ୍ ଶୁଭଦର୍ଶୀ ତ୍ରିପାଠୀଙ୍କ କୋର୍ଟରେ ୩ଟି କେସ୍ ଚାର୍ଜ ହୋଇଥିଲା। ଆଜାଦଙ୍କ ନାମରେ ଏହି ୩ଟି କେସ୍ ରହିଛି। କେସ୍‌ଗୁଡିକ ହେଲା ୨୦୦୮ରେ ସାରଙ୍ଗଡ ଥାନା କେସ୍ ନ. ୨୦/ ୨୦୦୮ରେ ସାରଙ୍ଗଡ଼ରେ ବୋମା ଫୁଟାଇବା ନିମନ୍ତେ ରାସ୍ତାରେ ବୋମା ଖଞ୍ଜି ରଖିବା (ଲ୍ୟାଣ୍ଡମାଇନ୍), ବ୍ରାହ୍ମଣିଗାଁ ଥାନାରେ ଦୁଇଟି ମାମଲା କେସ୍ ନ. ୧୪/୨୦୦୮ ଓ ୧୫/୨୦୦୮ରୁ ଗୋଟିଏ ମର୍ଡର କେସ୍ ଓ ଅନ୍ୟଟି ବ୍ରାହ୍ମଣିଗାଁ -ଦାରିଙ୍ଗବାଡି ରାସ୍ତାରେ ଲ୍ୟାଣ୍ଡ ମାଇନ ଖଞ୍ଜିବା ଭଳି ଅଭିଯୋଗ ରହିଛି। ବିଚାରପତିଙ୍କ ନିକଟରେ ତାଙ୍କୁ ରେ ବୁଧବାର ହାଜର କରାଯାଇଥିଲା। ପରେ ତାଙ୍କୁ ବାଲିଗୁଡା ଉପକାରାଗାରକୁ ପଠାଯାଇ ସେଠାରୁ ଆଜାଦଙ୍କୁ ପୁଣି ଝାଡପଡ଼ା ଜେଲକୁ ପଠାଯାଇଥିବା ଆଇନଜୀବୀ ସୁରେନ୍ଦ୍ର ପାତ୍ର କହିଛନ୍ତି।

# ମହିଳାଙ୍କଠାରୁ ସୁଭଦ୍ରା ଟଙ୍କା ଲୁଟ

ଭଣ୍ଡାରିପୋଖରୀ,୧୮।୯
(ରାଜେନ୍ଦ୍ର ଶତପଥୀ)


ଲୁଟ୍‌ର ଶିକାର କମଳିନୀ।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଉତ୍ତରବାଡ଼ ଗ୍ରାମର ଜଣେ ମହିଳାଙ୍କଠାରୁ ଅଭିନବ ଉପାୟରେ ବୁଧବାର ସୁଭଦ୍ରା ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କମଳିନୀ ଜେନା ଭଣ୍ଡାରିପୋଖରୀ ବଜାରରେ ଥିବା ମୋ ସେବା କେନ୍ଦ୍ରରୁ ସୁଭଦ୍ରା ଯୋଜନା ବାବଦରେ ମିଳିଥିବା ଅର୍ଥରୁ ୪,୫୦୦ ଟଙ୍କା ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଉଠାଇ ଅଣ୍ଡରପାସ ରୋଡ୍‌ରେ ଚାଲି ଚାଲି ଘରକୁ ଫେରୁଥିଲେ। ଟଙ୍କା, ପାସ୍‌ବୁକ୍, ମୋବାଇଲ ଗୋଟିଏ ଜରିଖୋଳରେ ଧରି ଯାଉଥିଲେ। ଟଙ୍କା ଉଠାଣ ସମୟରୁ ତାଙ୍କୁ ପିଛା କରୁଥିବା ୨ ଯୁବକ ବାଇକ୍‌ରେ ଆସି ପୂର୍ବରୁ ପାଲଦାବାଙ୍କ ପୋଲ ତଳେ ଅପେକ୍ଷା କରିଥିଲେ। କମଳିନୀ ସେଠାରେ ପହଞ୍ଚିବା ପରେ ଜଣେ ଯୁବକ ତାଙ୍କୁ ଡାକି ସୁଭଦ୍ରା ଯୋଜନା ଅର୍ଥ ଉଠାଇବା ପରେ ସଙ୍ଗେ ସଙ୍ଗେ ପୁଣି ଥରେ ଦରଖାସ୍ତ କରିବାକୁ ପଡ଼ିବ ତାହା ତମେ କରିଛ କି ନାହିଁ ବୋଲି ପଚାରିଥିଲେ। ଏହା ଜାଣି ନ ଥିବା କମଳିନୀ କହିବାରୁ ସେମାନେ ବାଇକ୍‌ରେ ବସିବାକୁ କମଳିନୀଙ୍କୁ କହିଥିଲେ। ୩ ଜଣ ବାଇକ୍‌ରେ ବସିବା ଅସୁବିଧା ହେଉଥିବା ଦର୍ଶାଇ କମଳିନୀଙ୍କଠାରୁ ଜରିଖୋଳ ବାଇକ୍ ଚାଳକ ମାଗି ନେଇଥିଲେ। ସରଳ ମହିଳା ଜଣକ ଜରିଖୋଳକୁ ଲୁଟେରାଙ୍କ ହାତକୁ ବଢ଼ାଇ ଦେଇଥିଲେ। ମାତ୍ର ଅଳ୍ପ କିଛି ବାଟ ଯିବା ପରେ ୩ ଜଣ ବାଇକ୍‌ରେ ଯିବାରେ ଅସୁବିଧା ହେଉଥିବା ଦର୍ଶାଇ କମଳିନୀଙ୍କୁ ଓହ୍ଲାଇ ଦେଇ ଚମ୍ପଟ ମାରିଥିଲେ। କମଳିନୀ ନିରୁପାୟ ହୋଇ କାନ୍ଦି କାନ୍ଦି ଘରକୁ ଫେରୁଥିବା ବେଳେ ସମ୍ପର୍କୀୟଙ୍କ ସହାୟତାରେ ଯାଇ ଥାନାରେ ଅଭିଯୋଗ କରିଛନ୍ତି।

# ଧାମନଗର ପୋଲିସ କର୍ମଚାରୀଙ୍କୁ ଆକ୍ରମଣ

ଧାମନଗର,୧୮।୯(ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)

## ଅଭିଯୁକ୍ତ ଭାବି ଅନ୍ୟ ଜଣଙ୍କୁ ଗାଡ଼ିରେ ନେଉଥିଲେ


ଘଟଣାସ୍ଥଳରେ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ତଦନ୍ତ କରୁଛନ୍ତି।

ଭଦ୍ରକ ଜିଲା ଧାମନଗର ଥାନା ପୋଲିସ କର୍ମଚାରୀ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯିବା ସହ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ମହମ୍ମଦଙ୍କ ଜନ୍ମ ଉତ୍ସବ ପାଳନର ପୂର୍ବଦିନ ଚୁଡ଼ାକୁଟି ବଜାରରେ ମୁସଲିମ ସମ୍ପ୍ରଦାୟର ଜଣେ ଯୁବକ ପତାକା ବାନ୍ଧି ବୁଲୁଥିଲେ, ଯାହାକୁ ହିନ୍ଦୁ ସମ୍ପ୍ରଦାୟର କେତେଜଣ ଯୁବକ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଘଟଣାକୁ ନେଇ ଧାମନଗର ଥାନାରେ ମୁସଲିମ୍ ଯୁବକ ଜଣକ ଅଭିଯୋଗ କରିଥିଲେ। ବୁଧବାର ଧାମନଗର ଥାନା ଏଏସ୍‌ଆଇ ଲରେନ୍ସ କୁଜୁରୁ ଓ ଜଣେ କନଷ୍ଟେବଳ ସାଦା ପୋଷାକରେ ଚୁଡ଼ାକୁଟି ବଜାରରେ ପହଞ୍ଚି ଉକ୍ତ ଘଟଣାରେ ସମ୍ପୃକ୍ତ ନ ଥିବା ବିଜୟ ଗାହାଣ ନାମକ ଜଣେ ଯୁବକଙ୍କୁ ଘୋଷାରି ଘୋଷାରି ଗାଡ଼ି ଭିତରକୁ ନେଇ ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକଙ୍କ ଭିତରେ ସନ୍ଦେହ ସୃଷ୍ଟି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସହ ଲୋକେ ଯୁକ୍ତିତର୍କ କରିବା ସହ ଆକ୍ରମଣ ମଧ କରିଥିଲେ। ପୋଲିସ ସାଦା ପୋଷାକରେ ଥିବାରୁ ସ୍ଥାନୀୟ ଲୋକେ ଚିହ୍ନି ନ ପାରି ମାଡ଼ ମାରି ଅଟକ ରଖିଥିଲେ। ଖବର ପାଇ ଥାନା ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ ଓ ଏସ୍‌ଡିପିଓ ସେଠୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଧାମନଗର ମେଡିକାଲକୁ ପଠାଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୪୦୧/୨୪) ରୁଜୁ ହୋଇଛି।

# କୋଚିଂ ସେଣ୍ଟର ପରିଚାଳକ ଗିରଫ

ବାରିପଦା,୧୮।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠରେ ଲଗାତର ଛାତ୍ର ମୃତ୍ୟୁ ଘଟଣାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା କାରଣରୁ ୟୁରୋ-ଡଭ୍ କୋଚିଂ ସେଣ୍ଟର ପରିଚାଳକଙ୍କୁ ବାରିପଦା ସଦର ଥାନା ପୋଲିସ ବୁଧବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ପରିଚାଳକ ହେଲେ ବାରିପଦା ଟାଉନ ଥାନା ଦେବେନ୍ଦ୍ରପୁର ଅଞ୍ଚଳର ଜଗନ୍ନାଥ ଦତ୍ତ। ପୋଲିସ ଏକ ମାମଲା (ନଂ.୧୬୭/୨୪) ରୁଜୁକରି ତଦନ୍ତ ଜାରିରଖିଛି। ତେବେ ଉକ୍ତ କୋଚିଂ ସେଣ୍ଟରକୁ ସିଲ୍ କରାଯାଇ ନ ଥିବାରୁ ଏହା ପୁନଃ ପରିଚାଳିତ ହେବା ନେଇ ଆଶଙ୍କା ଉପୁଜିଛି।

ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଗଣେଶ ମୂର୍ତ୍ତି ଭସାଇବାକୁ ଯାଇ ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା କେନାଲରେ ଉକ୍ତ କୋଚିଂ ସେଣ୍ଟରର ୨ ଛାତ୍ରଙ୍କ ସମେତ ୨ ଶିକ୍ଷକ ପାଣି ସୁଅରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ତଥା ଅଗ୍ନିଶମ ବାହିନୀ ଶିକ୍ଷକ ଦ୍ୱୟଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ତେବେ ଘଟଣାର ୫ଦିନ ପରେ ସଦର ଥାନା ପୋଲିସ ତଦନ୍ତ ପୂର୍ବକ କୋଚିଂ ସେଣ୍ଟର ପରିଚାଳକଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ପରିଚାଳକ ଦତ୍ତ ଲକ୍ଷ୍ମୀପୋଷି ଅଞ୍ଚଳରେ ୩ଟି କୋଚିଂ ସେଣ୍ଟର ଖୋଲିଥିଲେ। ୨ଟି ହଷ୍ଟେଲରେ ଛାତ୍ରୀ ଓ ଗୋଟିଏରେ ଛାତ୍ରମାନଙ୍କୁ ନେଇ କୋଚିଂ ଦେଉଥିଲେ। ତେବେ ଛାତ୍ରୀ ବା ଛାତ୍ରାବାସ ଖୋଲିବା ନେଇ ସେ କୌଣସି ସରକାରୀ ଅନୁମତି ନେଇ ନ ଥିବା, ଭଡ଼ା ସୂତ୍ରରେ ଛାତ୍ରୀଛାତ୍ରଙ୍କୁ ରଖି ଶିକ୍ଷାଦାନ ଦେଉଥିବା ଏବଂ ସରକାରୀ ନିୟମକୁ ଉଲ୍ଲଂଘନକରି ହଷ୍ଟେଲ ପରିଚାଳନା କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ମଧୁସ୍ମିତା ମହାନ୍ତି କହିଛନ୍ତି। ଏପରିକି ଛାତ୍ରୀ ନିବାସରେ କୌଣସି ୱାର୍ଡେନ କିମ୍ବା ମହିଳା କର୍ମଚାରୀ ନିଯୋଜିତ ନ ଥିବା ବେଳେ ଛାତ୍ରାବାସରେ ମଧ କୌଣସି କର୍ମଚାରୀ ଦାୟିତ୍ୱରେ ନ ଥିବା ଜଣାପଡ଼ିଛି। ତେବେ ହଷ୍ଟେଲ ଓ କୋଚିଂ ସେଣ୍ଟର ଚଳାଇବାକୁ ଭଡ଼ାସୂତ୍ରରେ ଦେଉଥିବା ଘର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନିତାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଜୟପାଟଣା,୧୮।୯ (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଲାଖବାହାଲି ଗ୍ରାମ ନିକଟରୁ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ନୂଆଗୁଡା ଗ୍ରାମର କୁଶ ବାନେରିଆ(୨୧)। ସୂଚନା ଅନୁଯାୟୀ, ଗତ ରବିବାର କୁଶ ସାଇକେଲରେ ଲାଖବାହାଲି ଗ୍ରାମର ଜଣେ ଝିଅ ସାଙ୍ଗଙ୍କୁ ଭେଟିବା ପାଇଁ ଯାଇଥିଲେ। କିନ୍ତୁ ସୋମବାର ସକାଳ ସୁଦ୍ଧା ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି ପରେ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଲାଖବାହାଲି ଗ୍ରାମ ନିକଟରୁ ଝୁଲନ୍ତା ମୃତଦେହ ଜବତ କରିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାରବର୍ଗ ହତ୍ୟା ଅଭିଯୋଗ ଆଣିଛନ୍ତି।

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା: ହତ୍ୟା ଅଭିଯୋଗ

**ଲାଞ୍ଜିଗଡ, ୧୮।୯(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ପ୍ରତାପପୁର ଗାଁର ମହିଳା କୁନି ହରିଜନ (୨୬) ବୁଧବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନାନୁସାରେ ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ମେଲଘୁଟୁ ଗାଁର ଧନେ ଦୀପଙ୍କ ଝିଅ କୁନି ପ୍ରତାପପୁର ଗାଁର ନରେନ୍ଦ୍ର ହରିଜନଙ୍କୁ ପ୍ରେମକରି ବିବାହ କରିଥିଲେ। ତାଙ୍କର ୮ବର୍ଷ ଓ ୧୦ବର୍ଷର ଦୁଇପୁଅ ଅଛନ୍ତି। ନରେନ୍ଦ୍ର ୬ମାସ ପୂର୍ବେ କାମ କରିବା ପାଇଁ ତାମିଲନାଡୁ ଯାଇଥିଲେ। ଘରେ କେହି ନ ଥିବା ବେଳେ କୁନି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବାହାରକୁ ଯାଇଥିବା କୁନିଙ୍କ ଦିଅର ମହେନ୍ଦ୍ର ଘର ଭିତରେ ଭାଉଜ ରଶିରେ ଝୁଲୁଥିବା ଦେଖି ସମସ୍ତଙ୍କୁ ଜଣାଇଥିଲେ। ପରେ ମୃତକଙ୍କ ବାପଘର ଲୋକେ ପହଞ୍ଚି ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୃତଦେହ ଜବତ କରି ଆଣିଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ

**କୋକସରା,୧୮।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ଶିବମନ୍ଦିର ନିକଟରେ ବୁଧବାର ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୋଟେର ପଞ୍ଚାୟତ ଜଳତାମୁଣ୍ଡା ଗ୍ରାମର ହଳଧର ପାରି (୫୬)। ସୂଚନାକ୍ରମେ ସକାଳ ପ୍ରାୟ ୮ଟା ସମୟରେ ୨୬ନଂ. ଜାତୀୟ ରାଜପଥର କୁସୁମଖୁଣ୍ଟି ନିକଟରେ ବାଇକ୍ ହଳଧରଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ମୋଟେର ଫାଣ୍ଡି ପୋଲିସ ଜବତ କରିଛି। ଭବାନୀପାଟଣାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ଜନ ବିରୋଧୀ କାର୍ଯ୍ୟକୁ ନିନ୍ଦା

**ଜିଲାପାଳଙ୍କୁ ଦାବିପତ୍ର**

**ଭବାନୀପାଟଣା,୧୮।୯ (ଉତ୍ତମ କୁମାର ଦାଶ)**


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିଜିମାଳି ଖଣି ଅଞ୍ଚଳର ୩ ପଞ୍ଚାୟତବାସୀ ବୁଧବାର ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଏହାସହ କିଛି ଅସାଧୁ ଲୋକଙ୍କ ଜନବିରୋଧୀ ତଥା ଶିଳ୍ପନୀତିକୁ ନିନ୍ଦା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସିଜିମାଳି ଖଣି ଅଞ୍ଚଳର କେରପାଇ, ତଳଆମ୍ବପଦର, ନାକରୁଣ୍ଡି ପଞ୍ଚାୟତର ୧୩ ଗାଁର ୩୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ।

ସିଜିମାଳି ଖଣି ଉତ୍ତୋଳନ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ସହିତ ଆଦିବାସୀଙ୍କ ଉନ୍ନତି ହେବ ବୋଲି ସ୍ଥାନୀୟ ଗ୍ରାମବାସୀ ପୂର୍ବରୁ ଅନୁଷ୍ଠିତ ଗ୍ରାମସଭାରେ ଦାବି କରିଆସୁଛନ୍ତି। କିନ୍ତୁ କିଛି ଜନବିରୋଧୀ ଓ ଆଦିବାସୀ ବିରୋଧୀ ଏହାକୁ ସହି ନ ପାରି ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ଓ ବିକାଶକୁ ବିରୋଧ କରୁଛନ୍ତି। ପୂର୍ବରୁ ମଧ୍ୟ ଥୁଆମୂଳ ରାମପୁର ବିଡ଼ିଓଙ୍କୁ ସେହି ତଥାକଥିତ ଜନବିରୋଧୀ ବ୍ୟକ୍ତିମାନେ ବିରୋଧ କରି ସଭାସମିତି କରାଇ ଦେଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉପରୋକ୍ତ ୩ ପଞ୍ଚାୟତର ୧୩ ଗ୍ରାମର ଗ୍ରାମବାସୀ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶଙ୍କୁ ସାକ୍ଷାତ କରି ଏଭଳି ଶିଳ୍ପ ଓ ଜନବିରୋଧୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କ ସୁରକ୍ଷା ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉପରୋକ୍ତ ଗ୍ରାମର ରାମ ନାଏକ, ଅଜିତ ନାଏକ, ସଞ୍ଜୀବ ମାଝି, ସାନ ମାଝି, ରାମଚନ୍ଦ୍ର ମାଝି, ସୋନୁ ମାଝି, ସାଧୁରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉପରେ ଆଲୋଚନା


ଜିଲା ପରିଷଦ ବୈଠକରେ ଅତିଥିଗଣ।

**ଭବାନୀପାଟଣା,୧୮।୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ ଗୃହରେ ବୁଧବାର ଷଷ୍ଠ ତମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ସୁଧୀର ପଟ୍ଟଯୋଶୀ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଜିଲାପାଳ ସଚିନ ପାୱାର ପ୍ରକାଶ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଦୟା ମୟ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଜଳ ଯୋଗାଣ, ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ୍, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ସାଧାରଣ ବଣ୍ଟନ, ରାସ୍ତା ଓ ଗୃହ ନିର୍ମାଣ, ଅବକାରୀ, ସମାଜ ମଙ୍ଗଳ ଉପରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର ଜୁନାଗଡ଼ ବ୍ଲକ ମହିଭର ଛକ୍‌ଠାରୁ ନୂଆଗୁଡା, ଚିଟୈଗୁଡା-ଭେଜିପଦର ରାସ୍ତା ଓ ଏନ୍‌ଏଚ୍ ୨୬ଠାରୁ ପଲାସ ରାସ୍ତା ଦୀର୍ଘବର୍ଷ ହେବ ଶୋଚନୀୟ ହୋଇପଡିଥିବା ବିଷୟରେ ବାରମ୍ବାର ବୈଠକରେ ଉପସ୍ଥାପନା କରିବା ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ବୋଲି ସେ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ।

# ମଦ ବନ୍ଦ ପାଇଁ ଥାନାରେ ଅଭିଯୋଗ


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**କୋକସରା,୧୮।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଗମ୍ଭାରୀଗୁଡା ପଞ୍ଚାୟତ ଟିକିଲି ଗ୍ରାମରେ ଚାଲିଥିବା ବେଆଇନ ମଦକୋଠି ବନ୍ଦ ପାଇଁ ବୁଧବାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଦୁଇଭାଇ ଦୀର୍ଘବର୍ଷ ହେବ ଗାଁରେ ଦେଶୀ ବିଦେଶୀ ମଦ କୋଠି ଖୋଲିଛନ୍ତି। ଏହା ଦ୍ୱାରା ଗାଁ ପରିବେଶ ନଷ୍ଟ ହେବା ସହ ଘରେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ମଦ କୋଠିକୁ ଲାଗି ଗ୍ରାହକ ସେବା କେନ୍ଦ୍ର ରହିଛି। ବିଭିନ୍ନ କାମ ନେଇ ମହିଳାମାନେ ଏହି କେନ୍ଦ୍ରକୁ ଆସୁଥିବାବେଳେ ନିଶାସକ୍ତ ବ୍ୟକ୍ତି ଟାହିଟାପରା କରୁଛନ୍ତି। ଏହାକୁ ଗ୍ରାମର ମା' ବସ୍ତରେନ ମାଉଳି, ତୁଳସୀ ଦେବୀ, କାଳେଶ୍ୱର ବାବା, ସପୁରା ମାତା ସ୍ୱୟଂ ସହାୟକ ଗୋଷ୍ଠୀ ବିରୋଧ କରି ମଦକୋଠି ବନ୍ଦ କରିବାକୁ ଚେତାବନୀ ଦେଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ତେଣୁ ମହିଳା ଗୋଷ୍ଠୀ ଓ ସଚେତନ ନାଗରିକ ମଙ୍ଗଳବାର ମଦ କୋଠିରେ ପହଞ୍ଚି ଦେଶୀ ବିଦେଶୀ ମଦ ନଷ୍ଟ କରିଥିଲେ। ବୁଧବାର ଗମ୍ଭାରୀଗୁଡା ସମିତି ସଭ୍ୟା ପ୍ରମିଳା ଭୋଇଙ୍କ ନେତୃତ୍ୱରେ ଗ୍ରାମର ୪ ମହିଳା ସଂଘର ଶତାଧିକ ମହିଳା ଥାନାକୁ ଆସି ମଦ କୋଠି ବନ୍ଦ କରିବାକୁ ଥାନା ଅଧିକାରୀ ରୋନିତା ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଦୁଇ ମଦ ବେପାରୀଙ୍କୁ ଥାନାକୁ ଡକାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

### ସୁଭଦ୍ରା ଯୋଜନାର ସିଧା ପ୍ରସାରଣ ଦେଖିଲେ ମହିଳା

**ଜୁନାଗଡ଼,୧୮।୯ (ସୁନୀଲ କୁମାର ସିଂହ)**

ଜୁନାଗଡ଼ ହାଇସ୍କୁଲ ଖେଳପଡ଼ିଆରେ ପ୍ରଧାନମନ୍ତ୍ରୀଙ୍କ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମର ଆଭାସି ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଜୁନାଗଡ଼ ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ହଜାର ସଂଖ୍ୟାରେ ମହିଳା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସିଧା ପ୍ରସାରଣ ଦେଖିଥିଲେ। ବିଡିଓ ଦେବାଶିଷ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସିଡିପିଓ ଶୈଳଜା ଦାସ, ବିପିଓ ତରୁଣ କୁମାର ଚୋଟରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ ଉପସ୍ଥିତ ଥିଲେ।

### ହଷ୍ଟେଲ ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ

**ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

**ଲାଞ୍ଜିଗଡ଼,୧୮।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କୁ ଅଣଛାତ୍ର ଆକ୍ରମଣ କରିଥିବା ନେଇ ଛାତ୍ରମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଲାଞ୍ଜିଗଡ ସରକାରୀ ଏସ୍‌ଏସ୍‌ଡି ସ୍କୁଲରେ ଯୁକ୍ତ-୨ରେ ଅଧ୍ୟୟନ କରୁଥିବା ଏସ୍‌ଟି ଏସ୍‌ସି ଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ରହିଛି। ଏଠାରେ ପ୍ରାୟ ୨୦୦ ଶହରୁ ଅଧିକ ଛାତ୍ର ରହି ବିଜ୍ଞାନ ଓ ବାଣିଜ୍ୟରେ ଅଧ୍ୟୟନ କରୁଛନ୍ତି। ହେଲେ ମଙ୍ଗଳବାର ରାତି ୮ଟାରେ ୨ ଅଣଛାତ୍ର ବିଦ୍ୟାଳୟ ହଷ୍ଟେଲକୁ ଯାଇ ବାତେଲିମା ପଞ୍ଚାୟତ ବାଣିପାଙ୍ଗ ଗାଁର ଯୁକ୍ତ ୨ ବାଣିଜ୍ୟ ଛାତ୍ର ତରୁଣ ମାଝିଙ୍କୁ ବିଭିନ୍ନ କଥା କହି ଆକ୍ରମଣ କରିଛନ୍ତି। ଏହାକୁ ନେଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏ ନେଇ ସ୍କୁଲ ଅଧ୍ୟକ୍ଷ ନିହାରକାନ୍ତ ବିଶ୍ୱାଳଙ୍କୁ ପଚାରିବାରୁ ସମ୍ପୃକ୍ତ ଛାତ୍ର କିମ୍ବା ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ମୋତେ ଜଣାଇ ନାହାନ୍ତି। ତଥାପି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଥିଲେ।

# ଗାଁ ରାସ୍ତାରେ ଜମୁଛି ମଇଳାପାଣି



**ନୂଆପଡ଼ା,୧୮।୯ (ମକାରୁ ବେମାଲ)**

କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବିନିଯୋଗକରି ଗାଁ ଗାଁରେ ପକ୍କାରାସ୍ତା ନିର୍ମାଣ କରୁଛନ୍ତି। ହେଲେ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ରାସ୍ତା କାମରେ ଆସିବା ପରିବର୍ତ୍ତେ ଲୋକଙ୍କ ସମସ୍ୟାର କାରଣ ହେଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନୂଆପଡ଼ା ଜିଲା କୋମନା ବ୍ଲକ୍ ଜଟଗଡ଼ ପଞ୍ଚାୟତ ବାବେଘାଟି ଗାଁର ସାନପୁଞ୍ଜି ପଡ଼ାରେ। ଏହି ପଡ଼ାରେ ୨୦୨୨-୨୩ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଛି। ହେଲେ ରାସ୍ତା କାମ ସମୟରେ ଲେବୁଲ ନ ଦେଖି ଠିକାଦାର ମନମୁଖି କଂକ୍ରିଟ କରିଥିବାରୁ ଖାଲୁଆ ହୋଇ ରହିଛି। ଫଳରେ ଉଚ୍ଚ ସ୍ଥାନରୁ ପାଣି ବୋହିଆସି ସେହିଠାରେ ଜମା ହେଉଥିବାରୁ ଲୋକଙ୍କୁ ଯାତାୟାତ କରିବାରେ ଅସୁବିଧା ହେଉଛି। ଡ୍ରେନ୍ ସୁବିଧା ନ ଥିବାରୁ ପାଣି ଜମାହୋଇ ଦୁର୍ଗନ୍ଧ ହେଉଛି। ମଶା, ମାଛି ବଂଶ ବୃଦ୍ଧିପାଉଛି। ଏଥିଯୋଗୁ ବିଭିନ୍ନ ରୋଗ ହେବା ସମ୍ଭାବନା ରହିଛି। ବିକଳ୍ପ ନ ଥିବାରୁ ଲୋକେ ବାଧ୍ୟହୋଇ ସେହି ରାସ୍ତାରେ ପାଣିରେ ପଶି ଯାତାୟାତ କରୁଛନ୍ତି। ରାସ୍ତା ନିର୍ମାଣ ସମୟରେ ଉକ୍ତ ସ୍ଥାନ ଖାଲ ହେଉଛି ବୋଲି କୁହାଯାଇଥିଲେ ମଧ୍ୟ ଠିକାଦାର କର୍ଣ୍ଣପାତ କରୁ ନ ଥିବା ଗ୍ରାମର ବିଘ୍ନ ଆଡବଙ୍ଗ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ବ୍ୟବସ୍ଥା ସହ ପାଣି ଜମି ରହୁଥିବା ରାସ୍ତାର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ଏ ବିଷୟରେ କୌଣସି ଅଭିଯୋଗ ଆସି ନାହିଁ। ତଥାପି ତଦନ୍ତ କରାଯାଇ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# କୋଶଳି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦିଆଯାଉ

**ଖଡ଼ିଆଳ,୧୮।୯ (ସୁଜିତ କୁମାର ପ୍ରଧାନ)**



ସଭାରେ ମଞ୍ଚାସୀନ ଅତିଥିମାନେ।

**କୋଶଳି ଅସ୍ମିତା ରଥକୁ ଖଡ଼ିଆଳରେ ସ୍ୱାଗତ**

ନୂଆପଡ଼ା ଜିଲା ଖଡ଼ିଆଳ ସେଲ୍ଫି ପଏଣ୍ଟଠାରେ କୋଶଳି ଅସ୍ମିତା ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ କୋଶଳି ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିରେ ବିଳମ୍ବ ଯୋଗୁ ଓଡ଼ିଶାର ଶିଶୁମାନେ ପ୍ରାଥମିକ ସ୍ତରରେ ନିଜ ମାତୃଭାଷାରେ ଶିକ୍ଷା ପାଇ ପାରୁନାହାନ୍ତି। ଫଳରେ ସେମାନଙ୍କର ବୌଦ୍ଧିକ ବିକାଶ ହୋଇପାରୁନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାଥମିକ ସ୍ତରରେ ପଶ୍ଚିମ ଓଡ଼ିଶାର ଶିଶୁମାନଙ୍କୁ କେନ୍ଦ୍ର ସରକାରଙ୍କ ୨୦୨୦ ଶିକ୍ଷାନିତି ମତେ ମାତୃଭାଷାରେ ଶିକ୍ଷା ପ୍ରଦାନ, କୋଶଳି ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ଗ୍ରହଣ କରବାକୁ ଦାବି କରାଯାଇଥିଲା। ସଭାରେ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀର ସାଧାରଣ ସମ୍ପାଦକ ଆଇନଜୀବୀ ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଶିକ୍ଷକ ଗୌତମ ପ୍ରସାଦ ମୁଣ୍ଡ, ସମାଜସେବୀ ରଣଜିତ ସିଂ ମହାରଥା, ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ନୂଆପଡ଼ା ଜିଲା ସାମ୍ବାଦିକ ସଂଘ ସମ୍ପାଦକ ଦେବାନନ୍ଦ ତାଣ୍ଡି ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ରଥ ପଶ୍ଚିମ ଓଡ଼ିଶାର ୧୦ଟି ଜିଲା ବୁଲିବା ପରେ ସୁବର୍ଣ୍ଣପୁର ଜିଲାର ବୈଦ୍ୟନାଥ ଗ୍ରାମରେ ଥିବା କୋଶଳେଶ୍ୱର ମନ୍ଦିରଠାରେ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଏକାଡେମୀର ସଦସ୍ୟମାନେ କହିଛନ୍ତି।

# ସ୍ୱଚ୍ଛତା ହିଁ ସେବା ଅଭିଯାନ

**ବୋଡ଼େନ,୧୮।୯ ( ଟିକେଶ୍ୱର ନାଗ)**

ସ୍ୱଚ୍ଛ ଭାରତ ମିଶନର ୧୦ବର୍ଷ ପୂର୍ତ୍ତି ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବାବେଳେ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ କାର୍ଯ୍ୟକ୍ରମର ଥିମ୍ ରହିଛି ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବହୁ ସଂଖ୍ୟାରେ ନାଗରିକ ଏହି ଅଭିଯାନରେ ସାମିଲ ହୋଇ ସଫେଇ କର୍ମଚାରୀଙ୍କୁ ଉତ୍ସାହିତ କରିବା ଓ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି ଆମର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା। ଏହି ଅବସରରେ ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ବଜାରକୁ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ପ୍ରିୟ ରଞ୍ଜନ କୁମାର, ଏପିଓ ରବିନାରାୟଣ ରାଉତ, ହେରାମ୍ବ ବିଶ୍ୱାଳ, କ୍ଷମା ସାଗର ସୁନାନୀ, ଗଣେଶ ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ।

# ଏନ୍‌ଏସି ଆନୁକୂଲ୍ୟରେ ବଡ଼ାଖାନା କାର୍ଯ୍ୟକ୍ରମ

**ବେହେରା,୧୮।୯ (ଭୂପେଶ ତିୱାରୀ)**

ଧର୍ମଗଡ ଏନ୍‌ଏସି ଆନୁକୂଲ୍ୟରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ସୁପରଭାଇଜର ଓ ଡ୍ରାଇଭରଙ୍କ ନିମନ୍ତେ ବଡ଼ାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ମନୀନ୍ଦ୍ର ହୁଡଙ୍ଗା ମୁଖ୍ୟ ଅତିଥି ଓ ବିଡ଼ିଓ ଶରତ କୁମାର ପାତ୍ର, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷା ମନିଷା ମିଶ୍ର, ଟ୍ରେଜେରି ଅଫିସର ରାଜୀବ ଲୋଚନ ପୋଢ଼ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସହରକୁ ସ୍ୱଚ୍ଛ ରଖିବାରେ ସଫେଇ କର୍ମଚାରୀଙ୍କ ଅବଦାନ ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ସ୍ୱଚ୍ଛ ସାଥୀ ଓ କର୍ମଚାରୀଙ୍କୁ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥଲେ। ସିଟି ମିସନ ମ୍ୟାନେଜର ସୁଭାଶିଷ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥଲେ। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଶରତ କୁମାର ସାହୁ, ହିସାବ ରକ୍ଷକ ହିମାଂଶୁ ରଣା, ଗୋଷ୍ଠୀ ସଂଗଠକ ଯଶୋବନ୍ତ ମହାପାତ୍ର, ସମସ୍ତ କାଉନସିଲର ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ପୁଣି ଅଟକିଲା ଜବରଦଖଲ ଉଚ୍ଛେଦ

**ବଲାଙ୍ଗୀର,୧୮।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ଅନେକ ବ୍ୟସ୍ତବହୁଳ ରାସ୍ତା କଡ଼ରେ, ଡ୍ରେନ୍ ଓ ସରକାରୀ ଜମି ଉପରେ ଜବରଦଖଲ ରହିଛି। ରାସ୍ତାକଡ଼ ଡ୍ରେନ୍ ଓ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ଅନେକ ଥର ନୋଟିସ ଦିଆଯାଇଛି। ନୋଟିସ ତାରିଖରେ ଉଚ୍ଛେଦ ଟିମ୍ ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପରେ ବିଭିନ୍ନ କାରଣରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ ହୋଇଯାଉଛି। ବୁଧବାର ବଲାଙ୍ଗୀର ମ୍ୟୁନିସିପାଲିଟି ଟିମ୍ ସହରର ଏବିଏସ୍‌ଏସ୍ ଗଳି ରାସ୍ତା ଏବଂ ରମାଇ ଟକିଜ ରାସ୍ତାରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆସିଥିଲେ। ହେଲେ ଆଜି ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ଫଳରେ ମ୍ୟୁନିସିପାଲିଟି ଟିମ୍, ଟାଉନ୍ ଥାନା ପୋଲିସ ଟିମ୍ ସମ୍ପୃକ୍ତ ଅଞ୍ଚଳରୁ ଫେରି ଯାଇଥିବା ଜଣାପଡିଛି। କିଛିଦିନ ତଳେ ମ୍ୟୁନିସିପାଲିଟି ପକ୍ଷରୁ ଏବିଏସ୍‌ଏସ୍ ଗଳି ରାସ୍ତା, ସମଲେଶ୍ୱରୀ ମନ୍ଦିରରୁ ପାଟଣେଶ୍ୱରୀ ମନ୍ଦିର ରାସ୍ତା ଓ ରମାଇ ଟକିଜ ରାସ୍ତାକଡରେ ଜବରଦଖଲ କରି ଦୋକାନ ବଜାର କରିଥିବା ସ୍ଥାନରେ ଉଚ୍ଛେଦ କରାଯିବ ବୋଲି ନୋଟିସ ଜାରି କରାଯାଇଥିଲା। ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଡାକବାଜି ଯନ୍ତ୍ରରେ ଘୋଷଣା କରାଯାଇ ଜବରଦଖଲ ସ୍ଥାନରୁ ଦୋକାନଗୁଡିକ ଖାଲି କରିବାକୁ ମଧ୍ୟ କୁହାଯାଇଥିଲା। ଏଭଳି ଘୋଷଣା ପରେ ବୁଧବାର ମ୍ୟୁନିସିପାଲିଟି ପ୍ରଶାସନ ଜବରଦଖଲ ଉଚ୍ଛେଦ ଟିମ୍ ଧରି ରମାଇ ଟକିଜ ରାସ୍ତାରେ ଭଙ୍ଗା ଆରମ୍ଭ କରିଥିଲେ।


ବଲାଙ୍ଗୀର ସହର ଏବିଏସ୍‌ଏସ୍ ଗଳିରେ ଜବରଦଖଲ ଉଚ୍ଛେଦ ପାଇଁ ଆସିଥିବା ମ୍ୟୁନିସିପାଲିଟି ଟିମ୍।

- ଫେରିଗଲେ ମ୍ୟୁନିସିପାଲିଟି ଟିମ୍, ପୋଲିସ କର୍ମଚାରୀ
- ଆଗକୁ ପାର୍ବଣ, ସମୟ ମାଗିଲେ ଦୋକାନୀ
- ଆଜି ହେବ ଭାଗୀରଥି ଛକ-ସର୍କିଟ ହାଉସ ରାସ୍ତାରୁ ଜବରଦଖଲ ଉଚ୍ଛେଦ

ତେବେ ସ୍ଥାନୀୟ ଦୋକାନୀମାନେ ଦୋକାନ ବଜାର ଖାଲି କରି ନ ଥିବାରୁ ଆଉ କିଛି ମହଲତ ଦେବାକୁ ଅନୁରୋଧ କରିଥିଲେ। ଏହାପରେ ମ୍ୟୁନିସିପାଲିଟି ଟିମ୍ ଏବିଏସ୍‌ଏସ୍ ଗଳିରେ ଯାଇ ପହଞ୍ଚିଥିଲେ। ଏହି ରାସ୍ତାରେ ଜବରଦଖଲ ଉଚ୍ଛେଦ କରିବାକୁ ଗଲାବେଳେ ସ୍ଥାନୀୟ ଦୋକାନୀମାନେ ସମାନ ଢ଼ଙ୍ଗରେ କିଛି ଦିନର ମହଲତ ମାଗିଥିଲେ। ଆଗକୁ ପାର୍ବଣ ଋତୁ ଆସୁଛି। ଦୋକାନୀମାନେ ବିକ୍ରି ଆଶା ରଖିଛନ୍ତି ତେଣୁ ସେମାନଙ୍କୁ ପାର୍ବଣ ଶେଷ ପର୍ଯ୍ୟନ୍ତ ସମୟ ଦିଆଯାଉ ବୋଲି ଅନୁରୋଧ କରିଥିଲେ। ଏହାପରେ ଜବରଦଖଲ ଟିମ୍ ସେଠାରୁ ଫେରି ଆସିଥିବା ଜଣାପଡିଛି। ଜବରଦଖଲ ଯୋଗୁ ଏବିଏସ୍‌ଏସ୍ ରାସ୍ତାରେ ସବୁବେଳେ ଗହଳି ଲାଗି ରହୁଛି। କେତେକ ଦେକାନୀ ରାସ୍ତା ଉପରେ ବେଆଇନ ଭାବେ ଡ୍ରେନ୍ ଉପରେ ଦୋକାନ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇଯାଇଛି। ଏହି ରାସ୍ତାରେ ଦିନବେଳା ମଧ୍ୟ ଚାରିଚକିଆ କଥା ଛାଡନ୍ତୁ ମୋଟର ସାଇକଲ ଯିବା ଆସିବାରେ ବହୁତ ଅସୁବିଧା ହେଉଛି। ସନ୍ଧ୍ୟା ସମୟରେ ଲୋକଙ୍କ ଭିଡ ବଢ଼ିଲା ପରେ ଚାଲିକରି ଯିବାରେ ମଧ୍ୟ ଅସୁବିଧା ହେଉଛି। ସେହିପରି ସମଲେଶ୍ୱରୀ ମନ୍ଦିରରୁ ପାଟଣେଶ୍ୱରୀ ମନ୍ଦିର ରାସ୍ତାକଡ ଡ୍ରେନ୍ ଉପରେ ଜବରଦଖଲ ରହିଥିବାରୁ ବର୍ଷା ଦିନେ ପାଣି ନିଷ୍କାସନ ଠିକ୍ ଭାବେ ହୋଇପାରୁନାହିଁ। କେତେକ ଦୋକାନୀ ରାସ୍ତା ଓ ଡ୍ରେନ୍ ଉପରେ ଜବରଦଖଲ କରି ବେପାର କରୁଛନ୍ତି। ଏହାସତ୍ତ୍ୱେ ପ୍ରଶାସନ ସେମାନଙ୍କୁ ମହଲତ ଦେବା କେତେ ଯୁକ୍ତିଯୁକ୍ତ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଏହାସହିତ ଜିଲା ପ୍ରଶାସନ ପକ୍ଷରୁ ସହରର ଅନ୍ୟ ଅଞ୍ଚଳରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇ ଲୋକଙ୍କୁ ବିସ୍ଥାପିତ କରାଯାଇଥିବାରୁ ସେମାନେ ମଧ୍ୟ ଏନେଇ ପ୍ରଶ୍ନ ଉଠାଇଛନ୍ତି। ସମସ୍ତଙ୍କ ପାଇଁ ସମାନ ନିୟମ କରିବାକୁ ଲୋକେ ଦାବି କରିଛନ୍ତି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚାରିବାରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଓ ଡାକବାଜି ଯନ୍ତ୍ରରେ ଘୋଷଣା ସରିଛି। କେତେଜଣ ଦୋକାନୀ କିଛି ସମୟ ମାଗିଛନ୍ତି। ଗୁରୁବାର ଭାଗିରଥି ଛକରୁ ସର୍କିଟ ହାଉସ ରାସ୍ତାରେ ଜବରଦଖଲ ଉଚ୍ଛେଦ ହେବ ବୋଲି ସେ କହିଛନ୍ତି।

# ପୌର ପରିଷଦରେ ୟୁଜର୍ସ ଫି' କେଳେଙ୍କାରୀ

**ବରଗଡ଼**

- ୧୦ପ୍ରତିଶତ ଜମା, ୯୦ପ୍ରତିଶତ ଆତ୍ମସାତ୍
- ରସିଦ ବୁକ୍‌ରେ ବିଭାଗୀୟ କର୍ମଚାରୀଙ୍କ ଟାମ୍ପରିଂ

ବରଗଡ଼, ୧୮।୯(ପ୍ରେମାନନ୍ଦ ଖମାରୀ)


ପୌରାଧ୍ୟକ୍ଷା ଏବଂ କାଉନସିଲରବୃନ୍ଦ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।



ଟାମ୍ପରିଂ ହୋଇଥିବା ଓ ଲୋକଙ୍କୁ ଦିଆଯାଇଥିବା ୟୁଜର୍ସ ଫି'ର ରସିଦ୍।

ବରଗଡ଼ ପୌର ପରିଷଦରେ ୟୁଜର୍ସ ଫି ଅସୁଲିରେ ହୋଇଥିବା ଏକ ବଡ଼ କେଳେଙ୍କାରୀ ସାମ୍ନାକୁ ଆସିଛି। ବିଭାଗୀୟ କର୍ମଚାରୀମାନେ ୟୁଜର୍ସ ଫି ଅସୁଲି ପାଇଁ ଉଦ୍ଦିଷ୍ଟ ରସିଦ୍ ବୁକ୍‌କୁ ଟାମ୍ପରିଂ କରି ବ୍ୟାପକ ଅନିୟମିତତା କରିଥିବା ଜଣାପଡ଼ିଛି। ଅସୁଲି ହୋଇଥିବା ୟୁଜର୍ସ ଫି'ର ସମୁଦାୟ ଟଙ୍କାରୁ ୯୦ପ୍ରତିଶତ ଆତ୍ମସାତ୍ କରି ବାକି ୧୦ପ୍ରତିଶତ ପୌର ପରିଷଦରେ ଜମା କରିବା ଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। କେବଳ ସେତିକି ନୁହେଁ, ସମ୍ପୃକ୍ତ କର୍ମଚାରୀମାନେ ଅନେକ ରସିଦ୍ ବୁକ୍ ପୌର ପରିଷଦରେ ଜମା ମଧ୍ୟ ଦେଇ ନାହାନ୍ତି। ପୌରାଧ୍ୟକ୍ଷା କଳ୍ପନା ମାଝି ଏହା ଜାଣିବା ପରେ ୫ଜଣିଆ କମିଟି ଗଠନ କରି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ରିପୋର୍ଟ ମିଳିବା ପରେ ପୌରାଧ୍ୟକ୍ଷା ମାଝି ଏହି କେଳେଙ୍କାରୀ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ସେହିପରି ଅନିୟମିତତାରେ ସମ୍ପୃକ୍ତ କର୍ମଚାରୀ ଏକ୍ସପର୍ଟ ଇନ୍ସପେକ୍ଟରଙ୍କ ଚ୍ୟାମ୍ବରରେ ପୌରାଧ୍ୟକ୍ଷା ମାଝି ଏବଂ ଅନ୍ୟ କାଉନସିଲରମାନେ ବୁଧବାର ତାଲା ମାରି ଦେଇଛନ୍ତି। ତାଲା ମାରିବା ପରେ ଚାବିକୁ ପୌର ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ପୌର ପରିଷଦ ଅଞ୍ଚଳରେ ରହିଥିବା ଘର, ଦୋକାନ, ମଲ୍ ଆଦିରୁ ପ୍ରତିମାସ ୟୁଜର୍ସ ଫି ସଂଗ୍ରହ କରାଯାଇଥାଏ। ଏଥିପାଇଁ ପୌର ପରିଷଦ ପକ୍ଷରୁ କେତେଜଣ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କେତେକ କର୍ମଚାରୀ ତାହା ସଂଗ୍ରହ କରୁଥିବାବେଳେ ସଂଗୃହୀତ ରାଶି ଏବଂ ୟୁଜର୍ସ ଫି ପାଇଁ ଉଦ୍ଦିଷ୍ଟ ରସିଦ ବୁକ୍ ଅନ୍ୟ କେତେକ କର୍ମଚାରୀଙ୍କ ପାଖରେ ରହିଥାଏ। ତେବେ ୟୁଜର୍ସ ଫି ଦେଉଥିବା ଦୋକାନୀ ତଥା ଲୋକେ ଠିକ୍‌ଭାବେ ପ୍ରଦାନ କରୁଥିବାବେଳେ ସମ୍ପୃକ୍ତ କେତେଜଣ କର୍ମଚାରୀ ଉଦ୍ଦିଷ୍ଟ ରସିଦକୁ ଚତୁରତାର ସହିତ ଟାମ୍ପରିଂ କରି ଲକ୍ଷାଲକ୍ଷ ଟଙ୍କା ଆତ୍ମସାତ୍ କରିବା ଭଳି ତଥ୍ୟ ପଦାକୁ ଆସିଛି। ଦୃଷ୍ଟାନ୍ତ ସ୍ୱରୂପ ୟୁଜର୍ସ ଫି ରସିଦ ବୁକ୍-୨୩, ରସିଦ କ୍ରମାଙ୍କ-୧୭ରେ ଗତ ୨୦୨୩ ଜୁନ ୯ତାରିଖ ୨ହଜାର ଟଙ୍କା ୟୁଜର୍ସ ଫି ଅସୁଲି ହୋଇଛି। ୟୁଜର୍ସ ଫି ଦେଇଥିବା ଲୋକଙ୍କୁ ସେହି ପରିମାଣର ଠିକ୍ ରସିଦ ମଧ୍ୟ ଦିଆଯାଇଛି। କିନ୍ତୁ ପୌର ପରିଷଦରେ ଜମା ହୋଇଥିବା ୟୁଜର୍ସ ଫି ଖାତାର ସେହି ରସିଦ୍ କପିରେ ତାକୁ ୨ଶହ ଟଙ୍କା ଭାବେ ଉଲ୍ଲେଖ କରାଯାଇଛି। ଅର୍ଥାତ୍ ୨୦୦୦ ଟଙ୍କାରୁ ଗୋଟିଏ ଶୂନ୍‌କୁ ଚତୁରତାର ସହିତ ନିଭାଇ ଦିଆଯାଇଛି।

କେବଳ ସେହି ଗୋଟିଏ ରସିଦ୍ ନୁହେଁ। ତଦନ୍ତ ପରେ ଅନେକ ରସିଦରେ ଏଭଳି ହୋଇଥିବା ଏବଂ ବହୁତ ରସିଦ ବୁକ୍‌ର ଥଳକୂଳ ମିଳୁ ନ ଥିବା ଜଣାପଡ଼ିଛି। ତଦନ୍ତ ରିପୋର୍ଟରୁ ମିଳିଥିବା ସୂଚନା ଅନୁଯାୟୀ, ୭୮ ରସିଦ ବୁକ୍ ମଧ୍ୟରୁ ସମ୍ପୃକ୍ତ କର୍ମଚାରୀମାନେ ଏପର୍ଯ୍ୟନ୍ତ ୧୦ଟି ରସିଦ୍ ବୁକ୍ ତଦନ୍ତ କମିଟି ପାଖରେ ଜମା କରିନାହାନ୍ତି। ଅନ୍ୟପଟେ ୧୮ଟି ରସିଦ୍ ବୁକ୍ ଠିକ୍‌ଥିବାବେଳେ ବାକି ୫୦ଟି ରସିଦ୍ ବୁକ୍‌ରେ ଟାମ୍ପରିଂ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରୁ ୟୁଜର୍ସ ଫି ଅସୁଲିରେ ସମ୍ପୃକ୍ତ କର୍ମଚାରୀମାନେ କେତେ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବେ, ତାହା ସହଜରେ ଅନୁମେୟ। ତେବେ ଏ ଦିଗରେ ପ୍ରଶାସନ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଆଗାମୀ ଦିନ ଜଣାପଡ଼ିବ।

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଘଣ୍ଟାପଡ଼ା/ଖୁଣ୍ଟିଗୋରା,୧୮।୯ (ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)

**ଗୁଣିଗାରେଡି ସନ୍ଦେହରେ ସ୍ୱାମୀ ସ୍ତ୍ରୀଙ୍କୁ କଟୁରିରେ ଆକ୍ରମଣ ଘଟଣା**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ କୁଲୁତାପୋର ଗ୍ରାମର ଖଲିଆପଡ଼ା ସାହିରେ ଗୁଣିଗାରେଡି ସନ୍ଦେହରେ ସ୍ୱାମୀ ସ୍ତ୍ରୀଙ୍କୁ କରାଯାଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇଲୁ ଓରଫ ଚନ୍ଦ୍ର ଶେଖର ମାଝୀ, ଲଛମନ ମାଝୀ ଓ ରାଜେନ୍ଦ୍ର ଧରୁଆ । ପ୍ରକାଶ ଯେ, କୁଲୁତାପୋର ଗ୍ରାମ ଠାରୁ ପ୍ରାୟ ୫୦୦ମିଟର ଦୂରରେ ରଞ୍ଜିତ ମାଝୀ ନିଜ ଚାଷ ଜମିରେ ଘର କରି ସ୍ତ୍ରୀ ମାନସୀ ,ପୁଅ ଓ ମାଆ ଶାନ୍ତି ମାଝୀଙ୍କ ସହ ରହୁଥିଲେ। ତାଙ୍କ ଘର ନିକଟରେ ଉକ୍ତ ଗ୍ରାମର ଇଲୁ ଓରଫ ଚନ୍ଦ୍ରଶେଖର ମାଝୀ(୧୯)ଙ୍କ ପରିବାର ମଧ୍ୟ ନିଜ ଚାଷ ଜମିରେ ଘର କରି ରହୁଥିଲେ। ଇଲୁଙ୍କ ମାଆବାପାଙ୍କ ସହିତ ଜଣେ ମାଉସୀ ତାଙ୍କ ସହ ରହୁଥିଲେ। ସବୁ ଠିକ୍ ଠାକ୍ ଚାଲିଥିଲା। ହଠାତ୍ ଇଲୁଙ୍କ ମାଉସୀ କୌଣସି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ହେଲେ ଯେତେ ଔଷଧ ଖାଇଲେ ବି ଭଲ ହୋଇ ନ ଥିଲେ। ପରେ ଇଲୁଙ୍କ ପରିବାର ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କେହି ଗୁଣିଗାରେଡି କରିଥିବା ସନ୍ଦେହ କରିଥିଲେ। ଶେଷରେ ମାଉସୀଙ୍କ ଦେହାନ୍ତ ହେବାରୁ ଇଲୁ କ୍ରୋଧାନ୍ୱିତ ହୋଇ ନିକଟରେ ରହୁଥିବା ରଞ୍ଜିତଙ୍କ ମାଆଙ୍କୁ ସନ୍ଦେହ କରିଥିଲେ। ପରେ ନିଜ ଗାଁର ଲଛମନ ମାଝୀ (୨୫) ଓ ନିକଟସ୍ଥ ଧରୁଆପଡ଼ାର ରାଜେନ୍ଦ୍ର ଧରୁଆ (୨୨)ଙ୍କୁ ସମସ୍ତ ବିଷୟ କହି ରଞ୍ଜିତଙ୍କ ମାଆଙ୍କୁ ସବୁଦିନ ପାଇଁ ସଫା କରିଦେବା ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ ଗତ ୧୨ ତାରିଖ ରାତିରେ ଖାଇ ପିଇ ସମସ୍ତେ ଶୋଇଥିବା ସମୟରେ ଏକ କଟୁରୀ ଧରି ତିନିଜଣ ମିଶି ରଞ୍ଜିତଙ୍କ ଘରକୁ ଯାଇଥିଲେ । ରଞ୍ଜିତ ଓ ତାଙ୍କ ସ୍ତ୍ରୀ,ପୁଅ ଶୋଇଥିବା ଅବସ୍ଥାରେ ଇଲୁ ପ୍ରଥମେ ମାନସୀ ଓ ପରେ ରଞ୍ଜିତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସୌଭାଗ୍ୟକୁ ତାଙ୍କ ମାଆ ଅଲଗା ଘରେ ଶୋଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଗୁରୁତର ସ୍ୱାମୀସ୍ତ୍ରୀଙ୍କୁ ପ୍ରଥମେ କଣ୍ଟାମାଳ ଡାକ୍ତରଖାନା ଓ ପରେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଣ୍ଟାପଡ଼ା ପୋଲିସ ରଞ୍ଜିତଙ୍କ ଗାଁକୁ ଯାଇଥିବା ବେଳେ ଘରେ ତାଙ୍କର କେହି ନ ଥିଲେ । ପରେ ସୋନପୁରରେ ଚିକିତ୍ସିତ ହେଉଥିବା ଖବର ପାଇ ପୋଲିସ ଡାକ୍ତରଖାନା ଯାଇ ପଚରାଉଚରା କରିଥିଲା । ଏ ନେଇ ଗତ ୧୫ ତାରିଖରେ ମାଆ ଶାନ୍ତି ଘଣ୍ଟାପଡା ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ ୧୨୪/୧୬।୯।୨୪ ଏକ ମାମଲା ରୁଜୁ କରି ସନ୍ଦେହରେ ଇଲୁ ଓରଫ ଚନ୍ଦ୍ରଶେଖରଙ୍କୁ ଆଣି ପଚରାଉଚରା କରିଥିଲା। ଏଥିରେ ଇଲୁ ସମସ୍ତ ସତ କଥା ମାନି ଯାଇଥିଲେ। ତାଙ୍କ ବୟାନ ଅନୁସାରେ ଉକ୍ତ ଗ୍ରାମର ସହଯୋଗୀ ଲଛମନ ଓ ରାଜେନ୍ଦ୍ରଙ୍କୁ ଗିରଫ କରାଯାଇଛି।

## ଡୁମ୍ବେରପାଲିରେ ଭାଗବତ ଜନ୍ମ ଉତ୍ସବ

ସୋହେଲା,୧୮।୯ (ଅଶ୍ୱିନୀ କୁମାର ପାତ୍ର): ସୋହେଲା ବ୍ଲକ ଗର୍ଭଣା ପଞ୍ଚାୟତ ଡୁମ୍ବେରପାଲି ଗ୍ରାମରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏମପି ପ୍ରଦୀପ ପୁରୋହିତ, ସମ୍ମାନୀତ ଅତିଥି ସୁରେଶ୍ୱର ଶତପଥୀ, ମୁଖ୍ୟବକ୍ତା ଅଧ୍ୟାପକ ମୋହନ ସାହୁ, ସମ୍ମାନୀତ ଅତିଥି ମନୋରଞ୍ଜନ ସାହୁ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସଭା ପରିଚାଳନାରେ ସହଯୋଗ କରିଥିଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ସାହୁ। ସମ୍ବଲପୁରୀ ଭାଷାର ଭାଗବତ ପ୍ରଣେତା ପଣ୍ଡିତ ପୂର୍ଣ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ସମ୍ବଲପୁରୀ ଭାଗବତ ନିଶ୍ଚିତ ଭାବେ ଲୋକଙ୍କ ଜୀବନରେ ପଥପ୍ରଦର୍ଶକ ହେବ ବୋଲି ଏମପି ପୁରୋହିତ କହିଥିଲେ। ପଣ୍ଡିତ ପୂର୍ଣ ଚନ୍ଦ୍ର ସାହୁଙ୍କ ଦ୍ୱାରା ସମ୍ବଲପୁରୀ ଭାଷାରେ ଅନୁଦିତ ଅଠର ଖଣ୍ଡ ମହାଭାରତକୁ ପ୍ରକାଶ ପାଇଁ ଚେଷ୍ଟା କରାଯିବ ବୋଲି ପୁରୋହିତ କହିଥିଲେ। ସମ୍ବଲପୁରୀ ଭାଗବତର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିଥିବା ବନ୍ଦଲା ଗ୍ରାମର ଅଶ୍ୱିନୀ ବାରିକଙ୍କୁ ଚଳିତ ବର୍ଷର ସମ୍ବଲପୁରୀ ଭାଗବତ ସମ୍ମାନ ପ୍ରଦାନ କରାଯାଇଥିଲା। ଛାୟାକାନ୍ତି ସାହୁ ବିଭିନ୍ନ ରାଗ ରାଗିଣୀରେ ସମ୍ବଲପୁରୀ ଭାଗବତ ଗାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଗଲାହାର ସାହୁ, ବେଦବ୍ୟାସ ବିଶାଲ, ବିକାଶ ଚନ୍ଦ୍ର ସାହୁ, ଉମେଶ ପ୍ରଧାନ, ଆଦିତ୍ୟ ସାହୁ, ଉମେଶ ସାହୁ, ସୁଶିଲ କୁମାର ସାହୁ, ସମ୍ପଦ ସାହୁ, ମନବୋଧ ସାହୁ ଶ୍ରୀବତ୍ସ ପଧାନ, ତରଣୀସେନ ଭୁଏ ଓ ପ୍ରମୋଦ କୁମାର ସାହୁ। ଅଞ୍ଚଳର ବହୁ ଭାଗବତ ପ୍ରେମୀ ଏଥିରେ ଯୋଗ ଦେଇଥିଲେ। ଶେଷରେ ଗୌର ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟସ୍ତର ପ୍ରତିଯୋଗିତାରେ ବରଗଡ଼ର ଶିଶୁ ବୈଜ୍ଞାନିକ

ବରଗଡ଼, ୧୮।୯(ପ୍ରେମାନନ୍ଦ ଖମାରୀ)


ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଶିଶୁ ବୈଜ୍ଞାନିକ ଦିବ୍ୟାଶା ପ୍ରଧାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କେଶାଇପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଦିବ୍ୟାଶା ପ୍ରଧାନଙ୍କ ପ୍ରକଳ୍ପ ମଲ୍ଟି ପରପୋଜ୍ କେରିୟର ଇନ ଟୁ ହ୍ୱିଲର ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ତଥା ଜାତୀୟ ନବ ପ୍ରବର୍ତ୍ତନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ନୂଆଦିଲ୍ଲୀସ୍ଥିତ ପ୍ରଗତି ମୈଦାନରେ ଚାଲିଥିବା ଏକାଦଶ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତାରେ ସ୍ଥାନୀତ ହୋଇଛି। ଦିବ୍ୟାଶା କହିଛନ୍ତି, ସାଇକେଲ ଭଳି ୨ଚକିଆ ଯାନରେ କି କି ବ୍ୟବସ୍ଥା କରାଗଲେ ଅନେକ ସୁବିଧା ମିଳିପାରିବ, ଏହି ଚିନ୍ତାଧାରା ରାସ୍ତାରେ ଗଲାବେଳେ ତାଙ୍କ ମନରେ ଆସିଥିଲା। ଫଳରେ ସେ ଏକ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିସ୍ମିତା ପ୍ରଧାନଙ୍କ ମାର୍ଗଦର୍ଶନରେ ସେ ପ୍ରକଳ୍ପର ଚୂଡ଼ାନ୍ତ ରୂପରେଖ ଦେଇଥିଲେ। ତାଙ୍କର ସେହି ପ୍ରକଳ୍ପ ଜିଲାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲା। ସେଠାରୁ ପୁଣି ପ୍ରକଳ୍ପଟି ଜାତୀୟସ୍ତରକୁ ମନୋନୀତ ହୋଇଥିଲା। ଉକ୍ତ ସଫଳତାର ଶ୍ରେୟ ସେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଚିସ୍ମିତା ପ୍ରଧାନ, ପ୍ରଧାନଶିକ୍ଷକ ଆତ୍ମାରାମ ଭୋଇ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଦେଇଛନ୍ତି। ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସମେତ କେଶାଇପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଶିଶୁ ବୈଜ୍ଞାନିକ ଦିବ୍ୟାଶାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଭାଗବତ ଜନ୍ମ ଉତ୍ସବ ପାଳିତ

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ): ବରଗଡ଼ ଖଜୁରଟିକ୍ରା ନେତାଜୀ କ୍ଲବ ପରିସରରେ ବୁଧବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀମଦ୍ ଭାଗବତ ପୂଜା କରାଯାଇଥିଲା। ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ଭାଗବତ ପାଠ କରିବା ସହିତ ଭାଗବତ କଥା ଶୁଣାଇଥିଲେ। କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ଗାୟକ ରାମଚନ୍ଦ୍ର ସାହୁଙ୍କ ସମେତ ସୁଶିଲ ଠାକୁର, ଭାଗବତିଆ ଦାଶ, ଶେଷଦେବ ସାହୁ, ଭରତ ପ୍ରଧାନ, ଦିପକ ବାରିକ, ପଞ୍ଚାନନ ବାଗ, ନିବାସ ବାଗ, ନିକୁଞ୍ଜ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କ୍ୟାନ୍‌ସର ହସ୍‌ପିଟାଲ ସମସ୍ୟା ଅସମାହିତ



ସିଡିଏମ୍‌ଓଙ୍କୁ ଫେରାଦ ହୋଇଥିବା ବରଗଡ଼ ସିଟିଜେନ ଫୋରମ୍‌ର ପ୍ରତିନିଧିବୃନ୍ଦ।

ବରଗଡ଼, ୧୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ସହରଉପକଣ୍ଠଖେଦାପାଲିଠାରେ ନିର୍ମିତ କ୍ୟାନସର ହସ୍‌ପିଟାଲରେ ବହୁବିଧ ସମସ୍ୟା ଲାଗି ରହିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ଏହି କ୍ରମରେ ମଙ୍ଗଳବାର ବରଗଡ଼ ସିଟିଜେନ ଫୋରମର ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡା. ନିରୁପମା ଷଡ଼ଙ୍ଗୀଙ୍କୁ ଫେରାଦ ହୋଇଥିଲେ। କ୍ୟାନସର ହସ୍‌ପିଟାଲରେ ରହିଥିବା ସମସ୍ୟାଗୁଡ଼ିକର ତ୍ୱରିତ୍ ସମାଧାନ ଦାବିରେ ଏହି ପ୍ରତିନିଧି ଦଳ ସିଡ଼ିଏମ୍‌ଓ ଡା. ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ଉଲ୍ଲେଖ ରହିଛି, ଗତ ଫେବୃଆରୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ କ୍ୟାନସର ହସ୍‌ପିଟାଲକୁ ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନ ହେବାର ୭ମାସ ପରେ ମଧ୍ୟ କ୍ୟାନସର ହସ୍‌ପିଟାଲର ସମସ୍ୟା ଅସମାହିତ ହୋଇ ରହିଛି। ଏପର୍ଯ୍ୟନ୍ତ ଉକ୍ତ ହସପିଟାଲ ପୂର୍ଣ୍ଣାଙ୍ଗଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଚିକିତ୍ସା ପାଇଁ ବ୍ୟବହାର ହେଉଥିବା ରେଡ଼ିଓଥେରାପି, ଅପରେଶନ ଥିଏଟର, ଆଇସିୟୁ ଆଦି କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି ହସ୍‌ପିଟାଲ ବିଲଡ଼ିଂ କାର୍ଯ୍ୟ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ଫଳରେ ରୋଗୀମାନଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ଏହି ଦୃଷ୍ଟିରୁ ଉକ୍ତ କ୍ୟାନସର ହସ୍‌ପିଟାଲକୁ ପୂର୍ଣ୍ଣାଙ୍ଗଭାବେ କାର୍ଯ୍ୟକ୍ଷମ କରିବାକୁ ବରଗଡ଼ ସିଟିଜେନ ଫୋରମ ଦାବି କରିଛି। ଫୋରମ୍‌ର ରାଜେନ୍ଦ୍ର ସିକନ୍ଦର, କିଶୋର ସାହୁ, ଭବାନୀ ସାହୁ, ନିଖିଳ ପାଣିଗ୍ରାହୀ, ଅସିତ ସାହୁ, ଜି.ଭି ରାଓ ପ୍ରମୁଖ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ନୃସିଂହନାଥ ମନ୍ଦିରରେ ଭାଗବତ ଜନ୍ମୋତ୍ସବ

ପାଇକମାଲ,୧୮।୯(ବଡ ଶତପଥି)



ବରଗଡ ଜିଲା ପାଇକମାଲ ନୃସିଂହନାଥ ଭାଗବତ ତତ୍ତ୍ୱ ଆଶ୍ରମରେ ବୁଧବାର ଇନ୍ଦୁ ପୂର୍ଣ୍ଣିମା ତଥା ଭାଗବତ ଜନ୍ମ ଦିନ ଅବସରରେ ନୃସିଂହନାଥ ବ୍ରାହ୍ମଣ ସମାଜ ଏବଂ ମନ୍ଦିର ପୂଜକଙ୍କ ମିଳିତ ତତ୍ତ୍ୱାବଧାନରେ ଭାଗବତ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା ପୂର୍ବକ ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚିତ ଏକାଦଶ କନ୍ଧ ଖଣ୍ଡ ଭାଗବତ ସାମୂହିକ ଭାବେ ଗାନ କରାଯାଇଥିଲା। ଏଥିରେ ବ୍ରହ୍ମାଣ ସମାଜର ଗିରିଶ ଚନ୍ଦ୍ର ନାୟକ,ଶଙ୍କର ପ୍ରସାଦ ଦାସ,ମାତୃ ପ୍ରସାଦ ରଥ,ସତ୍ୟ ନାରାୟଣ ଯୋଷୀ, ଗଣେଶ ଚନ୍ଦ୍ର ନାୟକ, ନବୀନ ଚନ୍ଦ୍ର ନାୟକ, ଶ୍ରବଣ କୁମାର ପୁରୋହିତ, ବୁଲୁ କୁମାର ନାୟକ, ସିଦ୍ଧାର୍ଥ ପାଣିଗ୍ରାହୀ, ରଙ୍କମଣି ଦେବତା, ପ୍ରିତେଶ ମହାପାତ୍ର, ଆକାଶ ପାଣିଗ୍ରାହୀ, ବ୍ରଜ କିଶୋର ପୁରୋହିତ, ମନୋହର ମିଶ୍ର, ଦୁର୍ଯ୍ୟୋଧନ ତ୍ରିପାଠୀ, ଉମାକାନ୍ତ ପୁରୋହିତ, ବିଶ୍ୱ ରଞ୍ଜନ ଦାସ ଅଂଶ ଗ୍ରହଣ କରିଥିଲେ। ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧନୁର୍ଯ୍ୟୟଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ପାଇକମାଲ,୧୮।୯(ବଡ ଶତପଥି) : ବରଗଡ଼ ଜିଲା ପାଇକମାଲ ବ୍ଲକ ଲଖମରା ପଞ୍ଚାୟତ କୁଧରେନପାଲି ଗ୍ରାମର ବୃଦ୍ଧ ଧନୁର୍ଯ୍ୟୟ ମହାଲିଙ୍ଗ(୬୭)ଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ସେ ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କିଛି ସୁଫଳ ମିଳୁନାହିଁ। ଧନୁର୍ଯ୍ୟୟଙ୍କ ଘର ନ ଥିବାରୁ ସେ ଝିଅ ଘରେ ଆଶ୍ରୟ ନେଉଛନ୍ତି। ପଞ୍ଚାୟତ ତରଫରୁ ତାଙ୍କୁ କେବଳ ୫ କେଜି ଚାଉଳ ମିଳୁଛି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



## ସାପ କାମୁଡ଼ାରେ ନାବାଳିକା ମୃତ

ଅତାବିରା,୧୮।୯(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା ଲରମ୍ବା ଅମସ୍ତଲାରେ ଚିତି ସାପ କାମୁଡ଼ାରେ ବୁଧବାର ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତା ନାବାଳିକା ହେଲେ, ଚତୁର୍ଭୁଜ ନନ୍ଦଙ୍କ ଝିଅ ଆରତୀ(୧୧)। ବୁର୍ଲା ଭୀମସାର୍ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଆରତୀ ଶୋଇଥିଲେ। ତେବେ ସାପ କାମୁଡ଼ି ଦେବା ଯୋଗୁ ପରିବାର ଲୋକେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ନେଇଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବରଡୁଣ୍ଡା ହାଇସ୍କୁଲରେ ଶିକ୍ଷକ ପୂରଣ ଦାବି ନେଇ ତାଲା ବନ୍ଦ ଆନ୍ଦୋଳନ

ପାଇକମାଲ,୧୮।୯(ବଡ ଶତପଥି)


ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଗ୍ରାମବାସୀ।

ବରଗଡ଼ ଜିଲା ପଦ୍ମପୁର ସବ୍ ଡିଭିଜନ ଅନ୍ତର୍ଗତ ପାଇକମାଲ ବ୍ଲକର ବରଡୁଣ୍ଡା ଇନ୍ଦିରା ପ୍ରିୟଦର୍ଶନୀ ଉଚ୍ଚ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବୀ ପୂରଣ ଦାବି ନେଇ ବୁଧବାର ତାଲା ବନ୍ଦ ଆନ୍ଦୋଳନ କରାଯାଇଛି। ସ୍କୁଲ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ ଗେଟରେ ତାଲା ଦେଇ ଧାରଣାରେ ବସିଥିଲେ। ସକାଳ ୧୦ ଟାରୁ ସ୍କୁଲ ଗେଟ ସମ୍ମୁଖରେ ସମସ୍ତେ ଏକତ୍ରିତ ହୋଇ ଧାରଣାରେ ବସି ଶିକ୍ଷକ ନିଯୁକ୍ତି ନ ଦେବା ଯାଏ ବସି ରହିବୁ ବୋଲି ଚେତାବନୀ ଦେଇଥିଲେ। ନବମ ଓ ଦଶମ ଶ୍ରେଣୀରେ ପ୍ରାୟ ୧୫୦ରୁ ଅଧିକ ଛାତ୍ରୀଛାତ୍ର ଥିଲେ ହେଁ, ମାତ୍ର ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହାକୁ ନେଇ ପରିଚାଳନା କମିଟି ତଥା ଅଭିଭାବକମାନେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରେ ଅଭିଯୋଗ କରୁଥିଲେ ହେଁ ଶିକ୍ଷକ ପଦବୀ ପୂରଣ ନେଇ କୌଣସି ପ୍ରକାର ଉଚିତ ପଦକ୍ଷେପ ନିଆଯାଉନାହିଁ। ଫଳରେ ବାଧ୍ୟ ହୋଇ ତାଲା ବନ୍ଦ ଆନ୍ଦୋଳନ କରିବାକୁ ପଡିଲା ବୋଲି କମିଟି ସଦସ୍ୟ ପ୍ରକାଶ କରିଛନ୍ତି। ପାଇକମାଲ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ଆନ୍ଦୋଳନରତ ତଥା ଧାରଣାରେ ବସିଥିବା ଛାତ୍ରୀଛାତ୍ର,ଅଭିଭାବକ ଓ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ସ୍ୱରୂପ ଡେପୁଟେସନରେ ଆହୁରି ୨ ଜଣ ଶିକ୍ଷକ ଦେବା ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ କରିଥିଲେ। ତଥାପି ସ୍ଥାୟୀ ଶିକ୍ଷକ ନ ଦେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବାକୁ କମିଟି ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରଧାନ,ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ବାଗ, ପୂର୍ବତନ ସମିତି ସଭ୍ୟ ବେଣୁଧର ସାହୁ, ରୁକ୍ମଣ ଧରୁଆ, ବିଜୟାନନ୍ଦ ପଟ୍ଟନାୟକ, ଦୁର୍ଯ୍ୟୋଧନ ପୁଟା, ଶିକ୍ଷାବିତ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତି, ବିଭିଷଣ ଦିୱାନ, ତ୍ରିଲୋଚନ ସାହୁ, ବିଜୟ ସିଂ ଭୁଏ, ତାରାଚନ୍ଦ ସାହୁ, ସତ୍ୟକୁମାର ମାଝୀ, ଘନଶ୍ୟାମ ମହାପାତ୍ର, ବିଜୟ ଶଙ୍କର ମାଝୀ,ପଦ୍ମନ ମାଝୀ ପ୍ରମୁଖ ସାମିଲ ହୋଇ ନେତୃତ୍ୱ ନେଇଥିଲେ।

## ୫ ଅଭିଯୁକ୍ତ କୋର୍ଟ ଚାଲାଣ

ପାଇକମାଲ,୧୮।୯(ବଡ ଶତପଥି): ବରଗଡ଼ ଜିଲା ପାଇକମାଲ ଥାନା ମାଣ୍ଡୋସିଲ ଅଞ୍ଚଳରେ ୫ ଡାକାୟତଙ୍କୁ ପୋଲିସ ଗରଫ କରିଛି। ଅଭିଯୁକ୍ତମାନେ ହେଲେ ରଞ୍ଜିତ ଗଏଁତା, ଓମ ପ୍ରକାଶ ସୁନା, ଧନଞ୍ଜୟ ପ୍ରଧାନ,ଅଜିତ ପ୍ରଧାନ ଓ ବିଭୂତି ରଣା। ଏ ନେଇ ପାଇକମାଲ ପୋଲିସ କେଶ ନଂ. ୩୧୦(୨)୧୧୧ ରୁଜୁ କରି ବୁଧବାର ସେମାନଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଘଟଣାରୁ ଜଣାପଡିଛି, ପାଇକମାଲ ଥାନା ଅନ୍ତର୍ଗତ ମାଣ୍ଡୋସିଲ ଧାନମଣ୍ଡି ଡୁଙ୍ଗୁରୀ ପାଖରେ ଏକ ଡକାୟତ ଦଳ ସଂଘବଦ୍ଧ ରହିଥିଲେ। ଛତିଶଗଡ଼ ରାୟପୁର ଅଞ୍ଚଳର କେତେକ ଯାତ୍ରୀ ଏକ ବୋଲରରେ ନୃସିଂହନାଥ ଦର୍ଶନ ପାଇଁ ଆସୁଥିଲେ। ଡକାୟତଦଳ ତାଙ୍କୁ ଅଟକାଇ ସେମାନଙ୍କ ଠାରୁ ଲୁଟପାଟ କରିଥିଲେ। ଏହି ଖବର ମାଣ୍ଡୋସିଲ ଗ୍ରାମର ଯୁବକ ମାନେ ଜାଣିବାକୁ ପାଇ ଘଟଣା ସ୍ଥଳରେ ପହଞ୍ଚି ଡକାୟତ ଦଳକୁ କାବୁ କରିବା ସହ ପାଇକମାଲ ପୋଲିସକୁ ଖବର ଦେଇଥିଲେ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୧୯ ଶହ ଟଙ୍କା, ମୋବାଇଲ, ରୂପା ଚେନ ଜବତ କରିବା ସହ ବ୍ୟବହୃତ ନମ୍ବର ବିହୀନ ବାଇକ ଜବତ କରିଛି।

## ମହାନଦୀରେ ଚାପ ଖେଳିଲେ ରାଧାକୃଷ୍ଣ

ବୌଦ୍ଧ,୧୮।୯( ଅଜିତ କୁମାର ବାରିକ)


ଭରା ନଦୀରେ ଚାପ ଖେଳ।

ପବିତ୍ର ଭାଦ୍ରବ ମାସ ପୂର୍ଣ୍ଣିମା ତିଥିରେ ଭାଗବତ ଜନ୍ମ ପାଳନ ହୋଇଥାଏ। ଚଳିତବର୍ଷ ବୌଦ୍ଧ ଜିଲାର ପୁରପଲ୍ଲୀ ସମେତ ସହରରେ ବୁଧବାର ଦିନ ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଦୀର୍ଘ ବର୍ଷ ହେବ ବୌଦ୍ଧ ସହରବାସୀ ସହରର କୂଳରେ ଥିବା ମହାନଦୀରେ ଏହି ପର୍ବକୁ ନିଆରା ଢଙ୍ଗରେ ପାଳନ କରି ଆସୁଛନ୍ତି । ଏହି ଅବସରରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାଙ୍କୁ ବିଭିନ୍ନ ପଡାର ଭଗବତ ମନ୍ଦିରଗୁଡିକରୁ ସୁସଜ୍ଜିତ ବିମାନରେ ବସାଇ ନାମ ସଂକୀର୍ତ୍ତନ କରି ସହର ପରିକ୍ରମା ପରେ ଶ୍ରୀ ଚନ୍ଦ୍ରଚୂଡ ମହାଦେବ ବିଦ୍ୟମାନ କରୁଥିବା ମହାନଦୀ ଘାଟକୁ ନିଆଯାଇଥାଏ। ସେଠାରେ ନାଉରିଆମାନଙ୍କ ଦ୍ୱାରା ଏକାଧିକ ଡଙ୍ଗାକୁ ଏକାଠି ଚାପ ଭାବରେ ବନ୍ଧାଯାଇ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ। ଏହି ଚାପଡଙ୍ଗାରେ ରାଧାକୃଷ୍ଣଙ୍କ ବିମାନ ସହିତ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ବସି ମହାନଦୀ ଗର୍ଭକୁ ନେଇ ଘୂର୍ଣ୍ଣାୟମାନ କରି ମହାନଦୀର ଜଳରାଶିରେ ଚାପ ଖେଳା ଯାଇଥାଏ । ଏହି ଚାପ ଖେଳରେ ବୌଦ୍ଧ ସହରର କେଉଟସାହି, ରାଜନପାଲି, ନୂଆସାହି, ପୋଡାପଡା ଆଦି ସାହିର ଭଗବତ ମନ୍ଦିରରୁ ଠାକୁରଙ୍କୁ ବିମାନରେ ଅଣାଯାଇଥାଏ। ମହାନଦୀରେ ଚାପଖେଳ ପରେ ଚାପ ଡଙ୍ଗାଗୁଡିକ ତଳମୁଣ୍ଡରେ ଥିବା ସନ୍ତୋଷୀ ମା' ଓ ହନୁମାନ ମନ୍ଦିର ଘାଟରେ କୂଳରେ ଲାଗିଥାଏ। ପୁର୍ନବାର ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ଠାକୁରଙ୍କୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥାଏ । ଏହି ସମୟରେ ଜିଲାର ଗ୍ରାମଗୁଡିକରେ ଥିବା ମଣ୍ଡପରେ ଭାଗବତ ପାଠ ଓ ସ୍ୱତନ୍ତ୍ର ପୂଜା ଆୟୋଜିତ ହୋଇଥାଏ ।

## ସଂକ୍ଷେପରେ

### ବାଲିଶଙ୍କରାରେ ଫୁଟିଲା ବ୍ରହ୍ମକମଳ ପୁଷ୍ପ

**ବାଲିଶଙ୍କରା, ୧୮।୯( ହୃଦାନନ୍ଦ ବାରିକ):** ବାଲିଶଙ୍କରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କେଶବ ଚନ୍ଦ୍ର ରଣାଙ୍କ ଘରେ ବ୍ରହ୍ମକମଳ ପୁଷ୍ପ ଫୁଟିଥିଲା। ଏହି ଖବର ପ୍ରଚାରିତ ହେଲା ପରେ ଆଖପାଖ ଅଞ୍ଚଳରୁ ପ୍ରାୟ ୨୦୦ ରୁ ୫୦୦ ଲୋକଙ୍କ ବ୍ରହ୍ମକମଳ ପୁଷ୍ପକୁ ଦେଖିବା ପାଇଁ ସମାଗମ ହୋଇଥିଲେ। ବ୍ରହ୍ମକମଳ ପୁଷ୍ପକୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ରାତି ୮ଟାରୁ ବାଲିଶଙ୍କରା ସଂକୀର୍ତ୍ତନ୍ୟ ମଣ୍ଡଳୀ ବୈଠକି କୀର୍ତ୍ତନ କରିଥିବାବେଳେ ମା' ବୀଣାପାଣି ମହିଳା କୀର୍ତ୍ତନ୍ୟ ମଣ୍ଡଳୀ ବିଜାଗଡ଼ ମଧ ତାଙ୍କ କୀର୍ତ୍ତନ ପ୍ରଦର୍ଶନ କରିଥିଲେ। ପରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ସକାଳେ ବ୍ରହ୍ମକମଳ ପୁଷ୍ପକୁ ବାଲିଶଙ୍କରା ରାମ ଜାନକୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଇଥିଲା।

### ଜାଙ୍ଗଲି ଗ୍ରାମରେ ଇନ୍ଦ୍ର ପୂଜା

**ବଡ଼ଗାଁ, ୧୮।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜାଙ୍ଗଲି ଗ୍ରାମରେ ବୁଧବାର ଇନ୍ଦ୍ରଦେବଙ୍କ ୮୫ତମ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜନ ଉତ୍ସବରେ ବୁଦୁନା, ଟୁରୀପୋଷ, ଫୁଲବାରୀ, ସାଲେପାଲି, କାଦୋପଡା, ଡୁଡାଲଗା, ବାଇବାଇ, କଣ୍ଟିଆମୁରା, ମଚାମରା, ଚାବୁରୀ, ଲାଖପଡା ଆଦି ଗ୍ରାମର ଶତାଧିକ ବ୍ୟକ୍ତି ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। କୁଟାରିମାଲ ଗ୍ରାମର ଗୋବିନ୍ଦ ତ୍ରିପାଠୀ ଓ କଣ୍ଟିଆମୁରା ଗ୍ରାମର ଫକୀର ପାଣିଗ୍ରାହୀ ପୂଜା, ପୁରାଣ ପାଠ କରିଥିଲେ। ଏହି ସ୍ୱତନ୍ତ୍ର ପୂଜନ କାର୍ଯ୍ୟକ୍ରମରେ ଗ୍ରାମର ପାଲାଗୁରୁ ଘନଶ୍ୟାମ ସା ଇନ୍ଦ୍ର ପୂଜା ଉପରେ ଆଲୋଚନା କରିଥିଲେ। ପୂଜାରେ ଜୟ ନାରାୟଣ ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲାବେଳେ ଦେବେନ୍ଦ୍ର ସା, ଟଙ୍କଧର ବେହେରା, ଦୁଃଖବନ୍ଧୁ ବେହେରା, ଟୁରିପୋଷ ଗ୍ରାମର କୌଶିକ ବେହେରା, ବୁଦୁନା ଗ୍ରାମର ଗଙ୍ଗାଧର ସା, ଫୁଲବାରି ଗ୍ରାମର ନରେନ୍ଦ୍ର ପୃଷେଟ ପ୍ରମୁଖ ବ୍ୟକ୍ତିମାନେ ବିଭିନ୍ନ କାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ।

### ଭାଙ୍ଗିଲା ଘର, ଖାଇଲା ଚାଉଳ
#### ବଣାଇଁ ବନଖଣ୍ଡରେ ଦନ୍ତା ଆତଙ୍କ



**ବଣାଇଁ, ୧୮।୯(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ବଡଗୋଗୁଆ ପଞ୍ଚାୟତ ତେଲିଡ଼ିହି ଗାଁରେ ମଙ୍ଗଳବାର ରାତିରେ ଏକ ଗୋଠଛଡା ଦନ୍ତା ତାଣ୍ଡବ ରଚିଛି। ଗ୍ରାମର ଭୀମ କିସାନଙ୍କ ପରିବାର ଘରେ ଶୋଇଥିବା ସମୟରେ ହାତୀ ତାଙ୍କ ଘର କାନ୍ଥ ଭାଙ୍ଗିଥିଲା। ଘର ଭିତରକୁ ହାତୀ ପଶିବା ଜାଣି ଭୀମ ଓ ତାଙ୍କ ପରିବାର ଲୋକେ ସେଠାରୁ ଦୌଡ଼ି ପଳାଇବାରୁ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ହାତୀ ଘରେ ପଶି ଚାଉଳ ଓ ଧାନ ଖାଇବା ସହ ତାଙ୍କର ଜିନିଷ ପତ୍ର ଦଳି ନଷ୍ଟ କରି ଦେଇଛି।

# ଇସ୍ପାତ ଚାଲାଣ ବୃଦ୍ଧି ନିମନ୍ତେ ରଣନୀତିକ ବୁଝାମଣାପତ୍ର ସ୍ୱାକ୍ଷରିତ

ରାଉରକେଲା, ୧୮।୯(ବିପ୍ଳବରଞ୍ଜନ ଦାଶ)




ବୁଝାମଣାପତ୍ର ସ୍ୱାକ୍ଷରିତ ସମୟରେ ଉପସ୍ଥିତ ଅଧିକାରୀ।

ଆର୍‌ଏସ୍‌ପି ବାମେର ଲାରି ସହିତ ଲିଜ ଏବଂ ଅପରେଟ ଭିତିରେ ୧ହଜାର କିମିରୁ ଉର୍ଦ୍ଧ୍ୱ ଦୂରତାକୁ ଇସ୍ପାତ ପରିବହନ ନିମନ୍ତେ ୩ଟି ବି.ଏଫ.ଏନ.ଏସ ୨୨.୯ ଏଲଏସଏଫଟିଓ ରେକ ଉପଲବ୍ଧତା ସକାଶେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ନୂତନ ଚୁକ୍ତିନାମା ସହିତ ଆର୍‌ଏସ୍‌ପି ନିକଟରେ ବର୍ତ୍ତମାନ ୯ଟି ବିଏଫଏନ.ଏସ ୨୨.୯ ଏଲଏସଏଫଟିଓ ରେକ ଉପଲବ୍ଧ ରହିଛି। ଯାହା ଇସ୍ପାତ ଚାଲାଣ ନିମନ୍ତେ ମୋଟ ୱାଗନ ଯୋଗାଣରେ ପାଖାପାଖି ୩୦ପ୍ରତିଶତ ଯୋଗଦାନ ଦେବ। ଏନେଇ ଆରଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ସିଜିଏମ୍ ଇନଚାର୍ଜ ଆଇରନ ବି.ପଲାଇ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆର୍‌ଏସ୍‌ପି ଓ ମେଷର୍ସ ବାମେର ଲାରିଙ୍କ ପ୍ରତିନିଧିମାନଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଉତ୍ସର୍ଗୀକୃତ ଏଲଏସଏଫଟିଓ ରେକ ଗୁଡିକ ଆରଏସ୍‌ପିର ଉଚ୍ଚ ଗୁଣମାନର ଇସ୍ପାତକୁ ପରିବହନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ଯାହା ସେଲର ଟର୍ମିନାଲ ସମେତ ଭାରତୀୟ ରେଳବାଇର ସମସ୍ତ ରେଳ ଟର୍ମିନାଲକୁ ସଂଯୋଗ କରୁଥିବା ଏକ ଶୃଙ୍ଖଳିତ, ଦକ୍ଷ ଓ ସହଜ ଯୋଗାଣକୁ ସୁନିଶ୍ଚିତ କରିବ। କଷ୍ଟୋମାଇଜଡ ୱାଗନଗୁଡିକରେ ଡେଡ ମାଲ ପରିବହନ ହ୍ରାସ କରିବା ପାଇଁ ଲୋଡ ଏଡଜଷ୍ଟମେଣ୍ଟ ଉତ୍ତମ ଯୋଜନା କାର୍ଯ୍ୟକାରୀ କରାଯାଇଛି। କମ୍ପାନୀର ଅତିରିକ୍ତ ବିକ୍ରୟ କାରବାରକୁ ନେଇ ଚାଲାଣ ଯୋଗ୍ୟ ଷ୍ଟିଲ ରେକ ସଂଖ୍ୟା ବୃଦ୍ଧି ପାଇବ। ଏଥିରୁ ମିଳିବାକୁ ଥିବା ଲାଭ ଗୁଡିକ ମଧ୍ୟରେ ରହିଛି ଉତ୍ପାଦ ଗୁଡିକ ହାସଲ ପାଇଁ କମ ସମୟ ଅବଧି ରେକ ଲୋଡିଙ୍ଗ ଏବଂ ଅନ ଲୋଡିଙ୍ଗ ଉପରେ ଶୂନ୍ୟ ଡେମେଜ ଓ କମ ଆଇଡେଲ ଫ୍ରେଟ ଯୋଗୁଁ ସଂଚୟ ଧାରା ଶସକ୍ତ ହେବା ଧାର୍ଯ୍ୟ ରହିଛି। ଏହାର ଇନବିଲ୍ଟ ଲାସିଙ୍ଗ ମେକନିଜିମ ଲୋଡିଙ୍ଗ, ମେଟାଲ ସଡଲ ଏବଂ ଲାସିଙ୍ଗ ମୂଲ୍ୟକୁ ମଧ ଯଥେଷ୍ଟ ହ୍ରାସ କରିବ। ଯାହା କାଠ ଡନେଜର ବ୍ୟବହାରକୁ ସମ୍ପୂର୍ଣ୍ଣ ଦୂର କରିବାରେ ସହାୟକ ହେବ ଏବଂ କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ ପାଇବ।

# ରାଉରକେଲା ଏସ୍‌ପିଙ୍କୁ ଫେରାଦ ହେଲେ ୨ ଯୁବତୀ

ରାଉରକେଲା, ୧୮।୯(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ହାତୀବାରି ଅଞ୍ଚଳର ୨ ଯୁବତୀ ଜଗତସିଂପୁର ଅଞ୍ଚଳରେ ନିର୍ଯାତିତ ହୋଇଛନ୍ତି। ଏହା ସହିତ ସେଠାକାର ଘର ମାଲିକ ଦୁହିଁଙ୍କୁ ଠକି ବିଭିନ୍ନ ଆଳରେ ପ୍ରାୟ ୧୫ ଲକ୍ଷ ଟଙ୍କା ନେଇଛନ୍ତି। ଏ ସମ୍ପର୍କରେ ଗତ ମେ ମାସରେ ଯୁବତୀ ଦ୍ୱୟ ହାତୀବାରି ଫେରି ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ତେବେ କାର୍ଯ୍ୟାନୁଷ୍ଠାନ ପୋଲିସ ଗ୍ରହଣ ନ କରିବାରୁ ବୁଧବାର ଉଭୟ ରାଉରକେଲା ଡିଆଇଜି ବ୍ରିଜେଶ ରାୟଙ୍କୁ ଭେଟି ଆଲୋଚନା କରିଥିଲେ। ଉକ୍ତ ମାମଲା ରାଉରକେଲା ପୋଲିସ ଜିଲାର ବର୍ହିଭୁତ ହୋଇଥିବା ଯୋଗୁ ସୁନ୍ଦରଗଡ଼ ପୋଲିସ ମୁଖ୍ୟାଳୟକୁ ଭେଟି ଏହାର ସମାଧାନ ବାହାର କରାଯାଉ। ଏ ସମ୍ପର୍କରେ ଖୋଦ୍ ଡିଆଇଜି ରାୟ ସୁନ୍ଦରଗଡ଼ ଏସ୍‌ପିଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଏହି ଦୁଇ ଯୁବତୀ ହେଉଛନ୍ତି ହାତୀବାରି ଥାନା ଅନ୍ତର୍ଗତ ପୁରୁଣାପାଣି ଗିରିଜାଟୋଲି ବସ୍ତିର।

# ବଡ଼ଗାଁ ଡ୍ରାଇଭର ସଂଘର କାର୍ଯ୍ୟକାରିଣୀ ବୈଠକ




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ବଡ଼ଗାଁ, ୧୮।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗ୍ରାମର କଲ୍ୟାଣ ମଣ୍ଡପରେ ବୁଧବାର ଡ୍ରାଇଭର ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର୧୫ଟି ପଞ୍ଚାୟତର ସଂଘ ସଦସ୍ୟମାନେ ଯୋଗଦେଇଥିଲେ। ଡ୍ରାଇଭର ସଂଘ ସଦସ୍ୟଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହିତ ସଂଘର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଡ୍ରାଇଭର ସଂଘ ଜିଲା କମିଟିର ଭୀଷ୍ମ ରଞ୍ଜନ ମାହାନ୍ତ, ହରିଓମ କେଶରୀ, ମନୋଜ ଏକ୍କା ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବଡ଼ଗାଁ ବ୍ଲକ କମିଟି ସଭାପତି ଦିଲୀପ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଉପସଭାପତି ରାମକୃଷ୍ଣ ସାହୁ, ସମ୍ପାଦକ ଚିନ୍ତାମଣି ରାଉତ, ଦିବ୍ୟ ମେହେର, ବଡ଼ଗାଁ ଆଡମିନ ଗୁରୁ ମେହେର, ପ୍ରବକ୍ତା ସଞ୍ଜିବ ଖିଲାରୀ, ସଭ୍ୟ ଲଳିତ ରାଉତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବୈଠକରେ ଯୋଗଦେଇଥିବା ସମସ୍ତ ସଦସ୍ୟ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

# ନାବାଳିକାଙ୍କୁ ଗର୍ଭବତୀ କରି ହତ୍ୟା ଉଦ୍ୟମ

ବଣାଇଁ, ୧୮।୯(ପ୍ରଦୀପ ତ୍ରିପାଠୀ)

**ପ୍ରେମିକ ଫେରାର, ତଦନ୍ତ କରୁଛି ପୋଲିସ**

ଭଲ ପାଇ ଶାରୀରିକ ସମ୍ପର୍କ ରଖିଲେ। ନାବାଳିକା ପ୍ରେମିକା ଗର୍ଭବତୀ ହେବା ଜାଣି ପ୍ରେମିକ ହାତ ଗୋଡ ବାନ୍ଧି ତାଙ୍କୁ ଜଙ୍ଗଲରେ ପକାଇ ଦେଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅଞ୍ଚଳରେ। ଗ୍ରାମବାସୀ ଜଙ୍ଗଲରୁ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ନାବାଳିକା ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରୁ ଥାନାକୁ ଏକ ଏମଏଲସି(ମେଡିକାଲ ଲିଗାଲ କେସ) ଆସିଥିଲା। ଯେଉଁଥିରେ ଜଣେ ନାବାଳିକା ଗୁରୁତର ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଉଲ୍ଲେଖ ରହିଥିଲା। ଏହାକୁ ଭିତ୍ତି କରି ବଣାଇଁ ପୋଲିସ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଆହତ ନାବାଳିକାଙ୍କୁ ସଙ୍କଟାପର୍ଣ୍ଣ ଅବସ୍ଥାରେ ଦେଖି ତୁରନ୍ତ ରାଉରକେଲାକୁ ସ୍ଥାନାନ୍ତର କରିଥିଲା। ୧୧ ତାରିଖରେ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ କେସ ନଂ. ୧୮୭/୨୪ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ଦେଉଳହୁଡି ଅଞ୍ଚଳର ଯୁବକ ଶିବ ଭୂମିଜ ନାବାଳିକାଙ୍କୁ ଭଲ ପାଉଥିଲେ। ପରେ ଗର୍ଭବତୀ କରି ତାଙ୍କୁ ମାରି ଦେବାକୁ ଉଦ୍ୟମ କରିଥିଲେ। ୧୦ ତାରିଖରେ ଶିବ ନାବାଳିକାଙ୍କୁ ନିକଟସ୍ଥ ଏକ ଜଙ୍ଗଲକୁ ଡାକି ତାଙ୍କୁ ମାରପିଟ କରିଥିଲେ। ନାବାଳିକା ମରିଗଲା ଭାବି ତାଙ୍କୁ ଏକ ଗାଡିଆ ଭିତରେ ପକାଇ ଚାଲିଗଲେ। କିଛି ସମୟ ପରେ ନାବାଳିକାଙ୍କ ପାଟି ଶୁଣି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଶିବ ବିବାହିତ ଏବଂ ତାଙ୍କ ସ୍ତ୍ରୀଙ୍କ ମେ ୨୫ରେ ମୃତ୍ୟୁ ଘଟିଥିଲା। ଏପରିକି ତାଙ୍କର ୨ ବର୍ଷର ପୁତ୍ର ସନ୍ତାନ ମଧ ଅଛି।

### ହଷ୍ଟେଲ ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ
#### ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟ

ଲାଞ୍ଜିଗଡ଼, ୧୮।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କୁ ଅଣଛାତ୍ର ଆକ୍ରମଣ କରିଥିବା ନେଇ ଛାତ୍ରମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଲାଞ୍ଜିଗଡ ସରକାରୀ ଏସ୍‌ଏସ୍‌ଡି ସ୍କୁଲରେ ଯୁକ୍ତ-୨ରେ ଅଧ୍ୟୟନ କରୁଥିବା ଏସ୍‌ଟି ଏସ୍‌ସି ଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ରହିଛି। ଏଠାରେ ପ୍ରାୟ ୨୦୦ ଶହରୁ ଅଧିକ ଛାତ୍ର ରହି ବିଜ୍ଞାନ ଓ ବାଣିଜ୍ୟରେ ଅଧ୍ୟୟନ କରୁଛନ୍ତି। ହେଲେ ମଙ୍ଗଳବାର ରାତି ୮ଟାରେ ୨ ଅଣଛାତ୍ର ବିଦ୍ୟାଳୟ ହଷ୍ଟେଲକୁ ଯାଇ ବାତେଲିମା ପଞ୍ଚାୟତ ବାଣିପାଙ୍ଗ ଗାଁର ଯୁକ୍ତ ୨ ବାଣିଜ୍ୟ ଛାତ୍ର ତରୁଣ ମାଝିଙ୍କୁ ବିଭିନ୍ନ କଥା କହି ଆକ୍ରମଣ କରିଛନ୍ତି। ଏହାକୁ ନେଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏ ନେଇ ସ୍କୁଲ ଅଧକ୍ଷ ନିହାରକାନ୍ତ ବିଶ୍ୱାଳଙ୍କୁ ପଚାରିବାରୁ ସମ୍ପୃକ୍ତ ଛାତ୍ର କିମ୍ବା ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ମୋତେ ଜଣାଇ ନାହାନ୍ତି। ତଥାପି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଜୟପାଟଣା, ୧୮।୯ (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଲାଖବାହାଲି ଗ୍ରାମ ନିକଟରୁ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ନୂଆଗୁଡା ଗ୍ରାମର କୁଶ ବାନେରିଆ(୨୧)। ସୂଚନା ଅନୁଯାୟୀ, ଗତ ରବିବାର କୁଶ ସାଇକେଲରେ ଲାଖବାହାଲି ଗ୍ରାମର ଜଣେ ଝିଅ ସାଙ୍ଗଙ୍କୁ ଭେଟିବା ପାଇଁ ଯାଇଥିଲେ। କିନ୍ତୁ ସୋମବାର ସକାଳ ସୁଦ୍ଧା ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି ପରେ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଲାଖବାହାଲି ଗ୍ରାମ ନିକଟରୁ ଝୁଲନ୍ତା ମୃତଦେହ ଜବତ କରିଥିଲା।

# ରୁଙ୍ଗ୍‌ଟା ସନ୍ସ ସାନିନ୍ଦପୁର ଖଣିକୁ ଫିମି ପୁରସ୍କାର

ଟେନ୍‌ସା, ୧୮।୯(ସମୀର କୁମାର ପାଢ଼ୀ)



ଖଣି ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ସାନଇନ୍ଦୁପୁର ଗ୍ରାମର ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଅଧୀନରେ ଥିବା ସାନିନ୍ଦପୁର ଆଇରନ ଆଣ୍ଡ ବକ୍ସାଇଟ ଖଣିକୁ ଫେଡେରେଶନ ଅଫ୍ ଇଣ୍ଡିଆନ ମିନେରାଲ ଇନଡଷ୍ଟ୍ରିଜ (ଫିମି)ପକ୍ଷରୁ ଏନଏମ ସାମାଜିକ ଦାୟିତ୍ୟବୋଧ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୁଙ୍ଗଟା ସନ୍ସ ସାନିନ୍ଦପୁର ଖଣି ଉପ ସଭାପତି ଅନିଲ କୁମାର ଚୌଧରୀ, ଦାୟିତ୍ୱବୋଧ ବିଭାର ମୁଖ୍ୟ ଏଲଏନ ରାଉତ ଯୋଗଦେଇ ଭି ଏଲ କାନ୍ଥା ରାଓ ଭାରତ ସରକାର ଖଣି ମନ୍ତ୍ରଣାଳୟର ସଚିବଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଉତ୍ସବରେ ଫିମି ପ୍ରେସିଡେଣ୍ଟ ଶାନ୍ତେଶ ଗୁରେଡ଼ି, ଅଜିତ କୁମାର ସେକ୍ସେନା, ଭାଇସ ପ୍ରେସିଡେଣ୍ଟ ଶୌଭିକ ମଜୁମଦାର, ମହାନିର୍ଦ୍ଦେଶକ ପ୍ରମୋଦ ତ୍ୟାଗୀ, ସଚିବ ଆର.କେ ଶର୍ମା ଉପସ୍ଥିତ ଥିଲେ। ସାନିନ୍ଦପୁର ଆଇରନ ଏବଂ ବକ୍ସାଇଟ ମାଇନ୍ସକୁ ସାମାଜିକ କଲ୍ୟାଣ, ସାଧାରଣ ଉନ୍ନତି ଏବଂ ଆଖପାଖ ଅଞ୍ଚଳର ସମ୍ପ୍ରଦାୟର ଉନ୍ନତି ଓ କଲ୍ୟାଣ ଦିଗରେ ଉଦ୍ୟମ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ଖଣିର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏଲଏନ ରାଉତ, ସିନିୟର ମହାପ୍ରବନ୍ଧଙ୍କୁ କୃତଜ୍ଞାତା ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା। ଏହି ସଫଳତା ଦିଗରେ ଅବଦାନ ପାଇଁ କମ୍ପାନୀ ମ୍ୟାନେଜମେଣ୍ଟ ଖଣିସ୍ତର, ବିଭାଗୀୟ ସ୍ତର ଏବଂ ମୁଖ୍ୟ କାର୍ଯ୍ୟାଳୟ ସ୍ତରରେ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିସ୍ଥାପିତ ପରିବାରଙ୍କ ସହ ଜିଲାପାଳଙ୍କୁ ସାକ୍ଷାତ କଲେ ବିଧାୟକ



ବିସ୍ଥାପିତ ପରିବାରଙ୍କ ସହ ଜିଲାପାଳଙ୍କୁ ସାକ୍ଷାତ କଲେ ବିଧାୟକ

ସୁନ୍ଦରଗଡ, ୧୮।୯(ଜୟ ନାରାୟଣ ମେଣ୍ଡୁଲି)

ହେମଗିର ବ୍ଲକ ଗର୍ଜନବାହାଲ ବସୁନ୍ଧରା କୋଇଲା ଖଣି ପ୍ରକଳ୍ପ ଅଧୀନ ଗର୍ଜନ ବାହାଲ ଗ୍ରାମର କରେଲକଚ୍ଛା ଏବଂ ଭୈସାଲପଡାର ବିସ୍ଥାପିତ ପରିବାରଙ୍କ ବିଭିନ୍ନ ସମସ୍ୟା ନେଇ ବିଧାୟକ ଯୋଗେଶ କୁମାରୀ ସିଂହ ବୁଧବାର ବିସ୍ଥାପିତ ପରିବାରଙ୍କ ସହ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ବିସ୍ଥାପିତଙ୍କ ଥାଇଥାନ, ସ୍ଥାନୀୟ ନିଯୁକ୍ତି, ଉପଯୁକ୍ତ କ୍ଷତି ପୂରଣ ଏବଂ ଥଇଥାନ ନ ହେବା ପର୍ଯ୍ୟନ୍ତ ବ୍ଲାଷ୍ଟିଂ ବନ୍ଦ ପାଇଁ ବିଧାୟକ ସିଂହ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳ ଖୁବ ଶୀଘ୍ର ଏମସିଏଲ ଗର୍ଜନବାହାଲ ଜିଏମ ଏବଂ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ସମୟରେ ବିଧାୟକଙ୍କ ସହ ଜିଲା ପରିଷଦ ସଦସ୍ୟ ଅଶିନୀ କୁମାର ନାଏକ, ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ସ୍ଥାନୀୟ ବାସିନ୍ଦା ଜେମିନି ମାଝି, ମାଳତୀ ନାଏକ, କୌଶଲ୍ୟା ମାଝି, ପ୍ରେମଶିଳା ଛୁରା, ଗୀତା ଘୋଷି, ଅନିରୁଦ୍ଧ ଘୋଷି, ସପ୍ନା ଭୈସାଲ, ବନିତା ଭୈସାଲ ଉପସ୍ଥିତ ଥିଲେ।

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା: ହତ୍ୟା ଅଭିଯୋଗ

**ଲାଞ୍ଜିଗଡ, ୧୮।୯(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅନ୍ତର୍ଗତ ପ୍ରତାପପୁର ଗାଁର ମହିଳା କୁନି ହରିଜନ (୨୬) ବୁଧବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନାନୁସାରେ ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ମେଲଘୁଟୁ ଗାଁର ଧନେ ଦୀପଙ୍କ ଝିଅ କୁନି ପ୍ରତାପପୁର ଗାଁର ନରେନ୍ଦ୍ର ହରିଜନଙ୍କୁ ପ୍ରେମକରି ବିବାହ କରିଥିଲେ। ତାଙ୍କର ୮ବର୍ଷ ଓ ୧୦ବର୍ଷର ଦୁଇପୁଅ ଅଛନ୍ତି। ନରେନ୍ଦ୍ର ୬ମାସ ପୂର୍ବେ କାମ କରିବା ପାଇଁ ତାମିଲନାଡୁ ଯାଇଥିଲେ। ଘରେ କେହି ନ ଥିବା ବେଳେ କୁନି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି।

# ଯୁବତୀଙ୍କୁ ଗଣବଳାତ୍କାର: ଥାନାରେ ଅଭିଯୋଗ

**କୁତ୍ରା, ୧୮।୯(ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ଖାରବେଡା ଗ୍ରାମରେ ଜଣେ ଯୁବତୀଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି, ଗତ ୧୬ ତାରିଖରେ କୁତ୍ରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଗଣ ବଳାତ୍କାର ହୋଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାରେ ୩ ଜଣ ସଂପୃକ୍ତ ଥିବା ନେଇ ପୀଡିତା ନିଜେ ଥାନାରେ ଅଭିଯୋଗ କରିଛନ୍ତି।

# ସରକାରୀ ମହିଳା କଲେଜରେ ସୁଭଦ୍ରା ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମ

ସୁନ୍ଦରଗଡ, ୧୮।୯(ଜୟ ନାରାୟଣ ମେଣ୍ଡୁଲି)




ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା ନାରୀ ସଶକ୍ତିକରଣ ପାଇଁ ଏକ ପଦକ୍ଷେପ ଶୀର୍ଷକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ଡ. ଇନ୍ଦିରା ଗଡନାୟକ ଅଧକ୍ଷତା କରିଥିଲେ। ଏହି ଯୋଜନା ନିମନ୍ତେ ନାରୀଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ମୂଳକ ପ୍ରତିଯୋଗିତା ହୋଇଥିଲା। ପ୍ରବନ୍ଧ ଲିଖନ, ପ୍ରବନ୍ଧ ପାଠ, ରଙ୍ଗୋଲି,ଚିତ୍ର କଳା, ଫଟୋଗ୍ରାଫି ଆଦି ପ୍ରତିଯୋଗିତା ହୋଇଥିଲା। ପରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସୁନ୍ଦରଗଡ଼ରେ ହେବ ୩ ଦିନିଆ ବିକାଶ ମେଳା

ସୁନ୍ଦରଗଡ଼, ୧୮।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ନିକଟ ଯତରା ପଡ଼ିଆଠାରେ ସେପ୍ଟେମ୍ବର ୨୨ରୁ ୩ ଦିନ ଧରି ଆୟୋଜିତ ହେବ ଜିଲା ସ୍ତରୀୟ ସୂଚନା- ଶିକ୍ଷା - ସଂଚାର କାର୍ଯ୍ୟକ୍ରମ ବିକାଶ ମେଳା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଶିକ୍ଷା ସୂଚନା ସଂଚାର ମାଧ୍ୟମରେ ବ୍ୟାପକ ଜନ ସଚେତନତା ସୃଷ୍ଟି ଏବଂ ରାଜ୍ୟ ସରକାର ଲୋକଙ୍କୁ ନିକଟତର କରିବା ଉଦ୍ଦେଶ୍ୟରେ ଏହି ତିନି ଦିନିଆ "ବିକାଶ ମେଳା" ଆୟୋଜନ ହେବ। ଏହା ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥି ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ମଧ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ମନୋଜ ମହାଜନ ବୁଧବାର ଯାତ୍ରା ପଡ଼ିଆ ପରିଦର୍ଶନ କରି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା କରିଥିଲେ ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଅପରାହ୍ନରେ ସଦଭାବନା ଭବନଠାରେ କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ ଅନ୍ୟ ଏକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ଉପରେ ସବିଶେଷ ଆଲୋଚନା କରିଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି ବିକାଶ ମେଳାରେ ବିଭାଗୀୟ ଷ୍ଟଲ ଗୁଡ଼ିକ ରହିବ ଯଥା - ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ, ମିଶନ ଶକ୍ତି, ହସ୍ତତନ୍ତ ଓ ହସ୍ତଶିଳ୍ପ, ଭିନ୍ନକ୍ଷମ ସଶକ୍ତିକରଣ, କୃଷି , ଉଦ୍ୟାନ କୃଷି, ମତ୍ସ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଆଇଟିଡିଏ, ଯୋଜନା ଓ ସଂଯୋଜନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଡିଏମଏଫଓ ଓ୍ୱାଡସି, ପୋଲିସ ଏବଂ ଅଗ୍ନିଶମ ଆଦି ବିଭାଗର ସୂଚନା ଶିକ୍ଷା ସଂଚାର ଷ୍ଟଲ ଗୁଡ଼ିକ ରହିବ। ସେହିଭଳି ଲୋକକଳା ଏବଂ ବିଷୟ ଭିତ୍ତିକ ସାଂସ୍କୃତିକ ବିଚିତ୍ରା ମଧ ପରିବେଷଣ କରାଯିବ।

**ସଂକ୍ଷେପରେ**

## ୨୦ରୁ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଧାରଣା

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ମିଶନଶକ୍ତି ଅଧୀନ ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ସମ୍ବଲପୁର ଜିଲା ଶାଖା ପକ୍ଷରୁ ୫ ଦଫା ଦାବିରେ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ଶୁକ୍ରବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣ ଦେବେ। ବୁଧବାର ଇସି ସଂଘ ଅଧ୍ୟକ୍ଷା ଅମୀତା ହୋତାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅଧ୍ୟକ୍ଷା ହୋତା କହିଛନ୍ତି ଯେ, ସଂଘ ପକ୍ଷରୁ ୫ ଦଫା ଦାବିକୁ ନେଇ ଜିଲାପାଳ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଓ ଉନ୍ନୟନ ଅଧିକାରୀ, ଡିପିସି, ବିଡିଓ, ସିଡିପିଓ ଏପରିକି ବ୍ଲକ ଅଧ୍ୟକ୍ଷ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ତେଣୁ ସେମାନେ ଆସନ୍ତା ୨୦ ତାରିଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଜିଲାର ସମସ୍ତ ୯ ବ୍ଲକରୁ ୨ ହଜାରରୁ ଊର୍ଦ୍ଧ୍ୱ ଇସି ସଂଘ ସଦସ୍ୟ ସାମିଲ ହେବେ ବୋଲି ହୋତା କହିଛନ୍ତି। ଖବରଦାତା ସମ୍ମିଳନୀରେ ରୂପାଞ୍ଜଳି ରଣବିଡ଼ା, ପଦ୍ମିନୀ ଦାଶ, ଐଶ୍ୱର୍ଯ୍ୟ ଦାଶ, ପ୍ରତିମା ବରର୍ତ୍ତି ଉପସ୍ଥିତ ଥିଲେ।

## ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ତାଲିମ ଶିବିର

କୁଚିଣ୍ଡା,୧୮।୯(ବିରଞ୍ଚି ଦର୍ଜି)

ଲଇମୁରା ସମନ୍ୱିତ ୱାଡି ପ୍ରକଳ୍ପ ପକ୍ଷରୁ କୁଚିଣ୍ଡା ବ୍ଲକ ସାଲେଭାଡି ପଞ୍ଚାୟତର ଜଣ୍ଡା ଓ କୁସୁମୀ ପଞ୍ଚାୟତର ରାନେକେଲାଠାରେ ବୁଧବାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ତାଲିମ ଓ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଉପରେ ଜନ ସଚେତନତା ସୃଷ୍ଟି କରାଯିବା ସହ ୧ ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ରୋଗରେ ପୀଡିତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବରିଷ୍ଠ ଚିକିତ୍ସକ ଡା.ରାଜାରାମ ଷଡଙ୍ଗୀ ଓ ତାଲିମ ପ୍ରଶିକ୍ଷକ ଚକ୍ରଧର ନନ୍ଦ ସୁସ୍ଥ ଜୀବନ ଶୈଳୀ ଉପରେ ଲୋକଙ୍କୁ ବୁଝାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡା.ଷଡଙ୍ଗୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ମଧୁମେହ, ରକ୍ତଚାପ ରୋଗୀ ନିୟମିତ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଶିବିରକୁ ପ୍ରକଳ୍ପ ଯୋଜନା ପ୍ରବନ୍ଧକ ମାନସ ମହାନ୍ତି, ପ୍ରକଳ୍ପ ସଂଯୋଜକ ଭରତ ପ୍ରଧାନ, ସଞ୍ଜୀବ ସାହୁ ପରିଚାଳନା କରିଥିଲେ।

# ଡ୍ରେନରେ ପାଉଁଶ ଗଦା, ନିଷ୍କାସନ ହେଉନି ପାଣି

ସମ୍ବଲପୁର,୧୮।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ କାରଖାନା ପାଉଁଶ ଗଦା ବଡ଼ ସମସ୍ୟାରେ ପରିଣତ ହେଲାଣି। ବାହାର ଜିଲାରୁ ପାଉଁଶ ଅଣାଯାଇ ସମ୍ବଲପୁର ଜିଲାର ଗାଁ ଗହଳିର ଚାଷ ଜମିରେ ପକା ଯାଉଥିବା ଅଭିଯୋଗ ହୋଇଆସୁଥିଲା। ଏବେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବେଆଇନ ପାଉଁଶ ପକାଇବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ମହାନଗର ନିଗମର ଚୈତନ୍ୟ ନଗର ଅଞ୍ଚଳର ବିଭିନ୍ନ ଘରକୁ ଗତ କିଛିଦିନ ହେବ ପାଉଁଶ ପାଣି ପଶିବା ଯୋଗୁଁ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ପାଉଁଶରେ ଡ୍ରେନ ସବୁ ପୋତି ହୋଇ ବର୍ଷା ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଲା ଯେ ଚୈତନ୍ୟ ନଗର ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ଜମିକୁ ସମତୁଲ କରିବା ପାଇଁ ରାତିରେ ହାଇୱାରେ ପାଉଁଶ ଆଣି ଗଦା କରୁଛନ୍ତି। ଚୈତନ୍ୟ ନଗର ବାସିନ୍ଦା ରଞ୍ଜନ କୁମାର ପଣ୍ଡା କହିଛନ୍ତି, କିଛି ଦିନ ହେବ ଏଭଳି ପାଉଁଶ ଗଦା ହେଉଛି। ଦୁଇ ଦିନ ହେବ ବର୍ଷା ହେବା ପରେ ପାଉଁଶ ପାଣି ରାସ୍ତାଘାଟ ଡ୍ରେନ ସବୁ ପୋତି ଦେଲାଣି। ରାସ୍ତାରେ ପାଉଁଶ ମିଶା କାଦୁଅ ଭର୍ତ୍ତି ହେବା ଯୋଗୁ ଯିବା ଆସିବା କରିବା ସମ୍ଭବ ହେଉନାହିଁ। ସରକାରୀ ନିୟମକୁ ଖିଲାପ କରି ଜନବସତି ଅଞ୍ଚଳରେ ପାଉଁଶ ପକାଯାଉଥିବା ବେଳେ ପୋଲିସ ପ୍ରଶାସନଠାରୁ ଆରମ୍ଭ କରି ପ୍ରଦୂଷଣ ବିଭାଗ ଚୁପ୍ ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କଲୋନୀରେ ରହୁଥିବା ଏକ ନର୍ସରୀ ମାଲିକ ସାଧନ ନନ୍ଦୀ କହିଛନ୍ତି, ନିଜ ଜମି ପୋତିବା ପାଇଁ ଜମି ମାଲିକ ପାଉଁଶ ପକାଇଛନ୍ତି। ହେଲେ ସେ କେନାଲ ପାଣି ଯାଉଥିବା ରାସ୍ତା ବନ୍ଦ କରିଦେବା ଯୋଗୁ ବର୍ଷା ପାଣି ସହ କେନାଲ ପାଣି ବୋହିବା ଯୋଗୁଁ କଲୋନୀରେ ପାଉଁଶ ବିଛାଇ ହୋଇଯାଇଛି। ନର୍ସରୀରେ ଥିବା ଲକ୍ଷାଧିକ ଟଙ୍କାର ଚାରା ନଷ୍ଟ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦଙ୍କୁ ପଚାରିବାରୁ ଏନେଇ ଆମକୁ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ତେବେ ସହର ମଧ୍ୟରେ ପାଉଁଶ ପକାଇବା ନେଇ କାହାରିକୁ ଅନୁମତି ଦିଆଯାଇନାହିଁ। କେଉଁ ଗାଡିରେ ପାଉଁଶ ଅଣାଯାଇ ପକାଯାଉଛି ଲୋକେ ପ୍ରମାଣ ଦେଲେ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଚୈତନ୍ୟ ନଗର କଲୋନିର ଜଣେ ବ୍ୟକ୍ତିଙ୍କ ଘର ପରିସରରେ ପାଉଁଶ ମିଶା ପାଣି।

■ଘରେ ପଶୁଛି ପାଉଁଶ ମିଶା ପାଣି, ସମସ୍ୟାରେ ଚୈତନ୍ୟ ନଗରବାସୀ

■ବେଆଇନ ଭାବେ ପାଉଁଶ ପକାଯାଇଛି: ପ୍ରଦୂଷଣ ବିଭାଗ

## ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

**ଚାଷୀ ନାଣ୍ଟୁ ରୋହିଦାସ ହତ୍ୟା ମାମଲା**

ହୀରାକୁଦ ମହମ୍ମଦପୁର ଚମାରପଡ଼ାରେ ଗତ ୨୦୧୭ ଜାନୁୟାରୀ ୪ତାରିଖରେ ଘଟିଥିବା ଚାଷୀ ନାଣ୍ଟୁ ରୋହିଦାସ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ସମ୍ବଲପୁର ଜିଲା ସେସନ୍ସ ଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ହୋଇଛି। ଜରିମାନା ଅର୍ଥ ଅନାଦେୟ ଅଧିକ ୨ମାସ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ପ୍ରଜ୍ଞା ପାଣିଗ୍ରାହୀ। ଅଭିଯୁକ୍ତମାନେହେଲେ ହୀରାକୁଦ ବିରୂପାକ୍ଷ ପଣ୍ଡା(୫୪) ଓ ତାଙ୍କ ସହଯୋଗୀ ରିଙ୍କୁ ଓରଫ ରାହୁଲ ସାହୁ(୨୬)। ମୋଟ ୧୪ଜଣ ସାକ୍ଷ୍ୟ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ବିଚାରପତି ଏହି ରାୟ ଶୁଣାଇଛନ୍ତି।

ମହମ୍ମଦପୁର ନାଣ୍ଟୁ ରୋହିଦାସ ଚାଷୀ ଚାଷ ପାଇଁ ବିରୂପାକ୍ଷଙ୍କଠାରୁ ଧାର ଆକାରରେ ସାର ଓ ବିହନ ନେଇଥିଲେ। ମାତ୍ର ଏବାବଦରେ ଟଙ୍କା ପଇଠ କରିବାରେ ବିଳମ୍ବ ହୋଇଥିଲା। ବାରମ୍ବାର ମାଗିବା ପରେ ଟଙ୍କା ନ ମିଳିବାରୁ ବିରୂପାକ୍ଷ ତାଙ୍କ ସହଯୋଗୀ ରିଙ୍କୁଙ୍କୁ ଟଙ୍କା ମାଗିବାକୁ ନାଣ୍ଟୁଙ୍କ ଘରକୁ ପଠାଇଥିଲେ। ହେଲେ ଘରେ ନାଣ୍ଟୁ ନ ଥିଲେ। ପରେ ରିଙ୍କୁଙ୍କୁ ନେଇ ବିରୁପାକ୍ଷ ନାଣ୍ଟୁଙ୍କ ଘରକୁ ଯାଇଥିଲେ। ଟଙ୍କା ଅସୁଲିକୁ ନେଇ ଉଭଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିରୁପାକ୍ଷ ଓ ରିଙ୍କୁ ଏକ ଧାରୁଆ ଅସ୍ତ୍ରରେ ନାଣ୍ଟୁଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆକ୍ରମଣରେ ନାଣ୍ଟୁଙ୍କର ମୃତ୍ୟୁ ହୋଇ ଯାଇଥିଲା। ନାଣ୍ଟୁଙ୍କ ଭଉଣୀ ରିଙ୍କି ରୋହିଦାସଙ୍କ ଏତଲାକ୍ରମେ ହୀରାକୁଦ ଥାନାରେ ଦଫା ୩୦୨, ୩୪ରେ ବିରୂପାକ୍ଷ ଓ ରିଙ୍କୁଙ୍କ ନାମରେ ମାମଲା ରୁଜୁ କରିଥିଲା। ଘଟଣାର ଦୁଇଦିନ ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ଦିପ୍ତିମାନ ଷେଣ୍ଟେ ପରିଚାଳନା କରିଥିଲେ।

## ଆକାଶବାଣୀ କେନ୍ଦ୍ରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ସ୍ୱଚ୍ଛତା ହିଁ ସେବା ଅଭିଯାନ ସମ୍ବଲପୁର କଚେରୀ ଛକ ଆକାଶବାଣୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି।

ସମ୍ବଲପୁର,୧୮।୯(ବି.ଶଙ୍କର)

ସ୍ୱଚ୍ଛତା ହିଁ ସେବା ଅଭିଯାନ ସମ୍ବଲପୁର କଚେରୀ ଛକ ସ୍ଥିତ ଆକାଶବାଣୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀ ଓ କର୍ମଚାରୀମାନେ ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ସମବେତ ହୋଇ ସ୍ୱଚ୍ଛତା ଶପଥ ପାଠ କରିଥିଲେ । କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ସନ୍ତୋଷ ପଙ୍ଗ ଏବଂ ଆଞ୍ଚଳିକ ସମ୍ବାଦ(ନିଉଜ) ବିଭାଗ ମୁଖ୍ୟ ଆଲୋକ ଚନ୍ଦ୍ର ବାରିକ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ । ଏହାପରେ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କେନ୍ଦ୍ର ପକ୍ଷରୁ ସୂଚିତ କରାଯାଇଛି। ପରିବେଶ ସ୍ୱଚ୍ଛତା ହିଁ ଜୀବନକୁ ଶୃଙ୍ଖଳିତ କରିଥାଏ। ତେଣୁ ସମସ୍ତେ ପ୍ରତି ମୁହୂର୍ତ୍ତରେ ନିଜ ଅଞ୍ଚଳକୁ ନିଜେ ସଫା କରିବା ଜରୁରୀ। ଏହି ସଫେଇ ଧାରକୁ ଜୀବନର ବ୍ରତ ଭାବେ ପାଳନ କରିବା ସମୟ ଆସିଛି ବୋଲି ସଚେତନତା ବାର୍ତ୍ତାରେ ଅତିଥିମାନେ ସୂଚିତ କରିଥିଲେ।

## ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

ନାକଟୀଦେଉଳ,୧୮।୯(ବୈକୁଣ୍ଠନାଥ ସାହୁ)

ନାବାର୍ଡର ଆର୍ଥିକ ମଧ୍ୟବର୍ତ୍ତୀ ପାଣ୍ଠି ଆଧାରରେ ଆର୍ଥିକ ସାକ୍ଷରତା କେନ୍ଦ୍ର ଓ ଷ୍ଟେଟବ୍ୟାଙ୍କର ଲିଡବ୍ୟାଙ୍କ ଆନୁକୂଲ୍ୟରେ ସମ୍ବଲପୁର ଜିଲା ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ପରିଚାଳନାରେ ଆର୍ଥିକ ସାକ୍ଷରତା କେନ୍ଦ୍ର ପରିଚାଳକ ଯଦୁମଣି ପ୍ରଧାନ, ଏସବିଆଇ ଲିଡବ୍ୟାଙ୍କ ପ୍ରବନ୍ଧକ ନବ କିଶୋର ନାୟକ ଓ ଜିଲା ପ୍ରସାରଣ ଅଧିକାରୀ ଏମ୍.ଏମ୍.ପାଢୀ ଯୋଗଦେଇ ଆର୍ଥିକ ସାକ୍ଷରତାର ଆବଶ୍ୟକତା, ବିତ୍ତୀୟ ଧାରା ଓ ବ୍ୟାଙ୍କର ବିଭିନ୍ନ ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ଏହା ସହିତ ସେମାନେ ଇ-ବ୍ୟାଙ୍କିଙ୍ଗ, ଅନ୍‌ଲାଇନ ସିଷ୍ଟମ ଏବଂ ଠକାମି ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦେବେଶ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ ଓ ଗ୍ରନ୍ଥଗାରିକ ବିଭୂତି ଭୂଷଣ ସାହୁ ସହଯୋଗ କରିଥିଲେ।

## ସମିତି ସଭ୍ୟାସଭ୍ୟଙ୍କ ଧାରଣା ପ୍ରତ୍ୟାହୃତ




ସମିତି ସଭ୍ୟାସଭ୍ୟଙ୍କୁ ବିଡିଓ ରୀନା ନାୟକ ଆନ୍ଦୋଳନ ଭାଙ୍ଗିବାକୁ ଅନୁରୋଧ କରୁଛନ୍ତି।

ଜମନକିରା,୧୮।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଜିଆଇଏ ଖସଡ଼ା ପ୍ରସ୍ତୁତିରେ ବିଡ଼ିଓଙ୍କ ମନମୁଖୀ କାର୍ଯ୍ୟ ପ୍ରତିବାଦ କରି ସମିତି ସଭ୍ୟାସଭ୍ୟମାନେ ବ୍ଲକ ଅଫିସ ସମ୍ମୁଖରେ ଗତ ୧୨ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲେ। ବିଡ଼ିଓଙ୍କ ପ୍ରତିଶ୍ରୁତି ପରେ ବୁଧବାର ସାମୟିକଭାବେ ଏହି ଧାରଣା ପ୍ରତ୍ୟାହୃତ ହୋଇଛି। ଦାବି ପୂରଣ ନହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଅଧ୍ୟକ୍ଷା ଆଶ୍ରିତା ଭୋଇ ପ୍ରକାଶ କରିଛନ୍ତି। ବୁଧବାର ଅପରାହ୍ନ ସାଢ଼େ ୧ଟାରେ ଧାରଣାସ୍ଥଳକୁ ବିଡ଼ିଓ ସୁଶ୍ରୀ ରୀନା ନାଏକ ଆସି ଧାରଣାରତ ସଭ୍ୟାସଭ୍ୟଙ୍କ ସହ ଆଲୋଚନା କରିଥିଲେ। ଆପଣମାନେ ନିଜ ପ୍ରସ୍ତାବଗୁଡ଼ିକ ଲିଖିତ ଦିଅନ୍ତୁ। କଲେକ୍ଟରଙ୍କ ପାଖକୁ ପଠେଇବି ବୋଲି କହିବା ପରେ ସଭ୍ୟାସଭ୍ୟମାନେ ମାନିଥିଲେ। ଶେଷରେ ବିଡିଓ ମୃଦୁ ପାନୀୟ ପିଆଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣସ୍ଥଳରେ ଅଧ୍ୟକ୍ଷା ଆଶ୍ରିତା ଭୋଇଙ୍କ ସମେତ ଟିଙ୍କିବା ସମିତି ସଭ୍ୟା ସ୍ନିଗ୍ଧା ପଟେଲ, ଖର୍ସନମାଲ ସମିତି ସଭ୍ୟ ସୁଶୀଲ କୁମାର ମିର୍ଦ୍ଧା, କେଦାରନାଥ ବରିହା, ଯଶମିତା କିସାନ, ଶାନ୍ତି ଧୁରୁଆ, ସୁନନ୍ଦା କିଷାନ, ସଞ୍ଜୟ ସେଠ, ସୁଶିଲ ମାଝର ଓ ରାଜେଶ ପଟେଲ ପ୍ରମୁଖ ୯ ଜଣ ସଭ୍ୟାସଭ୍ୟ ଧାରଣାରେ ବସିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ କର୍ମଚାରୀ ଲଛମନ ପ୍ରଧାନଙ୍କ ପରଲୋକ

ସମ୍ବଲପୁର,୧୮।୯(ବି.ଶଙ୍କର)



ଲଛମନ ପ୍ରଧାନ।

ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ(ଟିପିଡବ୍ଲୁଓଡିଏଲ)ର କର୍ମଚାରୀ ଲଛମନ ପ୍ରଧାନଙ୍କ ମଙ୍ଗଳବାର ଖୋର୍ଦ୍ଧା ଜିଲାର ବେଗିଁଟାଙ୍ଗି ଗ୍ରାମରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୩୯ ବର୍ଷ ହୋଇଥିଲା। ଲଛମନଙ୍କ ପରଲୋକରେ ବୁର୍ଲା ଟିପିଡବ୍ଲୁଓଡିଏଲ କାର୍ଯ୍ୟାଳୟଠାରେ ବୁଧବାର ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଟିପିଡବ୍ଲୁଓଡିଏଲ କାର୍ଯ୍ୟାଳୟ ଓ ପଶ୍ଚିମ ଓଡ଼ିଶା ବିଦ୍ୟୁତ ଅମଳା ସଂଘ ସଭ୍ୟମାନେ ସମବେତ ହୋଇ ଲଛମନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଗତ ୧୪ ବର୍ଷ ହେଲା ଲଛମନ ବୁର୍ଲା କାର୍ଯ୍ୟାଳୟରେ କାମ କରୁଥିଲେ। ସେ କର୍କଟ ରୋଗରେ ପୀଡିତ ଥିଲେ।

## କେନ୍ଦୁପତ୍ର ବୋଝେଇ ପିକ୍‌ଅପ ଜବତ, ୨ଗିରଫ



ରେଢାଖୋଲ,୧୮।୯(ଅଚ୍ୟୁତାନନ୍ଦ ପୁରୋହିତ): ସମ୍ବଲପୁର ଜିଲା ରେଢାଖୋଲ ରେଞ୍ଜ କର୍ମଚାରୀ ବୁଧବାର ମଧ୍ୟାହ୍ନ ସାଢେ ୧୨ଟା ବେଳେ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଶିମିଳିପାଳ ଛକ ନିକଟରୁ ଏକ ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍‌କୁ ଜବତ କରିଛି। ଜବତ ଗାଡିରେ ୧୯୨ ବଣ୍ଡଲ କେନ୍ଦୁପତ୍ର ଚାଲାଣ ହେଉଥିଲା। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦେବଗଡ ଜିଲା କୁଣ୍ଡେଇଗୋଳା ଥାନା ଘୁଣ୍ଟେଲୁପୋଶି ଗ୍ରାମର ଦୁଷ୍ମନ୍ତ ବଘାର(୨୭)ଓ କୃଷ୍ଣ ସାହୁ(୨୫)। ପିକ୍‌ଅପ୍(ନଂ.ଓଡି ୨୮ ବି-୩୯୩୭) ଯୋଗେ କେନ୍ଦୁପତ୍ର ଚାଲାଣ ହେଉଥିବା ଡିଏଫଓ ଅରବିନ୍ଦ ମହାନ୍ତି ସୂଚନା ପାଇ ରେଢାଖୋଲ ବନ କର୍ମଚାରୀଙ୍କୁ ଚଢାଉ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜ ଅଧିକାରୀ ମୈତ୍ରୀମଞ୍ଜିତ ବିଶ୍ୱାଳ, ଫରେଷ୍ଟର ଧର୍ମୁଧର ପ୍ରଧାନ, ନବକିଶୋର ମେହେର ସଦଳବଳ ଚଢାଉ କରିଥିଲେ। ଗୁରୁବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

## ହୀରାକୁଦରେ ଲାଲ ରେଡିୟମ ବନ୍ଧନ କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୯(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ସେବା ହିଁ କର୍ମ ଅନୁଷ୍ଠାନ ପକ୍ଷରୁ ଲାଲ ରେଡିୟମ ବନ୍ଧନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠାନର ସଭ୍ୟମାନେ ମିଳିତଭାବେ ଜାତୀୟ ରାଜପଥ ଓ ହୀରକୁଦ ରାସ୍ତାରେ ବୁଲା ଗୋରୁଙ୍କ ବେକ ଏବଂ ଶିଙ୍ଗରେ ଲାଲରଙ୍ଗର ରେଡିୟମ ଫିତା ବାନ୍ଧିଥିଲେ। ଏହାଦ୍ୱାରା ଗୋରୁମାନେ ଦୁର୍ଘଟଣାରୁ ବର୍ତ୍ତିବା ଆଶା ରହିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କୁ ସୁବିଧାରେ ଚିହ୍ନି ଡାକ୍ତରଖାନାକୁ ନିଆଯାଇପାରିବ ବୋଲି ଅନୁଷ୍ଠାନ ସଭାପତି କାର୍ତ୍ତିକ କଲେତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୂର୍ଯ୍ୟକାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ସୁନୀଲ ସେଟ, ସୋମଦତ୍ତ ଦାସ, ସୁମିତ କୁମାର ସାହୁ, ସି.ରାଉତ, ଚିନ୍ମୟ ଲୁହାର, ଲକି ବେହେରା, ଅନିନ୍ଦ୍ୟ ସୁନ୍ଦର ମହାନ୍ତି, ଉତ୍ତମ ବାଗ, କୁନା ବାଗ ସାମିଲ ଥିଲେ ।

## ଖାଲିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ହେବ

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)




ବୈଠକରେ ମଞ୍ଚାସୀନ ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

**ନିଯୁକ୍ତି ପାଇବେ ୨୧୮ କନିଷ୍ଠ ଶିକ୍ଷକ**

ସମଗ୍ର ସମ୍ବଲପୁର ଜିଲାରେ ଖାଲିଥିବା କନିଷ୍ଠ ଶିକ୍ଷକ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ। ନିଯୁକ୍ତି ପାଇବେ ୨୧୮ ଜଣ କନିଷ୍ଠ ଶିକ୍ଷକ। ଯଥାଶୀଘ୍ର ଏଠାରେ ଆୟୋଜିତ ହେବାକୁଥିବା ନିଯୁକ୍ତି ମେଳା ଜରିଆରେ କନିଷ୍ଠ ଶିକ୍ଷକମାନଙ୍କୁ ମିଳିବ ନିଯୁକ୍ତିପତ୍ର। ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଏହି ସୂଚନା ଦେଇଛନ୍ତି ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ। ସେ କହିଛନ୍ତି ଯେ ବୈଠକରେ ଉପସ୍ଥିତ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ବିଧାୟକ ନାଉରୀ ନାୟକ, ବିଭିନ୍ନ ଜିଲା ପରିଷଦ ସଭ୍ୟ, ବିଧାୟକ ଓ ଏମ୍‌ପି ନୋମିନୀଙ୍କ ଉପସ୍ଥିତିରେ ଜିଲାର ବିଭିନ୍ନ ବ୍ଲକ୍ ଅନ୍ତର୍ଗତ ବିଦ୍ୟାଳୟମାନଙ୍କରେ ଦୀର୍ଘଦିନରୁ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ପାଇଁ ଆଲୋଚନା ପରେ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି।

ଗତବର୍ଷ ଜିଲାର ବିଭିନ୍ନ ବିଦ୍ୟାଳୟରେ ଖାଲିଥିବା ପ୍ରାୟ ୨୬୧ ପଦବୀ ପୂରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ସାର୍ଟିଫିକେଟ୍ ଯାଞ୍ଚ ପ୍ରକ୍ରିୟାରେ ୪୭ ଜଣଙ୍କ ଆବେଦନ ଖାରଜ ହୋଇଥିଲା। ଫଳରେ ଚୂଡ଼ାନ୍ତ ମେରିଟ୍ ତାଲିକା ପାଇଁ ୨୧୮ ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି। ଖାରଜ ୪୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୯ ଜଣଙ୍କ ଅନୁପସ୍ଥିତି ପାଇଁ ଓ ଅନ୍ୟ ୮ ଜଣଙ୍କ ଆବେଦନ ଅନ୍ୟ କାରଣରୁ ଖାରଜ ହୋଇଥିଲା। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା କନିଷ୍ଠ ଶିକ୍ଷକଙ୍କ ମଧ୍ୟରୁ ବିଜ୍ଞାନ କ୍ୟାଟାଗୋରୀ-୧ ପାଇଁ ୬୮ ଜଣ, କ୍ୟାଟାଗୋରୀ-୨ ପାଇଁ ୬୩ ଜଣ, କଳା କ୍ୟାଟାଗାରୀ-୧ରେ ୪୫ ଓ କ୍ୟାଟାଗୋରୀ-୨ ପାଇଁ ୪୨ ଜଣ ନିଯୁକ୍ତି ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

# ସମ୍ବଲପୁର ଜିଲାର ୫୦ ଦିବ୍ୟାଙ୍ଗ ଇ-ରିକ୍ସା ପାଇବେ

ସମ୍ବଲପୁର,୧୮।୯(ବି.ଶଙ୍କର)



ଇ-ରିକ୍ସା ପ୍ରାପ୍ତି ନିମନ୍ତେ ଆୟୋଜିତ ଚୟନ ଶିବିରରେ ଦିବ୍ୟାଙ୍ଗମାନେ।

**ଦିବ୍ୟାଙ୍ଗମାନଙ୍କ ଇ-ରିକ୍ସା ପ୍ରାପ୍ତି ନିମନ୍ତେ ଚୟନ ଶିବିର**

■୩୦ ଜିଲାରେ ଏସସିଏଲ ଦେବ ୫ଶହ ଇ-ରିକ୍ସା

ସମ୍ବଲପୁର ଜିଲା ପ୍ରଶାସନ ଆୟୋଜନରେ ଦିବ୍ୟାଙ୍ଗମାନଙ୍କ ଇ-ରିକ୍ସା ପ୍ରାପ୍ତି ନିମନ୍ତେ ଚୟନ ଶିବିର ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୪ ଦିବ୍ୟାଙ୍ଗଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ଇ-ରିକ୍ସା ଲାଗି ଯୋଗ୍ୟ ବିବେଚିତ କରାଯାଇଥିଲା। ମନୋନୟନ ବୋର୍ଡରେ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଅତିରିକ୍ତ ଇଓ(ଏମଆଇଏସ) ସୁଶୀଳା ଟପ୍ପୋ, ଏଡିପିଏଚ୍‌ଓ ଡାକ୍ତର ପ୍ରମୋଦ ବିଶ୍ୱାଳ, ଫିଜିଓଥେରାପିଷ୍ଟ ସସ୍ମିତା ଶକ୍ତିଦର ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ ସାମିଲ ଥିଲେ। ସମ୍ବଲପୁର ଜିଲା ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ ଶିବିର ପରିଚାଳନା କରିଥିଲେ। ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ୫ଶହ ଇ-ରିକ୍ସା ସକାଶେ ସହାୟତା ରାଶି ଯୋଗାଇ ଦେବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତେବେ ଇ-ରିକ୍ସାଗୁଡ଼ିକ ରାଜ୍ୟର ୩୦ଟି ଜିଲାରେ ଦିବ୍ୟାଙ୍ଗଙ୍କୁ ବଣ୍ଟନ କରାଯିବ। ଏଥି ସକାଶେ ସମ୍ବଲପୁରରେ ଏକ ସ୍ୱତନ୍ତ୍ର ଉତ୍ସବ ଆସନ୍ତା ମାସ ଶେଷ ସପ୍ତାହରେ ଆୟୋଜିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଇ-ରିକ୍ସା ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି।

ସମ୍ବଲପୁରରେ ୨୦୧୯-୨୦ ଆର୍ଥିକ ବର୍ଷରେ ଶୁଭାରମ୍ଭ ହୋଇଥିବା ଦିବ୍ୟାଙ୍ଗ ଇ-ରିକ୍ସା ଯୋଜନାକୁ ରାଜ୍ୟ ସରକାର ପ୍ରଶଂସା କରିଥିଲେ । ଏହାର ସଫଳତା ଯୋଗୁଁ ସାରା ରାଜ୍ୟରେ ଲାଗୁ କରିବାକୁ ସରକାରଙ୍କ ପକ୍ଷରୁ ଏମ୍‌ସିଏଲ୍‌କୁ ଅନୁରୋଧ କରାଯାଇଥିଲା। ୨୦୧୯-୨୦ ମସିହାରେ ଏମସିଏଲ ସହଯୋଗରେ ପ୍ରାରମ୍ଭିକ ସ୍ତରରେ ସମ୍ବଲପୁର ଜିଲାରେ ୨୦ଟି ଇ-ରିକ୍ସା ପ୍ରଦାନ କରି ରାଜ୍ୟରେ ଦିବ୍ୟାଙ୍ଗ ସଶକ୍ତିକରଣର ଉଦାହରଣ ସୃଷ୍ଟି କରାଯାଇଥିଲା। ସେହିପରି ୨୦୨୨-୨୩ରେ ପୁରି ଏମସିଏଲ ପକ୍ଷରୁ ୫୦ଟି ଏବଂ ଜିଲା ଖଣିଜ ପାଣ୍ଠିରୁ ୩୨ଟି ଇ-ରିକ୍ସା ବଣ୍ଟନ କରାଯାଇଥିଲା । ତେଣୁ ଅଦ୍ୟାବଧି ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠିରୁ ୩୨ଟି ଏବଂ ଏମସିଏଲ ସହାୟତାରେ ୭୦ଟି ଇ-ରିକ୍ସା, ବ୍ଲକ ଓ ସହରାଞ୍ଚଳର ୧୦୨ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେଥିପାଇଁ ଟ୍ରାଇ- ସାଇକେଲ ବ୍ୟବହାରକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବା ଦେଖାଯାଉଛି। ଅପରପକ୍ଷେ ରାଜ୍ୟର ୩୦ଟି ଜିଲାରେ ମନୋନୟନ କରାଯାଇ ତାପରେ ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତ କରାଯିବ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ସ୍ଥିରୀକୃତ ହେବ ବୋଲି ଏସଏସଇପିଡି ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଓମ୍ ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଭାରତକୁ ଏକ ପେନ୍‌ସନ‌ଯୁକ୍ତ ସମାଜରେ ପରିଣତ କରିବା ଲକ୍ଷ୍ୟ’

## ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)



କେନ୍ଦ୍ର ବଜେଟ ୨୦୨୪-୨୫ ଘୋଷଣା ଅନୁଯାୟୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ନାବାଳକମାନଙ୍କ ପାଇଁ ଡିଜାଇନ କରାଯାଇଥିବା ଏକ ଅନନ୍ୟ ପେନ୍‌ସନ ଯୋଜନା ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସମେତ ଆର୍ଥିକ ସେବା ବିଭାଗର ସଚିବ ଏବଂ ପିଏଫ୍‌ଆର୍‌ଡିଏର ଅଧ୍ୟକ୍ଷଙ୍କ ସମେତ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସମଗ୍ର ଭାରତରେ ଏକାସାଙ୍ଗରେ ୭୫ଟି ସ୍ଥାନରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲାବେଳେ ୨୫୦ରୁ ଅଧିକ ସ୍ଥାୟୀ ଅବସର ଖାତା ନମ୍ବର (ପ୍ରାନ୍) ନାବାଳକ ଉପଭୋକ୍ତାଙ୍କୁ ବଣ୍ଟନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ସୀତାରାମନ ଭାରତକୁ ଏକ ପେନ୍‌ସନ‌ଯୁକ୍ତ ସମାଜରେ ପରିଣତ କରିବା ଲକ୍ଷ୍ୟରେ ଦୀର୍ଘମିଆଦୀ ଆର୍ଥିକ ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ପଙ୍କଜ ଚୌଧୁରୀ ଏହି ଯୋଜନାକୁ ସାମଗ୍ରିକ ଅର୍ଥନୈତିକ ବିକାଶ ଦିଗରେ ଏକ ପଦକ୍ଷେପ ଭାବେ ଆଲୋକପାତ କରିଥିଲେ ଏବଂ ସମସ୍ତ କାର୍ଯ୍ୟକାରୀ ଅନୁଷ୍ଠାନଗୁଡ଼ିକୁ ଅଧିକରୁ ଅଧିକ କଭରେଜ୍ ଏବଂ ଯୋଜନାର ସନ୍ତୁଳନ ପାଇଁ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ସେହିପରି ଓଡ଼ିଶାର ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରାହୋଇଯାଇଛି। ଏପରିକି ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି) ଓଡ଼ିଶା ଆବାହକ, ୟୁକୋ ବ୍ୟାଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି, ବ୍ୟାଙ୍କ ପ୍ରଶାସନିକ ମୁଖ୍ୟ, ଛାତ୍ରୀଛାତ୍ର, ମାତାପିତା ତଥା ଅଭିଭାବକଙ୍କ ସମେତ ୧୫୦ ରୁ ଅଧିକ ଲୋକ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ଗୌତମ ପାତ୍ର ସ୍ୱାଗତ ଅଭିଭାଷଣ ସହ ଯୋଜନାର ଆଭିମୁଖ୍ୟ ଓ ନାବାଳକମାନଙ୍କ ପାଇଁ ଆର୍ଥିକ ସୁରକ୍ଷାର ଗୁରୁତ୍ୱ ଉପରେ ବିସ୍ତୃତ ଭାବେ ଗୁରୁତ୍ୱାରୋପ କରିଥିଲେ। ପ୍ରୋଟିଆନ୍ ସିଆର୍‌ଏ ଏନ୍‌ପିଏସ୍‌ର ବରିଷ୍ଠ ମୁଖ୍ୟ ରମେଶ କୁମାର ଏବଂ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ର ସ୍ୱତନ୍ତ୍ର ଅଭିଭାଷଣ ଦେଇ ଯୁବପିଢ଼ିଙ୍କ ପାଇଁ ଆର୍ଥିକ ସୁରକ୍ଷିତ ଭବିଷ୍ୟତ ସୃଷ୍ଟି କରିବାରେ ଏନ୍‌ପିଏସ୍ ବାତ୍ସଲ୍ୟର ବ୍ୟାପକ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

# ରିଲାଏନ୍ସ ଡିଜିଟାଲର ଦୀପାବଳି ଧମାକା

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)




ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର ତଥା ଦୀପାବଳି ଧମାକା ସ୍ୱତନ୍ତ୍ର ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ନୂତନ ଏବଂ ବିଦ୍ୟମାନ ଜିଓ ଫାଇବର ଏବଂ ଏୟାରଫାଇବର ବ୍ୟବହାରକାରୀଙ୍କ ପାଇଁ ୨୦୨୪ ସେପ୍ଟେମ୍ବର ୧୮ ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଉପଲବ୍ଧ ରହିଛି, ଯେଉଁଥିରେ ଗ୍ରାହକମାନେ ୧ ବର୍ଷ ପାଇଁ ମାଗଣା ଜିଓ ଏୟାରଫାଇବର ସେବା ପାଇପାରିବେ। ସେହିଭଳି ନୂତନ ଗ୍ରାହକମାନେ ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ କିମ୍ବା ୨୨୨୨ଟଙ୍କା ମୂଲ୍ୟର ୩ମାସର ଦିୱାଲୀ ପ୍ଲାନ୍ ନେଇ ଏହି ଅଫରର ଲାଭ ପାଇପାରିବେ। ଅପରପକ୍ଷରେ ବର୍ତ୍ତମାନର ଜିଓ ଫାଇବର ଓ ଜିଓ ଏୟାରଫାଇବର ଉପଭୋକ୍ତାମାନେ ଗୋଟିଏ ଥର ୨୨୨୨ଟଙ୍କାର ଆଡଭାନ୍ସ ରିଚାର୍ଜ କରି ଏହି ଅଫର ମଧ୍ୟ ପାଇପାରିବେ।

ଉଲ୍ଲେଖଯୋଗ୍ୟ, ଜିଓର ଯୋଗ୍ୟ ଗ୍ରାହକମାନଙ୍କୁ ଏହି ଅଫର ଯୋଗାଇ ଦିଆଯାଉଛି। ଏପରିକି ୨୦୨୪ ନଭେମ୍ବରରୁ ୨୦୨୫ଅକ୍ଟୋବର ପର୍ଯ୍ୟନ୍ତ ଯୋଗ୍ୟ ଗ୍ରାହକମାନଙ୍କୁ ଜିଓ ଏୟାରଫାଇବର ପ୍ଲାନ୍‌ର ସମାନ ମୂଲ୍ୟର ୧୨ଟି କୁପନ୍ ମିଳିବ, ଯାହାକୁ ୩୦ ଦିନ ମଧ୍ୟରେ ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋର, ଜିଓ ପଏଣ୍ଟ ଷ୍ଟୋର୍ କିମ୍ବା ଜିଓ ମାର୍ଟ ଡିଜିଟାଲ ଏକ୍ସକ୍ଲୁସିଭ୍ ଷ୍ଟୋରରେ ୧୫,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ ଉପରେ ବ୍ୟବହାର ବା ରିଡିମ କରାଯାଇପାରିବ।

# ବଜାରରେ କିଆର ଗ୍ରାଭିଟି ଏଡିଶନ ରେଞ୍ଜ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)




ଭୁବନେଶ୍ୱରର ଗୁଗ୍‌ନାନି କିଆରେ ଗ୍ରାଭିଟି ଏଡିଶନର ନୂତନ ମଡେଲ ଅନାବରଣ ହୋଇଯାଇଛି। ଏହି ଅବସରରେ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କିଆର ଗ୍ରାଭିଟି ଏଡିଶନ ରେଞ୍ଜର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ଆକର୍ଷଣୀୟ ଭାରିଆଣ୍ଟ ଓ ଅଭିନବ ଡିଜାଇନ୍ ମଡେଲକୁ ମଧ୍ୟ କମ୍ପାନୀ ବଜାର ପ୍ରବେଶ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ‘ଗୁଗ୍‌ନାନି କିଆ’ (ଗୁଗ୍‌ନାନି ଅଟୋକ୍ରାଫ୍ଟସ ପ୍ରାଇଭେଟ୍ ଲିମିଟେଡ୍) ଭୁବନେଶ୍ୱରର ପଟିଆ ଶୋ’ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁଗ୍‌ନାନି କିଆର ନିର୍ଦ୍ଦେଶକ ୟସ୍‌ନୀତ ଗୁଗ୍‌ନାନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଗ୍‌ନାନି କିଆର ସିଇଓ ମହେଶ ଝୁନ୍‌ଝୁନ୍‌ୱାଲାଙ୍କ ସମେତ ୟୁକୋ ବ୍ୟାଙ୍କ ପଟିଆ ଶାଖାର ଜିଏମ୍ ପ୍ରତିଭା ପରିଡ଼ା, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଓଡ଼ିଶା ହେଡ୍ (କାର୍ ଲୋନ୍) ସୁଶୀତ ଜେନା ଏବଂ ସେଣ୍ଟ୍ରାଲ ବ୍ୟାଙ୍କର ଜିଏମ୍ ବର୍ଷାରାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କିଆ ଇଣ୍ଡିଆର ଅତ୍ୟାଧୁନିକ ଗ୍ରାଭିଟି ଏଡିଶନର ନୂତନ କିଆ କାରେନ୍ସ, କିଆ ସୋନେଟ୍, କିଆ ସେଲଟସ୍ ନିକଟରେ ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ନୂତନ ମଡେଲଗୁଡ଼ିକର ଫିଚର ସାଙ୍ଗକୁ ସ୍ୱତନ୍ତ୍ର ଇଣ୍ଟେରିୟର ଓ ଏକ୍ସଟେରିୟର ଡିଜାଇନ ପୂର୍ବରୁ ଥିବା ଆଇକନିକ୍ ମଡେଲଗୁଡ଼ିକଠାରୁ ଅଧିକ ଆକର୍ଷଣୀୟ କରିବା ସହ ବେଶ୍ ଲୋକପ୍ରିୟ ହୋଇପାରିବ ବୋଲି ଆଶା କରାଯାଉଛି।

# ସଙ୍କଟରେ ଭାରତୀୟ ହୀରା ବଜାର

ଭୁବନେଶ୍ୱର,୧୮।୯ (ଅନୁରାଧା ମହାରଣା)

ଭାରତୀୟ ହୀରା ବଜାର ଏକ ଗୁରୁତର ସଙ୍କଟ ଦେଇ ଗତି କରୁଛି। ଗତ ୩ବର୍ଷ ମଧ୍ୟରେ ଉଭୟ ଆମଦାନୀ ଏବଂ ରପ୍ତାନିରେ ତୀବ୍ର ହ୍ରାସ ହେତୁ ପେମେଣ୍ଟ ଡିଫଲ୍ଟ, କାରଖାନା ବନ୍ଦ ଏବଂ ବ୍ୟାପକ ଚାକିରି ହରାଇବା କାରଣରୁ ଏହି ସଙ୍କଟ ସୃଷ୍ଟି ହୋଇଛି। ଅର୍ଥନୈତିକ ଅନୁସନ୍ଧାନ ପ୍ରତିଷ୍ଠାନ ଜିଟିଆରଆଇ ପକ୍ଷରୁ ବୁଧବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ହୀରା ରପ୍ତାନିରେ ଆୟ ବୃଦ୍ଧି ପାଇଛି ମାତ୍ର ଅର୍ଡର ହ୍ରାସ ହେତୁ ଅଣ ପ୍ରକ୍ରିୟାକୃତ ହୀରାର ଷ୍ଟକ ବୃଦ୍ଧି ପାଉଛି। ଏହାଦ୍ୱାରା ଦେୟ ଡିଫଲ୍ଟ, କାରଖାନା ବନ୍ଦ ଏବଂ ବଡ଼ ଧରଣର ଚାକିରି କ୍ଷତି ହୋଇଛି। ତେବେ ଗୁଜୁରାଟର ହୀରା ଶିଳ୍ପ ସହିତ ଜଡିତ ୬୦ରୁ ଅଧିକ ଲୋକ ଆତ୍ମହତ୍ୟା କରିଥିବା ପ୍ରତିଷ୍ଠାନ ପକ୍ଷରୁ କୁହଯାଇଛି। ଯାହା ଭାରତର ହୀରା ଶିଳ୍ପ ଉପରେ ଆର୍ଥିକ ତଥା ଭାବପ୍ରବଣତାକୁ ଦର୍ଶାଉଛି। ଏହି ସମସ୍ୟାର ସମାଧାନ ତଥା ଅଞ୍ଚଳର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ତଥ୍ୟ ଅନୁଯାୟୀ, ୨୦୨୧-୨୨ ମସିହାରେ ୧୮.୫ ବିଲିୟନ ଡ଼ଲାରରୁ ୨୦୨୩-୨୪ ମସିହାରେ ୧୪ ବିଲିୟନ ଡ଼ଲାରରେ ହୀରା ଆମଦାନୀରେ ୨୪.୫ ପ୍ରତିଶତ ହ୍ରାସ ଦୁର୍ବଳ ବିଶ୍ୱ ବଜାର ଏବଂ ନିମ୍ନ ପ୍ରକ୍ରିୟାକରଣ ନିର୍ଦ୍ଦେଶ (ଚୁକ୍ତିନାମା)କୁ ପ୍ରତିଫଳିତ କରୁଛି। ଏହାସହ ରୁଷ-ୟୁକ୍ରେନ ବିବାଦ ବିଶ୍ୱ ହୀରା ଯୋଗାଣ ଶୃଙ୍ଖଳା ଉପରେ ମଧ୍ୟ ପ୍ରଭାବ ପକାଇଛି। ଏକ ପ୍ରମୁଖ ହୀରା ଉତ୍ପାଦନକାରୀ ରୁଷ ଉପରେ ଲାଗିଥିବା କଟକଣା ବାଣିଜ୍ୟକୁ ଆହୁରି ଜଟିଳ କରିଛି ଏବଂ ବିଶ୍ୱ ହୀରା କାରବାରକୁ ମନ୍ଥର କରିଦେଇଛି। ଶ୍ରୀବାସ୍ତବ କହିଛନ୍ତି ଲ୍ୟାବରେ ପ୍ରସ୍ତୁତ ହୀରା ପ୍ରତି ଗ୍ରାହକଙ୍କ ଆଗ୍ରହ ବଢୁଥିବାବେଳେ ପ୍ରାକୃତିକ ହୀରାର ଚାହିଦା ଉପରେ ପ୍ରଭାବ ପକାଉଛି। ଜିଟିଆରଆଇ ଏହା ମଧ୍ୟ କହିଛି ଯେ ଦୁବାଇ ହୀରା ଉତ୍ପାଦନ କରେ ନାହିଁ, ତଥାପି ଭାରତର ଅଣପ୍ରକ୍ରିୟାକୃତ ହୀରା ଆମଦାନୀରେ ଏହାର ଅଂଶ କ୍ରମାଗତ ଭାବେ ବୃଦ୍ଧି ପାଉଛି। ରୁଷରୁ ଦୁବାଇ, ଅଙ୍ଗୋଲା, ଦକ୍ଷିଣ ଆଫ୍ରିକା, ଅଣ ପ୍ରକ୍ରିୟାକୃତ ହୀରା ଆମଦାନୀ କରୁଥିବାବେଳେ ପରେ ଭାରତକୁ ରପ୍ତାନି କରିଥାଏ।

# ଭୁଟାନରୁ ଏମ୍‌ଆଇପି ସର୍ତ୍ତ ବିନା ଗୁଆ ଆମଦାନୀକୁ ଅନୁମତି


## ୧୩ତମ ଜନ୍ମବାର୍ଷିକୀ ଶୁଭେଚ୍ଛା



ଓମ୍ ସାଇ ବିଶ୍ୱାଳ

ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
ପ୍ରଭୁ ତୁମ ବନ୍ଧନରେ ବାନ୍ଧିଅଛ ମୋତେ
ସେହି ବନ୍ଧନରେ ରଖ
ସେହି ବନ୍ଧନରେ ଥାଇ ସାଇ ନିତି ଦେଖୁଥିବ
ତୁମରି କଳା ଶ୍ରୀମୁଖ।
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ
ଦୀର୍ଘାୟୁ କରନ୍ତୁ ଏବଂ ଚଲାପଥ କୁସୁମିତ କରାନ୍ତୁ।
ଶୁଭେଚ୍ଛା ସହ: ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୩୭୯


ଭୁବନେଶ୍ୱର,୧୮।୯ (ଅନୁରାଧା ମହାରଣା)

ଭାରତ ସର୍ବନିମ୍ନ ଆମଦାନୀ ମୂଲ୍ୟ(ଏମ୍‌ଆଇପି) ସର୍ତ୍ତ ବିନା ଓଡ଼ିଶାର ହାତିସାରକୁ ଲ୍ୟାଣ୍ଡ କଷ୍ଟମସ୍ ଷ୍ଟେଶନ (ଏଲ୍ ସି ଏସ୍) ମାଧ୍ୟମରେ ଭୁଟାନରୁ କଞ୍ଚା ଗୁଆ ଆମଦାନୀ କରିବାକୁ ଅନୁମତି ଦେଇଛି। ବୈଦେଶିକ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଏହି ସୂଚନା ପ୍ରକାଶ ପାଇଛି। ଓଡ଼ିଶା ବ୍ୟତୀତ ଆସାମର ଦରଙ୍ଗାକୁ ମଧ୍ୟ ଏହି ଆମଦାନୀ ଅନୁମତି ମିଳିଛି। ୨୦୨୨ ସେପ୍ଟେମ୍ବରରେ ସରକାର ଏମ୍‌ଆଇପି ସର୍ତ୍ତ ବିନା ପ୍ରତିବର୍ଷ ଭୁଟାନରୁ ୧୭ ହଜାର ଟନ କଞ୍ଚା ଗୁଆ ଆମଦାନୀ କରିବାକୁ ଅନୁମତି ଦେଇଥିଲେ।

# ନଭେମ୍ବର ୨୧ରୁ ଶିଳ୍ପ ପ୍ରଦର୍ଶନୀ

## ■୩ୟ ପ୍ରୋପ୍ୟାକ୍ ଓଡ଼ିଶା
## ■୨ୟ ଓଡ଼ିଶା ପ୍ଲାଷ୍ଟ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)




ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ ଆଣ୍ଡ ମିଡ଼ିୟମ ଏଣ୍ଟରପ୍ରାଇଜେସ୍ (ଓଏଏସ୍‌ଏମ୍‌ଇ) ଏବଂ ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଏକ ୪ ଦିନିଆ ଶିଳ୍ପ ପ୍ରଦର୍ଶନୀ ୨୦୨୪ ନଭେମ୍ବର ୨୧ରୁ ଆୟୋଜନ ହେବାକୁ ଯାଉଛି। ୨୦୨୪ ନଭେମ୍ବର ୨୧ରୁ ୨୪ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନଠାରେ ୩ୟ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪ ଏବଂ ୨ୟ ଓଡ଼ିଶା ପ୍ଲାଷ୍ଟ-୨୦୨୪ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ୪ ଦିନ ଧରି ଚାଲିବାକୁ ଥିବା ଏହି ଶିଳ୍ପ ପ୍ରଦର୍ଶନୀରେ ମୁଖ୍ୟତଃ ପ୍ଲାଷ୍ଟିକ, ପ୍ରିଣ୍ଟିଂ, ପ୍ୟାକେଜିଂ, କନ୍‌ଭର୍ଟିଂ ଏବଂ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରି ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ଏହିସବୁ କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଓ ସମୃଦ୍ଧ ଭବିଷ୍ୟତ ରହିଛି। ସେହିଭଳି ଶିଳ୍ପ ପ୍ରଦର୍ଶନୀର ଚଳିତ ସଂସ୍କରଣ ପାଇଁ ଓଡ଼ିଶା ଓ ଭାରତର ବିଭିନ୍ନ ପ୍ରାନ୍ତର ଉପରୋକ୍ତ କ୍ଷେତ୍ରରୁ ୨୫୦ରୁ ଅଧିକ କମ୍ପାନୀ ଏହି ଶିଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣକରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ସହ ବିଭିନ୍ନ ଶିଳ୍ପ ଅଧିବେଶନରେ ସେମାନଙ୍କର ଅଭିଜ୍ଞତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମେଗା ଇଭେଣ୍ଟକୁ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ସମର୍ଥନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଓଏଏସ୍‌ଏମ୍‌ଇର ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଫ୍ୟୁଚରେକ୍ସର ନିର୍ଦ୍ଦେଶକ ନମିତ ଗୁପ୍ତା, ମେକାଟ୍ରୋନିକ୍ସ ମେସିନାରି ଆଣ୍ଡ ଟୁଲ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏସ୍.ଏସ୍. ଚୌହାନ ଏବଂ ଓଏଏସ୍‌ଏମ୍‌ଇର ଜ୍ୟୋତିର୍ମୟୀ ମହାନ୍ତି, ପ୍ରତିଶ୍ରୁତି ଜେନା, ରଞ୍ଜିତ ସାହୁ, ସବ୍ୟସାଚୀ ବେହେରା, ପରେଶ ସାହୁ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୮।୯

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୩୧ (୧୩୧.୪୩) ପଏଣ୍ଟ କମି ୮୨,୯୪୮ (୮୨,୯୪୮.୨୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୧ (୪୧.୦୦) ପଏଣ୍ଟ ହ୍ରାସ ଘଟି ୨୫,୩୭୮ (୨୫,୩୭୭.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।


# Classified Everyday
0674-2580101, 2549949




## SALE

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**Gharabari converted plots available near Hitech Square, Sundarpada, Bhubaneswar. For more details contact- 7978874990, 9777554170.** D-1374

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-1373




Newly open spa positively health benefits with expert therapist. 8658466886. D-76152

Newly open health benefits SPA by expert therapist. Contact- 9938843929. D-76155

## AFFIDAVIT

By the virtue of an affidavit dated 18.09.24 before the Court of Executive Magistrate, BBSR, I Monalisha Mohanty residing at LIG 1/6, Arya Vihar, Sailashree Vihar, BBSR declare that Monalisha Padhihari & Monalisha Mohanty is one & same person. D-1377

By virtue of an affidavit No.97 dated 29.05.2023 sworn before the Executive Magistrate, Semiliguda declare that my actual name is PRAVAT KUMAR SAHOO which is true and correct as recorded in my Aadhaar Card (xxxx xxxx 5176) and in my PAN (AONPS0965H). My name wrongly mentioned as PRAVATA KUMAR SAHOO in my HSC Board certificate and NALCO service records. That both names relate to same and one person. Henceforth, I will be known as “PRAVAT KUMAR SAHOO” for all purposes. D-1378

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM | UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



# ମନେ ପଡ଼ନ୍ତି

## ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



√ Shri Jagneswar Dash
SG-32- ଶ୍ରୀକ୍ଷେତ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୩୨
ତିରୋଧାନ: ୨୯।୦୯।୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୩୭୫

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



√ନବୀନ ଚନ୍ଦ୍ର ହୋତା
Retd. Professor, Govt. College, Angul
ଆବିର୍ଭାବ: ୧।୧୦।୧୯୪୭
ତିରୋଧାନ: ୨୯।୦୯।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରେ।
ଆପଣଙ୍କ ଚିର କୃତଜ୍ଞ ଋଷଭ ସହିତ ଧର୍ମପତ୍ନୀ- କିରଣବାଳା, ବଧୂ- ଜ୍ୟୋତିର୍ମୟୀ, କନ୍ୟା- ଲୁସି, ବିଟି, ଡେଜି, ମାମାଲି, ମିଶି ଏବଂ ଅତିପ୍ରିୟ ନାତିନାତୁଣୀମାନେ।
ଧ-୧୩୭୬

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ଗୋଲକ ବିହାରୀ ସାହୁ
ଅବସରପ୍ରାପ୍ତ କୃଷି ଜିଲ୍ଲା ଅଧିକାରୀ
ରାଧାଗୋବିନ୍ଦପୁର, ଆଠଗଡ଼
ଆବିର୍ଭାବ- ୨୩।୧୦।୧୯୩୭
ତିରୋଧାନ- ୧୦।୯।୨୦୨୪
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ହତଭାଗ୍ୟ ପୁତ୍ର- ଅସିତ୍ କୁମାର ସାହୁ, ପତ୍ନୀ- ସୁରେଖା ସାହୁ, ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୧୩୮୦


# ଆଲୁମିନିୟମ ଉଦ୍ୟୋଗରେ ବେଦାନ୍ତର ବୈପ୍ଳବିକ ପରିବର୍ତ୍ତନ

ଭୁବନେଶ୍ୱର,୧୮।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ କାର୍ଯ୍ୟ ପରିସରରେ ଇଞ୍ଜିନିୟର୍ସ ଡେ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆ ଉଦ୍ଭାବନ, ଶିକ୍ଷା ଓ ନିଯୁକ୍ତି ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଏହା ପ୍ରମାଣିତ କରିଛି। ଏପରିକି ସ୍ଥାୟୀ ପ୍ରଗତି ଲକ୍ଷ୍ୟରେ ପ୍ରତିଭା ପ୍ରତିପାଦନ କରିବା ସହ ବୈଷୟିକ ପ୍ରଗତି ବୃଦ୍ଧି ଓ ଓଡ଼ିଶାର ବିକାଶ ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାରେ ବେଦାନ୍ତ ଆଲୁମିନିୟମ ବଳିଷ୍ଠ ଭୂମିକା ଗ୍ରହଣ କରିଛି। ସେହିଭଳି ଓଡ଼ିଶାରେ ବେଦାନ୍ତ ଆଲୁମିନିୟମର ଅପରେଶନ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ କାର୍ଯ୍ୟ କରୁଛି, ଯାହା ଆଲୁମିନିୟମ ଉଦ୍ୟୋଗରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଏପରିକି ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ସହ କର୍ମଚାରୀଙ୍କ ବୈଷୟିକ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ବୃତ୍ତିଗତ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କମ୍ପାନୀ ଏକ ଆଦର୍ଶ ପରିବେଶ ସୃଷ୍ଟି କରିଛି। ସେହିପରି ବେଦାନ୍ତର ଝାରସୁଗୁଡ଼ା ୟୁନିଟ୍‌ରେ ପ୍ରାୟ ୧୦୦୦ ଇଞ୍ଜିନିୟରଙ୍କ ସହ କମ୍ପାନୀର ପ୍ରତ୍ୟକ୍ଷ କର୍ମଚାରୀଙ୍କର ପ୍ରାୟ ୩୩% ରହିଛନ୍ତି, ଏଥିରେ ମଧ୍ୟ ମହିଳା ଇଞ୍ଜିନିୟରମାନେ ଓ ୧୭% ଲିଙ୍ଗ ବିବିଧତା ରହିଛି। ଲାଞ୍ଜିଗଡ଼ରେ ଥିବା ବେଦାନ୍ତର ଆଲୁମିନା ବିଶୋଧନାଗାରରେ ମହିଳା ଇଞ୍ଜିନିୟର୍ସମାନେ ୧୯% କର୍ମଜୀବୀଙ୍କୁ ପ୍ରତିନିଧିତ୍ୱ କରୁଛି। ଏପରିକି ସେମାନଙ୍କ ବୃତ୍ତିଗତ ଭୂମିକାରେ ସେମାନେ ଅନେକ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଲାଞ୍ଜିଗଡ଼ରେ ପ୍ରାୟ ୩୦% କର୍ମଚାରୀ ସ୍ଥାନୀୟ ଅଞ୍ଚଳରୁ ନିଯୁକ୍ତି ପାଇଛନ୍ତି, ଯାହା କମ୍ପାନୀର ଗୋଷ୍ଠୀ କଲ୍ୟାଣ ପାଇଁ ନିଜ ଦାୟିତ୍ୱବଦ୍ଧତାର ପ୍ରମାଣ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଅନେକ ଇଞ୍ଜିନିୟରଙ୍କ ଅସାଧାରଣ ଅବଦାନକୁ ସ୍ୱୀକୃତି ଦେଉଛୁ। ଏପରିକି ଯେଉଁମାନେ ଆମ ସଫଳତାରେ ସହଯୋଗୀ ଅଟନ୍ତି। ବ୍ୟାପକ ନିଯୁକ୍ତି ସୃଷ୍ଟିକରିବା ଓ ସ୍ଥାୟୀ ବିକାଶ ଲକ୍ଷ୍ୟରେ ଆମେ ସର୍ବଦା ପ୍ରତିବଦ୍ଧ ରହିଛୁ। ଉଭୟ ଜାତୀୟ ତଥା ସ୍ଥାନୀୟ ପ୍ରତିଭାଧାରୀଙ୍କ ପାଇଁ ଲାଭଦାୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସେହିଭଳି ବେଦାନ୍ତ ଆଲୁମିନିୟମର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ ଭଟ୍ଟାଚାର୍ଯ୍ୟ କହିଛନ୍ତି,ଇଞ୍ଜିନିୟରଙ୍କ ଅତୁଳନୀୟ ପ୍ରତିଭାକୁ ସ୍ମରଣକରି ଆମେ ଏହି ଦିବସକୁ ପାଳନ କରୁଛୁ। ଦେଶର ପ୍ରମୁଖ ଅନୁଷ୍ଠାନଗୁଡ଼ିକରୁ ବିଭିନ୍ନ ନିଯୁକ୍ତି ସହ ଆମେ ନୂତନତା, ବିବିଧତା ଓ ବିକାଶ ଲାଗି ପ୍ରତିବଦ୍ଧ ଅଟୁ। ଏପରିକି ଶିକ୍ଷା ଓ ନିଯୁକ୍ତି ଉପରେ କମ୍ପାନୀ ସର୍ବଦା ଧ୍ୟାନ ଦେଇଆସୁଛି।

# ପ୍ରତିଶ୍ରୁତି ପାଳନ ହୋଇଚାଲିଛି: ମନମୋହନ

## ରାଜ୍ୟରେ ଭାଜପା ସରକାରଙ୍କୁ ଆଜି ପୂରୁଛି ୧୦୦ ଦିନ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ମନମୋହନ ସାମଲ ଓ ଦଳୀୟ ନେତା।

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ଦୀର୍ଘ ୬୦ ବର୍ଷ ପରେ ଏକମାତ୍ର ନେତା ଭାବେ ନରେନ୍ଦ୍ର ମୋଦି ୩ୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏକ କ୍ଷୁଦ୍ର ଗ୍ରାମରେ ଜନ୍ମ ନେଇ ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଓ ବିକାଶ କାର୍ଯ୍ୟ ପାଇଁ ଦେଶର ରାଜନୀତିରେ ସ୍ଥିରତାର ବାତାବରଣ ସମ୍ଭବ ହୋଇଛି। ଗତ ୧୦ ବର୍ଷରେ ବିଶ୍ୱର ୧୦ଟି ରାଷ୍ଟ୍ର ମୋଦିଙ୍କୁ ସେମାନଙ୍କ 'ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଏହା ଭାରତବାସୀଙ୍କୁ ଗୌରବାନ୍ୱିତ କରିଛି। ସେହିପରି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ସରକାର ୧୦୦ ଦିନ ପୂର୍ତ୍ତି କରିବ। ନିର୍ବାଚନ ପୂର୍ବରୁ ଜନତାଙ୍କୁ ଦିଆଯାଇଥିବା ସଂକଳ୍ପକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି। ରାଜ୍ୟବାସୀଙ୍କ ବିଶ୍ୱାସକୁ ନେଇ ଭାଜପା ସରକାର କାମ କରିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ମୋଦି ଗତ ୧୦ ବର୍ଷରେ ଗରିବ ବାସହୀନଙ୍କୁ ପକ୍କାଘର, ଶୌଚାଳୟ, ଗ୍ୟାସ୍, ବିଜୁଳି, ୫ କେଜି ଚାଉଳ ଏବଂ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେଇଛନ୍ତି । ଦୀନ୍‌ଦୟାଲ ଯୋଜନା ଅନ୍ତର୍ଗତ ୧୦ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସଙ୍ଗଠିତ କରାଯିବା ସହ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଦୃତ ସାଜିଛନ୍ତି। ଏହାସହ ୧୧ ଲକ୍ଷ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଶ୍ୱକର୍ମା ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି। ଯୁବକମାନଙ୍କ ପାଇଁ ୨ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରାଯାଇଛି ଏବଂ ଏଥିରେ ଆସନ୍ତା ୫ ବର୍ଷରେ ୪.୧୦ କୋଟି ଯୁବକ ଉପକୃତ ହେବେ । ଗତ ୧୦ ବର୍ଷରେ ପିଏମ୍ କିଷାନ ଯୋଜନା ଅନ୍ତର୍ଗତ ୯.୫ କୋଟି କୃଷକଙ୍କୁ ୨୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨.୩୩ କୋଟି କୃଷକଙ୍କୁ ୩ ଲକ୍ଷ କୋଟି ଟଙ୍କା ବିତରଣ କରାଯାଇଛି । ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନାକୁ ପ୍ରଧାନମନ୍ତ୍ରୀ ନିଜ ଜନ୍ମଦିନରେ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅନୁଦାନକୁ ଠିକ୍ ଭାବେ ବିନିଯୋଗକରି ଦେଶ ଓ ରାଜ୍ୟର ବିକାଶ କରାଯିବ ବୋଲି ମନମୋହନ କହିଛନ୍ତି।

## ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା: ବିଜେଡି

ଭୁବନେଶ୍ୱର,୧୮।୯(ଅନିଲ ଦାସ)

ରାଜ୍ୟ ଭାଜପା ସରକାରଙ୍କ ୧୦୦ ଦିନର କାର୍ଯ୍ୟକ୍ରମରୁ ସ୍ପଷ୍ଟ ହେଉଛି ଯେ, ଏହି ସରକାର ସମୟରେ ଓଡ଼ିଶାର ବିକାଶ ଦୁଇ ପାଦ ପଛକୁ ଯିବ ବୋଲି ବିଜେଡି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ଏହି ୧୦୦ ଦିନରେ ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା ବୋଲି କହି ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ।

ସେ କହିଛନ୍ତି, ଗତ ନିର୍ବାଚନରେ ଭାଜପା ତା'ର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଯେ, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବ କିନ୍ତୁ ରାଜ୍ୟ ବଜେଟରେ କେବଳ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ମାସିକ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରା ଯାଇଛି। ତେଣୁ ରାଜ୍ୟର ୮୦ ଭାଗ ଭତ୍ତାଧାରୀ ରାଜ୍ୟ ସରକାରଙ୍କ ପ୍ରବଞ୍ଚନାର ଶିକାର ହୋଇଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ଭାଜପା ରାଜ୍ୟରେ ଓଡ଼ିଆଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛି। ରାଜ୍ୟପାଳଙ୍କ ପୁଅ ଦ୍ୱାରା ଜଣେ ଓଡ଼ିଆ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିଲେ ହେଁ ରାଜ୍ୟ ସରକାର ଏଥିରେ ନ୍ୟାୟ ପ୍ରଦାନ ଦୂରେ ଥାଉ, ସାମାନ୍ୟ ମାମଲାଟିଏ ମଧ୍ୟ କରିପାରିଲେ ନାହିଁ । ଚିଁକିଟି ମଦମୃତ୍ୟୁ ଘଟଣାରେ ପାଞ୍ଚ ଜଣଙ୍କ ଜୀବନ ଯାଇଥିଲା, ଯାହା ରାଜ୍ୟ ସରକାରଙ୍କ ଆଉ ଏକ ବିଫଳତା ଥିଲା। ରାଜ୍ୟ ଭାଜପା ସରକାର ସୁଭଦ୍ରା ଯୋଜନା ଉପରେ ଅନେକ ବାହୁସ୍ଫୋଟ ମାରୁଥିଲେ ହେଁ ବାସ୍ତବରେ ଏହି ଯୋଜନାରେ ସରକାର ରାଜ୍ୟର ମହିଳାମାନଙ୍କୁ ପ୍ରତାରଣା କରିଛନ୍ତି।

## ଦଳର ସାଧାରଣ କାର୍ଯ୍ୟକର୍ତ୍ତା ଭାବେ କାମ କରିବି: ସୁଜିତ୍


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୁଜିତ୍ କୁମାରଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

କିଛିଦିନ ତଳେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ବୁଧବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବିଧାୟକ ବାବୁ ସିଂହ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଯତୀନ ମହାନ୍ତି ପ୍ରମୁଖ ସୁଜିତ୍ କୁମାରଙ୍କୁ ସ୍ୱାଗତ ଜଣାଇଛନ୍ତି। ମନମୋହନ କହିଛନ୍ତି, ସୁଜିତ୍ କୁମାର ରାଜ୍ୟ ସଭାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଜଣେ ପ୍ରତିଭାବାନ ଓ କର୍ମଠ ବ୍ୟକ୍ତି। ସୁଜିତ୍ କୁମାର କହିଛନ୍ତି, ବିକଶିତ ଓଡ଼ିଶା ଏବଂ ବିଶେଷ ଭାବେ କଳାହାଣ୍ଡି ଜିଲାର ସାମଗ୍ରିକ ବିକାଶ ମୋର ପ୍ରାଥମିକତା। ରାଜ୍ୟବାସୀଙ୍କ ସେବା ପାଇଁ ସୁଯୋଗ ଦେଇଥିବାରୁ ଭାଜପାକୁ ଧନ୍ୟବାଦ ଦେବା ସହ ଓଡ଼ିଶାର ପ୍ରଗତି ପାଇଁ ଦଳର ସାଧାରଣ କାର୍ଯ୍ୟକର୍ତ୍ତା ଭାବେ କାମ କରିବି ବୋଲି ସେ କହିଛନ୍ତି।

## ମୁଖ୍ୟ ପ୍ରସଙ୍ଗରୁ ନଜର ହଟାଇବାକୁ ରାଜ୍ୟ ସରକାରଙ୍କ ପ୍ରୟାସ: କଂଗ୍ରେସ

ଭୁବନେଶ୍ୱର,୧୮।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ଓ ୧୦୦ ଦିନ ଅବଧିର ମୋହନ ସରକାର ରାଜ୍ୟବାସୀଙ୍କ ପ୍ରତି କେବଳ ଧୋକା । ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ କରିବାକୁ ଓଡ଼ିଶା ଆସିବାରେ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ବ୍ୟୟ କରାଯାଇଛି। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ପୂରା ନ କରି ମୁଖ୍ୟ ପ୍ରସଙ୍ଗରୁ ରାଜ୍ୟବାସୀଙ୍କ ନଜର ହଟାଇବା ଓ ସୁଭଦ୍ରା ଯୋଜନାରେ ୫୦ ଭାଗରୁ ଅଧିକ ମହିଳାଙ୍କୁ ବଞ୍ଚିତ କରିବା ଭଳି ଅନ୍ୟାୟକୁ ରାଜ୍ୟବାସୀ ଗ୍ରହଣ କରିବେ ନାହିଁ। ବର୍ଷକୁ ୧୦ ହଜାର, ମାସିକ ୮୩୩ ଟଙ୍କାରେ ମହିଳାମାନେ କି ଉଦ୍ୟୋଗୀ ହେବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ଷ୍ଟିୟରିଂ କମିଟି ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତି ପ୍ରଶ୍ନ କରିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱରଞ୍ଜନ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ୩୪ ଲକ୍ଷ ପକ୍କାଘରର ଆବଶ୍ୟକତା ଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ ଲକ୍ଷ ୭୫ ହଜାର ହିତାଧିକାରୀ ପକ୍କାଘର ପାଇଥିବା ବେଳେ ଅବଶିଷ୍ଟ ୫୦% ହିତାଧିକାରୀ ଏପର୍ଯ୍ୟନ୍ତ ଆବାସ ପାଇବାରୁ ବଞ୍ଚିତ ଅଛନ୍ତି। ଡବଲ ଇଞ୍ଜିନ ସରକାର ଆସିବା ପରେ ଆଳୁ, ପିଆଜ, ଖାଇବା ତେଲ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ମାତ୍ରାଧିକ ବୃଦ୍ଧି ପାଇଛି। ରାଜ୍ୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷିତ ବେକାର ଯୁବତୀଯୁବକ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇ ଚାକିରି ଅନ୍ୱେଷଣରେ ସରକାରଙ୍କ ପାଖରେ ଗୁହାରି କରୁଛନ୍ତି। ଅନ୍ୟପକ୍ଷେ ଅନେକ ଲକ୍ଷ ଯୁବକ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ଏ ସମସ୍ତ ପ୍ରଶ୍ନର ଉତ୍ତର ଦେବା ବଦଳରେ ପ୍ରଧାନମନ୍ତ୍ରୀ ଚୁପ୍ ରହିବା ରାଜ୍ୟବାସୀଙ୍କୁ ନିରାଶ କରିଛି। ଏଭଳି ସ୍ଥିତିରେ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଭାଜପା ଓ ତା'ର ସହଯୋଗୀ ଦଳର ନେତାମାନେ ଆପତ୍ତିଜନକ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଯେଉଁମାନେ ରାହୁଲ ଗାନ୍ଧୀଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ରଖିଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ଖାରବେଳନଗର ଥାନାରେ ଏତଲା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବିଶ୍ୱରଞ୍ଜନ କହିଛନ୍ତି।

### ରାହୁଲଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ନେଇ ଆଜି କଂଗ୍ରେସର ବିକ୍ଷୋଭ


ବିଶ୍ୱରଞ୍ଜନ ମହାନ୍ତି

# ପାଟକୁରା ବିଜେଡିରେ ସଙ୍କଟ

### ଜିଲା ଉପସଭାପତିଙ୍କ ସମେତ ଡେରାବିଶ ବ୍ଲକ୍ ବିଜେଡିର ବହୁ କର୍ମକର୍ତ୍ତା ପଦ ଛାଡ଼ିଲେ

ଡେରାବିଶ,୧୮।୯(ବେବର୍ତ୍ତା ଅଜୟ ଦାସ)

ଗତ ନିର୍ବାଚନରେ ବିଜେଡି ବିଧାୟକ ଭାବେ ଅରବିନ୍ଦ ମହାପାତ୍ର ଜିତିବାର ୩ ମାସ ନ ବିତୁଣୁ ପ୍ରଥମେ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ନିଜ ପଦରୁ ଇସ୍ତଫା ଦେଇଥିଲେ। ବୁଧବାର ବ୍ଲକ ବିଜେଡିର ପ୍ରମୁଖ ନେତା ପୂର୍ବତନ ସମିତି ସଭ୍ୟ ତଥା ଜିଲା ଉପସଭାପତି ଶ୍ରୀମନ୍ତ ରାଉତରାୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ବୁଧବାର ଜିଲା ସଭାପତିଙ୍କ ସମେତ ରାଜ୍ୟ ସଭାପତି ଓ ଅନ୍ୟ ରାଜ୍ୟସ୍ତରୀୟ ନେତୃତ୍ୱଙ୍କ ପାଖକୁ ପଠାଇଛନ୍ତି। ଶ୍ରମନ୍ତଙ୍କ ସହ ଜିଲା ମହିଳା ବିଜେଡି ଉପସଭାନେତ୍ରୀ ନମିତା ସାହୁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତୃପ୍ତିମୟୀ କର, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ସାହୁଙ୍କ ଅନ୍ୟ ୮ଜଣ ଦଳୀୟ କର୍ମକର୍ତ୍ତା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ବୁଧବାର ଡେରାବିଶ ବ୍ଲକ ଅଧୀନ ଛତାଠାରେ ଏକ ଖବରଦାତା ସମ୍ମିଳନୀ ବରିଷ୍ଠ ନେତା ମନିନ୍ଦ୍ର ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀମନ୍ତ ପାଟକୁରା ବିଧାୟକଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଛନ୍ତି, ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ବିଜେଡିର ଭାତହାଣ୍ଡି । ବିଗତ ନିର୍ବାଚନରେ ଏହି ବ୍ଲକ ଅଧୀନ ୨୬ ପଞ୍ଚାୟତରେ ବିଜେଡି ସର୍ବାଧିକ ଭୋଟ ଅକ୍ତିଆର କରିଥିଲା। ମାତ୍ର ଚଳିତ ନିର୍ବାଚନରେ ପରିଚାଳନାଗତ ତ୍ରୁଟି ପାଇଁ ଭୋଟ ହାର ବହୁ କମିଯାଇଥିଲା। ଦୀର୍ଘ ୨୬ ବର୍ଷ ହେବ ଦଳୀୟ ସଙ୍ଗଠନକୁ କର୍ମୀମାନେ ସୁଦୃଢ଼ କରି ରଖିଥିବା ବେଳେ ଗତ ନିର୍ବାଚନରେ ଦଳୀୟ ସଭାପତିଙ୍କ ନିଷ୍ପତ୍ତି ଅନୁଯାୟୀ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଦଳୀୟ ପ୍ରାର୍ଥୀ ହୋଇଥିଲେ। ଅରବିନ୍ଦଙ୍କୁ ବହୁ ମତରେ ନିର୍ବାଚିତ କରିବା ପାଇଁ ଆମ୍ଭେମାନେ ପ୍ରାଣପଣେ ଉଦ୍ୟମ କରିଥିଲୁ । ହେଲେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ବିଜୟ ବାବୁଙ୍କ ସମର୍ଥକମାନେ ଅନ୍ତର୍ଘାତି କାର୍ଯ୍ୟ କରିବା ଯୋଗୁ ଦଳର ଏଭଳି ବିପର୍ଯ୍ୟୟ ହୋଇଥିଲା ବୋଲି କହିଛନ୍ତି ।

### ଆସିକା ବିଧାୟକଙ୍କ ବିବାଦୀୟ ମନ୍ତବ୍ୟର ପ୍ରତିବାଦ

# ସରପଞ୍ଚଙ୍କ ଶୋଭାଯାତ୍ରା



ଆସିକା ସହରରେ ସରପଞ୍ଚମାନେ ପ୍ରତିବାଦ ଶୋଭାଯାତ୍ରା କରୁଛନ୍ତି।

ଆସିକା,୧୮।୯(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଧାୟକ ସରୋଜ ପାଢୀ ସରପଞ୍ଚମାନଙ୍କ ବିରୋଧରେ ଭୁବନେଶ୍ୱରଠାରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ଗଞ୍ଜାମ ଜିଲା ସରପଞ୍ଚ ମହାସଂଘ ପକ୍ଷରୁ ବୁଧବାର ଆସିକା ସହରରେ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହ ତହସିଲ କାର୍ଯ୍ୟାଳୟ ନିକଟରେ ବିଧାୟକ ପାଢୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ପରେ ଆସିକା ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଧାୟକଙ୍କ ମନ୍ତବ୍ୟ ସରପଞ୍ଚମାନଙ୍କ ସମ୍ମାନ ହାନି କରିଥିବାରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସରପଞ୍ଚ ସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ବିଧାୟକ କ୍ଷମା ପ୍ରାର୍ଥନା ନ କରନ୍ତି, ତେବେ ରାଜ୍ୟ ସରପଞ୍ଚ ମହାସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ସରପଞ୍ଚମାନଙ୍କ ଶୋଭାଯାତ୍ରା ଆସିକା ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ତହସିଲ ନିକଟରେ ପହଞ୍ଚିଥିଲା । ତେବେ ରାସ୍ତାରେ ପୋଲିସ ଶୋଭାଯାତ୍ରା ଅନୁମତି ନ ଥାଇ ଡାକବାଜି ଯନ୍ତ୍ର ଲଗାଯାଇଥିବା ଏକ ଗାଡି ଜବତ କରିଥିଲା । ଏହାକୁ ନେଇ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଦକ୍ଷିଣାଞ୍ଚଳ ଜୋନ ସରପଞ୍ଚ ସଂଘ ସଭାପତି ଭବାନୀ ଶଙ୍କର ମଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଗଞ୍ଜାମ ଜିଲା ସଭାପତି ମନୋରଞ୍ଜନ ଗୌଡ, ରାଜ୍ୟ ସଂଘ ସଂପାଦକ ତପନ କୁମାର ଚକ୍ରବର୍ତ୍ତୀ, ରାଜ୍ୟ ସଂଘ ଉପଦେଷ୍ଟା ଶ୍ରୀସା ରଞ୍ଜନ ମିଶ୍ରଙ୍କ ସମେତ ପୁରୀ, ଦେବଗଡ, କଳାହାଣ୍ଡି, ଗଜପତି, ବଲାଙ୍ଗୀର ଆଦି ଜିଲାର ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା ଓ ଗଞ୍ଜାମ ଜିଲାର ବହୁ ସରପଞ୍ଚ ସାମିଲ ହୋଇଥିଲେ ।

ଅପରପକ୍ଷେ ଏହି ପ୍ରତିବାଦ ସମ୍ପର୍କରେ ଆସିକା ବିଧାୟକ ପାଢୀଙ୍କୁ ପଚାରିବାରୁ ସେ କହିଥିଲେ, ବିଭିନ୍ନ ପଞ୍ଚାୟତର ଜନସାଧାରଣ ମୋ ନିକଟରେ କରିଥିବା ଅଭିଯୋଗକୁ ଭିତ୍ତିକରି ମନ୍ତବ୍ୟ ଦେଇଥିଲି। ଆଗକୁ ବିଭିନ୍ନ ପଞ୍ଚାୟତର ହଜାର ହଜାର ଜନସାଧାରଣ ଆସିକା ବିଡିଓଙ୍କ ନିକଟରେ ସେମାନଙ୍କ ପଞ୍ଚାୟତରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟର ତଦନ୍ତ ଲାଗି ଦାବି କରିବେ। ମୁଁ ବି ବିଭିନ୍ନ ପଞ୍ଚାୟତ ବୁଲି ଏହି କାର୍ଯ୍ୟର ସମୀକ୍ଷା କରିବି । ଯଦି କେଉଁଠି ସରପଞ୍ଚ ଦୁର୍ନୀତିରେ ସଂପୃକ୍ତ ନ ଥିବେ ତେବେ ନିଶ୍ଚିତ ଭୁଲ ମାଗିବି ବୋଲି ବିଧାୟକ କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ବିଧାୟକ ପାଢୀ ଗଣମାଧ୍ୟମ ଆଗରେ ରାଜ୍ୟର ବିଜେଡି ସରକାର ଅମଳରେ ସରପଞ୍ଚମାନେ ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ଲାଗି ଆସିଥିବା ବିପୁଳ ଅର୍ଥ ଲୁଟି ନେଇଥିବା କହିଥିଲେ। ଏହାର ତଦନ୍ତ କଲେ ଶହେରୁ ଶହେ ସରପଞ୍ଚ ଜେଲ ଯିବେ ବୋଲି ମନ୍ତବ୍ୟ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇସରା ବାଜେ ସେ**
**କବାଟ ହୁଅଇ କେଁ**
**କବାଟ କଣରେ ଡାକଇ ଗୋରୀ**
**ପାନ ଖଣ୍ଡେ ନେ ନେ ।**

ବ୍ୟକ୍ତି ନିଜ ମନର ଭାବ ବ୍ୟକ୍ତକରିବାକୁ ଭିନ୍ନ ଭିନ୍ନ ତରିକା ଆପଣେଇ ନେଉଥିବାର ଦେଖିବାକୁମିଳିଥାଏ ।ଏପରିସ୍ଥଳେଗୌରବର୍ଣ୍ଣାତରୁଣୀକବାଟକଣରେମୁହଁଲୁଚାଇପାନ ଜରିଆରେ ନିଜ ମନର ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଇଟା ମାଟି ଦୁକୁଦୁକୁ**
**କିଏ ନେଇଗଲା ସୁନା ଫୁଲକୁ ଗୋ**
**ତଳମାଳ ରାଇଜକୁ ?**

ଅତି ଅଲିଅଳରେ ବଢ଼ି ଆସିଥିବା ଝିଅଟି ଦୂର ବା ଦୁର୍ଗମ ଅଞ୍ଚଳରେ ଥିବା ଶାଶୁଘରକୁ ବିଭାହୋଇଚାଲିଗଲେମା'ମନଥୟଧରିପାରିନଥାଏ ।ଝିଅର ବିଚ୍ଛେଦଜନିତଦୁଃଖରେ ଭାଙ୍ଗିପଡ଼ିବା ସହ ମନ ବିଳାପ କରି ଉଠିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଆବେଦନ ଖାରଜ କଲେ ହାଇକୋର୍ଟ

### ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ବିରୋଧରେ ନିର୍ବାଚନ ଅନିୟମିତତା ମାମଲା

କଟକ,୧୮।୯ (କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ବିରୋଧରେ ଆଗତ ନିର୍ବାଚନ ଅନିୟମିତତା ଆବେଦନ ହାଇକୋର୍ଟରେ ବୁଧବାର ଖାରଜ ହୋଇଛି। ଏହି ଆବେଦନ ଧାର୍ଯ୍ୟ ସମୟ ଅତିକ୍ରାନ୍ତ ପରେ ଦାଏର ହୋଇଥିବାରୁ ହାଇକୋର୍ଟ ତାହାକୁ ଖାରଜ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ବିଧାୟକ ସନାତନ ମହାକୁଡ଼ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମୁରଲୀ ମନୋହର ଶର୍ମାଙ୍କୁ ପରାସ୍ତ କରିଥିଲେ। ବିଧାୟକ ମହାକୁଡ଼ ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲବେଳେ ପ୍ରଦାନ କରିଥିବା ସତ୍ୟପାଠରେ ଅନିୟମିତତା କରିଥିବା ନେଇ ଅନ୍ୟଜଣେ ପରାଜିତ ପ୍ରାର୍ଥୀ ଗୁରୁବକ୍ସ ସିଂହ ଆଲୁୱାଲିଆ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକୁ ବିଚାର ପାଇଁ ଗ୍ରହଣ ସହ ବିଧାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ସେ ଆବେଦନରେ ଦର୍ଶାଇଥିଲେ। ହେଲେ ନିର୍ବାଚନୀ ମାମଲା ଦାଏର ପାଇଁ ଧାର୍ଯ୍ୟ ସମୟଠାରୁ ୧୧ ଦିନ ଅତିକ୍ରାନ୍ତ ହୋଇସାରିଥିବାରୁ ହାଇକୋର୍ଟ ଏହାକୁ ଖାରଜ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪ ନିର୍ବାଚନରେ ମହାକୁଡ଼ ୧,୦୩,୧୨୦ ଭୋଟ ପାଇଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମୁରଲୀ ମହୋହର ଶର୍ମା ୬୩,୧୨୬ ଖଣ୍ଡ ଭୋଟ ପାଇଥିଲେ। ଅପରପକ୍ଷରେ ମାମଲାର ଆବେଦନକାରୀ ଗୁରୁବକ୍ସ ସିଂହ ଆଲୁୱାଲିଆ ମାତ୍ର ୪୯୩ ଖଣ୍ଡ ଭୋଟ ପାଇଥିଲେ।

### ଅନ୍ୟାନ୍ୟ ଖବର

# ରାଜକନିକାରୁ ରାଜଧାନୀକୁ ଚାଷୀଙ୍କ ପଦଯାତ୍ରା

### ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା

ରାଜକନିକା,୧୮।୯(ସଞ୍ଜୟ କୁମାର ଦାଶ)




କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଚାଷୀମାନଙ୍କ ଅଜାଣତରେ ଟଙ୍କା ହେରଫେର ହୋଇଛି। ଏହି ଘଟଣାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି କରାଯାଇଛି। ସେଥିପାଇଁ ସମବାୟ ସମିତିର ସମ୍ପାଦକ ଅସିତ କୁମାର ବେହୁରିଆ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ ବିରୋଧରେ ସମିତିର ଚାଷୀମାନେ ଗତ ଅଗଷ୍ଟ ୩ ତାରିଖରେ ରାଜକନିକା ଥାନାରେ ଏତଲା ଦେଇଥିଲେ। ଏହାପରେ ଉପରୋକ୍ତ ୨ ଅଧିକାରୀଙ୍କ ବିରୋଧରେ ୧୨ଟି ଏତଲା ହୋଇଛି। ହେଲେ ପୋଲିସ ମାତ୍ର ଗୋଟିଏ ମାମଲା ରୁଜୁ କରି ଚୁପ୍ ବସିଛି । ଅନ୍ୟପଟେ ସମସ୍ତ ପ୍ରମାଣ ଥାଇ ମଧ୍ୟ ସମବାୟ ବିଭାଗ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସବୁ ଜାଣି ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏହାକୁ ନେଇ ଗତ ୧୦ତାରିଖରୁ ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲିକ ଚାଷୀମାନଙ୍କୁ ନେଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଆମରଣ ଅନଶନରେ ଆଜକୁ ୯ଦିନ ହେବ ବସିଛନ୍ତି। ହେଲେ ପ୍ରଶାସନଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବାକୁ ବୁଧବାରଠାରୁ ପଦଯାତ୍ରାରେ ବାହାରିଛନ୍ତି। ଭୁବନେଶ୍ୱର ପହଞ୍ଚିବାକୁ ହେଲେ ଚାଷୀମାନଙ୍କୁ ପ୍ରାୟ ୧୫୦ କି.ମି.ଚାଲିବାକୁ ପଡିବ। ନ୍ୟାୟ ପାଇବା ଆଶା ନେଇ ଚାଷୀମାନେ ପଦଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଜିଦ୍ ଧରିଛନ୍ତି। ପଦଯାତ୍ରାରେ ଚାଷୀ, ଯୁବକ, ମହିଳା ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଛନ୍ତି। ଏହି ପଦଯାତ୍ରାରେ କୃଷକ ନେତା ରାଜନାରାୟଣ ଜେନା, ଚାଷୀ ସୂର୍ଯ୍ୟମଣି ସାହୁ, ଶୁଭ୍ରଜିତ୍ ବିଶ୍ୱାଳ, ସଂଗ୍ରାମ ମଲିକ, ରଜତ ଦାସ, ଜଗନ୍ନାଥ ସାମଲ, ପବିତ୍ର ମୋହନ ମିଶ୍ର ପ୍ରମୁଖ ଶତାଧିକ ଚାଷୀ ସାମିଲ ହୋଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବେ

# ଭାରତ-ବାଂଲାଦେଶ ଟେଷ୍ଟ ସିରିଜ ଆଜିଠାରୁ

**ଚେନ୍ନାଇ, ୧୮।୯ (ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ୨ ଟେଷ୍ଟ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ଗୁରୁବାର ଏଠାରେ ଆରମ୍ଭ ହେବ। ବାଂଲାଦେଶ ଏହା ପୂର୍ବରୁ ଶକ୍ତିଶାଳୀ ପାକିସ୍ତାନ ବିପକ୍ଷରେ ୨-୦ରେ ସିରିଜ ବିଜୟୀ ହୋଇ ମନୋବଳ ଦୃଢ଼ କରିଛି। ସ୍ପିନରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ବାଂଲାଦେଶ ପାକିସ୍ତାନ ବିପକ୍ଷ ସିରିଜକୁ କ୍ଲିନ୍ ସୁଇପ୍ କରିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦୃଷ୍ଟିରୁ ଭାରତ ପାଇଁ ବାଂଲାଦେଶ ବିପକ୍ଷ ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ସିରିଜରେ ମଧ୍ୟ ସ୍ପିନରମାନେ ମୁଖ୍ୟ ଭୂମିକା ନେବେ ବୋଲି ଆଶା କରାଯାଉଛି।

ଗତ ଏକ ଦଶନ୍ଧି ମଧ୍ୟରେ ଘରୋଇ ପରିବେଶରେ ଭାରତର ବିଜୟ-ପରାଜୟ ରେକର୍ଡ ୪୦-୪ ରହିଛି। ତାରକା ବ୍ୟାଟର ବିରାଟ କୋହଲିଙ୍କ ପରି ଖେଳାଳିଙ୍କ ଉପସ୍ଥିତି ଯୋଗୁ ଏହା ସମ୍ଭବ ହୋଇପାରିଛି। ୨୦୧୫ଠାରୁ କୋହଲି ସ୍ଥିର ପ୍ରଦର୍ଶନ ଦେଇ ଆସୁଛନ୍ତି। ପ୍ରାୟ ସବୁ ଦଳ ବିପକ୍ଷରେ ସେ ଭଲ ଖେଳି ଆସୁଛନ୍ତି। ମାତ୍ର ୨୦୨୧ଠାରୁ ସ୍ପିନ୍ ବୋଲିଂ ବିପକ୍ଷରେ ତାଙ୍କ ପ୍ରଦର୍ଶନ ସେତେ ଭଲ ରହିନାହିଁ। ୧୫ ଟେଷ୍ଟରେ ଆଭରେଜ ମାତ୍ର ୩୦ ରହିଛି। ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଛି। ବିଶେଷ କରି ୨୦୧୭ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଓପନରଭାବେ ପ୍ରମୋଶନ ପାଇବା ପରଠାରୁ ସ୍ପିନରଙ୍କ ବିପକ୍ଷରେ ତାଙ୍କ ଆଭରେଜ ୯୦ରୁ ଊର୍ଦ୍ଧ୍ୱ ରହିଛି। ମାତ୍ର ୨୦୨୧ଠାରୁ ଓଭରଅଲ୍ ତାଙ୍କର ପ୍ରଦର୍ଶନରେ ଅବନତି ଘଟିଛି। ୧୫ ମ୍ୟାଚରେ ତାଙ୍କ ଆଭରେଜ ୪୪ରେ ସୀମିତ ରହିଛି। ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ଲୋକେଶ ରାହୁଲ ମଧ୍ୟ ସ୍ପିନରଙ୍କ ବିପକ୍ଷରେ ଭଲ ଫର୍ମରେ ନାହାନ୍ତି। ଗତ ୩ ବର୍ଷ ମଧ୍ୟରେ ସେ ଘରୋଇ ପରିବେଶରେ ୫ଟି ଟେଷ୍ଟ ଖେଳିବାର ସୁଯୋଗ ପାଇଥିବାବେଳେ ଆଭରେଜ ମାତ୍ର ୨୩.୪୦ ରହିଛି। ତେଣୁ ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କୁ ସତର୍କତାର ସହ ଖେଳିବାକୁ ପଡ଼ିବ।

ନିକଟରେ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଭାରତୀୟ ବ୍ୟାଟରମାନେ ସ୍ପିନରଙ୍କୁ ଖେଳି ନ ପାରି ୦-୨ରେ ସିରିଜ ହାରିଥିଲେ। ଦଳରେ ଭଲ ଆଭରେଜ ରଖିଥିବା କେତେକ ଖେଳାଳି ମଧ୍ୟ ଅଛନ୍ତି। ରିଷଭ ପନ୍ତ ୫ ମ୍ୟାଚରେ ୭୦, ଶୁବମନ ଗିଲ୍ ୧୦ ମ୍ୟାଚରେ ୫୬ ଓ ଯଶସ୍ୱୀ ଜୟସ୍ୱାଲ ୫ ମ୍ୟାଚରେ ୧୧୫ ଆଭରେଜରେ ରନ ସଂଗ୍ରହ କରିଛନ୍ତି। ତେବେ ଜୟସ୍ୱାଲ ଓ ଗିଲ୍ ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷ ସିରିଜରେ ହିଁ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ଥ୍ରୀ ଲାୟନ୍ସ ଟିମ୍‌ରେ ଅଭିଜ୍ଞ ସ୍ପିନର ନ ଥିଲେ। ସେହି ତୁଳନାରେ ଦେଖିବାକୁ ଗଲେ ବାଂଲାଦେଶ ଦଳରେ ଅନେକ ଦକ୍ଷ ସ୍ପିନର ବାମହାତୀ ଶକିବ ଅଲ୍ ହାସନ, ତାଜିଉଲ ଇସଲାମ ଓ ଅଫ୍ ସ୍ପିନର ମେହିଦି ହାସନ ମିରାଜ ଆଦି ରହିଛନ୍ତି। ଏମାନେ ସେମାନଙ୍କ ଦିନରେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ କ୍ଷତି ପହଞ୍ଚାଇବାକୁ ସକ୍ଷମ।

ଭାରତୀୟ ବୋଲିଂ ବିଭାଗରେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନିଶ୍ଚିତ। ଏମାନେ ଯେ କୌଣସି ପରିବେଶରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ସକ୍ଷମ। ଏମଏ ଚିଦାମ୍ବରମ ଷ୍ଟାଡିୟମ ପିଚ୍‌କୁ ନିରୀକ୍ଷଣ ପରେ ଭାରତ ଆଉ ଜଣେ ପେସର ଆକାଶ ଦୀପ୍ କିମ୍ବା ଯଶ ଦୟାଲଙ୍କୁ ଖେଳାଇପାରେ। ତୃତୀୟ ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ମଧ୍ୟ ସୁଯୋଗ ମିଳିପାରେ।


ତିନି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ।


ଚେନ୍ନାଇରେ ବୁଧବାର ଭାରତୀୟ କ୍ରିକେଟ ଦଳର ନେଟ୍ସ ଅବସରରେ ଅଭ୍ୟାସରତ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି।

# ଫାଓ ଲିଗ୍: ସନ୍‌ରାଇଜ୍ କ୍ଲବ ଚାମ୍ପିୟନ



ଚାମ୍ପିୟନ ସନ୍‌ରାଇଜ୍ କ୍ଲବର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୮।୯ (ସରୋଜ ଜେନା)**

ବାରବାଟୀ ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଅନୁଷ୍ଠିତ ଏମ୍‌ଜିଏମ୍ ଫାଓ ଲିଗ୍ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ସନ୍‌ରାଇଜ୍ କ୍ଲବ ୧-୦ ଗୋଲରେ ରୋଭର୍ସ ଆଥଲେଟିକ୍ସ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ୍‌ର ୩୦ ତମ ମିନିଟରେ ସନ୍‌ରାଇଜ୍ କ୍ଲବ ପକ୍ଷରୁ ଦୀନବନ୍ଧୁ ଦାସ ଏକମାତ୍ର ଗୋଲ ସ୍କୋର କରିଥିଲେ ଯାହା ଶେଷରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ବିଜୟ ଦାସ, ଦିଲ୍ଲୀପ ସାହୁ, ବୀରେନ୍ଦ୍ର କୁମାର ବେହେରା, ଶାହିଦ୍ ଜବ୍ବାର, ସହଦେବ ରାଉତ, ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ୍ ପଲ୍ ଓ ବିଶ୍ୱରଞ୍ଜନ ଘଡେଇ ପ୍ରମୁଖ ଯୋଗ ଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

ଏମ୍‌ଜିଏମ୍ ଫାଓ ସୁପର କପ ୨୦୨୪ ଚାମ୍ପିୟନ ସନ୍‌ରାଇଜ୍ କ୍ଲବକୁ ୧ ଲକ୍ଷ ଓ ରନର ଅପ୍ ରୋଭର୍ସ ଆଥଲେଟିକ୍ କ୍ଲବକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ଜିଏମ୍ ଫାଓ ଡାଇମଣ୍ଡ ଲିଗ୍ ଚାମ୍ପିୟନ ସନ୍‌ରାଇଜ୍ କ୍ଲବକୁ ୧ ଲକ୍ଷ ଟଙ୍କା ମିଳିଥିଲା। ସ୍ପୋର୍ଟ୍ସ ଓଡ଼ିଶାକୁ ଫେୟାର ପ୍ଲେ ଆୱାର୍ଡ ମିଳିଥିବା ବେଳେ ସନ୍‌ରାଇଜ୍ କ୍ଲବର ଅର୍ବିନ୍ ଲାକ୍ରାଙ୍କୁ ମିଳିଥିଲା ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଟ୍ରଫି। ସନ୍‌ରାଇଜ୍ କ୍ଲବର ବିକି ଟର୍କି ଫାଇନାଲର ଶ୍ରେଷ୍ଠ ଗୋଲକିପର, ଦୀନବନ୍ଧୁ ଦାସ ପ୍ଲେୟର ଅଫ୍ ଦ ଫାଇନାଲ, ରୋଭର୍ସ କ୍ଲବର ସଞ୍ଜୀବ ଓରାମଙ୍କୁ ଶ୍ରେଷ୍ଠ ମିଡ ଫିଲ୍ଡର ଓ ଅବିନାଶ ମୁଦୁଲିଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଘୋଷଣା କରାଯାଇଥିଲା। ଏମ୍‌ଜିଏମ୍ ଫାଓ ଗୋଲ୍ଡ ଲିଗ୍ ଚାମ୍ପିୟନ କିଶୋର କ୍ଲବକୁ ୭୫ ହଜାର, ସିଲ୍‌ଭର ଲିଗ୍ ଚାମ୍ପିୟନ ଜୁନିୟର ଗାଲାଣ୍ଟ କ୍ଲବକୁ ୫୦ ହଜାର, ଦ୍ୱିତୀୟ ଡିଭିଜନ ଫାଓ ଲିଗ୍ ବିଜେତା ୟଙ୍ଗ ଆସୋସିଏସନ ଫୁଟବଲ କ୍ଲବକୁ ୨୫ ହଜାର ଓ ରନର ଅପ୍ ଉଦୟ କ୍ଲବକୁ ୧୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲ।

# ଗମ୍ଭୀର-ବିରାଟ ବିବାଦ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ

**ଚେନ୍ନାଇ, ୧୮।୯ (ପି.ଟି.)**

ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ପଡିଆ ବାହାରେ ବିବାଦକୁ ନେଇ ସର୍ବଦା ଖବର ଦେଖିବାକୁ ମିଳିଥାଏ। ତେବେ ଉଭୟ ଖେଳାଳିଙ୍କ ସାକ୍ଷାତକାରର ଏକ ଭିଡିଓ ଆସିବା ସହିତ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି। ପୂର୍ବରୁ ଆଇପିଏଲ ସମୟରେ ଉଭୟ ଖେଳାଳିଙ୍କ ମଧ୍ୟରେ ବିବାଦ କାରଣରୁ ଭାରତୀୟ ଦଳରେ ଏହାର ପ୍ରଭାବ ଦେଖିବାକୁ ମିଳିବ। ତେବେ ସମସ୍ତଙ୍କୁ ଭୁଲ ପ୍ରମାଣିତ କରିଥିଲେ ଏହି ଦୁଇ କ୍ରିକେଟର। ବିରାଟ କୋହଲି ସାକ୍ଷାତକାର ନେବା ସହ ଏଠାରେ ଆମେ ସମସ୍ତ ମସଲା ଓ ରୋଚକ ଖବରରେ ପୂର୍ଣ୍ଣଚ୍ଛେଦ ପକାଇଲୁ ବୋଲି କହିଥିଲେ। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ବିସିସିଆଇର ଅଫିସିଆଲ ଚ୍ୟାନେଲରେ ଏହି ଭିଡିଓଟି ରିଲିଜ ହୋଇଥିଲା। ଏହି ଆଲୋଚନାରେ ଉଭୟ ଖେଳାଳି ପରସ୍ପର ପ୍ରତି ଥିବା ସମ୍ମାନ, ଟେଷ୍ଟ କ୍ରିକେଟ ପ୍ରତି ରହିଥିବା ଭଲପାଇବା ଓ ଭାରତୀୟ କ୍ରିକେଟ ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରଥମେ ୨୦୧୧ ଦିନିକିଆ ବିଶ୍ୱକପ ଫାଇନାଲର ଏକ କ୍ଲିପ୍ ଚଲାଯାଇଥିଲା। ଯେଉଁଥିରେ ଗମ୍ଭୀର ଓ କୋହଲିଙ୍କ ମଧ୍ୟରେ ୮୩ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହାପରେ କୋହଲି କହିଥିଲେ, ଆମେ ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଆସିଛେ। ଏକାଠି ଖେଳିବାଠୁ ଆରମ୍ଭ କରି ଗୋଟିଏ ଡ୍ରେସିଂ ରୁମ୍‌ର ଅଂଶ ରହି ଆସିଛେ। ସର୍ବଦା ଖେଳୁଆଡ ମନୋଭାବ ସହିତ ଆମେ ଏହା କରି ପାରିଛେ ବୋଲି ଗମ୍ଭୀର ଉତ୍ତରରେ କହିଥିଲେ। ଉଭୟ ଟେଷ୍ଟ କ୍ରିକେଟ ସମ୍ପର୍କରେ ଆଲେଚନା କରିବା ବେଳେ ଗମ୍ଭୀର ଟେଷ୍ଟ ଡେବ୍ୟୁକୁ ତାଙ୍କ କ୍ରିକେଟ କ୍ୟାରିୟରର ସ୍ମରଣୀୟ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରିଥିଲେ। ଆମେ କ୍ରିକେଟ କ୍ୟାରିୟର ଆରମ୍ଭ କରିବା ସମୟରେ ଟି୨୦ ଓ ଆଇପିଏଲ ନ ଥିଲା। ତେଣୁ ଟେଷ୍ଟ କ୍ରିକେଟରେ ଦେଶର ପ୍ରତିନିଧିତ୍ୱ କରିବା ଆମର ଏକମାତ୍ର ଲକ୍ଷ୍ୟ ରହିଥିଲା। ସେହିପରି ଗୋଟିଏ ଦେଶର ବାସ୍ତବ କ୍ରିକେଟ ଖେଳିବାର କ୍ଷମତା ଏହାର ଟେଷ୍ଟ ଖେଳିବାର ଦକ୍ଷତାରୁ ଅନୁମେୟ ବୋଲି ମଧ୍ୟ ଗମ୍ଭୀର କହିଥିଲେ। ସେହିପରି କୋହଲି ଟେଷ୍ଟ କ୍ରିକେଟରେ ଯେଉଁଭଳି ନିଜର ଏକ ସାମ୍ରାଜ୍ୟ ଛାଡି ଯାଇଛନ୍ତି ତାହା ସର୍ବଦା ମନେ ରହିବ ବୋଲି ଗମ୍ଭୀର କହିଥିଲେ। ମାତ୍ର ୨୫ ବର୍ଷ ବୟସରେ ଭାରତର ନେତୃତ୍ୱ ନେଇ ଭାରତର ସଫଳତମ ଟେଷ୍ଟ ଅଧିନାୟକ ହେବା ଆଦୌ ଛୋଟ କଥା ନୁହେଁ ବୋଲି କହିଥିଲେ ଗମ୍ଭୀର।

ଦିଲ୍ଲୀ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବା ମୋର ଏକମାତ୍ର ଲକ୍ଷ୍ୟ ଥିଲା ବୋଲି କହିଥିଲେ କୋହଲି। ଏହା ସହିତ ବୁମ୍‌ରା ଓ ଅଶ୍ୱିନଙ୍କ ଭଳି ବିଶ୍ୱସ୍ତରୀୟ ବୋଲର ତିଆରି କରିବା ବର୍ତ୍ତମାନ ଏକ ବଡ ଚ୍ୟାଲେଞ୍ଜ ବୋଲି ଉଭୟ ସ୍ୱୀକାର କରିଥିଲେ। ଟି୨୦ ଯୁଗରେ ଯୁବ ଖେଳାଳିମାନେ ଦିନକୁ ୨୦ ଓଭର ବୋଲିଂ କରୁନାହାନ୍ତି, ଯାହାକି ଏକ ବଡ ସମସ୍ୟା। ସେହିପରି ଶେଷ ପ୍ରଶ୍ନରେ ପ୍ରତିପକ୍ଷ ଖେଳାଳିଙ୍କ ସହ ଝଗଡା ବିଷୟରେ କୋହଲି ପଚାରିଥିଲେ। ଏହାର ଉତ୍ତରରେ ଗମ୍ଭୀର ଥଟ୍ଟାରେ କହିଥିଲେ ତୁମର ଏଥିରେ ଅଧିକ ଅଭିଜ୍ଞତା ରହିଛି। ତୁମେ ମଧ୍ୟ ଉତ୍ତର ଦେଇ ପାରିବ। ଆମେ ଉଭୟ ଏକା ପ୍ରକାରର ବ୍ୟକ୍ତିତ୍ୱର ଅଧିକାରୀ। ବେଳେ ବେଳେ ଆମର ଆଲୋଚନା ମଧ୍ୟ ଝଗଡାର ରୂପ ନେଇ ପାରେ। ତେବେ ବିରାଟ ନିଜ ବ୍ୟକ୍ତିତ୍ୱରେ କୌଣସି ପରିବର୍ତ୍ତନ ଆଣିବା ଅନାବଶ୍ୟକ ବୋଲି ସେ କହିଥିଲେ।


ଏକ ବିଶେଷ ମୁହୂର୍ତ୍ତରେ କୋଚ୍ ଗୌତମ ଗମ୍ଭୀର ଓ ତାରକା ବ୍ୟାଟର ବିରାଟ କୋହଲି।

## କ୍ରିକେଟ ଓ ଆଧ୍ୟାତ୍ମିକତା

**ନୂଆଦିଲ୍ଲୀ, ୧୮।୯ (ପି.ଟି.):** ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସାକ୍ଷାତକାର ଅବସରରେ ଉଭୟଙ୍କ ଆଧ୍ୟାତ୍ମିକତାର ରୁଚି ସାମ୍ନାକୁ ଆସିଛି। କ୍ରିକେଟ ପଡିଆର ଚାପକୁ ହାଟେଇବା ପାଇଁ ଗୌତମ ହନୁମାନ ଚାଳିଶା ପାଠ କରୁଥିବା ବେଳେ ବିରାଟ ଓମ୍ ନମଃ ଶିବାୟ ଜପ କରିଥାନ୍ତି। ଗୌତମ କହିଥିଲେ, ୨୦୧୪ରେ ବ୍ୟାଡ ଫେଜ ସମୟରେ ଓମ୍ ନମଃ ଶିବାୟ ଜପ କରିବା କୋହଲିଙ୍କୁ ସାହାଯ୍ୟ କରିଥିଲା। ଯେଉଁଥିରେ ବିରାଟ ସମ୍ମତି ପ୍ରକାଶ କରିଥିଲେ। ସମାନ ସିରିଜରେ ଅଷ୍ଟ୍ରେଲିଆ ବିପକ୍ଷରେ କୋହଲି ୪ଟି ଶତକ ହାସଲ କରିଥିଲେ। ସେହିପରି ଗମ୍ଭୀର କହିଥିଲେ ନାପିୟରରେ ଯେତେବେଳେ ୧୦ ଘଣ୍ଟା ୪୩ ମିନିଟ ବା ଅଢେଇ ଦିନ ବ୍ୟାଟିଂ କରିବାକୁ ପଡିଥିଲା ସେ ସମୟରେ ସେ ହନୁମାନ ଚାଳିଶା ପଢି ନିଜକୁ ମାନସିକ ଭାବରେ ଦୃଢ କରିଥିଲେ।

# ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ହରାଇଲେ ମାଳବିକା

**ଚାଙ୍ଗଝୋ, ୧୮।୯ (ପି.ଟି.):** ଭାରତୀୟ ଯୁବ ବ୍ୟାଡମିଣ୍ଟନ ଖେଳାଳି ମାଳବିକା ବଂଶୋଡ ଚାଇନା ଓପନ ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜେତାଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୪୩ ତମ ସ୍ଥାନରେ ଥିବା ମାଳବିକା ମାତ୍ର ୪୬ ମିନିଟ ସମୟ ନେଇ ସିଧାସଳଖ ସେଟରେ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଇଣ୍ଡୋନେସିଆର ଟୁନ୍ ଜୁଙ୍ଗଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ମାଳବିକା ୨୬-୨୪ ଓ ୨୧-୧୯ ସେଟରେ ଜିତି ନେଇଥିଲେ। ଚେନ୍ନାଇର ଏସ୍‌ଆରଏମ୍ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ଗ୍ରାଜୁଏଟ୍ ମାଳବିକାଙ୍କ କ୍ୟାରିୟରର ଏହା ସର୍ବଶ୍ରେଷ୍ଠ ବିଜୟ। ପୂର୍ବରୁ ଆକର୍ଷୀ କଶ୍ୟପ ୧୫-୨୧, ୧୯-୨୧ରେ ଚାଇନିଜ୍ ତାଇପେର ଚିଉ ପିନ୍ ଚିଆନ୍ ଓ ସାମିୟା ଇମାଦ ଫାରୁକି ୯-୨୧, ୭-୨୧ ସେଟରେ ସ୍କଟଲାଣ୍ଡର କ୍ରିଷ୍ଟି ଗିଲମୋରଙ୍କଠାରୁ ହାରିଯାଇଥିଲେ। ମାଳବିକା ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟି ଗିଲମୋରଙ୍କୁ ଭେଟିବେ।

# ଜାତୀୟ ସିନିୟର ଉଶୁ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ଡେରାଡୁନ୍‌ରେ ୩୩ତମ ଜାତୀୟ ସିନିୟର ଉଶୁ ପ୍ରତିଯୋଗିତା ଚଳିତ ମାସ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ୫୦ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ୪୨ ଖେଳାଳି ରହିଥିବାବେଳେ ୪ ଜଣ ଅଫିସିଆଲ ଓ ୪ ଜଜ୍ ଦାୟିତ୍ୱ ତୁଲାଇବେ। ରାଉରକେଲାରେ ଅନୁଷ୍ଠିତ ୩୦ତମ ରାଜ୍ୟ ଉଶୁ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଡେରାଡୁନ୍ ଅଭିମୁଖେ ଯାତ୍ରା କରିଛି। ଉଶୁ ଆସୋସିଏଶନ ଅଫ୍ ଓଡ଼ିଶା ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି ଓ ବିକାଶ ପଟ୍ଟନାୟକ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଜାତୀୟ ପ୍ରତିଯୋଗିତାର ସାଣ୍ଡା ବର୍ଗ ପାଇଁ ମନୋନୀତ ଖେଳାଳିମାନେ ହେଲେ ବବୁଲୁ ମୁଣ୍ଡା, ଚିତ୍ତରଞ୍ଜନ ମହନ୍ତ, ସଦାଶିବ ଓରାମ, ଦେବବ୍ରତ ଯାଦବ, ଦେବାଶିଷ ସାମନ୍ତରାୟ, କିସାନ ମାଝି, ନିରଞ୍ଜନ ମହାରଣା, ମୟନ ନାଏକ, ଅରୁଣ ନାଏକ, ଶକ୍ତି ପ୍ରସାଦ ସାମଲ, ସ୍ୱୟମଜିତ କର, ମଞ୍ଜୁ ମୁଣ୍ଡା, ରିମା ସୁନା, ଜ୍ୟୋତ୍ସ୍ନାରାଣୀ ଜେନା, ସପ୍ନା ବିଶ୍ୱାଳ, ମଧୁସ୍ମିତା ବଗର୍ତ୍ତୀ, ପୂରବୀ ପୁଷ୍ପରେଖା, ରୋଜାଲିନ ବିଶ୍ୱାଳ ଓ କୌଶିକା ରାଉତରାୟ। ସେହିପରି ତାଓଲୁ ବର୍ଗରେ ବିକାଶ ବାଗ୍, ଶୁଭ୍ରାଂଶୁ ଶେଖର ସେଠୀ, ଆଶିଷ କୁମାର ପ୍ରଧାନ, ସୌଭାଗ୍ୟ ଶରନ, ନିରଜ କୁମାର ସାହୁ, ସୁଶାନ୍ତ ନାଏକ, ରିଙ୍କି ରାଉତରାୟ, ସୁଜାତା ସାହୁ, ଗାୟତ୍ରୀ ସେଠୀ, ପଦ୍ମ ଲୋଚନ ମହନ୍ତ, ଅଭିଷେକ ମହାରଣା, ବିରାମ ଟୁଡୁ, ଅମିତ କୁମାର ଶର୍ମା, ଟୁନୁ ଟକ୍ରି, ମିଥୁନ ଚକ୍ରବର୍ତ୍ତୀ, ଈଶ୍ୱର ଚନ୍ଦ୍ର ମହନ୍ତ, ଆଲୋକ ନାଏକ, ଦୀପକ କୁମାର ମହନ୍ତ, ନୂପୁର ପଟ୍ଟନାୟକ, ଅର୍ପିତା ପ୍ରଧାନ, ପାୟଲ ପଟ୍ଟନାୟକ, ରିୟା ଠାକୁର ଓ ତରୁଲତା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିବେ। ଦଳର କୋଚ୍ ହେଉଛନ୍ତି ପଙ୍କଜ କୁମାର ମହନ୍ତ ଓ ଅନସୂୟା ବାରିକ।



ଜାତୀୟ ସିନିୟର ଉଶୁ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳି ଓ ଅନ୍ୟମାନେ।

# ଫୁଟବଲ କିମ୍ବଦନ୍ତୀ 'ଟୋଟୋ'ଙ୍କ ପରଲୋକ

**ରୋମ୍, ୧୮।୯ (ପି.ଟି.)**

ଇଟାଲୀର ଫୁଟବଲ କିମ୍ବଦନ୍ତୀ ସାଲଭାଟୋର ଟୋଟୋ ସ୍କିଲାସିଙ୍କ ଗୁରୁବାର ପରଲୋକ ଘଟିଛି। ଟୋଟୋ ନାମରେ ପ୍ରସିଦ୍ଧି ହାସଲ କରିଥିବା ଏହି ଖେଳାଳି ଜଣଙ୍କ ମଳଦ୍ୱାର କ୍ୟାନ୍ସରରେ ଆକ୍ରାନ୍ତ ଥିଲେ। ୧୧ ଦିନ ଧରି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ବୁଧବାର ୫୯ ବର୍ଷ ବୟସରେ ସେ ପ୍ରାଣ ହରାଇଛନ୍ତି। ଫରୱାର୍ଡ ଭାବରେ ଖେଳୁଥିବା ଟୋଟୋ ୧୯୯୦ ବିଶ୍ୱକପରେ ସର୍ବାଧିକ ଗୋଲ ସ୍କୋରର ରହିଥିଲେ। ଏହି ବିଶ୍ୱକପରେ ସେ ୬ଗୋଲ ସ୍କୋର କରି ଗୋଲ୍ଡେନ୍ ବୁଟ୍ ହାସଲ କରିଥିଲେ। ଏହା ବାଦ ଇଟାଲୀ ପାଇଁ ସେ ଆଉ ମାତ୍ର ଗୋଟିଏ ଗୋଲ ସ୍କୋର କରି ପାରିଥିଲେ। କ୍ଲବ୍ କ୍ୟାରିୟରରେ ସେ ମେସିନା, ଜୁଭେଣ୍ଟସ, ଇଣ୍ଟର ମିଲାନ ଓ ଜାପାନିଜ୍ କ୍ଲବ ଜୁବିଲୋ ଇୱାଟା ପାଇଁ ଖେଳିଥିଲେ।

# ମେଣ୍ଡିସଙ୍କ ଶତକ: ଶ୍ରୀଲଙ୍କା ୩୦୨/୭

**ଗାଲେ, ୧୮।୯**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ। ମେଣ୍ଡିସଙ୍କ ଶତକ ବଳରେ ଶ୍ରୀଲଙ୍କା ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଛି। ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ କରିଥିଲା। ପାଥୁମ ନିଶଙ୍କା(୨୭) ଓ ଦୀନେଶ ଚାନ୍ଦିମାଲ(୩୩) ରନ୍ କରି ଆଉଟ ହେବା କାରଣରୁ ଶ୍ରୀଲଙ୍କା ୧୦୬ ରନ୍‌ରେ ୪ ଉଇକେଟ ହରାଇଥିଲା। ତେବେ ଆଞ୍ଜେଲୋ ମାଥ୍ୟୁସ୍ (୩୬)ଙ୍କ ସହିତ ୭୨ ରନ୍ ଯୋଡିଥିଲେ ମେଣ୍ଡିସ୍। ୧୭୩ ବଲ୍ ଖେଳି ୧୧ ଚୌକା ସହିତ ସେ ୧୧୪ ରନ୍ କରିଥିଲେ। ପରବର୍ତ୍ତୀ ବ୍ୟାଟର କୁଶାଲ ମେଣ୍ଡିସ୍(୫୦)ଙ୍କ ସହିତ ୧୦୩ ରନ୍ ଯୋଡିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିୟମ୍ ଓରୁରକେ ୩, ଗ୍ଲେନ୍ ଫିଲିପ୍ସ ୨, ଏଜାଜ୍ ପଟେଲ ଓ ଟିମ୍ ସାଉଦି ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୮୮ ଓଭରରେ ୩୦୨/୭ (କାମିନ୍ଦୁ ମେଣ୍ଡିସ୍-୧୧୪, କୁଶାଲ ମେଣ୍ଡିସ୍-୫୦, ଆଞ୍ଜେଲୋ ମାଥ୍ୟୁସ୍-୩୬, ୱିଲିୟମ୍ ଓରୁରକେ-୩/୫୪, ଗ୍ଲେନ୍ ଫିଲିପ୍ସ-୨/୫୨, ଟିମ୍ ସାଉଦି-୧/୪୮)।

# ପୁଣି ଥରେ ଆକ୍ସନ ଅବତାର



'କର୍ମ' ଫିଲ୍ମରେ ଅନୁଭବ

ଅନୁପମ ପଟ୍ଟନାୟକଙ୍କ ନୂଆ ସିନେମା 'କର୍ମ' ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଖାସ୍ କଥା ହେଲା ଏହି ବିଗ୍ ବଜେଟ୍ ଫିଲ୍ମରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ଅଭିନୟ କରୁଛନ୍ତି। କେବଳ ସେତିକି ନୁହେଁ, ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଫିଲ୍ମଟି ଏଥର ଦଶହରାରେ ରିଲିଜ ହେବାର ଯୋଜନା ରହିଛି। ଏଥିରେ ଅନୁଭବଙ୍କ ଅଭିନୟ ବ୍ୟତୀତ ତାଙ୍କର ଆକ୍ସନ ଅବତାର ଦର୍ଶକଙ୍କୁ ସ୍ପେଶାଲ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ନିର୍ଦ୍ଦେଶକ। ଏହାପୂର୍ବରୁ ଅନୁପମଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଜାତୀୟ ପୁରସ୍କାର ଲାଭ କରିସାରିଛି। ତା'ପରେ 'ତ୍ରିକନ୍ୟା' ମଧ୍ୟ ଦର୍ଶକାଦୃତ ହୋଇଥିଲା। ଆଉ ଏବେ 'କର୍ମ'କୁ ନେଇ ଚର୍ଚ୍ଚା। ଏହାର ପ୍ରଯୋଜନା କରିଛନ୍ତି ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକ। ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ଅନୁପମ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଶିଷ ପ୍ରଧାନ। ଏହାର ଲାଇନ ପ୍ରଡ୍ୟୁସର ଗୋପାଳ ଚନ୍ଦ୍ର ଘଡ଼ାଇ ଏବଂ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ଅନୁଭବଙ୍କ ବ୍ୟତୀତ ସୂର୍ଯ୍ୟମୟୀ, ଦିବ୍ୟା, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ମନ୍ମୟ ଦେ ଏବଂ ଉଦିତ ଗୁରୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ଖୋଜୁଛନ୍ତି ବାଣୀ



ବାଣୀ କପୁର ଏବେ ଖୋଜି ବୁଲୁଛନ୍ତି। ହେଲେ ସେ କ'ଣ ଖୋଜୁଛନ୍ତି ଜାଣିବେନି? କଥା କ'ଣ କି, ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ସେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି। ଯଦିଓ ଏଥିରେ ସେ ଜଣେ ଅନ୍ୟତମ ପ୍ରଯୋଜକ ଅଛନ୍ତି, ହେଲେ କାହାଣୀ ଖୋଜିବା ଭଳି ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ତେଣୁ ସବୁ କାମକୁ ପଛରେ ପକାଇ ସେ ଏହି କାମରେ ବ୍ୟସ୍ତ ଅଛନ୍ତି। ନିଜର ଏଭଳି କାହାଣୀ ମିଶନ ବିଷୟରେ ସୂଚନା ଦେଇ ବାଣୀ କୁହନ୍ତି, 'ବର୍ତ୍ତମାନ ସମାଜରେ ପଶୁପକ୍ଷୀଙ୍କ ସୁରକ୍ଷା ବଡ଼ କଥା ପାଲଟିଛି। କାରଣ କେତେଗୁଡିଏ ପ୍ରାଣୀ ବର୍ତ୍ତମାନ ବିଲୁପ୍ତପ୍ରାୟ। ତେଣୁ ଏଭଳି କେତେକ ବିରଳ ପ୍ରଜାତିର ପ୍ରାଣୀଙ୍କ ସୁରକ୍ଷା ଏବଂ ଏ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଏକ ଶର୍ଟ ଫିଲ୍ମ ନିର୍ମାଣ କରିବାକୁ ସ୍ଥିର କରିଛି। ଏବେ ଏହାର ପ୍ରାରମ୍ଭିକ କାମ ଚାଲୁରହିଛି। କିନ୍ତୁ ମୋ ଉପରେ ଏକ ମୁଖ୍ୟ କାମ ଲଦି ଦିଆଯାଇଛି। ତାହା ହେଉଛି କାହାଣୀ ଖୋଜା। ତେଣୁ ଏଭଳି ଏକ ଭିନ୍ନଧରଣର ବିଷୟବସ୍ତୁକୁ ଆଧାର କରି ମନଲାଖି କାହାଣୀଟିଏ ଖୋଜୁଛି। ଆଶା ରଖିଛି ମୋର ଏହି କାମ ନିଶ୍ଚୟ ଭଲରେ ପୂରଣ ହେବ।' ତେବେ ଏହି କାହାଣୀ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ଫିଲ୍ମଟି ନିର୍ମାଣ ପରେ ରିଲିଜ୍ ହେଲେ ହିଁ ଜଣାପଡ଼ିବ।

ଅପେରା ହାଲ୍‌ଚାଲ୍

# ସବୁ ଜାଣିଛି ଚନ୍ଦ୍ରସେଣା

ଅପେରା ଜଗତର ଅନ୍ୟତମ ଆଗଧାଡ଼ିର ଯାତ୍ରାନୁଷ୍ଠାନ 'ଯାତ୍ରାଶ୍ରୀ ବିଶ୍ୱ ଦରବାର' ଏଥର ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିବ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ଏହାର ପ୍ରଯୋଜକ କିଶୋର ଚନ୍ଦ୍ର ମିଶ୍ର। ଏ ବର୍ଷ ବିଶ୍ୱ ଦରବାର ତିନୋଟି ନୂଆ ନାଟକ- 'କହିବାକୁ ଲାଜ ଶୁଣିଲେ ପାପ', 'କିଏ ଜାଣିଥିଲା ଏମିତି ହେବ' ଏବଂ 'ସବୁ ଜାଣିଛି ଚନ୍ଦ୍ରସେଣା' (ରଚନା-ନବଘନ ରାଉଳ, ନିର୍ଦ୍ଦେଶନା-ତାପସ ସ୍ୱାଇଁ) ବ୍ୟତୀତ ଗତବର୍ଷର ସୁପରହିଟ୍ ନାଟକ 'ବାଘ ନେଇଗଲା ଦଉଡ଼ି ଆସ' ଏବଂ 'ଅବୁଝା ଆଖିର ଅକୁହା କଥା' ନାଟକକୁ ନେଇ ମଇଦାନକୁ ଓହ୍ଲାଇଛି।' ଏଥର ଏହି ପାର୍ଟିରେ ଲରେନ୍ସ, ମୁନୁ ପଣ୍ଡା, ସଞ୍ଜୟ ଭୋଳ, ଭାରତୀ, ଲିଙ୍କନ, ମାତନ,



କିଶୋର ମିଶ୍ର

ମାମା, ଗୌର-ସୁକାନ୍ତି, ସରୋଜ ମହାପାତ୍ର, କାବୁଲା, କମେଡିଆନ ଦୟା, ପ୍ରତାପ, ନବାଗତା ତୁଳସୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ତେବେ 'ସବୁଜାଣିଛି ଚନ୍ଦ୍ରସେଣା' ପ୍ରାରମ୍ଭରୁ ସଫଳତା ସାଉଁଟିବା ଆରମ୍ଭ କରିଛି।

# ଭୁଲି ପାରୁନାହାନ୍ତି ରକୁଲ୍



ରକୁଲ୍

ରକୁଲ୍ ପ୍ରୀତ୍ ସିଂ ଏକଦା 'ୟାରିୟାଁ' ଫିଲ୍ମର ଶୁଟିଂ କରୁଥାଆନ୍ତି। ସେହି ସମୟରେ ଏକ ଘଟଣା ଲାଗି ତାଙ୍କୁ କିଛି ସମୟ ପାଇଁ ହଟହଟା ହେବାକୁ ପଡିଥିଲା। କଥା କ'ଣ କି ଗୋଟିଏ ଜିନିଷକୁ ସେ ଭାରି ଭୟ କରନ୍ତି। ସେଦିନ ନାଇଟ୍ ଶୁଟିଂ ଚାଲିଥାଏ। ହଠାତ୍ ଯାନ୍ତ୍ରିକ ତ୍ରୁଟି ପାଇଁ ଜେନେରେଟର କିଛି ସମୟ କାମ କରି ନ ଥିଲା। ଆଉ ତା'ପରେ ରକୁଲ୍‌ଙ୍କ ଅବସ୍ଥା କହିଲେ ନ ସରେ। ଅନ୍ଧାର ହେବା ମାତ୍ରେ ସେ ଚିତ୍କାର କରି ଉଠିଥିଲେ। ଅବଶ୍ୟ ବିକଳ୍ପ ଆଲୋକ ବ୍ୟବସ୍ଥା ମାତ୍ର ପାଞ୍ଚ ମିନିଟ୍ ଭିତରେ ହୋଇଥିଲା। କିନ୍ତୁ ସେତେବେଳକୁ ରକୁଲ୍ ଭୟରେ ଥରୁଥିଲେ। ଏ ନେଇ ସେ କହନ୍ତି, 'ସତ କଥା ହେଲା ମୋତେ ଅନ୍ଧାରକୁ ଭାରି ଡର। ସେଦିନ ମାତ୍ର ଅଳ୍ପ ସମୟ ପାଇଁ କରେଣ୍ଟ ନଥିଲା। ହେଲେ ମୋ ମନର ଭୟକୁ ମୁଁ ଆୟତ୍ତ କରିପାରି ନ ଥିଲି। ଏପରିକି ହଠାତ୍ ଚିତ୍କାର କରିଉଠିଥିଲି। କେବଳ ସେତିକି ନୁହେଁ, କରେଣ୍ଟ ବ୍ୟବସ୍ଥା ତ ସାଙ୍ଗେ ସାଙ୍ଗେ ହୋଇଗଲା, ହେଲେ ମୋ ମନରେ ଥିବା ଭୟ କବଳରୁ ମୁଁ ସହଜରେ ମୁକୁଳି ପାରି ନ ଥିଲି। ପ୍ରାୟ ଘଣ୍ଟାଏ ପରେ ମୁଁ ନିଜକୁ ସାଧାରଣ ଅବସ୍ଥାକୁ ଆଣି ଶଟ୍ ଦେବା ପାଇଁ ପ୍ରସ୍ତୁତ ହେଲି।

# ଅ ଟା ଟ ଫୁ--

▶▶ ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧୁ ମହାନ୍ତି'ର ପ୍ରଯୋଜନା କରିଥିଲେ ଧୀରେନ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିଲେ ନିତାଇ ପାଲିତ୍। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଗୋବିନ୍ଦ ତେଜ, ଧୀର ବିଶ୍ୱାଳ, ବନଜା ମହାନ୍ତି, ବୀରେନ ରାଉତରାୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

▶▶ ସୋମନାଥ ସାହୁଙ୍କ ପ୍ରଯୋଜନା ତଥା ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଘର ବାହୁଡ଼ା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସାମୁଏଲ ସାହୁ (ବାବି) ଏବଂ ସୁଜାତା ଆନନ୍ଦ।

▶▶ ଓଡ଼ିଆ ସିନେମା 'ଅଦିନ ମେଘ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ବାଳକୃଷ୍ଣ ଦାଶ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଅମିତ୍ ମିତ୍ର। ଏହାର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ନନ୍ଦ, ଝରଣା ଦାସ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାର ଅଭିନୟ କରିଥିଲେ।

▶▶ କନକପ୍ରଭା ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଅରୁନ୍ଧତୀ'। ପ୍ରଫୁଲ୍ଲ ସେନ୍‌ଗୁପ୍ତଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ମିନତି, ଧୀର ବିଶ୍ୱାଳ, ସୁଜାତା ଆନନ୍ଦ ପ୍ରମୁଖ କଳାକାର ଅଭିନୟ କରିଥିଲେ।

▶▶ ଓଡ଼ିଆ ଚଳଚ୍ଚିତ୍ର 'ଆମରି ଗାଁ ଝିଅ'ର ନିର୍ଦ୍ଦେଶନା ଦେଇଥିଲେ ବିନୟ ବାନାର୍ଜୀ। ଗୌର, ଚପଳା, ଅନିମା ପେଦନୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ସତ ହେଲା ଆକଳନ

ଜଣେ ଦିବ୍ୟାଙ୍ଗ ନାରୀର ଜୀବନୀକୁ ଆଧାର କରି ପ୍ରସ୍ତୁତ ଓଡ଼ିଆ ସିନେମା 'ଆଭା' ନିକଟରେ ମୁକ୍ତିଲାଭ କରିଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୋନା ମଲ୍ଲିକ। କିନ୍ତୁ ଚିତ୍ରଟି ରିଲିଜ ହେବା ପୂର୍ବରୁ ସେ ଯେଉଁ ଆକଳନ କରିଥିଲେ ତାହା ସତରେ ପରିଣତ ହୋଇଛି। କଥା କ'ଣ କି ଏହାର ପ୍ରମୋ ସମୟରେ ସେ ପୂର୍ବାନୁମାନ କରିଥିଲେ ଯେ, ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିବ। ଏ ସମ୍ପର୍କରେ ସୋନା କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ମୋ ମନରେ



'ଆଭା' ଫିଲ୍ମରେ ସୋନା

ଏକଥା ଦୃଢ଼ୀଭୂତ ହୋଇଥିଲା ଯେ ଫିଲ୍ମଟି ଦର୍ଶକଙ୍କୁ ଏକ ଭିନ୍ନ ଧରଣର ମନୋରଞ୍ଜନ ଦେବ। ଶେଷରେ ମୋ ଅନୁମାନ ସତ ହୋଇଛି। ଏ ନେଇ ଦର୍ଶକମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।' ପଲ୍ଲ ରୟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର କାହାଣୀ ଅନୁସାରେ ଆଭା ଏକ ନିପଟ ମଫସଲ ଗାଁର ଗରିବ ପରିବାର ଜଣେ ଦିବ୍ୟାଙ୍ଗ ଝିଅ। ଦିବ୍ୟାଙ୍ଗ ହେଲେ ମଧ୍ୟ ତା'ର ଜୀବନ କିପରି ଆଗକୁ ଗତି କରୁଛି ଏବଂ ସେ କିପରି ନିଜ ଲକ୍ଷ୍ୟ ହାସଲ କରିପାରୁଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୋନା ମଲ୍ଲିକ। ପଶ୍ଚିମବଙ୍ଗର ମେଦିନୀପୁରର ଏକ ଆଦିବାସୀ ଗ୍ରାମର ଜଙ୍ଗଲଘେରା ଏକ ଗ୍ରାମୀଣ ପରିବେଶରେ ଏହାର ଶୁଟିଂ କରାଯାଇଛି। ଅନ୍ୟପକ୍ଷରେ ଏହି ଚଳଚ୍ଚିତ୍ର ନାରୀକେନ୍ଦ୍ରିକ ହୋଇଥିବାରୁ ଏଥିରେ ବର୍ତ୍ତମାନର ସମାଜ ପାଇଁ ଅନେକ ବାର୍ତ୍ତା ରହିଛି ବୋଲି କହନ୍ତି ଏହାର ପ୍ରଯୋଜକ ପ୍ରବୀର ମହାପାତ୍ର। ଏହି ଫିଲ୍ମରେ ସୋନାଙ୍କ ବ୍ୟତୀତ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର ଏବଂ ଶତୋଆଚାର୍ଯ୍ୟ ପ୍ରମୁଖ ଅଭିନୟ କରିଛନ୍ତି।

ଏମିତି ବି ହୋଇଥିଲା

# ଦୁଇ ଟୋପା ଲୁହ



କ୍ରିତି

ଜୀବନର ଯେ କୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କ୍ରିତି ସାନନ୍ ବାଦ୍ ପଡନ୍ତେ କିପରି ? କେତୋଟି ବିଜ୍ଞାପନ ପାଇଁ କାମ କରିବା ପରେ ସେ ର୍ୟାମ୍ପ ଶୋ'ରେ ଅଂଶଗ୍ରହଣ କରିଥିଲେ। ନିଜର ପ୍ରଥମ ର୍ୟାମ୍ପ ଶୋ' ଅନୁଭୂତିକୁ ସେ ଏପର୍ଯ୍ୟନ୍ତ ଭୁଲି ପାରୁନାହାନ୍ତି। ଏଥିରେ ଅଂଶ ଗ୍ରହଣ କରିବା ପରେ ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଝରିପଡିଥିଲା। ଏ ନେଇ କ୍ରିତି କହନ୍ତି, 'ଦିଲ୍ଲୀରେ ଆୟୋଜିତ ଏକ ର୍ୟାମ୍ପ ଶୋ'ରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଥିଲି। ଯେତେବେଳେ ଷ୍ଟେଜ୍ ଉପରକୁ ଗଲି ସେତେବେଳେ ମୁଁ ନର୍ଭସ ହୋଇପଡିଥିଲି। ଶୋ' ଶେଷ ହେବା ପରେ ମୁଁ ଷ୍ଟେଜ୍‌ରୁ ଓହ୍ଲାଇବା ବେଳେ ମୋ ଆଖି ଲୁହରେ ଛଳଛଳ ହୋଇଯାଇଥିଲା। ମୋ ମନ ଭିତରର ଖୁସି ଲୁହ ଆକାରରେ ବାହାରି ଆସିଥିଲା। ଆଉ ସେହି ସମୟକୁ ମୁଁ କଦାପି ଭୁଲି ପାରିବି ନାହିଁ।' ୨୦୧୪ରେ ତାଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ମିଳିଥିଲା। ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ହୀରୋପନ୍ତି'।

# ପ୍ରଥମେ ଆମୀର.. ପରେ ସଞ୍ଜୟ

ଥରେ ମନେ ପକାନ୍ତୁ ନା ସଲମାନ୍ ଖାଁ, ସଞ୍ଜୟ ଦତ୍ତ ଏବଂ ମାଧୁରୀ ଦୀକ୍ଷିତଙ୍କ ଅଭିନୀତ ହିନ୍ଦୀ ଫିଲ୍ମ 'ସାଜନ'କୁ। ୧୯୯୧ରେ ମୁକ୍ତିଲାଭ କରିଥିବା ଏହି ଚିତ୍ରଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ। ଫିଲ୍ମଟି ସୁପରହିଟ୍ ହେବା ସହ ଏହାର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ଏବେ ମଧ୍ୟ ଅନେକେ ଉକ୍ତ ସିନେମାର ଗୀତଗୁଡିକୁ ଗୁଣୁଗୁଣେଇ ଥାଆନ୍ତି। ଯେତେବେଳେ ଏହାର ନିର୍ଦ୍ଦେଶକ ଲରେନ୍ସ ଡିସୌଜା କାଷ୍ଟିଂ ବିଷୟରେ ଚିନ୍ତା କଲେ ସେତେବେଳେ ଅମନ୍ ଚରିତ୍ର ପାଇଁ ଆମୀର ଖାଁଙ୍କୁ ସାଇନ୍ କରାଇବାକୁ ଚାହିଁଥିଲେ। ତା'ପରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କାହାଣୀଟି ଶୁଣିବା ପରେ ଖୁସି ହୋଇ ଏଥିରେ ଅଭିନୟ କରିବାକୁ ରାଜି ମଧ୍ୟ ହୋଇଥିଲେ। କିନ୍ତୁ ପରେ କ'ଣ ହେଲା କେଜାଣି, ଭୂମିକା ତାଙ୍କୁ ମାଇଲେଜ ଦେବ ନାହିଁ କହି ଅଫରଟିକୁ ହାତଛଡା କରିଥିଲେ। ତା'ପରେ ଏହି ଭୂମିକା ପାଇଁ ସଞ୍ଜୟ ଦତ୍ତଙ୍କୁ ସାଇନ୍ କରାଯାଇଥିଲା। ଆଉ ସଞ୍ଜୟ ରୋଲଟିକୁ ଏଭଳି ଜୀବନ୍ତ କରିଥିଲେ ଯେ ତାହା ତାଙ୍କ କ୍ୟାରିୟର ଲାଗି ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ଏଥିରେ ସଲମାନ୍ ଏବଂ ମାଧୁରୀଙ୍କ ଅଭିନୟ ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା। ଫିଲ୍ମଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଥିଲେ ରିମା ରାକେଶ ନାଥ। ଫିଲ୍ମଟିର ସିନେମାଟୋଗ୍ରାଫି ଦାୟିତ୍ୱ ମଧ୍ୟ ତୁଲାଇଥିଲେ ଲରେନ୍ସ। ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ଯୋଡି ନଦୀମ-ଶ୍ରବଣ। ଫିଲ୍ମଟିର ପ୍ରଯୋଜନା କରିଥିଲେ ସୁଧାକର ବୋକାଡେ।

# ଚାହିଁବସିଛନ୍ତି ଦିଶା

ଦିଶା ପଟାନି ଏବେ ଚାହିଁ ବସିଛନ୍ତି କେବେ ତାଙ୍କର ଆଶା ପୂରଣ ହେବ। ସେ ଆଶା ବାନ୍ଧି ବସିଛନ୍ତି ଯେ ଦିନେ ନା ଦିନେ ତାଙ୍କୁ ଏକ ଆକ୍ସନଭିତ୍ତିକ ଭୂମିକା ମିଳିବ। ସେ କେବଳ ଏ ନେଇ ଭାବିଲେ ତ ଚଳିବ ନାହିଁ, ସେଭଳି ଏକ ମନଲାଖି ଭୂମିକାଟିଏ ମିଳିବା ଦରକାର। ହେଲେ ଏ ନେଇ ନିଜ ଉପରେ ଶତ ପ୍ରତିଶତ ଭରସା ମଧ୍ୟ ରଖିଛନ୍ତି। ନିଜର ଏଭଳି ଆଶାକୁ ନେଇ ଦିଶା କହନ୍ତି, 'ଜଣେ କଳାକାର ନିଜକୁ ଗୋଟିଏ ପ୍ରକାର ଭୂମିକାରେ ବାନ୍ଧି ରଖିବା ଆଦୌ ଠିକ୍ ନୁହେଁ। ଭିନ୍ନ ଭିନ୍ନ ରୋଲ୍‌ରେ ଆକ୍ଟିଂ କଲେ ନିଜ ଭିତରେ ଥିବା ପ୍ରତିଭାର ପ୍ରକୃତ ପରିଚୟ ମିଳିଥାଏ। ମୋର ଆଶା ରହିଛି ଯେ ଦିନେ ନା ଦିନେ ମୋତେ ଏକ ଆକ୍ସନଭିତ୍ତିକ ଭୂମିକାଟିଏ ମିଳିବ। ଏକଦା ଜଣେ ପ୍ରଯୋଜକ ଏ ନେଇ ମୋତେ କିଛି ଟିପ୍ସ ଦେବା ପରେ ଏବେ ମୋର ଏହି ଆଶା ଦ୍ୱିଗୁଣିତ ହୋଇଯାଇଛି। କାରଣ ପ୍ରଯୋଜକ ଚାହିଁଲେ ହିଁ ମୋର ଏଭଳି ସ୍ୱପ୍ନ ପୂରଣ ହେବ। ତେବେ ଏ ନେଇ ମୁଁ ନିଶ୍ଚୟ ଅପେକ୍ଷା କରିବି।' କେବଳ ସେତିକି ନୁହେଁ, ନିଜକୁ ଆହୁରି ଫିଟ୍ ରଖିବା ଲାଗି ସେ ଏବେ ଏକ୍ସରସାଇଜ ସମୟ ଟିକେ ବଢ଼େଇ ଦେଇଛନ୍ତି। ଦିଶାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଆଗାମୀ ସମୟ ହିଁ କହିବ।



ଦିଶା

# ପ୍ରଥମ ଦିବସରେ ଏକାଧିକ ମିଟ୍ ରେକର୍ଡ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୭୦ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ୫ ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ରାଜ୍ୟର ୩୦ ଜିଲାରୁ ୯୦୦ରୁ ଉର୍ଦ୍ଧ୍ୱ

## ରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୬୮ ମହିଳା ପ୍ରତିଯୋଗୀ ଭାଗ ନେଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା-ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଏବଂ କ୍ରୀଡ଼ା ଛାତ୍ରାବାସରେ ଟ୍ରେନିଂ ନେଉଛନ୍ତି। ଓଡ଼ିଶା ପୋଲିସ, ପୋଷ୍ଟାଲ, ବିଏସ୍‌ଏନ୍‌ଏଲ୍ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ଆଥଲେଟ୍‌ମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଆଥଲେଟ୍‌ମାନେ ୪୦ରୁ ଅଧିକ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାଗ୍ୟ ପରୀକ୍ଷା କରିଛନ୍ତି।

ପ୍ରଥମ ଦିବସରେ ମୟୂରଭଞ୍ଜର ପ୍ରଦୀପ ମହନ୍ତ ୨୦ ବର୍ଷରୁ କମ୍ ବାଳକ ୫୦୦୦ ମିଟରରେ ୧୪:୫୬.୯୪ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି କଟକର ନିଖିଲ ଦାସ ୨୩ ବର୍ଷରୁ କମ୍ ବାଳକ ହାଇଜମ୍ପରେ ୨.୦୧ ମିଟର, କଟକର ଚିରଞ୍ଜୀବ ସିଂ ୨୩ ବର୍ଷରୁ କମ୍ ବାଳକ ଶଟ୍‌ପୁଟ୍‌ରେ ୧୩.୯୧ ମିଟର, କିଟ୍‌ର ପି. ଅର୍ପିତା ଅର୍ଚ୍ଚନା ସାହୁ ୨୦ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୨.୯୮ ମିଟର ଏବଂ ସୁନ୍ଦରଗଡ଼ର ଧନମତି ଖେସ୍ ୨୩ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୧.୬୭ ମିଟର ଥ୍ରୋ କରି ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୩ ବର୍ଷରୁ କମ୍ ୫୦୦୦ ମିଟର ରେସ୍‌ରେ ଦୀପ୍ତିରାଣୀ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଆଂଶିକା ରାଉତରାୟ ୨୦ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ୧୧.୩୦ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବଲାଙ୍ଗୀରର ଶ୍ରଦ୍ଧାଞ୍ଜଳି ମିଶ୍ର ରୌପ୍ୟ ଓ ଜଗତ୍‌ସିଂହପୁରର ଜ୍ୟୋସ୍ନା ସାହୁ ବ୍ରୋଞ୍ଜ ପଦକ ଜିତିଛନ୍ତି।



ପଦକ ସହ ୨୩ ବର୍ଷରୁ କମ୍ ବାଳିକା ୫୦୦୦ ମିଟରର କୃତୀ ପ୍ରତିଯୋଗୀମାନେ।



ସ୍ୱର୍ଣ୍ଣ ପଦକ ବିଜୟିନୀ ଆଂଶିକା ରାଉତରାୟ।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ: ସ୍ୱୟମ୍‌ଜିତଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଫିଜିର ସୁଭାରେ ଚାଲିଥିବା ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସ୍ୱୟମଜିତ ପ୍ରସାଦ ସାହୁ ବୁଧବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୬୭ କେଜି ୟୁଥ୍ ବର୍ଗରେ ସ୍ୱୟମଜିତ ମୋଟ ୨୪୭ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୦୯

## ଜାତୀୟ ରେକର୍ଡର ଅଧିକାରୀ ହେଲେ ମୀନା

ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୮ କେଜି ଭାରୋତ୍ତୋଳନ କରିଥିଲେ। ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ଦିବସରେ ମୀନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ଏବଂ ଜ୍ୟୋସ୍ନା ଶବର ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ୱୟମଜିତ ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନ ଏକ୍‌ସିପିରେ ଟ୍ରେନିଂ ନେଉଛନ୍ତି। ୫୫ କେଜି ୟୁଥ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମୀନା ମୋଟ ୧୮୦ (ସ୍ନାଚ୍-୮୧, କ୍ଲିନ୍ ଆଣ୍ଡ ଜର୍କ-୯୯) କେଜି ଭାରୋତ୍ତୋଳନ କରିଥିଲେ। ବାଳିକା ୟୁଥ୍ ବର୍ଗରେ ଏହା ଏକ ଜାତୀୟ ରେକର୍ଡ ବୋଲି ବୁଧବାର ଭାରତୀୟ ଭାରୋତ୍ତୋଳନ ସଂଘ (ଆଇଡବ୍ଲ୍ୟୁଏଲଏଫ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି।






# ପଞ୍ଜାବ କିଙ୍ଗ୍ସର ମୁଖ୍ୟ କୋଚ୍ ହେଲେ ପଣ୍ଟିଂ



**ନୂଆଦିଲ୍ଲୀ,୧୮।୯(ପି.ଟି.):** ଆଇପିଏଲ୍ ଫ୍ରାଞ୍ଚାଇଜ ପଞ୍ଜାବ କିଙ୍ଗ୍ସର ନୂତନ ମୁଖ୍ୟ କୋଚ୍ ଭାବରେ ବୁଧବାର ରିକି ପଣ୍ଟିଂଙ୍କ ନାମ ଘୋଷଣା କରାଯାଇଛି। ଟ୍ରେଭର ବେଲିସ୍‌ଙ୍କ ସ୍ଥାନରେ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ପଣ୍ଟିଂଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ପଣ୍ଟିଂ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ରହିଥିଲେ। ବିଗତ ୭ ସିଜନ ଧରି ପଣ୍ଟିଂ କ୍ୟାପିଟାଲ୍ସ ସହ ରହିଥିଲେ। ଅଷ୍ଟ୍ରେଲିଆ ଦଳର ଅଧିନାୟକ ଭାବରେ ପଣ୍ଟିଂ ଅପାର ସଫଳତା ହାସଲ କରିଛନ୍ତି। ତେଣୁ ପଞ୍ଜାବ କିଙ୍ଗ୍ସ ତାଙ୍କ ଅଧୀନରେ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ପଞ୍ଜାବ କିଙ୍ଗ୍ସ ସିଇଓ ସତୀଶ ମେନନ। ଏଯାଏ ଥରେ ମଧ୍ୟ ପଞ୍ଜାବ ଆଇପିଏଲରେ ଚାମ୍ପିୟନ ଆଖ୍ୟା ଅର୍ଜନ କରି ନ ଥିବା ବେଳେ କେବଳ ୨୦୧୪ରେ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଆଗାମୀ ସିଜନରେ ପଞ୍ଜାବ ଏକ ଭିନ୍ନ ବ୍ରାଣ୍ଡର କ୍ରିକେଟ ଖେଳିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ପଣ୍ଟିଂ। ଗତ ସିଜନରେ ପଞ୍ଜାବ ନିକଟରେ ଅର୍ଶଦୀପ ସିଂ, ଜୀତେଶ ଶର୍ମା, କାଗିସୋ ରବାଡା, ଲିଆମ ଲିଭିଙ୍ଗଷ୍ଟୋନ, ସାମ କୁରାନ ଓ ଜନି ବେୟାରଷ୍ଟୋଙ୍କ ପରି ଖେଳାଳି ରହିଥିଲେ ମଧ୍ୟ ବିଫଳ ହୋଇଥିଲା।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ